
ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରାହୁଲ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store


ପାରିଶ୍ରମିକ ଦ୍ୱିଗୁଣିତ ବୃଦ୍ଧି କଲେ ଶ୍ରଦ୍ଧା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୩୫ Vol. 22 No-35 6 MAY 2025 TUESDAY BHUBANESWAR ମଙ୍ଗଳବାର, ୬ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ପହଲଗାମ ପ୍ରତିଶୋଧ ପାଇଁ ଜୋରଦାର ପ୍ରସ୍ତୁତି

# ସୁରକ୍ଷା ମକ୍‌ଡ୍ରିଲ୍ ନିର୍ଦ୍ଦେଶ



- ସେନା ପକ୍ଷରୁ ସର୍ଜିକାଲ ଷ୍ଟ୍ରାଇକ୍ ସମ୍ଭାବନା
- ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ପ୍ରତିରକ୍ଷା ସଚିବ
- ପ୍ରଧାନମନ୍ତ୍ରୀ-ଏନଏସଏ ଆଲୋଚନା
- ୨୦୧୯ଭଳି ହୋଇପାରେ ଆକ୍ରମଣ

ନୂଆଦିଲ୍ଲୀ,୫।୫: ଜାମ୍ମୁକାଶ୍ମୀର ପହଲଗାମ ଆତଙ୍କୀ ଆକ୍ରମଣର ପ୍ରତିଶୋଧ ପାଇଁ ପ୍ରସ୍ତୁତ ହେଉଛି ଭାରତ। ହାଇଆଲର୍ଟରେ ରହିଛି ବାୟୁସେନା। ଆକ୍ରମଣ ପାଇଁ ପ୍ରସ୍ତୁତ ରହିଛି ଫ୍ରାନ୍ସରୁ ଆସିଥିବା ରାଫେଲ ଯୁଦ୍ଧ ବିମାନ। ରବିବାର ରାତିରେ ପଞ୍ଜାବରେ ଏଥିପୂର୍ବରୁ ସେନା ପକ୍ଷରୁ ବ୍ଲାକଆଉଟ୍ ଅପରେସନ ଶେଷ ହୋଇଥିଲା। ୨୦୧୯ ସର୍ଜିକାଲ ଷ୍ଟ୍ରାଇକ୍ ଭଳି ଭାରତ ପାକିସ୍ତାନରେ ଥିବା ଆତଙ୍କୀ ଆଡ୍ଡା ଉପରେ ରାତିରେ ଆକ୍ରମଣ କରିବାର ସମ୍ଭାବନା ଥିବା କୁହାଯାଉଛି। ରାଫେଲରେ ଆକ୍ରମଣ ପାଇଁ ରହିଛି ବିକଶିତ ଟେକ୍ନୋଲୋଜି। ଆକାଶରୁ ତଳ ୩୦୦ କିମି ଦୂର ଲକ୍ଷ୍ୟଭେଦ କରିପାରିବାର କ୍ଷମତା ରଖିଛି ରାଫେଲ। ଆକାଶରୁ ଆକାଶ ୧୨୦ରୁ ୧୫୦ କିମି ଦୂରରେ ଏହା ଆକ୍ରମଣ କରିବାର କ୍ଷମତା ମଧ୍ୟ ରଖିଛି। ଏ ନେଇ ସୋମବାର ପ୍ରଧାନମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି ବାୟୁସେନା ମୁଖ୍ୟ। ଆତଙ୍କୀ ରାଷ୍ଟ୍ର ବିରୋଧରେ ସବୁପ୍ରକାର ଆକ୍ରମଣ ପାଇଁ ଭାରତ ନିଜକୁ ପ୍ରସ୍ତୁତ କରିବାରେ ଲାଗିଛି। ଏବେ ରାତି ଆକ୍ରମଣ ପାଇଁ ସେନା ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଫିରୋଜପୁର କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ସେନା ପକ୍ଷରୁ ୩୦ ମିନିଟ୍ ଧରି ବ୍ଲାକଆଉଟ୍ ଅପରେସନ ଜାରି ରହିଥିଲା। ଏହି ମକଡ୍ରିଲ ସମୟରେ ସଂପୂର୍ଣ୍ଣ ଅଞ୍ଚଳକୁ ଅନ୍ଧକାର ରଖାଯାଇଥିଲା। ମକଡ୍ରିଲ ପାଇଁ ଲୋକଙ୍କୁ ଜେନେରେଟର ଓ ଇନଭର୍ଟର ବନ୍ଦ କରିବାକୁ କୁହାଯାଇଥିଲା। ଅନ୍ୟପକ୍ଷରେ ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ୩ ସେନାକୁ ପୁରା କ୍ଷମତା ପ୍ରଦାନ କରିଛନ୍ତି ଭାରତ ସରକାର। ବିଶେଷକରି ପାକିସ୍ତାନରେ ଥିବା ଆତଙ୍କୀ ଆଡ୍ଡା ଉପରେ ଏହି ଆକ୍ରମଣର ସମ୍ଭାବନା ରହିଛି। ଏହି ଆକ୍ରମଣ ପାଇଁ ଅଧିକ ଖୋରାକ ଯୋଗାଇଛି ପ୍ରତିରକ୍ଷା ସଚିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ଆଲୋଚନା କରିବା। ସୋମବାର ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ବାସଭବନରେ ଭେଟି ସୁରକ୍ଷା ସଂପର୍କରେ ଆଲୋଚନା କରିଥିବା ସୂଚନା ଦିଆଯାଇଛି। ଏହି ବୈଠକ ବାୟୁସେନା ଏୟାରଚିଫ ମାର୍ଶାଲ ଏ.ପି.ସିଂ ଓ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତ ଆଲୋଚନାର • ପୃଷ୍ଠା ୫ ଦେଖନ୍ତୁ

## ନବ ନିର୍ମିତ ଟାଉନଥାନା ଗୃହର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ଜନତାଙ୍କୁ ଉତ୍ସର୍ଗୀକୃତ ସେବା ଯୋଗାଅ

ଭୁବନେଶ୍ୱର/କେନ୍ଦୁଝର,୫।୫(ଭାସ୍କର ନ୍ୟୁଜ): ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଟାଉନରେ ନବ ନିର୍ମିତ ଥାନାଗୃହ ଏବଂ ରିଜର୍ଭ ପୋଲିସ ଅଫିସ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନବନିର୍ମିତ ଟାଉନ ଥାନାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମୁଦାୟ ୩ କୋଟି ୩୪ ଲକ୍ଷ ୧୪ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ଥାନା ଓ ୨ କୋଟି ୭୬ ଲକ୍ଷ ୬୮ ହଜାର ଟଙ୍କା ବ୍ୟୟରେ ନିର୍ମିତ ରିଜର୍ଭ ପୋଲିସ ଅଫିସର ଅଧିକାରୀ ଓ କର୍ମଚାରୀମାନେ ସାଧାରଣ ଜନତାଙ୍କୁ ଉତ୍ସର୍ଗୀକୃତ ସେବା ପ୍ରଦାନ କରିବେ । ଏହି ଥାନାଗୁଡ଼ିକ ଦ୍ୱାରା ଲୋକମାନେ ଉନ୍ନତ ମାନର ସେବା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ପୋଲିସ କର୍ମଚାରୀଙ୍କ ପାଇଁ ୧୭ ଟି ଏସୟୁଭି ଗାଡି ଏବଂ ୮୦ ଟି ମୋଟର ସାଇକେଲକୁ ସବୁଜ ପତାକା ଦେଖାଇ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ନବନିର୍ମିତ ଥାନାରେ ଭିନ୍ନକ୍ଷମଙ୍କ ପାଇଁ ରାମ୍ପ୍ ବ୍ୟବସ୍ଥା, ବିଲ୍ଡିଂ ଏବଂ ବାରାକ୍, ସମ୍ମିଳନୀ କୋଠରୀ, ସନ୍ଦିଗ୍ଧ ଓ ସାକ୍ଷୀ ପରୀକ୍ଷା କୋଠରୀ, ୱେୟାରଲେସ୍ ଏବଂ ଯୋଗାଯୋଗ କୋଠରୀ,




**ପୋଲିସ କର୍ମଚାରୀଙ୍କ ପାଇଁ ୧୭ ଏସ୍ୟୁଭି, ୮୦ ବାଇକ୍ ପ୍ରଦାନ**

**ଭିନ୍ନକ୍ଷମଙ୍କ ପାଇଁ ର୍ୟାମ୍ପ ସହ ଅତ୍ୟାଧୁନିକ ସୁବିଧା**

**ରିଜର୍ଭ ପୋଲିସ ଅଫିସ୍‌ର ମଧ୍ୟ କଲେ ଉଦ୍‌ଘାଟନ**

ଆଧୁନିକ ମାଲଖାନା, ଅଭ୍ୟର୍ଥନା କେନ୍ଦ୍ର ଏବଂ ମହିଳା ଓ ଶିଶୁ ହେଲ୍‌ପ ଡେସ୍କ ପ୍ରସ୍ତୁତ କରାଯାଇଛି। ଏହାବ୍ୟତୀତ ଶିଶୁସଦନ, ଯାନ ବାହନ ପାର୍କିଂ ବ୍ୟବସ୍ଥା, ତଥ୍ୟ ସଂରକ୍ଷଣ ସହିତ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା ବ୍ୟବସ୍ଥା, ଅଗ୍ନି ନିର୍ବାପକ ଯନ୍ତ୍ର ଏବଂ ଅଗ୍ନି ସତର୍କ ସୂଚନା ଘଣ୍ଟି ବ୍ୟବସ୍ଥା ଭଳି ଅତ୍ୟାଧୁନିକ ବ୍ୟବସ୍ଥା ମଧ କରାଯାଇଛି । ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଥାନାର ପ୍ରମୁଖ ଭୂମିକା ରହିଛି। ସେଥିପାଇଁ ଆମ ସରକାର ଆସିବା ପରେ ଥାନାଗୁଡ଼ିକୁ ଆଧୁନିକୀକରଣ ଓ ସୁବ୍ୟବସ୍ଥିତ କରିବା ପାଇଁ ସମସ୍ତ ପଦକ୍ଷେପ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ବିଜୁ ବାବୁଙ୍କୁ ସମ୍ମାନିତ କରିବ ରଷିଆ

ଭୁବନେଶ୍ୱର,୫।୫(ଭାସ୍କର ନ୍ୟୁଜ): ନାଜି ଜର୍ମାନୀର ଆକ୍ରମଣକୁ ବେଖାତିର କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଯେଉଁ ସାହସ ଓ ପରାକ୍ରମ ଦେଖାଇଥିଲେ ସେଥିପାଇଁ ୮୦ବର୍ଷ ପରେ ରଷିଆ ପକ୍ଷରୁ ବିଜୁ ବାବୁଙ୍କୁ ସମ୍ମାନିତ କରାଯିବ ବୋଲି ତାଙ୍କ ପୁଅ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ନିମନ୍ତ୍ରଣପତ୍ର ଆସିଛି। ଏ ନେଇ ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି।

### ଅଗ୍ନିକାଣ୍ଡରେ ଗୋଟିଏ ପରିବାରର ୫ ମୃତ

କାନପୁର,୫।୫: କାନପୁର ଗାନ୍ଧୀନଗରରେ ଥିବା ଏକ ୫ ମହଲା କୋଠାରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୫ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ ଓ ସେମାନଙ୍କ ୩ ଶିଶୁ ରହିଛନ୍ତି। ଦୀର୍ଘ ୮ ଘଣ୍ଟା ପରେ ସମସ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୋଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି।

### ପାକିସ୍ତାନର ପୁଣି ଅସ୍ତ୍ରବିରତି ଉଲ୍ଲଂଘନ

ଶ୍ରୀନଗର,୫।୫: ଲଗାତାର ୧୧ ଦିନ ଧରି ପାକିସ୍ତାନ ସେନା ଏଲଓସିରେ ଅସ୍ତ୍ରବିରତି ଉଲ୍ଲଂଘନ ଜାରି ରଖିଛି। ସୋମବାର ଜାମ୍ମୁର ପୁଞ୍ଚ ସେକ୍ଟରରେ ପାକ୍ ସେନା ଗୁଳିଚାଳନା କରିଥିବାବେଳେ ଭାରତୀୟ ସେନା ଏହାର କଡ଼ା ଜବାବ ଦେଇଛନ୍ତି।

### ନୂଆପଡ଼ାରେ ଫାୟାରିଂ


ନୂଆପଡ଼ା, ୫।୫ (ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ଖଡ଼ିଆଳରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି। ତେବେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି।

ସେନ୍‌ସେକ୍ସ: ୮୦,୭୯୬.୮୪

ସର୍ବାଧିକ: ୩୫.୨ ଡିଗ୍ରୀ
ସର୍ବନିମ୍ନ: ୨୬.୮ ଡିଗ୍ରୀ

**୫।୫।୨୦୨୫ ର ମତାମତ**

ଜଗନ୍ନାଥ ଧାମକୁ ନେଇ ଚାଲିଥିବା ବିବାଦର ଯବନିକା ପଡ଼ିବା ଠିକ୍ ନୁହେଁ କି ?





**ଆଜିର ପ୍ରସଙ୍ଗ**

ଚୁକ୍ତି ସତ୍ତ୍ୱେ ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନ କରିବା ଠିକ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ମୋଦୀଙ୍କ ସହ କଥା ହେଲେ ପୁଟିନ

# ସବୁ କାର୍ଯ୍ୟାନୁଷ୍ଠାନ ପଛରେ ରହିବ ରୁଷର ସମର୍ଥନ




ନୂଆଦିଲ୍ଲୀ,୫।୫: ଜାମ୍ମୁକାଶ୍ମୀରର ପହଲଗାମ ଆତଙ୍କୀ ଆକ୍ରମଣ ପରେ ବିଶ୍ୱର ବହୁ ରାଷ୍ଟ୍ର ଏହାକୁ ଦୃଢ ନିନ୍ଦା କରିଛନ୍ତି। ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସେମାନେ ସମର୍ଥନ ମଧ୍ୟ ଯୋଗାଇ ଦେଉଛନ୍ତି। ଏହିକ୍ରମରେ ସୋମବାର ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନ୍ ଯୋଗେ ଆଲୋଚନା କରିବା ସହ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ପଛରେ ରୁଷର ସମର୍ଥନ ଥିବା ସ୍ପଷ୍ଟ କରିଛନ୍ତି। ଏଥିପୂର୍ବରୁ ଆମେରିକାର ଉପରାଷ୍ଟ୍ରପତି ଜେ.ଡି.ଭାନ୍ସ କହିଥିଲେ ଯେ ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନ ପାଇଁ ସଂପୂର୍ଣ୍ଣ ଅଧିକାର ରହିଛି। କିନ୍ତୁ ଏହା ଯେପରି ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧର ରୂପ ନ ନିଏ ସେଥିନେଇ ଉଭୟ ଦେଶ ଯତ୍ନବାନ ହେବା ଉଚିତ ବୋଲି ସେ କହିଥିଲେ। ପୁଟିନ ଆଲୋଚନା ସମୟରେ ଆତଙ୍କବାଦ ବିରୋଧରେ ଭାରତକୁ ସମର୍ଥନ କରିବା ପାଇଁ ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ପୁଟିନ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିବା ସହ ମୃତକଙ୍କ ପରିବାରଙ୍କୁ ସମବେଦନା ଜଣାଇଥିଲେ। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଆଲୋଚନା ସମୟରେ ରୁଷ ରାଷ୍ଟ୍ରପତି ପୁଟିନ ଜୋର ଦେଇଥିଲେ ଯେ ଆକ୍ରମଣ ପଛରେ ଥିବା ବ୍ୟକ୍ତି ଓ ସେମାନଙ୍କ ସମର୍ଥକମାନଙ୍କୁ କଡ଼ା ଦଣ୍ଡରେ ଦଣ୍ଡିତ କରାଯିବା ଉଚିତ୍।

### ଭାରତକୁ ମିସାଇଲ୍ ଦେଲା ରୁଷ୍

ନୂଆଦିଲ୍ଲୀ,୫।୫: ଜାମ୍ମୁକାଶ୍ମୀର ପହଲଗାମ ହମଲାକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ବିବାଦ ଚରମସୀମାରେ ପହଞ୍ଚିଥିବାବେଳେ ରୁଷ ଭାରତକୁ ଶକ୍ତିଶାଳୀ ଇଗଲା-ଏସ୍ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଯୋଗାଇ ଦେଇଛି। ରୁଷଠାରୁ ଏହି ମିସାଇଲ ମିଳିବା ପରେ ଏହାକୁ ଫରୱାର୍ଡ ପୋଜିସନରେ ମୁତୟନ କରାଯାଇଛି। ଶତ୍ରୁପକ୍ଷର ଯୁଦ୍ଧବିମାନ, ଡ୍ରୋନ୍ ଓ ହେଲିକପ୍ଟରକୁ ଏହି ବ୍ୟବସ୍ଥା ମାତ୍ ଦେଇପାରିବ । ବିମାନରୁ କ୍ଷେପଣାସ୍ତ୍ର ମାଡ଼ ହେଲେ ଏହା ସେଗୁଡ଼ିକୁ ଆକାଶରେ ହିଁ ନିଷ୍କ୍ରିୟ କରିଦେଇପାରିବ। ଇଗ୍ଲା-ଏସ୍ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାର ମୂଲ୍ୟ ୨୫୦ କୋଟିରୁ ଅଧିକ। ଆର୍ମି ଏୟାର ଡିଫେନ୍ସକୁ ଏହି ବ୍ୟବସ୍ଥା ଯୋଗାଇ ଦିଆଯାଇଛି। ଜରୁରିକାଳୀନ ଭାବେ ରୁଷ ଭାରତ ସହ ଏହି ଚୁକ୍ତି କରିଥିଲା। ସେନାର ମିସାଇଲ କ୍ଷମତାକୁ ସଶକ୍ତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ମିସାଇଲ ହେଉଛି ସ୍ୱଳ୍ପ ଦୂରଗାମୀ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା। କେନ୍ଦ୍ର ସରକାରଙ୍କ ପକ୍ଷରୁ ସେନାକୁ ମିଳିଥିବା ସ୍ୱତନ୍ତ୍ର ଅନୁମତିକ୍ରମେ ଏହି ମିସାଇଲ ହାସଲ କରାଯାଇଛି।

## ଜଗନ୍ନାଥ ଧାମ ବିବାଦକୁ ନେଇ ମୁହଁ ଖୋଲିଲେ ଗଜପତି

# ପୁରୀ ଛଡ଼ା ଆଉ କେଉଁଠି ଜଗନ୍ନାଥ ଧାମ ନାହିଁ



ଭୁବନେଶ୍ୱର,୫।୫(ଭାସ୍କର ନ୍ୟୁଜ): ପଶ୍ଚିମବଙ୍ଗର ଦୀଘା ଜଗନ୍ନାଥ ମନ୍ଦିରକୁ ଧାମ କୁହାଯିବା ନେଇ ସାରା ରାଜ୍ୟରେ ପ୍ରତିବାଦର ସ୍ୱର ତୀବ୍ର ହୋଇଛି। ଜଗନ୍ନାଥପ୍ରେମୀ, ବୁଦ୍ଧିଜୀବୀ, ରାଜନେତା ତଥା ସବୁ ମହଲରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଏଭଳି ହୀନ କାର୍ଯ୍ୟକୁ କଡ଼ା ନିନ୍ଦା କରାଯାଉଥିବାବେଳେ ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଦୀଘା ଜଗନ୍ନାଥ ମନ୍ଦିର ଜଗନ୍ନାଥ ଧାମ ନୁହେଁ। ଜଗନ୍ନାଥ ଧାମ, ଶ୍ରୀପୁରୁଷୋତ୍ତମପୁର କ୍ଷେତ୍ର, ଶ୍ରୀକ୍ଷେତ୍ର ଇତ୍ୟାଦି କୁହାଯାଇପାରିବ ନାହିଁ ବୋଲି ଏକ ପ୍ରେସ୍ ବିବୃତିରେ ସ୍ପଷ୍ଟ କରିଛନ୍ତି ଗଜପତି ମହାରାଜା। ମୁକ୍ତିମଣ୍ଡପ ମତକୁ ଆଧାର କରି ଗଜପତି ମହାରାଜା କହିଛନ୍ତି ଯେ ପୁରୀ ହେଉଛି ମହାପ୍ରଭୁଙ୍କ ପବିତ୍ର ଆଦ୍ୟ ଓ ନିତ୍ୟ ପୀଠ। ପୁରୀ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତି ବିଗ୍ରହଙ୍କର ଶାସ୍ତ୍ରୀୟ ଅନୁସାରେ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ତାକୁ ଜଗନ୍ନାଥ ଧାମ କିମ୍ବା ନୀଳାଚଳ ଧାମ ନାମରେ ନାମିତ କରାଯାଇପାରିବ ନାହିଁ । ଶ୍ରୀବିଗ୍ରହ ଦାରୁ ବ୍ୟତୀତ ଅନ୍ୟ କୌଣସି ଧାତୁ ବା ଶିଳାରେ ନିର୍ମାଣ ବାରଣ କରାଯାଇଛି। ଅନ୍ୟ କୌଣସି ଧାତୁ ବା ଶିଳାରେ ନିର୍ମାଣ କରି ପୂଜା କରାଯିବା ଉଚିତ ନୁହେଁ। ସେହିପରି ଶ୍ରୀମନ୍ଦିର ବ୍ୟତୀତ ଅନ୍ୟ କୌଣସି ଜଗନ୍ନାଥ ମନ୍ଦିରରେ ପ୍ରତିଷ୍ଠିତ ଶ୍ରୀବିଗ୍ରହଙ୍କୁ • ପୃଷ୍ଠା ୫ ଦେଖନ୍ତୁ

### 'ବଳକା ଦାରୁ ବ୍ୟବହାର ହୋଇନି'



ଭୁବନେଶ୍ୱର,୫।୫(ଭାସ୍କର ନ୍ୟୁଜ): ପଶ୍ଚିମବଙ୍ଗର ଦୀଘାରେ ସଦ୍ୟ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିରର ମୂର୍ତ୍ତି ନିର୍ମାଣ ପାଇଁ ବଳକା ଦାରୁ ବ୍ୟବହାର କରାଯାଇନାହିଁ । ସୋମବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏ ନେଇ ସୂଚନା ଦେଇଛନ୍ତି। ସୋମବାର ପୂର୍ବାହ୍ନରେ ଶ୍ରୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ଏବଂ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ। ଅଧିକାରୀମାନେ ଦୀଘାରେ ନୂତନ ଭାବେ ପ୍ରତିଷ୍ଠିତ ମନ୍ଦିର ବିବାଦ ସଂପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ। ପୂର୍ବରୁ ଆଇନମନ୍ତ୍ରୀ ଏହି ଘଟଣାର ତଦନ୍ତ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ • ପୃଷ୍ଠା ୫ ଦେଖନ୍ତୁ

## ବିଜେଡିର ନୂଆ ସଙ୍ଗଠନ ଗଠିତ

# ୧୫ ଉପସଭାପତି, ୨୦ ବରିଷ୍ଠ ଓ ୩୫ ସାଧାରଣ ସଂପାଦକ ନିଯୁକ୍ତ




ଭୁବନେଶ୍ୱର,୫।୫(ଭାସ୍କର ନ୍ୟୁଜ): ପ୍ରଥମ ଥର ନିର୍ବାଚନ ହାରି ବିଜେଡି ବିରୋଧୀଦଳ ଆସନରେ ବସିଥିବାବେଳେ ସୋମବାର ଦଳର ନୂଆ ସାଙ୍ଗଠନିକ ଟିମ୍ ଘୋଷଣା କରିଛି। ଦଳରେ ୧୫ ଉପସଭାପତି, ୨୦ ବରିଷ୍ଠ ସାଧାରଣ ସଂପାଦକ ଓ ୩୫ଜଣ ସାଧାରଣ ସଂପାଦକଙ୍କୁ ନିଯୁକ୍ତି ମିଳିଛି। କଟକ ମେୟର ସୁବାଷ ସିଂଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ଏହିସବୁ ପଦପଦବୀରେ ଲୋକମାନଙ୍କୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ତେବେ ଏସବୁ ଭିତରେ ଦଳର ସାଙ୍ଗଠନିକ ସଂପାଦକ ପଦବୀକୁ ଉଠାଇ ଦିଆଯାଇଛି। ଦେବୀ ମିଶ୍ରଙ୍କୁ ବରିଷ୍ଠ ଉପସଭାପତି (ମୁଖ୍ୟାଳୟ) ଭାବେ ନିଯୁକ୍ତି ମିଳିଥିବାବେଳେ ବରିଷ୍ଠ ଉପସଭାପତି ଭାବେ ପ୍ରଫୁଲ୍ଲ ସାମଲ, ଉଷାଦେବୀ, ବିକ୍ରମ କେଶରୀ ଆରୂଖ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ଚନ୍ଦ୍ରଶେଖର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ଉପସଭାପତି ପ୍ରତାପ ଜେନାଙ୍କୁ ମଧ୍ୟ ମୁଖ୍ୟାଳୟ ଦାୟିତ୍ୱ ଦିଆଯାଇଛି। ସେହିପରି ଅନ୍ୟ ଉପସଭାପତିମାନେ ହେଲେ ଅତନୁ ସବ୍ୟସାଚୀ, ରାଜେନ୍ଦ୍ର ଢୋଲକିଆ, ସଞ୍ଜୟ ଦାସବର୍ମା, • ପୃଷ୍ଠା ୫ ଦେଖନ୍ତୁ

## ପହଲଗାମ ଆକ୍ରମଣକାରୀଙ୍କ ଠିକଣା ଠାବ

# ମିଶନ-୫୪ ପାଇଁ ସେନା ପ୍ରସ୍ତୁତ

ଶ୍ରୀନଗର,୫।୫: ଜାମ୍ମୁକାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ପହଲଗାମରେ ରକ୍ତର ହୋଲି ଖେଳିଥିବା ଆତଙ୍କବାଦୀଙ୍କ ଠିକଣା ଜଣାପଡ଼ିଛି। କେବଳ ୫୪ଟି ରାସ୍ତା ଉପରେ ସେନା ଓ ପୋଲିସର ତଦନ୍ତ ନିର୍ଭର କରୁଛି। ବୈସରନ ଘାଟିକୁ ୫୪ଟି ରାସ୍ତା ସଂଯୋଗ କରୁଥିବାବେଳେ ଏହାହିଁ ସେନାଙ୍କୁ ଆତଙ୍କବାଦୀଙ୍କ ନିକଟରେ ପହଞ୍ଚାଇପାରିବ ବୋଲି ଆଶା କରାଯାଉଛି। କେତେକ ରାସ୍ତା ଘନଜଙ୍ଗଲ ଓ ପର୍ବତ ଆଡକୁ ଥିବାବେଳେ ଆଉ କେତେକ ଘାଟିରୁ ସମତଳ ଆଡକୁ ଲମ୍ବିଛି। ଏହି ରାସ୍ତାଗୁଡ଼ିକ କାଶ୍ମୀରର ବିଭିନ୍ନ ଅଞ୍ଚଳ ସହିତ ସଂଯୁକ୍ତ। ଏହି ଜଙ୍ଗଲ ରାସ୍ତାରେ ସେନା, ସିଆରପିଏଫ ଓ ଜାମ୍ମୁକାଶ୍ମୀର ପୋଲିସର ଏକ ବଡ଼ ଅପରେସନ ଚାଲିଛି। ଅନେକ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇ ପଚରାଉଚୁରା କରାଯାଉଛି। ସେମାନଙ୍କୁ ଜଙ୍ଗଲକୁ ନେଇ ବିଭିନ୍ନ ରାସ୍ତା ସଂପର୍କରେ ତଥ୍ୟ ଯୋଗାଡ଼ କରୁଛନ୍ତି ସେନା ଓ ପୋଲିସ। ସେନା ନଜର ଆଢୁଆଳରେ ଥିବା ଅନେକ ସ୍ଥାନ ଏବେ ସାମ୍ନାକୁ ଆସିବାରେ ଲାଗିଛି। ଆତଙ୍କବାଦୀମାନେ ଏବେ ଘଞ୍ଚ ଜଙ୍ଗଲରେ • ପୃଷ୍ଠା ୫ ଦେଖନ୍ତୁ



## ଦୀଘା ଜଗନ୍ନାଥ ମନ୍ଦିର ନେଇ ରିପୋର୍ଟ ଦାଖଲ କଲେ ମୁଖ୍ୟ ପ୍ରଶାସକ

ଭୁବନେଶ୍ୱର,୫।୫(ଭାସ୍କର ନ୍ୟୁଜ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ଗତ କିଛିଦିନ ଧରି ଗଣମାଧ୍ୟମରେ ପ୍ରଚାରିତ ହେଉଥିବା ପ୍ରସଙ୍ଗରେ ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରାଜ୍ୟ ସରକାରଙ୍କୁ ଅନ୍ତରୀଣ ତଦନ୍ତ କମିଟି ରିପୋର୍ଟ ପ୍ରଦାନ କରିଛନ୍ତି । ଶ୍ରୀଜଗନ୍ନାଥଙ୍କର ମନ୍ଦିର ଦିଘାଠାରେ ହେବା, ମନ୍ଦିରର ନାମକୁ ଜଗନ୍ନାଥ ଧାମ ଲେଖାଯିବା, ଏଠାରୁ ସେବାୟତମାନେ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ତଥା ବଳକା ଦାରୁ କାଠରେ ପ୍ରତିମା ନିର୍ମାଣ ହେବା ଇତ୍ୟାଦି ବାବଦରେ ଅନ୍ତରୀଣ ତଦନ୍ତ କମିଟି କରିଥିବା ରିପୋର୍ଟକୁ ଡ. ପାଢ଼ୀ ସୋମବାର ଲୋକସେବା ଭବନରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରିଛନ୍ତି । ଏହି ରିପୋର୍ଟ ଗ୍ରହଣ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଦିଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ଅନ୍ତରୀଣ ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖା ଯାଇଥିଲା । ଆଜି ଏହାର ରିପୋର୍ଟ ଆମର ହସ୍ତଗତ ହୋଇଛି । ମହାରଣା ସେବକ, ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ନିଯୋଗ, ଦାଇତାପତି ନିଯୋଗ ଓ ଯେଉଁମାନେ ଦୀଘା ମନ୍ଦିର ଯାଇଥିଲେ ସେମାନଙ୍କୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତିନିଦିନ ଧରି ମାରାଥନ ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ପରେ ସମସ୍ତ ଦିଗକୁ ଅନୁଧ୍ୟାନ କରି ବିଭିନ୍ନ ପ୍ରସ୍ତାବ ଏବଂ ବିସ୍ତୃତ ରିପୋର୍ଟକୁ ରାଜ୍ୟ ସରକାରଙ୍କୁ ଦାଖଲ କରିଛନ୍ତି ଶ୍ରୀମନ୍ଦିର ପ୍ରଶାସନ । ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବା ସହ ଏହି ରିପୋର୍ଟକୁ ସଂପୂର୍ଣ୍ଣ ଅନୁଧ୍ୟାନ କରାଯାଇ ଆଗାମୀ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଜଗନ୍ନାଥ ହେ !
କୁଆଡେ କୁଆଡେ କେତେ ତୋ ମନ୍ଦିର
କେତେ ଯେ ଶ୍ରଦ୍ଧାଳୁ ଭକ୍ତ ହେ !
ଦୀଘା ପାଇଁ ଲାଗେ ବ୍ୟସ୍ତ ହେ,
ବଙ୍ଗଳାରୁ ଭକ୍ତ ନ ଆସିବେ ଯଦି
କି କରିବେ ସେବାୟତ ହେ !!

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ): ଢେଙ୍କାନାଳ ସହର ବସ୍‌ଷ୍ଟାଣ୍ଡ ନିକଟ ହନୁମାନ ବାଟିକା ଠାରେ ହନୁମାନଙ୍କର ୧୭ତମ ବାର୍ଷିକୋତ୍ସବ ମହାଆଡ଼ମ୍ବର ସହ ପାଳିତ ହୋଇଯାଇଛି । ୨୦୦୮ ମସିହାରୁ ଆରମ୍ଭ ହୋଇ ପ୍ରତ୍ୟେକ ବର୍ଷ ମହାସମାରୋହରେ ପାଳନ ହୋଇଆସୁଅଛି । ଏଥିରେ ବିଜେପି ଜିଲ୍ଲା ସଭାପତି ରାସ ବିହାରୀ ବେହେରା ଯୋଗଦାନ କରି ମହାବୀରଙ୍କ ଆଶିଷ ଲାଭ କରିଥିଲେ । ପ୍ରଥମେ ହନୁମାନଙ୍କ ଠାରେ ମଙ୍ଗଳା ଆଳତୀ ଓ ପରେ ମାଜଣା କରାଯାଇଥିଲା । ସୂର୍ଯ୍ୟପୂଜା, ମଣ୍ଡଳାଦି ପୂଜା, ଅଗ୍ନିସ୍ଥାପନ, ଷୋଡଶ ଉପଚାର ପୂଜା, ଗୀତାଯଜ୍ଞ ସହିତ ହଜାରେ ଆହୁତି ଦିଆଯାଇଥିଲା । ଭକ୍ତମାନେ ବିଭିନ୍ନ ଭୋଗରାଗ ହନୁମାନଙ୍କ ପାଖରେ ଲାଗି କରିଥିଲେ । ମଧ୍ୟାହ୍ନରେ ଚାରି ହଜାରରୁ ଊର୍ଦ୍ଧ୍ୱ ଭକ୍ତ ପ୍ରସାଦସେବନ କରିଥିଲେ । ମନ୍ଦିର ପୂଜକ ସୁଶା ଭାଇନା, ପୂଜକ ଅମରେନ୍ଦ୍ର ମିଶ୍ର ସମସ୍ତ ପୂଜାକ ତୁଲାଇଥିବାବେଳେ କର୍ତ୍ତା ଭୁବନାରାୟଣ ତ୍ରିପାଠୀ, ସଭାପତି ଭବେନ୍ଦ୍ର ତ୍ରିପାଠୀ, ସଂପାଦକ ଗୟାଧର ବେହେରା, କୋଷାଧ୍ୟକ୍ଷ ଚିତରଞ୍ଜନ ସାହୁ, ପୂର୍ଣ୍ଣେନ୍ଦ୍ର ସାହୁ, ସନ୍ତୋଷ ରାଉତ, ପୁଲକ ମିଶ୍ର, ବିରଜା ମିଶ୍ର, ଅରୁଣ ବିଶ୍ୱାଳଙ୍କ ସମେତ ହନୁମାନ ବାଟିକାର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ । ସଂଧ୍ୟାରେ ସଂକୀର୍ତ୍ତନର ପରିବେଷଣ କରାଯିବ ।



# ମସିଣାଯୋଡି ଜଳ ପ୍ରକଳ୍ପ ୨୦ଦିନ ହେଲା ବନ୍ଦ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ରାଜ୍ୟରେ ଚଳିତବର୍ଷ ୪୦ ଡିଗ୍ରୀ ଉପରେ ତାପମାତ୍ରା ପ୍ରଭାବିତ ହୋଇ ଭୀଷଣ ଗରମ ଅନୁଭୂତ ହେଉଥିବା ବେଳେ ସରକାର ପକ୍ଷରୁ ଜଳ ଉତ୍ସ ଗୁଡିକର ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ରହିଛି । କେତେକ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଜନ ସଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ବିନିଡା ପଞ୍ଚାୟତ ମସିଣାଯୋଡି ହାଟ ପଡ଼ିଆ ଛକ ନିକଟରେ ଥିବା ଆରଡବ୍ଲ୍ୟୁଏସ୍‌ଏସ୍ ଜଳ ପ୍ରକଳ୍ପଟି ଆଜକୁ ୨୦ ଦିନ ହେଲାଣି ବନ୍ଦ ହେବା ଯୋଗୁଁ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ସ୍ଥାନୀୟ ମହାନ୍ତ ସାହି, ଜୁଆଙ୍ଗ ସାହି, ମୁଣ୍ଡା ସାହି, ଗୋପାଳ ସାହିର ଶତାଧିକ ପରିବାର ପିଇବା ପାଣି ପାଇଁ ଡହଳବିକଳ ହେବା ସହିତ ପ୍ରଚଣ୍ଡ ଖରା ହେଉଥିଲେ ମଧ୍ୟ ଜୀବନ ବିକଳରେ ଏଣୁତେଣୁ ବହୁ ଦୂରଦୂରାନ୍ତରୁ ପାଣି ଆଣି ଚଳିବାକୁ ପଡୁଛି । ଖରା ଦିନେ ଜଳ ଭଳି ସମୟରେ ପ୍ରକଳ୍ପଟି ୨୦ଦିନ ଧରି ବନ୍ଦ ହେବା ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ନହେବା ଦୁର୍ଭାଗ୍ୟଜନକ ଏବଂ ପ୍ରକଳ୍ପ ଚାଲୁ କରିବା ପାଇଁ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଦାବି କରାଯିବ । ଏ ନେଇ ଗ୍ରାମର ଓ୍ୱାର୍ଡମେମ୍ବର କ୍ଷେତ୍ରବାସୀ ବାରିକ, ମଧୁ ମୁଣ୍ଡା, ଚନ୍ଦ୍ର ମୁଣ୍ଡା, ଖଗେଶ୍ୱର ଜୁଆଙ୍ଗ, ଚନ୍ଦ୍ର ଜୁଆଙ୍ଗ, ମଦନ ଜୁଆଙ୍ଗ, କୁନା ଜୁଆଙ୍ଗ, ଅର୍ଜୁନ ଜୁଆଙ୍ଗ, ଈଶ୍ୱର ଜୁଆଙ୍ଗ, କ୍ଷେତ୍ର ମହାନ୍ତ, ଗିରିଧାରୀ ମହାନ୍ତ, ସୁନି ମହାନ୍ତ, ପ୍ରତାପ ମହାନ୍ତ, ଜାଗା ବାରିକ, ଦିପୁ ବାରିକ, ଶୁଭବ୍ରତ ବାରିକ, କରୁଣାକର ବାରିକ, ଭାଗବତ ପରିଡ଼ା, ଶରତ ବାରିକ, ସୁଦର ମୁଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀ ଭେଟିବେ ବୋଲି କହିଛନ୍ତି ।

# ମାଲୁଦ ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିକ୍ଷକ-ଅଭିଭାବକ ବୈଠକ

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାଲୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଜି ଶିକ୍ଷକ ଅଭିଭାବକ ଓ ପରିଚାଳନା କମିଟି ସମନ୍ୱୟ ବୈଠକ ଅନିରୁଦ୍ଧ ବଡ଼ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାମନ୍ଦିରର ପାରିପାର୍ଶ୍ୱିକ ପରିସ୍ଥିତି ପାଠ ପଢ଼ାଇବା ଶୈଳୀ ସ୍ୱଚ୍ଛ ପରିମଳ ଓ ଆନୁଷାଙ୍ଗିକ ବ୍ୟବସ୍ଥା ଉପରେ ବିଶଦ ଆଲୋଚନା କରାଯାଇଥିଲା । ଉପସ୍ଥିତ ଅଭିଭାବକ ମାନେ ନିଜର ମତାମତ ରଖି ବିଦ୍ୟାଳୟ ପ୍ରତିଷ୍ଠାତା ଶିବରାମ ଜେନା ପ୍ରଧାନ ଆଚାର୍ଯ୍ୟା ରଶ୍ମିତା ପ୍ରଧାନଙ୍କୁ ଜଣାଇଥିଲେ । ଅଭିଭାବକଙ୍କ ପରାମର୍ଶକୁ ଗ୍ରହଣ କରି ଯଥାଶୀଘ୍ର ଏହାର ସମାଧାନ କରିବାକୁ ପ୍ରଧାନ ଆଚାର୍ଯ୍ୟା ମତ ରଖିଥିଲେ । ଏହି ସଭାକାର୍ଯ୍ୟକୁ ଶିକ୍ଷାବିତ ଚୈତନ୍ୟ ବିଶ୍ୱାଳ ସଭା ପରିଚାଳନା କରିଥିଲେ ।



# କାଳ ସାଜିଲା କାଳ ବୈଶାଖୀ
## ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : କେନ୍ଦ୍ର ଓ ରାଜ୍ୟରେ ନେତୃତ୍ୱ ଡବଲ ଇଞ୍ଜିନ ସରକାରଙ୍କ ଘୋଷଣା ଗ୍ରାମାଞ୍ଚଳରେ ଆଉ ଝାଟିମାଟି ଚାଳ ଛପର ଘର ରହିବ ନାହିଁ । ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଗୃହ ଯୋଗାଇ ଦିଆଯିବ । ହେଲେ ଏହା ବାସ୍ତବ ରୂପାୟନ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭେଳା ମୁଣ୍ଡରେ ତେଲ ନିଖୁରା ମୁଣ୍ଡିଆକୁ କିଏ ପଚାରେ । ଏଠି ପକ୍କା ଘରଥିବା ବ୍ୟକ୍ତି ଗୋଟିଏ ପରେ ଗୋଟିଏ ବିଭିନ୍ନ ଯୋଜନାରେ ଘର ପାଉଥିବା ବେଳେ ଆର୍ଥିକ ଅନଗ୍ରସର ତଳେ ଥିବା ପ୍ରକୃତ ଯୋଗ୍ୟ ହିତାଧିକାରୀ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଜୀବନ ଯୁଦ୍ଧରେ ପ୍ରକୃତି ସହିତ ପ୍ରତି ମୁହୂର୍ତ୍ତରେ ସଂଗ୍ରାମ କରୁଛନ୍ତି । ହଁ, ଆମେ କହୁଛୁ ଜଗତସିଂହପୁର ବ୍ଲକ ମଣ୍ଡାସାହି ଗ୍ରାମର ଅସି ବର୍ଷୀୟା ବୃଦ୍ଧ ବନମାଳୀ ଜେନା ଏବଂ ଭିନ୍ନକ୍ଷମ ପତ୍ନୀ ମଞ୍ଜୁଲତା ଜେନାଙ୍କ କଥା । ଚଳିତ ସପ୍ତାହରେ ହୋଇଥିବା କାଳ ବୈଶାଖୀ ବର୍ଷା ପବନରେ ଝାଟି ମାଟି ଚାଳ ଛପର ଘରେ ବନମାଳୀ ଏବଂ ପତ୍ନୀ ମଞ୍ଜୁଲତା ବିଳମ୍ବିତ ରାତିରେ ଶୋଇଥିଲେ । ହଠାତ ଘଡ ଘଡି ସାଙ୍ଗକୁ ସୁ ସୁ ପବନ ବହିବାରୁ ମଞ୍ଜୁଲତା ଘର ବାହାରକୁ ଆସିଥିଲେ ଠିକ ସେହି ସମୟରେ ଝାଟି ମାଟି ଚାଳ ଛପର ଘରଟି ଭାଙ୍ଗି ପଡିଥିଲା ମଞ୍ଜୁଲତାଙ୍କ ସ୍ୱାମୀ ବନମାଳୀଙ୍କ ଉପରେ । ବନମାଳୀଙ୍କ ଚିତ୍କାର ଶୁଣି ପଡିଶା ଲୋକ ଘଟଣା ସ୍ଥଳରୁ ବନମାଳୀଙ୍କୁ ଉଦ୍ଧାର କଲେ । ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବନମାଳୀଙ୍କୁ ଆବାସ ଗୃହ ଯୋଗାଇ ଦେବା ନିମନ୍ତେ ଜିଲ୍ଲାପାଳ, ତହସିଲଦାର, ଆର ଆଇଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି ହେଲେ ସରକାରୀ ବାବୁଙ୍କ ନିଦ ଅପର୍ଯ୍ୟନ୍ତ ଭାଙ୍ଗି ନାହିଁ କି ଆର୍ଥିକ ସହାୟତା ପ୍ରଦାନ କରାଯାଇନାହିଁ ।

# ସୁରେନ୍ଦ୍ରନାଥ ବିଦ୍ୟାପୀଠରେ ମେଧାବୀ ଛାତ୍ର ଐଶ୍ୱରାଜଙ୍କୁ ସମ୍ବର୍ଦ୍ଧନା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ )ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ୨୦୨୪-୨୫ଶିକ୍ଷା ବର୍ଷର ପ୍ରକାଶ ପାଇଥିବା ଫଳାଫଳ ଅନୁସାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦର ଛାତ୍ର ଐଶ୍ୱରାଜ ବେହେରା ଅସ୍ତରଙ୍ଗ ବ୍ଲକରେ ଟପ୍ପର ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ମୋଟ ୬୦୦ନମ୍ବରରୁ ୫୫୭ନମ୍ବର ରଖି ବିଦ୍ୟାଳୟ ପାଇଁ ତଥା ଅସ୍ତରଙ୍ଗ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ଖବର ମୁତାବକ ସୋମବାର ପୂର୍ବାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ



ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦର ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ପ୍ରକାଶ କୁମାର ବେହେରା ଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ବିଦ୍ୟାଳୟ ଶିକ୍ଷୟତ୍ରୀ ପ୍ରିୟଦର୍ଶିନୀ ସେନାପତି, ଶିକ୍ଷକ ଧୀରେନ୍ଦ୍ର ପ୍ରଧାନ, ବିଚିତ୍ରାନନ୍ଦ ବିଶ୍ୱାଳ, ସ୍ୱାଗତିକା ଦାଶଙ୍କ ସହ ବିଦ୍ୟାଳୟ ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଯୋଗଦାନ କରି ସଦ୍ୟ ପ୍ରକାଶିତ ମାଟ୍ରିକ ପରୀକ୍ଷାରେ ଅସ୍ତରଙ୍ଗ ବ୍ଲକରେ ଟପ୍ପର ରେ ତୃତୀୟ ସ୍ଥାନଥିବା ଐଶ୍ୱରାଜ ବେହେରା (୫୫୭)ନମ୍ବର ରଖିଥିବା ବେଳେ ମେଧାବୀ ଛାତ୍ରଙ୍କୁ ଉପସ୍ଥିତ ଶିକ୍ଷକ, ଶିକ୍ଷୟତ୍ରୀ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଏହା ସହ ବ୍ଲକ ଟପ୍ପର ରେ ତୃତୀୟ ସ୍ଥାନ ହୋଇଥିବା ଐଶ୍ୱରାଜ ବେହେରାଙ୍କ ବାପା କପିଳେଶ୍ୱର ବେହେରା ଜଣେ ଚାଷୀ ହୋଇଥିବା ବେଳେ ପୁଅର ସଫଳତାକୁ ନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ପ୍ରକାଶ କୁମାର ବେହେରା ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଭବିଷ୍ୟତ ରେ ଡକ୍ଟର ହୋଇ ଲୋକଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରଖିଥିବା ଐଶ୍ୱରାଜ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି । ସହକାରୀ ଶିକ୍ଷୟତ୍ରୀ ଅର୍ଚ୍ଚନା ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ଲହରୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଉପସ୍ଥିତ ଥିବା ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

# ଏକ ସଙ୍ଗେ ଉଠିଲା ପରିବାରର ୩ଟି କୋକେଇ

ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍ ) : ମୃତ୍ୟୁ ଏମିତି ବି ଆସେ । ନିଜ ଗ୍ରାମ ରାସ୍ତାରେ ଚାଲି ଚାଲି ଘରକୁ ଯାଉଥିବା ସମୟରେ ଦୁର୍ଘଟଣା ଗ୍ରସ୍ତ ହୋଇ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଆଉ ଦୁଇ ତିନି ମିନିଟ୍ ଭିତରେ ନିଜ ଘରେ ପହଞ୍ଚିଥାନ୍ତେ । ଘର ଲୋକ ଅନାଇ ବସିଥିଲେ ସେମାନେ ଆସି ଘରେ ଖାଇବେ ବୋଲି । ମାତ୍ର ୫ ମିନିଟ୍ ଭିତରେ ଘଟିଗଲା ଅଘଟଣ । ସବୁଦିନ ପରି ବାହାଦୁରନଗର ଗଡ଼ାଣିଦେଇ ନିଜ ଘର କଳାଶ୍ରୀ ଦଳେଇ ସାହିକୁ ଫେରୁଥିବା ସମୟରେ ଅକାରଣରେ ଚାଲିଯାଇଛି ତିନି ତିନୋଟି ଜୀବନ । ଏକା ସାଙ୍ଗରେ ତିନି ଗୋଟି କୋକେଇ ଯୋଗେ ମଶାଣିକୁ ଗଲା ପାର୍ଥୀବ ଶରୀର । ଘଟଣାରୁ ପ୍ରକାଶ ବଡ଼ଚଣା ବ୍ଲକ ଗୋପାଳପୁର ପଞ୍ଚାୟତ କଳାଶ୍ରୀ ଦଳେଇ ସାହିର ତିନି ନମ୍ବର ଓ୍ୱାଡ଼ର ଓ୍ୱାଡ଼ ସଭ୍ୟା ବେଙ୍ଗ ଦଳେଇ (୫୮) ତାଙ୍କ ସ୍ୱାମୀ ଉଛବ ଦଳେଇ (୭୧) ଓ ତାଙ୍କ ଅଣନାତି ଦୁର୍ଯ୍ୟଧନ ଦଳେଇ (୧୪) ଗତ କାଲି ଶନିବାର ମାଛ ଧରିବା ପାଇଁ ମାତକାତପୁର ଠାରେ ଲିଜ୍ ନେଇଥିବା ପୋଖରିକୁ ଯାଇଥିଲେ । ବର୍ଷା ଝଡ଼ ହେବାରୁ ସେମାନେ ନିଜ ଘରକୁ ଫେରୁଥିବା ସମୟରେ ବାହାଦୁରନଗର ଗ୍ରାମ ଗଡ଼ାଣିରେ ଏକ ଟ୍ରାକ୍ଟର ଦ୍ରୁତଗତିରେ ଆସିଥିଲା । ବର୍ଷା ଝଡ଼ ତୋଫାନ କାରଣୁ ଡ୍ରାଇଭରକୁ ସେମାନଙ୍କୁ ହଠାତ୍ ଦେଖିବା ପରେ ବ୍ରେକ ଉପରେ ଚଢ଼ିଯିବା ହେତୁ ଟ୍ରାକ୍ଟରଟି ସେମାନଙ୍କ ଉପରେ ଭାରଶାମ୍ୟ ହରାଇ ଓଲଟି ପଡ଼ିଥିଲା । ସଙ୍ଗେ ସଙ୍ଗେ ବାହାଦୁରନଗର ଯୁବକମାନେ ସେଠାରେ ଦୁର୍ଘଟଣା ଦେଖି ପରିବାର ଲୋକଙ୍କୁ ଖବର ଦେବା ପରେ ସମେସ୍ତ ମିଶି ଉକ୍ତ ଟ୍ରାକ୍ଟରଟିକୁ ଉଠାଇ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ମାତ୍ର ଡ଼ାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଉକ୍ତ ବ୍ୟକ୍ତି ମାନେ ଚାରିନଙ୍ଗଳ ବଜାରରେ ଦୀର୍ଘ ବର୍ଷ ହେବ ମାଛ ବ୍ୟବସାୟ କରି ଜୀବିକା ନିର୍ବାହ କରୁଥିଲେ । ମର ଶରୀର ଚାରିନଙ୍ଗଳ ବଜାରରୁ ଶୋଭାଯାତ୍ରାରେ ବାହାରିବା ପରେ ବଜାରର ବ୍ୟବସାୟି ମାନେ ପୁଷ୍ପମାଲ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବାହାଦୁରନଗର ଗଡ଼ାଣିରେ ସମସ୍ତ ମର ଶରୀର ପହଞ୍ଚିବା ପରେ ଶୋକାକୂଳ ପରିବେଶରେ ଫାଟିପଡ଼ିଥିଲା ଗାଁ ଦାଣ୍ଡ । ଶହ ଶହ ସଂଖ୍ୟାରେ ଉକ୍ତ ଶୋଭାଯାତ୍ରାରେ ଜନସାଧାରଣ ଯୋଗଦେଇଥିଲା ବେଳେ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ପୂର୍ବତନ ଜିଲ୍ଲା ପରିଷଦ ବିପିନ ବିହାରୀ ଜେନା, ଇଂ.ଯଶୋଦୀପ୍ତ ସାମଲ, ଯୁବକଂଗ୍ରେସ ନେତା ସନ୍ତୋଷ କୁମାର ବଳ, ପ୍ରାକ୍ତନ ବ୍ଲକ ଅଧକ୍ଷ ନିରଞ୍ଜନ ସାହୁ, ସରପ□ ପ୍ରତିନିଧି ଚିନ୍ମୟ ଶାନ୍ତି, ପଞ୍ଚାୟତ ବିଜେଡ଼ି ସଭାପତି ବିକ୍ରମ ରାଉତ, ଶରତ ରାଉତ, ଜ୍ଞାନେନ୍ଦ୍ର ସାହୁ, କୂଳମଣି ପରିଡ଼ା, ଯାହିଦ ଖାଁ, ଅନିଲ କୁମାର ବଳ, ତପନ ଗୋଇ, ଚାରିନଙ୍ଗଳ ବଜାର କମିଟି ସଭାପତି ସଂଜୟ କୁମାର ସାମଲ, ଚାନ୍ଦ ଖାଁ, ସେକ୍ ଇକବାଲ ହୁସେନ, ସେକ୍ ଗୋରା, ତୋଫାନ କୁମାର ସାହୁ, ସେକ୍ ସଜାଜୁଦ୍ଦିନ୍, ସେକ୍ ଜାଉଲ ହୋଦା, ସେକ୍ ନସାଦ ଅଲ୍ଲି ପ୍ରମୁଖ ଗାଁରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସନ୍ଧ୍ୟା ସମୟରେ ବଡ଼ଚଣା ବିଜେଡ଼ି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ବ୍ଲକ ବିଜେଡ଼ି ସଭାପତି ତାପସ ରାୟ, ଗଣେଶ୍ୱର ବରାଳ, ନିରଞ୍ଜନ ବିଶ୍ୱାଳ, ପବିତ୍ର କୁମାର ମହାନ୍ତି, ସଞ୍ଜିବ ସାମଲ, ପ୍ରାକ୍ତନ ସମିତି ସଭ୍ୟ ଦେବେନ୍ଦ୍ର ଜେନା ପ୍ରମୁଖ ଶବ ଦାହ ନିକଟରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ବଡ଼ପୁଅ ବୈଲୋଚନ ଦଳେଇ ମୁଖାଗ୍ନି ଦେଇଥିଲେ । ଏଥିନେଇ ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ୧୨୩/୨୫ରେ ମାମଲା ରୁଜୁ କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରିରଖିଛି । ତେବେ ଗ୍ରାମର ସେହି ସ୍ଥାନରେ ରାସ୍ତା ଅଣଓସାରିଆ ହେତୁ ଦୁର୍ଘଟଣା ଘଟି ପୂର୍ବରୁ ଦୁଇ ଜଣଙ୍କ ଜୀବନ ଯାଇଥିବା ବେଳେ ଏବେ ସେହି ସ୍ଥାନରେ ଦୁର୍ଘଟଣା ଘଟି ଚାଲିଯାଇଛି ତିନୋଟି ଅମୂଲ୍ୟ ଜୀବନ । ଏଥିନେଇ ଗ୍ରାମବାସୀ ମାନେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଶ୍ରୀ ସାମଲ ବିଭାଗୀୟ ଅଧିକାରୀ ମାନେ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ରାସ୍ତା କାର୍ଯ୍ୟ ସୁଧାରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

# ଶ୍ରୀ ଶ୍ରୀ ଭାଗବତ ଗୋସ୍ୱାମୀଙ୍କର ନୂତନ ଗୃହ ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ

ଫୁଲନଖରା (ଭାସ୍କର ନ୍ୟୁଜ୍) : ବାରଙ୍ଗ ବ୍ଲକ ଅନ୍ତର୍ଗତ ନଗରୀ ଗ୍ରାମ ପଂଚାୟତ ମହୀଧରପଡା ଗ୍ରାମର ୫୨ ଘରର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ଭାଗବତ ଗୋସ୍ୱାମୀଙ୍କର ନୂତନ ଗୃହ ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ ୩୦ ତାରିଖ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଅନୁଷ୍ଠିତ ହୋଇଯାଇଛି । ଗୋସ୍ୱାମୀଙ୍କର ଯଥାବିଧି ଅନୁସାରେ ବୈଦିକ ରୀତି ଅନୁସାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ସମୟରେ ଅରଡିଆପଦା ଓ ନଗରୀ ରଙ୍ଗଣୀ ସାହି ପକ୍ଷରୁ ଓଡିଶୀ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଯତୀନ୍ଦ୍ର ମୋହନ ମହାନ୍ତି, ପାଣକୃଷ୍ଣ ବେହେରା, ଶିବପ୍ରସାଦ ଲେଙ୍କା, ଅଶୋକ ବାରିକ, ପ୍ରଶାନ୍ତ ବେହେରା, ଅଜୟ ବେହେରା ଓ ବ୍ରଜବନ୍ଧୁ ବାରିକ ପୂର୍ଣ୍ଣ ସହଯୋଗ ଦେଇ ପରିଚାଳନା କରିଥିଲେ । ସମସ୍ତ ଭକ୍ତମାନେ ଭାଗ ନେଇଥିଲେ ।

# ଅବସରପ୍ରାପ୍ତ ଗ୍ରନ୍ଥାଗାରିକଙ୍କୁ ସମ୍ବର୍ଦ୍ଧନା



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ଗ୍ରାମପଂଚାୟତ ଅନ୍ତର୍ଗତ ଛଚିଣାସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଆଜି ସଦ୍ୟ ସେବାନିବୃତ ଗ୍ରନ୍ଥାଗାରିକ ଅନନ୍ତ ଭୂୟାଁଙ୍କୁ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ବରିଷ୍ଠ ସଦସ୍ୟ ଶୁକଦେବ ବେହେରା ସଭାପତିତ୍ୱ କରିଥିବା ବେଳେ ସଂଘର ସମ୍ପାଦକ ଗୌରହରି ଜେନା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ପରେ ଜଣେ ସଂଗଠକ ଓ ସମାଜସେବା ପ୍ରତି ଆଗ୍ରହ ରଖିଥିବା ସେବାନିବୃତ ଶ୍ରୀ ଭୂୟାଁ ସଂଘ ପରିବାରର ସଦସ୍ୟ ହେବା ଆମ ପାଇଁ ବଡ଼ ଗୌରବର କଥା ବୋଲି କହିଥିଲେ । ତାଙ୍କର ପରାମର୍ଶ ଉପରେ ସଂଘ ଗୁରୁତ୍ୱ ଦେବ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଶ୍ରୀ ଭୂୟାଁ ତାଙ୍କ ସମ୍ବର୍ଦ୍ଧନାର ପ୍ରତିକ୍ରିୟାରେ ଅବସର ସମୟ ସଂଘ ଓ ସମାଜ ପାଇଁ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କ୍ଷେତ୍ରପ୍ରକାଶ ମହାପାତ୍ର, ଲୋକନାଥ ସାହୁ, ଜଳଧର ପରିଡ଼ା, ରଘୁନାଥ ସିଂ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ବିଜୟ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମାଜସେବୀ ପୂର୍ଣ୍ଣଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ପ୍ରମିଳା ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ

କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ ) : ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକର ଜଣେ ଜଣାଶୁଣା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ୱର୍ଗତ ପ୍ରମିଳା ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଛି । ସ୍ୱର୍ଗତ ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିକୁ ବୈଦିକ ରୀତିନୀତି ଅନୁଯାୟୀ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ପ୍ରତିମୂର୍ତ୍ତିକୁ ତାଙ୍କର ପୁତ୍ର ପ୍ରତାପ ପ୍ରଶାଦ ପ୍ରଶାନ୍ତ ପୁଲକ ବୋହୂ କବିତା ସୀତାଦିପ୍ତିମୟୀ ଓ ଶାନ୍ତିଲତା ନାତି ଚିନ୍ମୟ ଶୁଭମ ସୋନୁ ଜୀନୁ ରୁଦ୍ର ନାତୁଣୀ ତେଜସ୍ୱିନୀ ସାଂସ୍କୃତି ସମେତ ସମସ୍ତ ବନ୍ଧୁ ବାନ୍ଧବ ସହ ଏ ଅଞ୍ଚଳର ବହୁ ଶିକ୍ଷାବିତ ସମାଜ ସେବୀ ଉପସ୍ଥିତ ଥିଲେ । ପରେ ହରିଚନ୍ଦନ ପରିବାର ସୌଜନ୍ୟ ତାରେ ଆମ ପୁସ୍ତକ ମେଳା ସଂଗଠନର ମିଳିତ ସହଯୋଗରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିମୂର୍ତ୍ତି ଉନ୍ମୋଚନ ଓ ପ୍ରଥମ ଶ୍ରାଦ୍ଧ ବାର୍ଷିକ ସଭାର ସଭାପତି ଶିକ୍ଷାବିତ ଆମ ପୁସ୍ତକ ମେଳାର ସମ୍ପାଦକ ବିଷ୍ଣୁ ପ୍ରଶାଦ ଦଳେଇ ସଭାପତିତ୍ୱ କରିଥିଲେ । ଏବଂ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଜଣେ ସୁସାହିତ୍ୟକ ଶ୍ରୀ ଜଗନ୍ନାଥ ଗବେଷକ ପ୍ରବଚକ କାମେଳେଶ୍ୱର ନୋଡାଲ ହାଇ ସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ କାଶୀନାଥ ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଏ ଅଞ୍ଚଳର ବିଶିଷ୍ଟ ପ୍ରବଚକ ପ୍ରଶାନ୍ତ କୁମାର ପଲେଇ, ଅବସର ପ୍ରାପ୍ତ ଶିକ୍ଷକ କବି ଦେବରାଜ ଜେନା, ସୁରେନ୍ଦ୍ର ନାଥ ପ୍ରଧାନ, ମନୋଜ ବାରିକ, ଶରତ ଚନ୍ଦ୍ର ବାରିକ, କବି ପ୍ରେମ ଚାନ୍ଦ ପାତ୍ର, ଶିକ୍ଷାବିତ ଦାସରଥୀ ପଢ଼ିଆରୀ, ରାମହରି ବିଶ୍ୱାଳ ପ୍ରଫୁଲ୍ଲ ବିଶ୍ୱାଳ କବିୟତ୍ରୀ ସାଗରୀକା ବିଶ୍ୱାଳ ବିଶିଷ୍ଟ ସମାଜ ସେବୀ ଲକ୍ଷ୍ମୀ ଚରଣ ବିଶ୍ୱାଳ ସମେତ ବହୁ ଗୁଣି ଜ୍ଞାନୀ ବାଗ୍ମି ଉପସ୍ଥିତରହି ସ୍ୱର୍ଗତ ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ ଓ ସ୍ୱର୍ଗତ ପ୍ରମିଳା ବିଶ୍ୱାଳଙ୍କ ସ୍ମୃତି ଚାରଣ କରିବା ସହ ଏକ ସାହିତ୍ୟ ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ କବି କବିୟତ୍ରୀ ମାନେ ସ୍ୱ ରଚିତ କବିତା ପରିବେଷଣ କରିଥିଲେ । ଶିକ୍ଷାବିତ ସାହିତ୍ୟକ କବି ବିଦ୍ୟାଧର ପ୍ରଧାନ ମଞ୍ଚପରିଚାଳନା କରିଥିବା ବେଳେ ସାମ୍ବାଦିକ ପ୍ରତାପ ହରିଚନ୍ଦନ ଉପସ୍ଥିତ ସମସ୍ତ ଭଦ୍ର ବ୍ୟକ୍ତି ନିମନ୍ତ୍ରିତ କବି କବିୟତ୍ରୀ ପ୍ରବଚକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# କାଳବୈଶାଖୀ ତାଣ୍ଡବ, ଯୁବକ ଆହତ



ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ହରଭଙ୍ଗା ବ୍ଲକ ରାଧା ନଗର ଗ୍ରାମରେ ଗତକାଲି ଆସିଥିବା କାଳ ବୈଶାଖୀ ପବନରେ ଉଡାଇ ନେଇଥିବା ଟିଣ ଛପର ମୁଣ୍ଡରେ ବାଜି ଜଣେ ଯୁବକ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟା ସମୟରେ ହରଭଙ୍ଗା ବ୍ଲକ ଅଞ୍ଚଳରେ ଆସିଥିବା କାଳ ବୈଶାଖୀ ପବନରେ ରାଧାନଗର ଦଳିତ ସାହିର ପ୍ରଦୀପ ନାଏକଙ୍କ ଘରର ଟିଣ ଛପର ଉଡାଇ ନେଇଥିଲା । ଘର ସାମ୍ନା ଦେଇ ଯାଉଥିବା ଗ୍ରାମର ଗୁଡୁ ନାଏକଙ୍କ ମୁଣ୍ଡରେ ଏକ ଟିଣ ଆଜବେଷ୍ଟସ ବାଜିବା ଫଳରେ ସେ ଆହତ ହୋଇଛନ୍ତି । ବର୍ଷା ଛାଡିବା ପରେ ବିଳମ୍ବିତ ରାତିରେ ତାଙ୍କୁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରା ଯାଇଥିଲା । ସେହିପରି ରାଧା ନଗର ଓ ଆଖପାଖ ଗ୍ରାମରେ କାଳ ବୈଶାଖୀ ପବନରେ ବ୍ୟାପକ ଘର ଦ୍ୱାର କ୍ଷତିଗ୍ରସ୍ତ ହୋଇଥିବା ଆଜି ସକାଳେ ଦେଖିବାକୁ ମିଳିଛି । ରାଜସ୍ୱ ବିଭାଗ ତଦନ୍ତ କରି ଆବଶ୍ୟକ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି ।

# ତୃତୀୟଶ୍ରେଣୀ ବୃତ୍ତି ପରୀକ୍ଷାରେ ବ୍ଲକସ୍ତରରେ ପ୍ରଥମ ସ୍ଥାନରେ ଦୀପଙ୍କର



ଫୁଲନଖରା (ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ କୁରାଙ୍ଗ ପ୍ରଧାନ ଗ୍ରାମ ପଞ୍ଚାୟତ ବ୍ରହ୍ମାଣଂଝରିଲୋ ବଜ଼ାର ନିକଟ ରାୟପୁର ଠାରେ ଗଢି ଉଠିଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଦୀପଙ୍କର ଦାଶ ବ୍ଲକ ସ୍ତରୀୟ ଦେଇଥିବା ବୃତ୍ତି ପରୀକ୍ଷାରେ ତୃତୀୟ ଶ୍ରେଣୀ ରେ ସରକାରୀ ବୃତ୍ତି ପାଇଁ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକ ସ୍ତରରେ ସୁନାମ ଅର୍ଜନ କରିଛନ୍ତି । ବର୍ତ୍ତମାନ ଚତୁର୍ଥ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ଚଳିତ ବର୍ଷ ୨୦୨୪-୨୫ ରେ ପଞ୍ଚମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ଅରଡିଆପଦା ଗ୍ରାମର ସମାଜସେବୀ ଓ ଅବସରପ୍ରାପ୍ତ ପୌରନିର୍ବାହୀ ଅଧିକାରୀ ଗଣେଶ ପ୍ରସାଦ ଦାଶଙ୍କ ନାତି ଓ ଦିଲ୍ଲୀପ କୁମାର ଦାଶ ଏବଂ କଳ୍ପନା ଦାଶଙ୍କର ଏକମାତ୍ର ପୁତ୍ର ଦୀପଙ୍କର ଦାଶ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଦଧୀଚି ଫାର୍ମାଶିଷ୍ଟ କଲେଜର ପ୍ରତିଷ୍ଠାତା ସଭାପତି ଡ଼. ମନୋଜ କୁମାର ଦାଶ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ପଣ୍ଡିତ ରବି ନାରାୟଣ ପଣ୍ଡା ମଞ୍ଚରେ ସମ୍ବର୍ଦ୍ଧିତ କରୁଛନ୍ତି ।

# ବାଲି ଖାଦାନ ବିବାଦକୁ ନେଇ ଯୁବକଙ୍କୁ ଗୁଳିମାଡ଼



କେନ୍ଦ୍ରାପଡ଼ା/ଡେରାବିଶ (ଭାସ୍କର ନ୍ୟୁଜ୍): ବାଲିଖାଦାନକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ବଚସା ହେବାରୁ ଗୋଟିଏ ପକ୍ଷ ଅପରପକ୍ଷର ଜଣେ ଯୁବକଙ୍କୁ ଗୁଳିମାଡ଼ କରିଛି । କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଇନ୍ଦାଳୋ ପଞ୍ଚାୟତର ବାଲିସାହି ଗ୍ରାମ ନିକଟସ୍ଥ ଲୁଣା-କରାଣ୍ଡିଆ ନଦୀ ପଠାରେ ଏହି ଗୁଳିକାଣ୍ଡ ଘଟିଛି । ଗୁଳିମାଡ଼ର ଶିକାର ଯୁବକ ଜଣକ ହେଉଛନ୍ତି ଗରଦପୁର ବ୍ଲକ କୁଦାନଗରୀ ଥାନା ଅନ୍ତର୍ଗତ ଭାରୀଗୋଳ(ବେତରା) ଗ୍ରାମର ଗୌତମ ମଲ୍ଲିକ । ଗୌତମଙ୍କ ବାମ ଜଙ୍ଘରେ ଗୁଳି ବାଜିଛି । ମିଳିଥିବା ସୂଚନା ଅନୁଯାୟୀ ଗୌତମ ଏକ ସ୍କୁଟିରେ ଚାନ୍ଦୋଳ ବଜାରକୁ କୌଣସି କାର୍ଯ୍ୟରେ ଯାଉଥିଲେ । ତାଙ୍କୁ ୩ ଜଣ ଯୁବକ ଦୁଇଟି ବାଇକରେ ଅନୁସରଣ କରିଥିଲେ । ଯୁବକମାନେ ଗୌତମଙ୍କୁ ବାଲି ପଠାରେ ଅଟକାଇଥିଲେ । କୌଣସି କଥାକୁ ନେଇ ଗୌତମଙ୍କର ଅନ୍ୟ ଯୁବକମାନଙ୍କ ସହ ବଚସା ହୋଇଥିଲା । ଫଳରେ ଜଣେ ଯୁବକ ପାଖରେ ଥିବା ଏକ ବନ୍ଧୁକରୁ ଗୌତମଙ୍କ ଉପରକୁ ଗୁଳି ଚଳାଇଥିଲେ । ବନ୍ଧୁକ ବାହାର କରିବା ଦେଖି ଗୌତମ ଦୌଡୁଥିବା ବେଳେ ତାଙ୍କ ବାମ ଜଙ୍ଘରେ ଏକ ଗୁଳି ବାଜିଥିଲା । ଫଳରେ ସେ ଗୁରୁତର ହୋଇ ନଦୀ ପଠାରେ ପଡି ଯାଇଥିଲେ । ଗୁଳିମାଡ଼ କରି ଅପରାଧୀମାନେ ସେଠାରୁ ଫେରାର ହୋଇ ଯାଇଥିଲେ । ସ୍ଥାନୀୟ ଲୋକେ ଏ ନେଇ ଚାନ୍ଦୋଳ ଫାଣ୍ଡି ଓ ସଦର ଥାନାକୁ ଖବର ଦେଇଥିଲେ । ଏଥିସହ ୧୦୮ ଆମ୍ବୁଲାନ୍ସକୁ ମଧ ଖବର ଦେଇଥିଲେ । ପ୍ରଥମେ ଚାନ୍ଦୋଳ ଫାଣ୍ଡି ପୋଲିସ ଓ ପରେ ସଦର ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଏଥିସହ ଗୁଳିମାଡ଼ର ଶିକାର ଯୁବକଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଡାକ୍ତରଖାନାକୁ ପଠାଇଥିଲେ । ଡାକ୍ତରଖାନାରେ ଯୁବକଙ୍କ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଦଦନ୍ତ ଚଳାଇଛି । ତେବେ କେଉଁ କାରଣରୁ ଗୁଳିମାଡ଼ ହେଲା ସେ ନେଇ ପୋଲିସ ମୁହଁ ଖୋଲିନାହିଁ । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗୁଳିମାଡ଼ ହୋଇଥିବା ପୋଲିସ କହିଛି । ଗୁଳିମାଡ଼ କରିଥିବା ଅପରାଧୀମାନଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇନାହିଁ । ଘଟଣା ସ୍ଥଳରୁ ପୋଲିସ ଗୋଟିଏ ଖୋକା ଓ ଏକ ସ୍କୁଟି ଜବତ କରିଛି । ସଦର ଥାନାଧିକାରୀ ଶୁଭେନ୍ଦୁ ସାହୁଙ୍କ କହିବାନୁଯାୟୀ କୌଣସି ବିବାଦକୁ ନେଇ ଗୌତମଙ୍କ ସହ ଯୁବକମାନଙ୍କର ଝଗଡ଼ା ହୋଇଥିଲା । ଗୌତମ ରବିବାର ମଧ୍ୟାହ୍ନରେ ଖାଦ୍ୟ ଆଣିବା ପାଇଁ ନଦୀ ପଠା ରାସ୍ତାଦେଇ ଚାନ୍ଦୋଳ ବଜାରକୁ ଯାଉଥିଲେ । ଏହି ସମୟରେ ୩ ଜଣ ଯୁବକ ଗୌତମଙ୍କୁ ଅନୁସରଣ କରିଥିଲେ । ଗୌତମ ଗାଡି ଅଟକିବା ପରେ କୌଣସି କଥାକୁ ନେଇ ବଚସା ହୋଇଥିଲୋ । ଏହାପରେ ଗୌତମଙ୍କୁ ସେମାନେ ଆକ୍ରମଣ କରିଥିଲେ । ସେ ଦୌଡିବା ବେଳେ ଅପରାଧୀମାନେ ତାଙ୍କୁ ଗୋଡାଇବା ସହ ଜଣେ ଅପରାଧୀ ତାଙ୍କ ଗୋଡ଼କୁ ଗୁଳିମାଡ଼ କରିଥିଲେ । ବିଶେଷ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଲୁଣା-କରାଣ୍ଡିଆ ନଦୀରୁ ବାଲି ଉଠାଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା । ଦୁଇ ଦିନ ତଳେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା । ଗୌତମ ବିପକ୍ଷ ଗୋଷ୍ଠୀର ଜଣେ ଯୁବକଙ୍କୁ ମାଡ଼ ମାରି ଗୁରୁତର କରିଥିଲେ । ତେଣୁ ପ୍ରତିଶୋଧ ନେବା ପାଇଁ ବିପକ୍ଷ ଗୋଷ୍ଠୀର ଯୁବକମାନେ ଗୌତମଙ୍କୁ ଗୁଳିମାଡ଼ କରିଥିବା ଜଣାପଡିଛି ।

# ଶ୍ରୀକ୍ଷେତ୍ରରୁ ଆସିଲା ଆଜ୍ଞାମାଳ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) :କେନ୍ଦୁଝର ପାଟଣା ବ୍ଲକର ମୂଷାଖୋରୀ ପଞ୍ଚାୟତର ମଳୀପଶି ଛକରେ ଜଗନ୍ନାଥ ମନ୍ଦିର ରହିଛି । ଏଠାରେ ପ୍ରତିବର୍ଷ ଜାକଜମକରେ ରଥଯାତ୍ରା ଅନୁଷ୍ଠିତ ହୁଏ ହଜାର ହଜାର ଭକ୍ତ ଯୋଗ ଦିଅନ୍ତି । ତେବେ ଗତକାଲି ଏହି ଜଗନ୍ନାଥ ମନ୍ଦିରକୁ ପୁରୀ ଜଗନ୍ନାଥ ଧାମରୁ ଆଜ୍ଞା ମାଳ ଆସିଛି । ପୁରୀରୁ ଦାରୁ ବ୍ରହ୍ମ ପ୍ରତିଷ୍ଠା ସଂସ୍ଥାନକୁ ଆଜ୍ଞା ମାଳ ଆସିବା ପରେ ଭକ୍ତି ଉତ୍ସାହର ସହ ଘଣ୍ଟଘଣ୍ଟା ହୁଳୁହୁଳି ନାଦ ମଧ୍ୟରେ ମାଳକୁ ଗାଁରେ ପରିକ୍ରମା କରାଯାଇଥିଲା । ଅକ୍ଷୟ ତୃତୀୟା ଦିନ ରଥକାଠ ଅନୁକୂଳ ହେଉଥିବା ବେଳେ ପୁରୀରୁ ଆଜ୍ଞାମାଳ ଆସିବା ପରେ ଏଠାରେ ରଥଯାତ୍ରା ଲାଗି ଯୋଜନା ଆରମ୍ଭ ହୋଇଥାଏ । ଏଥର ଭବ୍ୟ ରଥଯାତ୍ରା ଆୟୋଜନ କରିବା ଲାଗି ମନ୍ଦିର ଦାରୁ ବ୍ରହ୍ମ କମିଟି ପକ୍ଷରୁ ଆୟୋଜନ ଆରମ୍ଭ ହେଉଥିବା ଖବର ଆସିଛି । ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳର ଗଗନ ପବନ ପ୍ରକମ୍ପିତ ହୋଇ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖାଯାଇଥିଲା ।

# ଶ୍ରୀହନୁମାନ ଜିଉଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ରଘୁନାଥପୁର, (ଭାସ୍କର ନ୍ୟୁଜ୍ ) : ରଘୁନାଥପୁର ବ୍ଲକ ଖରିପଡିଆ ଠାରେ ଶ୍ରୀଶ୍ରୀ ହନୁମାନ ଜୀଉଙ୍କର ଚତୁରବିଂଶତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଠାରୁ ଯଥାବିଧି ମୁତାବକ ଆରମ୍ଭହୋଇଛି । ଅଙ୍କୁରାରୋପଣ, କଳସଯାତ୍ରା କରାଯାଇ ଚତୁର୍ଥ ପ୍ରହରନାମଯଜ୍ଞ ଅନୁଷ୍ଠିତ କରାଯାଇଛି । ପଞ୍ଚଦିନାତ୍ମକ ଏହି ମହାଯଜ୍ଞର ପ୍ରତିଦିନ ବିଧି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇ ଏହାର ପୂର୍ଣ୍ଣଆହୁତି ଆସନ୍ତା ଶୁକ୍ରବାର ସମାପନ ହେବାର ବ୍ୟବସ୍ଥା ରହିଛି । ଏହି ଅବସରରେ ପ୍ରତିଦିନ ସଂନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଚାଲୁରହିବା ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଏହି ଯଜ୍ଞ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେଉଛି ।

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର



କଟକ(ଭାସ୍କର ନ୍ୟୁଜ): ବିଶିଷ୍ଟ ଶିକ୍ଷାବିତ୍ ଖ୍ରୀଷ୍ଟ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଭାତ କୁମାର କରଙ୍କ ରଚିତ 'ଦଦରା ନାଆର ବୁଢ଼ା ନାଉରୀ' ପୁସ୍ତକ ଉନ୍ମୋଚିତ ହୋଇଯାଇଅଛି । ଶରତ କର ଓ ଅନିମା କର ଫାଉଣ୍ଡେସନ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ଲୋକାର୍ପଣ ଉତ୍ସବ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଥିଲା । କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ଼ଃ ମହେଶ୍ୱର ମହାନ୍ତି, ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ବରେଣ୍ୟ ବକ୍ତା ଡ଼ା: ଶୈଳେଶ୍ୱର ନନ୍ଦ, ଅନ୍ୟତମ ଅତିଥି ପ୍ରଭାତ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଭାତ କମାର କର କେବଳ ଜଣେ ଶିକ୍ଷାବିତ୍ ନୁହଁନ୍ତି ଏକାଧାରାରେ ଜଣେ ସୁସଂଗଠକ, ସମାଜସେବୀ ଓ ସୁବକ୍ତା । କଟକ ସହରର ବିଭିନ୍ନ ଅନୁଷ୍ଠାନ ସହିତ ନିଜକୁ ଜଡ଼ିତ କରି ବହୁ ଜନହିତକର କାର୍ଯ୍ୟରେ ନିଜକୁ ସାମିଲ କରିଛନ୍ତି । ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ଓ ସୁରକ୍ଷା ଦିଗରେ ତାଙ୍କର ଉଦ୍ୟମ ଅତୁଳନୀୟ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ସଭା ମଞ୍ଚରେ ଅତିଥିଙ୍କୁ ଉପବେଶନ କରାଇଥିଲେ ସିପ୍ରା କର । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଅଶୋକ କୁମାର ଦାଶ । କବି ସୁଶାନ୍ତ କୁମାର ବଳ, ଡ଼ାକ୍ତର ଅଂଶୁମାନ କର, ସାଗରିକା ପ୍ରହରାଜ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



## କୃଷି କ୍ଷେତ୍ରରେ ଓଡ଼ିଶା ହେବ ଅଗ୍ରଣୀ ରାଜ୍ୟ: ମନମୋହନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ସ୍ୱଳ୍ପ ସମୟ ମଧ୍ୟରେ କରିଥିବା କୃଷକ କଲ୍ୟାଣକାରୀ ଯୋଜନା ଓ ଏକ ସିଦ୍ଧାନ୍ତିକ ପଦକ୍ଷେପ । ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେବା, ୫୮ ସବ୍‌ଡିଭିଜନରେ ଶୀତଳ ଭଣ୍ଡାର କରିବା, ୧୫ ଲକ୍ଷ ହେକ୍ଟର ଜମିକୁ ଜଳ ସେଚିତ ନିଷ୍ପତ୍ତି, ସିଏମ୍ କିଶାନ ଯୋଜନା ଇତ୍ୟାଦି କୃଷକ କଲ୍ୟାଣକାରୀ ଯୋଜନା ଓଡ଼ିଶାର ଚାଷୀଙ୍କ ଆୟକୁ ଦୁଗୁଣିତ କରିବା ସହ ରାଜ୍ୟକୁ ଖାଦ୍ୟାଶସ୍ୟରେ ଆତ୍ମନିର୍ଭରଶୀଳ କରିବ ବୋଲି ମାଷ୍ଟରକ୍ୟାଣ୍ଟିନ୍‌ରେ କୃଷକ ମୋର୍ଚ୍ଚା ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି ଯେ, ବିଜେପି ସରକାର ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବା ସହ କୃଷି ଭିତ୍ତିଭୂମି ବିକାଶ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସରକାରଙ୍କ ଏସବୁ କୃଷି କଲ୍ୟାଣକାରୀ ଯୋଜନାକୁ ରାଜ୍ୟର ସବୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସେ କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ । ରାଜ୍ୟ ସରକାର ଓ ସଂଗଠନର ମିଳିତ ପ୍ରୟାସରେ ଓଡ଼ିଶାକୁ କୃଷି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବେ ବୋଲି ଶ୍ରୀ ସାମଲ କହିଛନ୍ତି । ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ କହିଛନ୍ତି ଯେ, କୃଷକଙ୍କୁ ନୂଆ ବୈଷୟିକ ଜ୍ଞାନ ଓ କୌଶଳ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି । କେବଳ ଧାନ ନୁହେଁ ଅନ୍ୟାନ୍ୟ ଚାଷ କ୍ଷେତ୍ରରେ ରାଜ୍ୟ ଏବେ ରପ୍ତାନୀ ରାଜ୍ୟ ଭାବେ ପରିଣତ ହୋଇଛି । ଢେଙ୍କାନାଳରୁ ଆମ୍ବ, ବଲାଙ୍ଗିରରୁ ଷ୍ଟ୍ରବେରୀ ଏବଂ ଜୈବିକ ଫଳ ରପ୍ତାନି କରାଯାଉଛି । ୫୮ଟି ଉପଖଣ୍ଡରେ ଏଲ୍ଇଡି ମାଧ୍ୟମରେ ଚାଷୀଙ୍କୁ କୃଷକ କଲ୍ୟାଣ ଯୋଜନା ବିଷୟରେ ଅବଗତ କରାଯାଉଛି । ସରକାର ସବୁକ୍ଷେତ୍ରରେ ବିପୁଳ ଭାବେ ଉପରେ ଗୁରୁତ୍ୱ ଦେଉଛନ୍ତି । ଯାହା ଚାଷୀଙ୍କୁ ଆଗାମୀ ଦିନରେ ତିନିଗୁଣ ଲାଭ ଦେବ ବୋଲି ଶ୍ରୀ ସିଂହଦେଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ମନ୍ତ୍ରୀ ସୁରେଶ ପୂଜାରୀ ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରି ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଏହି ବୈଠକ ଆୟୋଜନ କରାଯାଇଥିଲା । ଏହି ଅବସରରେ ଶ୍ରୀ ସାହୁ କହିଛନ୍ତି ଯେ, ରାଜ୍ୟର ୨୦ଟି ଜିଲ୍ଲାରେ ୧୭ ଲକ୍ଷ ମେଟ୍ରିକ ଟନ୍ ରବି ଧାନ କିଣାଯିବ । ଏହି ଧାନ କିଣା କାରବାର ବେଳେ ଧାନମଣ୍ଡିରେ ବିଜେପି କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଜାଗ୍ରତ ପ୍ରହରୀ ଭଳି କାମ କରିବେ । ଯେଉଁ ପ୍ରଶାସନିକ ଅଧିକାରୀ ଓ ମିଲର ବାଧା ସୃଷ୍ଟି କଲେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଶ୍ରୀ ସାହୁ କହିଛନ୍ତି । ବୈଠକରେ ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ଉପସଭାପତି ତଥା କୃଷକ ମୋର୍ଚ୍ଚା ପ୍ରଭାରୀ ଗୋଲକ ମହାପାତ୍ରଙ୍କ ସମେତ ଶିବାଜୀ ମହାନ୍ତି, ହଳପାଣି ମାଝୀ, ପୁଲିନ ପୁହାଣ, ଉପେନ୍ଦ୍ର ଭଞ୍ଜ, ମନୋଜ ସାହୁ, ପ୍ରଶାନ୍ତ ସ୍ୱାଇଁ, ସୁମନ୍ତ ମହାରଣା, ଲକ୍ଷ୍ମଣ ତ୍ରିପାଠୀ, ଗୋବିନ୍ଦ ପ୍ରଧାନ, ସନ୍ତୋଷ ସ୍ୱାଇଁ, ପ୍ରଭାକର ସ୍ୱାଇଁ, ଶ୍ରୀନିବାସ ପ୍ରଧାନ, ଅଜୟ ପ୍ରଧାନ ଏବଂ ସମସ୍ତ ଜିଲ୍ଲାର ଧାନ ସଂଗ୍ରହ କମିଟି ଚାଷୀ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ବିଧାନସଭାରେ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୋମବାର ଓଡ଼ିଶା ବିଧାନସଭାରେ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ, ଗ୍ରାମ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳମନ୍ତ୍ରୀ ରବି ନାରାୟଣ ନାଏକ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଉଲ୍ଲେଖନୀୟ ଯେ ୧୮୬୪ ମସିହା ମାର୍ଚ୍ଚ ୫ ତାରିଖ ଦିନ କେନ୍ଦୁଝର ଗଡ଼ଜାତର ଏକ ଅଖ୍ୟାତପଲ୍ଲୀ କୁସୁମିତାର ଏକ ଭୂୟାଁ ପରିବାରରେ ଧରଣୀଧର ଜନ୍ମଗ୍ରହଣ କରିଥିଲେ । ବିପ୍ଳବୀ ଧରଣୀଧର ଅନ୍ୟାୟ ରାଜ ଶାସନ ଓ ଇଂରେଜ ଶାସକଙ୍କ ବିରୁଦ୍ଧରେ ଲଢ଼ି ପରାଭୂତ ହୋଇଥିଲେ, ମାତ୍ର ତାଙ୍କର ଦୁଃସାହସିକ ସଂଗ୍ରାମ ଅତ୍ୟାଚାରୀଙ୍କ ବିରୁଦ୍ଧରେ ଅବିରତ ଜାରି ରହିଥିଲା । ସେ ଥିଲେ ଜନମାନସର ନେତା । ବିର୍ସାମୁଣ୍ଡା, ରନିନାୟକ, ଚକ୍ରା ବିଶୋଇ ପ୍ରମୁଖ ଆଦିବାସୀ ମୁକ୍ତିଯୋଦ୍ଧାଙ୍କର ସେ ଥିଲେ ଜଣେ ସମକକ୍ଷ ବିପ୍ଳବୀ । ଧରଣୀଧର ଏକ ଚିର ଅମର ଯୁଗପୁରୁଷ ଭାବରେ ଆମର ନିତ୍ୟ ସ୍ମରଣୀୟ । ଏହି ମହାନ୍ ବିପ୍ଳବୀଙ୍କ ମହତ୍ ଆଦର୍ଶ ଯୁଗେ ଯୁଗେ ଏ ଜାତିକୁ ପ୍ରେରଣା ଯୋଗାଉଥିବ, ଏହା ନିଃସନ୍ଦେହ ।

## ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିପ୍ଳବୀ ଧରଣୀଧର ନାୟକଙ୍କ ୧୬୮ତମ ଜୟନ୍ତୀ ଅବସରରେ ଉତ୍କଳ ଭୂୟାଁ ସମାଜ, ଭୁବନେଶ୍ୱରସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ବିପ୍ଳବୀ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଅମରସ୍ମୃତିରେ ଜୟଗାନ କରାଥିଲେ । ଏହି ଅବସରରେ ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ବାବୁ ସିଂ, ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ପୂର୍ବତନ ବିଧାୟକ ପ୍ରୀୟଦର୍ଶୀ ମିଶ୍ର, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, କେନ୍ଦୁଝରର ନାଗରିକ ବିକାଶ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି ଭୁବନେଶ୍ୱରର ସଦସ୍ୟଗଣ ବିପ୍ଳବୀ ଧରଣୀଧରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ମୁଷ୍ଟିମେୟ ବ୍ୟବସାୟୀଙ୍କ ଦ୍ୱାରା ମୁଖ୍ୟ ରାସ୍ତା ଅବରୋଧ, ଅଞ୍ଚଳବାସୀଙ୍କ କ୍ଷୋଭ



କଟକ(ଭାସ୍କର ନ୍ୟୁଜ): ସିଡ଼ିଏ ସେକ୍ଟର -୬ ଅଞ୍ଚଳରେ ବାସପୋଯୋଗୀ ଗୃହ ନଥିବା ବାକ୍ତିଙ୍କୁ ସିଡ଼ିଏ କର୍ତ୍ତୃପକ୍ଷ ବିଭିନ୍ନ ସେକ୍ଟର ଗୁଡ଼ିକରେ ଭିନ୍ନ ଭିନ୍ନ ବର୍ଗର ବାକ୍ତିଙ୍କୁ ବାସପୋଯୋଗୀ ଘର ଯୋଗାଇ ଦେଇଛନ୍ତି । ଏଥିମଧ୍ୟରୁ ସେକ୍ଟର-୬ ସର୍ବପ୍ରଥମ ବାସପୋଯୋଗୀ ପ୍ଲଟ୍ ବଣ୍ଟନ କରାଯିବା ସହ ବ୍ୟବସାୟୀମାନଙ୍କ ପାଇଁ ସେକ୍ଟରରେ ବିଭିନ୍ନ ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ କରାଯାଇଛି । କେହି ସ୍ଥାନରୁ ବେନିଫିଟ ଆବଶ୍ୟକୀୟ ଦ୍ରବ୍ୟ କ୍ରୟ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଏବେ ବାସପୋଯୋଗୀ ପ୍ଲଟ୍ ଗୁଡ଼ିକ ବ୍ୟବସାୟୀ ପ୍ଲଟରେ ପରିଣତ ହୋଇଛି । ବିଶେଷକରି ସତିଚୌରାଛକଠାରୁ ଆଇ ଇଏସ୍ ପିଏଲ, ଜୟପ୍ରକାଶ ନାରାୟଣ ପାର୍କ ଦେଇ ୬ ନଂ ମାର୍କେଟ କମ୍ପ୍ଲେକ୍ସ ବାମ ପାର୍ଶ୍ୱରେ ଥିବା ବାସପୋଯୋଗୀ ଗୃହ ମାଲିକମାନେ ବଡ଼ ବଡ଼ ଦୋକାନମାନଙ୍କୁ ଭଡ଼ା ଦେଇ ଅର୍ଥ ଉପାର୍ଜନ କରୁଛନ୍ତି, କିନ୍ତୁ ସେମାନଙ୍କର ପାର୍କିଂ ସ୍ଥାନ ନଥିବାରୁ ୪୦ ଫୁଟିଆ ମୁଖ୍ୟ ରାସ୍ତାକୁ ଅବରୋଧ କରି ଦୀର୍ଘ ଦିନ ଧରି ବ୍ୟବସାୟ କରୁଛନ୍ତି ଫଳରେ ଅଞ୍ଚଳବାସୀ ଓ ଛାତ୍ରଛାତ୍ରୀଙ୍କ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଫଳରେ ଜୀବନହାନୀ ମଧ୍ୟ ହେଉଛି । ରାସ୍ତାର ଅପର ପାର୍ଶ୍ୱରେ ଦୈନନ୍ଦିନ ଉଠାଦୋକାନୀ ଗୁଡ଼ିକ ବ୍ୟବସାୟ କରି ପରିବାର ପୋଷଣ କରୁଥିବା ବେଳେ (ପାନଦୋକାନୀ, ଚା ଦୋକାନୀ ଓ ଅନ୍ୟାନ୍ୟ ଛୋଟ ବଡ଼ ଦୋକାନୀ) ସେମାନଙ୍କୁ ମାସିକ ଓ ଦୁଇମାସିକ ଅନ୍ତରରେ କଟକ ମହାନଗର ନିଗମ ଓ ସିଡ଼ିଏ କର୍ତ୍ତୃପକ୍ଷ ମିଳିତ ଭାବେ ଉଚ୍ଛେଦ କରୁଛନ୍ତି । ଯଦିଓ ସେମାନଙ୍କ ପାଖରେ ଷ୍ଟ୍ରିଟ ଭେଣ୍ଡର (ଉଠାଦୋକାନୀ)ର ପ୍ରମାଣପତ୍ର କଟକ ମହାନଗର ନିଗମ ପକ୍ଷରୁ ମିଳିଥିବା ବେଳେ ସେମାନଙ୍କୁ ଥଇଥାନ ନ କରି ବାରମ୍ବାର ଉଚ୍ଛେଦ କରିବା ଫଳରେ ସେମାନେ ସର୍ବହରା ହେଉଛନ୍ତି । ଅପରପକ୍ଷରେ ଘର ମାଲିକ ୪ ତଳିଆ ଘର ତିଆରି କରି ନରଖି ପାର୍କିଂ ରାସ୍ତାରେ ଦିନରାତି ରଖୁଛନ୍ତି ଓ ଗାଡ଼ି ଗୁଡ଼ିକୁ ଭଡ଼ା ସ୍ଥଳରେ ଲଗାଇ, ମାସିକ ଅର୍ଥ ଉପାର୍ଜନ କରୁଛନ୍ତି । ପାର୍କିଂ ରାସ୍ତାରେ ଦିନରାତି ଗାଡ଼ିଗୁଡ଼ିକ ରଖିବା ଫଳରେ ରାତି କିମ୍ବା ଦିନରେ ଆମ୍ବୁଲାନ୍ସର ଆବଶ୍ୟକ ହେଲେ ସେହି ରାସ୍ତା ଦେଇ ଯାତାୟାତ ସମ୍ଭବ ହେଉନାହିଁ ... ସେକ୍ଟର-୬ର ଅଭିଯୋଗ ପକ୍ଷରୁ ଆଇନଜୀବୀ ଗଦାଧର ସାହୁ, ରମର ବାଗେଡ଼ିଆ, ମାନସ ପଟ୍ଟନାୟକ, ଜଗେଶ୍ୱର ସେଠୀ, ସଂଜିବ କୁମାର ଦାସ, ରମେଶ ନାୟକ, ଅରୁଣ କୁମାର ଦାସ ଓ ସରୋଜ କୁମାର ଲେଙ୍କାଙ୍କ ନେତୃତ୍ୱରେ ଏକ ୨୦ ଜଣିଆ ପ୍ରତିନିଧି ଦଳ ସ୍ୱାକ୍ଷର ସମ୍ବଳିତ ଦାବୀପତ୍ର କଟକ ଜିଲ୍ଲାପାଳ, କଟକ ମହାନଗର ନିଗମର କମିଶନର ଓ ସିଡ଼ିଏ କର୍ତ୍ତୃପକ୍ଷଙ୍କୁ ଦେବା ସହ ଏହା ସ୍ଥାନୀ ସମାଧାନ ପାଇଁ ନିବେଦନ କରିଛନ୍ତି । ନଚେତ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ସହ ଆଇନର ଆଶ୍ରୟ ନେବେ ବୋଲି ଶ୍ରୀ ସାହୁ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ।

## ବିଷ୍ଣୁପଦ ସେଠୀଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି, ଅନ୍ତରୀଣ ନିର୍ଦ୍ଦେଶ ବଳବତ୍ତର

କଟକ(ଭାସ୍କର ନ୍ୟୁଜ): ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ଉ ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ହାଇକୋର୍ଟ ଲଗାଇଥିବା ରୋକ ବଳବତ୍ତର ରହିଛି । ହାଇକୋର୍ଟରେ ବିଚାରପତି ଏସ୍. କେ. ପାଣିଗ୍ରାହୀ ଅନ୍ତରୀଣ ରହିତାଦେଶ ବଳବତର ରଖିଥିବା ବେଳେ ମାମଲାର ଶୁଣାଣିକୁ ୭ ତାରିଖ ଯାଏ ଘୁଞ୍ଚାଇ ଦେଇଛନ୍ତି । ସେ ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ । ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ହାଇକୋର୍ଟ ୭ ତାରିଖକୁ ସମୟ ଧାର୍ଯ୍ୟ କରିଛନ୍ତି । ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଚଂଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି । ମାମଲାର ଏତଲାରେ ଆଇଏଏସ୍ ବିଷ୍ଣୁପଦଙ୍କ ନାମ ନଥିଲେ ମଧ୍ୟ ସିବିଆଇ ପକ୍ଷରୁ କିଛିଦିନ ପୂର୍ବେ ତାଙ୍କ ଘରେ ଚଢ଼ଉ କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା । ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

## ସ୍ୱାଧୀନତା ସଂଗ୍ରାମୀ ଧରଣୀଧରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସ୍ୱାଧୀନତା ସଂଗ୍ରାମୀ ଧରଣୀଧରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାନ ବିପ୍ଳବୀ ତଥା ସ୍ୱାଧୀନତା ସଂଗ୍ରାମୀ ଧରଣୀଧର ନାଏକଙ୍କ ଜୟନ୍ତୀ ଅବସରରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି । ଜନଜାତିଙ୍କ ଉନ୍ନତି ଓ ଅଧିକାରର ସୁରକ୍ଷା ପାଇଁ ତାଙ୍କ ସଂଗ୍ରାମ ସର୍ବଦା ସ୍ମରଣୀୟ ହୋଇ ରହିବ ।

## ଭିଶୋଇଙ୍କୁ ହତ୍ୟା ଉଦ୍ୟମ ଶାଳକର ଆତ୍ମସମର୍ପଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭିଶୋଇଙ୍କୁ ଶଳାର ହତ୍ୟା ଉଦ୍ୟମ । ପରେ କଟୁରୀ ଧରି ଥାନାରେ ଆତ୍ମସମର୍ପଣ କଲା ଶାଳକ । ଏଭଳି ଘଟଣା ଘଟିଛି ତମାଣ୍ଡୋ ରଣସିଂହପୁରରେ । ସୋମବାର ସକାଳୁ ହନୁମାନ ମନ୍ଦିର ନିକଟରେ ଭିଶୋଇଙ୍କୁ ହତ୍ୟା ଉଦ୍ୟମ କରିଥିଲା ଅଭିଯୁକ୍ତ ଶାଳକ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଭିଶୋଇଙ୍କୁ ଏମ୍ସ ପଠାଇଲା ପୋଲିସ । ଘଟଣା ସ୍ଥଳରେ ଉଭୟ ଖଣ୍ଡଗିରି ଓ ତମାଣ୍ଡୋ ଥାନା ଅଧିକାରୀ ତଦନ୍ତ କରିଛନ୍ତି ।

## ସ୍ୱାଧୀନତା ସଂଗ୍ରାମୀ ଧରଣୀଧର ନାଏକଙ୍କୁ ଧର୍ମେନ୍ଦ୍ରଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସ୍ୱାଧୀନତା ସଂଗ୍ରାମୀ ଧରଣୀଧର ନାଏକଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ଜନଗଣନା ପୂର୍ବରୁ ରାଜସ୍ୱ ଗାଁ ପାଇଁ ଆସିଥିବା ଆବେଦନ ମଞ୍ଜୁର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜୁଲାଇରେ ହେବ ଜନଗଣନା । ଏହା ପୂର୍ବରୁ ପଡା ଗାଁରୁ ରାଜସ୍ୱ ଗ୍ରାମ ହେବା ପାଇଁ ଆସିଥିବା ଆବେଦନକୁ ମଂଜୁର କରିବାକୁ ଚେଷ୍ଟା ହେବ । ୧୦୦୦ ଆବେଦନରୁ ୩୦୦ ରାଜସ୍ୱ ଗାଁ ହୋଇ ସାରିଲାଣି । ମୋଡାଲିଟି ଅନୁସାରେ ଯେଉଁ ପଡା ଗାଁରେ ୨୫୦ ଲୋକ ଥିବେ ଓ ତାହା ମୂଳଗାଁରୁ ୫୦୦ ମିଟର ଦୂରରେ ଥିବ, ତାକୁ ହିଁ ରାଜସ୍ୱ ଗାଁ ମାନ୍ୟତା ମିଳିବ । ଏନଏସି ଓ ମ୍ୟୁନିସିପାଲିଟି ପାଇଁ ବି ପ୍ରସ୍ତାବ ରହିଛି ନଗର ଉନ୍ନୟନ ବିଭାଗ ପାଖରେ । ଥରେ ଜନଗଣନା ଆରମ୍ଭ ହୋଇଗଲେ ଏ ସବୁ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିବ ନାହିଁ । ତେଣୁ ଜୁନ ୩୦ ସୁଦ୍ଧା ସୀମା ପୁନଃନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପଦ୍ମପୁରକୁ ଜିଲ୍ଲା ଘୋଷଣା କରିବା ନେଇ ଆମ ସକାରାତ୍ମକ ରହିବା ଦରକାର ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

## ବିପ୍ଳବୀ ଧରଣୀଧରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାନ ବିପ୍ଳବୀ ଧରଣୀଧର ନାଏକଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ସ୍ୱାଧୀନତା ସଂଗ୍ରାମର ମହାନ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି । ଦେଶର ସ୍ୱାଧୀନତା ତଥା ଜନଜାତି ଭାଇଭଉଣୀଙ୍କ କଲ୍ୟାଣ ପାଇଁ ତାଙ୍କ ଅବଦାନ ଅତୁଳନୀୟ । ସେ ଦେଖାଇଥିବା ପରାକ୍ରମ ଓ ଆଦର୍ଶ ସର୍ବଦା ପ୍ରେରଣାଦାୟୀ ବୋଲି ନବୀନ କହିଛନ୍ତି ।

## ମାଟ୍ରିକ୍‌ରେ ସର୍ବୋଚ୍ଚ ନମ୍ବର ରଖିଥିବା ଟପ୍ପରଙ୍କୁ ଅଭିନନ୍ଦନ

କଟକ(ଭାସ୍କର ନ୍ୟୁଜ): କଟକ ସଦର ୪୨ମୌଜା ବିକାଶ ପରିଷଦ ତରଫରୁ ଚଳିତ ବର୍ଷ ୧୦ମ ବାର୍ଷିକ ପରୀକ୍ଷାରେ ୪୨ମୌଜା ଅଞ୍ଚଳର ସର୍ବୋଚ୍ଚ ନମ୍ବର ରଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୩ଜଣ ଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି । ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ୪୨ମୌଜା ଖରିପଡ଼ିଆ ନିବାସୀ ବ୍ରଜକିଶୋର ପଲେଇ ଓ ଶକୁନ୍ତଳା ପଲେଇଙ୍କ କନ୍ୟା ଜ୍ୟୋର୍ତିମୟୀ ପଲେଇ ୫୬୦ ନଂ ରଖି ପ୍ରଥମ ସ୍ଥାନ, ପଟଣାଗ୍ରାମର ତ୍ରିନାଥ ଆଚାର୍ଯ୍ୟ ଓ ସ୍ମୃତିରେଖା ଆଚାର୍ଯ୍ୟଙ୍କ କନ୍ୟା ତୃପ୍ତିସଂଚିତ ଆଚାର୍ଯ୍ୟ ୫୩୭ ନଂ ରଖି ୨ୟ ସ୍ଥାନ ଓ ଦଧିବାବନପୁର ଗ୍ରାମର ହେମନ୍ତ କୁମାର ସାହୁ ଓ କୁସୁମ ସାହୁଙ୍କ କନ୍ୟା ହର୍ଷିତା ସାହୁ ୫୧୪ନଂ ରଖି ୩ୟ ସ୍ଥାନ ଅଧିକାର କରିଛନ୍ତି । ଜ୍ୟୋର୍ତିମୟୀ ପାର୍ବତୀ ବିଦ୍ୟାପୀଠରେ ପଢୁଥିବା ବେଳେ ତୃପ୍ତିସଂଚିତା ଆଚାର୍ଯ୍ୟ ଶ୍ରୀଶିଶୁ ବିଦ୍ୟାମନ୍ଦିର, ଶ୍ରୀରାମ ଓ ହର୍ଷିତା ସାହୁ ପାର୍ବତୀ ବିଦ୍ୟାପୀଠରେ ଅଧ୍ୟୟନ କରୁଥିଲେ । ୪୨ମୌଜା ବିକାଶ ପରିଷଦ ତରଫରୁ ସଂପାଦକ ସନ୍ତୋଷ କୁମାର ପତି, ଉପଦେଷ୍ଟା ଅଧ୍ୟାପକ ଗଣେଶ୍ୱର ଦାଶ, ପ୍ରମୋଦ କୁମାର ମହାପାତ୍ର, ବୁଲେଇ ବେହେରା, ସଂଯୋଜକ ନିକୁଞ୍ଜ ସ୍ୱାଇଁ, କୋଷାଧକ୍ଷ ଭଜକୃଷ୍ଣ ଲେଙ୍କା, ଦିନବନ୍ଧୁ ସାମଲ କୃତି ଛାତ୍ରୀଙ୍କ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇବା ସହ 'ମେଧା ସମ୍ମାନ' ଉତ୍ସବକୁ ନିମନ୍ତ୍ରଣ କରିଥିଲେ ।

## ସହକାରୀ ଶ୍ରମ ଅଧିକାରୀଙ୍କ ନୂତନ ଏସସିବି ବିଲ୍ଡିଂ ପରିଦର୍ଶନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସହକାରୀ ଶ୍ରମ ଅଧିକାରୀ ରଶ୍ମି ରଞ୍ଜନ ବରାଳ ଏବଂ ଦୀପଙ୍କର ଦୀକ୍ଷିତ ନିର୍ମାଣାଧୀନ ନୂତନ ଏସସିବି କୋଠା ପରିଦର୍ଶନ କରିଥିଲେ । ସକାଳ ୧୧ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସେଠାରେ କୌଣସି ନିର୍ମାଣ କାର୍ଯ୍ୟ ଚାଲୁ ନଥିବା ଜଣାପଡ଼ିଥିଲା । ଏହା ବ୍ୟତୀତ ପ୍ରତିଦିନ ଶ୍ରମିକଙ୍କୁ ବଣ୍ଟନ ପାଇଁ ୧ ଲକ୍ଷ ଓଆରଏସ ପ୍ୟାକେଟ ଉପଲବ୍ଧ ଥିଲା । ଶ୍ରମିକମାନେ ପିପିଇ ସୁରକ୍ଷା ଉପକରଣ ବ୍ୟବହାର କରୁଥିବା ଦେଖାଯାଇଥିଲା । ଏହି ସ୍ଥାନରେ ନିୟୋଜିତ ୧୨୦ ନିର୍ମାଣ ଶ୍ରମିକ ପୂର୍ବରୁ ପଞ୍ଜିକୃତ ହୋଇସାରିଛନ୍ତି । ଅନସାଇଟ୍ ପଞ୍ଜିକରଣ ମଧ୍ୟ ନିରନ୍ତର ଭାବରେ କରାଯାଉଛି ବୋଲି ସହକାରୀ ଶ୍ରମ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ।

## ଖୁବ୍‌ଶୀଘ୍ର ବିଜେପି ରାଜ୍ୟ ସଭାପତି ନାମ ଘୋଷଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଖୁବ୍‌ଶୀଘ୍ର ହେବ ଘୋଷଣା ବିଜେପି ରାଜ୍ୟ ସଭାପତି ନାମ ଘୋଷଣା ହେବ । ବିଜେପି ଏକ ରାଷ୍ଟ୍ରୀୟ ଦଳ ସଂସଦୀୟ ବୋର୍ଡରେ ଖୁବ୍‌ଶୀଘ୍ର ଘୋଷଣା ହେବ । ରାଜ୍ୟ ବିଜେପିକୁ ଖୁବ୍‌ଶୀଘ୍ର ମିଳିବ ନୂଆ ସଭାପତି । ଦେଶ ଏବେ ଯୁଦ୍ଧ ମୁହାଁ, ସେଥିପାଇଁ ସଭାପତି ଚୟନ ବିଳମ୍ବ ହେଉଛି ବୋଲି ମୁଖ୍ୟ ସଚେତକ ସରୋଜ ପ୍ରଧାନ କହିଛନ୍ତି ।

## ଏମ୍ସରୁ ରୋଗୀ ନିଖୋଜ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏମ୍ସରୁ ରୋଗୀ ନିଖୋଜ । ରାସ୍ତାରେ ବୁଲିବୁଲି ମା'କୁ ଖୋଜୁଛି ପୁଅ । ଭୁବନେଶ୍ୱର ଏମ୍ସକୁ ଚିକିତ୍ସା ପାଇଁ ଆସିଥିବା ରୋଗୀ ନିଖୋଜ ହୋଇଯାଇଛନ୍ତି । ନିଖୋଜ ରୋଗୀ ପଶ୍ଚିମବଂଗର ମୁସଲେମା ବିବି । ୧୨ ଦିନ ତଳେ ଏମ୍ସକୁ ଚିକିତ୍ସା ପାଇଁ ଆସିଥିଲେ । ହେଲେ ଏମ୍ସରୁ ହଠାତ ସେ ନିଖୋଜ ହୋଇଗଲେ । ଖଣ୍ଡଗିରି ଥାନାରେ ଅଭିଯୋଗ ପରେ ପୋଲିସ ଶୁଣୁ ନଥିବା ଅଭିଯୋଗ କରିଛନ୍ତି ତାଙ୍କ ପୁଅ ।

## ବିଜେଡିର ରାଜନୈତିକ ବ୍ୟାପାର କମିଟି ଗଠିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ବିଜେଡିର ରାଜନୈତିକ ବ୍ୟାପାର କମିଟି ଗଠନ କରିଛନ୍ତି । ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଦଶ ଜଣିଆ କମିଟି ଗଠିତ ହୋଇଛି । ଏହି କମିଟିରେ ନବୀନ ପଟ୍ଟନାୟକ ଅଧ୍ୟକ୍ଷ ରହିଥିବା ବେଳେ ବିକ୍ରମ ଆରୁଖ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ ସଦସ୍ୟ ରହିଛନ୍ତି । ସେହିପରି ସଂଜୟ ଦାସବର୍ମା, ପ୍ରଣବ ପ୍ରକାଶ ଦାସ ଏବଂ ସୁଦାମ ମାର୍ଣ୍ଡି, ଟୁକୁନି ସାହୁ, ସସ୍ମିତ ପାତ୍ର ଏବଂ ଡକ୍ଟର ସଂତୃପ୍ତ ମିଶ୍ର ସଦସ୍ୟ ଅଛନ୍ତି ।

## ବିଜେଡିର ବିଭିନ୍ନ ଛାମୁଆ ସଂଗଠନ ଆବାହକ ନିଯୁକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ଦଳର ବିଭିନ୍ନ ଛାମୁଆ ସଂଗଠନ ଗୁଡିକର ଆବାହକ ନିଯୁକ୍ତ କରିଛନ୍ତି । ଦଳ ପକ୍ଷରୁ ଏକ ପ୍ରେସ ବିବୃତିରେ ସୂଚନା ଦିଆଯାଇଛି । ଦଳ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ବିରୋଧୀ ଦଳର ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ ବିଜୁ କୃଷକ ଜନତା ଦଳ ଆବାହକ ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ପାର୍ଟୀର ବରିଷ୍ଠ ନେତା ଅନଙ୍ଗ ଉଦୟ ସିଂହଦେଓ ଆଞ୍ଚଳିକ ବିକାଶ ସେଲ ଆବାହକ ହୋଇଛନ୍ତି । ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ସମବାୟ ସେଲ ଆବାହକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ବଦ୍ରି ନାରାୟଣ ପାତ୍ରଙ୍କୁ ଶିକ୍ଷା ଓ ଶିକ୍ଷକ ସେଲ ଆବାହକ ଭାବେ ନିଯୁକ୍ତି ଦିଆଯାଇଛି । ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ମତ୍ସ୍ୟଜୀବୀ ସେଲ ଆବାହକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଆଦିବାସୀ ସେଲ ଆବାହକ ମଙ୍ଗଳା କିଷାନଙ୍କୁ ଦାୟିତ୍ୱ ଦିଆଯାଇଛି । ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ବରିଷ୍ଠ ନାଗରିକ ସେଲ ଆବାହକ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ଓବିସି ସେଲ ଆବାହକ ଅରୁଣ ସାହୁଙ୍କୁ ଏସସି ସେଲ, ଆବାହକ ମହେଶ ସାହୁଙ୍କୁ ତଥା ଆଇଟି ଓ ସାମାଜିକ ଗଣମାଧ୍ୟମ ସେଲ ଆବାହକ ଅମର ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଛି । ବିଜେଡିର ସଂଖ୍ୟାଲଘୁ ସେଲର ପୁନର୍ଗଠନ କରାଯାଇଛି । ପୂର୍ବତନ ରାଜ୍ୟସଭା ସାଂସଦ ତଥା ହକି ତାରକା ଦିଲ୍ଲୀପ ତିର୍କୀଙ୍କୁ ଆବାହକ ଭାବେ ନିଯୁକ୍ତି ଦିଆଯାଇଛି । ପ୍ରେସ ବିଜ୍ଞପ୍ତି ଅନୁସାରେ ରିଜୱାନା ବେଗମଙ୍କୁ ସହ ଆବାହକ ଭାବେ ନିଯୁକ୍ତି ଦିଆଯାଇଛି । ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ ଦକ୍ଷିଣାଞ୍ଚଳର ସହ ଆବାହକ. ଆୟୁବ ଖାନଙ୍କୁ ପଶ୍ଚିମାଂଚଳ ସହ ଆବାହକ ତଥା ଶେଖ୍ ନିଜାମୁଦ୍ଦିନ ହେଲେ କେନ୍ଦ୍ରାଞ୍ଚଳ ସହ ଆବାହକ ଭାବେ ନିଯୁକ୍ତି ଯାଇଛି ।

## ବିଢ଼ାନାସୀ ଗ୍ରାମ୍ୟ କମିଟିର ନୂତନ ଚାନ୍ଦି ମେଢ଼ ଅନୁକୂଳ ପାଇଁ ଚାନ୍ଦିଦାନ



କଟକ(ଭାସ୍କର ନ୍ୟୁଜ): ଗତ ରବିବାର ବିଢ଼ାନାସୀ ଗ୍ରାମ୍ୟ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଗ୍ରାମ୍ୟ କମିଟିର ସମ୍ପାଦକ ଇଂ.ସତ୍ୟବ୍ରତ ବେହେରା ସଭା ପରିଚାଳନା କରିଥିଲେ । ନିକଟ ଅତୀତରେ ଅନୁଷ୍ଠିତ ହୋଇଥିବା ସଭାରେ ଗ୍ରାମ୍ୟ କମିଟି ଦ୍ୱାରା ନୂତନ ଚାନ୍ଦି ମେଢ଼ ନିର୍ମାଣ ପାଇଁ କମିଟି ସଭ୍ୟମାନେ ନିଷ୍ପତ୍ତି ନେଇଥିଲେ । ଗତ ରବିବାର ସଭାରେ ଭାରତୀୟ ଜନତା ପାର୍ଟି କଟକ ନଗର ଯୁବମୋର୍ଚ୍ଚାର ପୂର୍ବତନ ସମ୍ପାଦକ ବିଭୂତି ଭୂଷଣ ସେନାପତି ଯୋଗ ଦେଇଥିଲେ । ଆଗାମୀ ଦୁର୍ଗାପୂଜାର ଆୟୋଜନରେ ଯେଉଁଭଳି ତ୍ରୁଟି ନହୁଏ ଏବଂ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ମତବ୍ୟକ୍ତ କରିଥିଲେ । ଏତଦ୍ ବ୍ୟତୀତ ଶ୍ରୀ ସେନାପତି ଗ୍ରାମ୍ୟ କମିଟିର ସମ୍ପାଦକ ଇଂ. ଶ୍ରୀ ବେହେରାଙ୍କୁ ୨୦୦ ଗ୍ରାମ ଚାନ୍ଦି ପ୍ରଦାନ କରିଥିଲେ ।

## ୬ କୋଟିର ସାଇବର ଠକେଇ, ୨ ଅଭିଯୁକ୍ତ ଗିରଫ

କଟକ(ଭାସ୍କର ନ୍ୟୁଜ): ସେୟାର ମାର୍କେଟରେ ଟଙ୍କା ବିନିଯୋଗ କରି ଅଧିକ ଲାଭ ପାଇବା ଆଶାରେ ଠକେଇ ହୋଇଛି ୬ କୋଟି ୪.୫୩ ଲକ୍ଷ ଟଙ୍କା । ଏଭଳି ଠକେଇରେ ସାମିଲ ହୋଇଥିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ପୁଲିସ୍ ୨ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରି ଓଡ଼ିଶା ଆଣିଛି । ଅଭିଯୁକ୍ତଦ୍ୱୟ ହେଲେ ପଶ୍ଚିମବଙ୍ଗ ସିଲିଗୁଡ଼ି ପ୍ରଧାନନଗରର ଅଶୋକ ନନ୍ଦ(୫୩) ଓ ଉତ୍ତର ୨୪ ପ୍ରଗଣାର ଜୟାରାଣୀ ବସାକ (୩୮) । ସୂଚନା ଅନୁସାରେ, ଠକେଇର ଶିକାର ହୋଇଥିବା ଅଭିଯୋଗକାରୀ ସାଢ଼େ ୩ ମାସ ମଧ୍ୟରେ ସେୟାର ମାର୍କେଟରେ ୬ କୋଟି ୪.୫୩ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ । ସାଇବର ଅପରାଧିଙ୍କ ନିର୍ଦ୍ଦେଶ ମୁତାବକ ଏକାଧିକ ଆକାଉଣ୍ଟରେ ଅଭିଯୋଗକାରୀ ଟଙ୍କା ଜମା କରିଥିଲେ । ସାଇବର ଅପରାଧି ତାଙ୍କୁ ଆଇପିଓ ଏବଂ ଓଟିସି ଟ୍ରେଡିଂରେ ଟଙ୍କା ବିନିଯୋଗ କରି ମୋଟା ଅଙ୍କର ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅଭିଯୋଗକାରୀ ନିର୍ଦ୍ଧାରିତ ସମୟ ପରେ ଟଙ୍କା ନ ପାଇବାରୁ ସେ ସାଇବର ଠକେଇର ଶିକାର ହୋଇଥିବା ହୃଦବୋଧ କରିଥିଲେ । ଏନେଇ ସେ କଟକସ୍ଥିତ ସାଇବର କ୍ରାଇମ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ମାମଲା ରୁଜୁ ହେବା ପରେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଥିଲା । ଠକେଇ ଅର୍ଥରାଶିକୁ ଅଭିଯୋଗକାରୀ ୨୨ଟି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ । ତନ୍ମଧ୍ୟରୁ ୮ ଆକାଉଣ୍ଟ ନିଜର ହୋଇଥିବା ବେଳେ ଅନ୍ୟ ଆକାଉଣ୍ଟ ସହଯୋଗୀଙ୍କ ଥିଲା । ଟଙ୍କା ଜମା ହେବା ପରେ ଏଟିଏମ୍, ଚେକ୍ ଅଥବା ଆକାଉଣ୍ଟ ଟ୍ରାନ୍ସଫର ଜରିଆରେ ସାଇବର ଅପରାଧିଙ୍କ ଅନ୍ୟ ଆକାଉଣ୍ଟକୁ ଯାଇଥିଲା । ତତ୍‌ପରେ ଏଟିଏମ୍ ବା ଚେକ୍ ଜରିଆରେ ଉଠାଯାଇଥିଲା ବୋଲି କ୍ରାଇମବ୍ରାଞ୍ଚ ତଦନ୍ତ ବେଳେ ଜାଣିବାକୁ ପାଇଥିଲା । ଘଟଣାରେ ସମ୍ପୃକ୍ତ ଅପରାଧିଦ୍ୱୟ ପଶ୍ଚିମବଙ୍ଗର ବୋଲି ଜଣାଯିବା ପରେ କ୍ରାଇମବ୍ରାଞ୍ଚ ସେଠାକୁ ଯାଇଥିଲା ଉଭୟଙ୍କୁ ଗିରଫ କରିବା ପରେ ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇଥିଲା । ତତ୍‌ପରେ ଦୁହିଁଙ୍କୁ ଟ୍ରାନ୍ସିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି । ସେମାନଙ୍କ ନିକଟରୁ ମୋବାଇଲ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ ଓ ପାନ କାର୍ଡ ଜବତ କରାଯାଇଛି । ଅଭିଯୁକ୍ତ ଅଶୋକ ନନ୍ଦ ସିଲିଗୁଡ଼ିର ବାସିନ୍ଦା ହୋଇଥିବା ବେଳେ ସେଠାରେ ସେ ହୋଟେଲ ବ୍ୟବସାୟ କରନ୍ତି । ଠକେଇ ଅର୍ଥରୁ ୧.୧୧ କୋଟି ସିଧା ତାଙ୍କ ଆକାଉଣ୍ଟରେ ଜମା ହୋଇଥିଲା । ସେହିପରି ଅନ୍ୟତମ ଅଭିଯୁକ୍ତ ଜୟାରାଣୀ ବସାକଙ୍କ ଆକାଉଣ୍ଟକୁ ଅଭିଯୁକ୍ତ ଅଶୋକଙ୍କ ଆକାଉଣ୍ଟକୁ ସିଧା ୬ ଲକ୍ଷ ଟ୍ରାନ୍ସଫର ହୋଇଥିଲା । ଏହି ମାମଲାରେ ଆଉ କାହାର ସମ୍ପୃକ୍ତ ରହିଛଇ ସେ ସମ୍ପର୍କରେ ତଦନ୍ତ ଜାରିରହିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି ।

## ଅନୁସୂଚିତ ଜନଜାତି କମିଶନଙ୍କୁ ଭେଟିଲେ ବିଜେଡି ଟିମ୍




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜଣେ ଆଦିବାସୀ ସଂପ୍ରଦାୟର ବ୍ୟକ୍ତି ମୁଖ୍ୟମନ୍ତ୍ରୀ ଥିଲେ ମଧ୍ୟ ପ୍ରତ୍ୟେକ ଦିନ ଆଦିବାସୀ ମହିଳା ଧର୍ଷଣ ଓ ନିର୍ଯାତନାର ଶୀକାର ହେଉଛନ୍ତି । ବାରମ୍ବାର ଏ ଖବର ଆସୁଥିଲେ ମଧ୍ୟ ଏହାର ପ୍ରତିକାର କିମ୍ବା କଡା କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଦୋଷୀମାନେ କିଭଳି ଖସିଯିବେ ସେ ଦିଗରେ ସରକାର କାର୍ଯ୍ୟ କଲା ଭଳି ଲାଗୁଛି । ବିଜେପି ସରକାରଙ୍କ ଏଭଳି ସ୍ଥାଣୁ ଓ ଦାୟିତ୍ୱହୀନକୁ ବିଜେଡି କଡା ସମାଲୋଚନା କରୁଛି । କୋରାପୁଟ ଜିଲ୍ଲା ଲମତାପୁଟର ଗୁନେଇପଦା ଏସଟିଏସସି ଛାତ୍ରୀନିବାସରେ ୮ବର୍ଷ ବାଳିକା ଧର୍ଷଣର ଶୀକାର ହୋଇଥିବା ସମ୍ବାଦ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ଗତ ମେ' ୩ ତାରିଖ ଦିନ ଘଟଣା ସ୍ଥଳକୁ ଯାଇ ପୀଡିତା ଓ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ପୀଡିତା କିଭଳି ନ୍ୟାୟ ପାଇବେ ସେଥିପାଇଁ ପ୍ରତିଶ୍ରୁତି ଦେଇଥିଲେ । ବିଜେଡି ପକ୍ଷରୁ ଏକ ଉଚ୍ଚସ୍ତରୀୟ ନେତୃମଣ୍ଡଳୀ ଭୁବନେଶ୍ୱରସ୍ଥିତ ଅନୁସୂଚିତ ଜନଜାତି କମିଶନ ଅଫିସକୁ ଯାଇ କୋରାପୁଟ ଜିଲ୍ଲାର ମାଛକୁଣ୍ଡ ପିଏସ୍ ଅନ୍ତର୍ଗତ ଲମତାପୁଟ ବ୍ଲକର ଗୁନେଇପଦା ଏସ୍ଟିଏସ୍ସି ବାଳିକା ଛାତ୍ରୀବାସରେ ଘଟିଥିବା ନୃଶଂସ ବଳାତ୍କାରର ଶୀକାର ହୋଇଥିବା ପୀଡିତା କିଭଳି ନ୍ୟାୟ ପାଇବା ସହ ଦୋଷୀ ଯେଭଳି ଉପଯୁକ୍ତ ଦଣ୍ଡ ପାଇବ ସେନେଇ ଦାବି ଉପସ୍ଥାପନ କରାଯାଇଥିଲା । ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ, ପୂର୍ବତନ ଲୋକସଭା ସଦସ୍ୟା ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ପୂର୍ବତନ ମହିଳା କମିଶନର ଅଧକ୍ଷା ଲୋପାମୁଦ୍ରା ବକ୍ସିପାତ୍ର, ମିଡିଆ ସଂଯୋଜକ ଡ.ଲେନିନ୍ ମହାନ୍ତି ଓ ଡ. ପ୍ରିୟବ୍ରତ ମାଝୀ, ନାରାୟଣ ଜେନା, ମାନସୀ ସୁନ୍ଦରରାୟ, ବାସନ୍ତୀ ସିଂ, ଚୁନିବାଳା ଦେଇ ଓ ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

## ନୃତ୍ୟଶ୍ରୀ ଅନୁଷ୍ଠାନ ଭୁବନେଶ୍ୱରର ନବମ ଜାତୀୟ ଆଲୋଚନାଚକ୍ର ଓ ନୃତ୍ୟ ଉତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନୃତଶ୍ରୀ ଅନୁଷ୍ଠାନ ଭୁବନେଶ୍ୱର ନବମ ଜାତୀୟ ଆଲୋଚନାଚକ୍ର ଓ ନୃତ୍ୟ ଉତ୍ସବ ବୁଧ ମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବରେ ବିଜେପି ଉପାଧ୍ୟକ୍ଷ ଗୋଲକ ମହାପାତ୍ର ତଥା ଦୁର୍ଗାଚରଣ ସାହୁ (ଆଇଏଏସ୍) ଯୋଗଦେଇ ଅନୁଷ୍ଠାନର ଆଭିମୁଖ୍ୟକୁ ଭୂୟୀୟସି ପ୍ରଶଂସା କରିଥିଲେ । ନୃତ୍ୟଗୁରୁ ତଥା ଅନୁଷ୍ଠାନର ସମ୍ପାଦକ ଡ. ମନୋଜ କୁମାର ବେହେରାଙ୍କ ଲିଖିତ 'ଜ୍ଞାନସରିତା' ଚତୁର୍ଥ ସଂସ୍କରଣ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଗୁରୁଗାଓଁ ସ୍ଥିତ ଓଡିଶୀ ନୃତ୍ୟଶିଳ୍ପୀ ବିଦୁଶୀ ବାଣୀ ମାଧବଙ୍କୁ ନୃତ୍ୟ ସରସତୀ ସମ୍ମାନ' ପ୍ରଦାନ କରାଯାଇଥିଲା । ଆଲୋଚନାଚକ୍ର (ଓଡିଶୀ ନୃତ୍ୟ ଶାସ୍ତ୍ରୀୟତାର ପ୍ରାମାଣିକ ତଥ୍ୟ ୧୯୫୦-୬୫) ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ଆଲୋଚକମାନେ ଥିଲେ ଡଃ ବିଜୟଲକ୍ଷ୍ମୀ ଦାସ, ଡଃ ପ୍ରଫେସର ନୀତା ବହିଦାର ଓ ସିକତା ଦାସ । ଏଥିରେ ପ୍ରାୟ ୩୦ ଜଣରୁ ଅଧିକ ମାନ୍ୟଗଣ୍ୟ ନୃତ୍ୟଗୁରୁ, ଗବେଷକ, ଶିଳ୍ପୀ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ତନ୍ମଧ୍ୟରୁ ଗୁରୁ ନିରଞ୍ଜନ ରାଉତ, ଗୋବିନ୍ଦ ଚନ୍ଦ୍ର ପାଳ, ହରିହର ମହାନ୍ତି, ଡଃ ଗଜେନ୍ଦ୍ର ପଣ୍ଡା, ବ୍ରଜକିଶୋର ମଲ୍ଲିକ, ଲକ୍ଷ୍ମୀଧର ଜେନା, ପ୍ରକାନ୍ତ ମହାରଣା, ଗାୟତ୍ରୀ ରନ୍ଧ, ଚପଳା ମିଶ୍ର, ଦିପ୍ତି ବାଳା ମିଶ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସୁଶ୍ରୀ ମିନାକ୍ଷୀ ବେହେରା ଆଲୋଚନାଚକ୍ର ପରିଚାଳନା କରିଥିଲେ । ଓଡିଶୀ ନୃତ୍ୟ କାର୍ଯ୍ୟକ୍ରମରେ ସୁନ୍ଦର ପ୍ରଣାମ ଅନୁଷ୍ଠାନ (ବୌଦ୍ଧ) ଗୁରୁ ପ୍ରଶାନ୍ତ କୁମାର ଭାଇନା, ନୃତ୍ୟଶ୍ରୀ (କରଞ୍ଜିଆ) ସମୀତ ଓତା, ସାଇଶ୍ରୀ ନୃତ୍ୟ ଏକାଡେମୀ (ଛତ୍ରପୁର) ମଧୁସ୍ମିତା ପଟ୍ଟନାୟକ, କଳିଙ୍ଗ ନୃତ୍ୟ ଧାରା (ବ୍ରହ୍ମପୁର) ସୋନାଲି ସାବତ, ପ୍ରୟାସ ନୃତ୍ୟଶାଳା (କଟକ) ସ୍ନେହାଞ୍ଜଳି ପଟ୍ଟନାୟକ, ନୃତ୍ୟଶ୍ରୀ, (ଭୁବନେଶ୍ୱର) ଅଙ୍କିତା ବେହେରା, ରନ୍ତା ମହାନ୍ତି (ଜଟଣୀ), ରାମରଞ୍ଜନ କଅଁର (ସମ୍ବଲପୁର), କହ୍ନେଇ ଚରଣ ନାୟକ (କେନ୍ଦୁଝର), ସନାତନ ନାୟକ (କରଞ୍ଜିଆ) ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିଳ୍ପୀମାନେ ଉଚ୍ଚକୋଟୀର ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କର ମନ୍ତ୍ରମୁଗ୍ଧ କରିଥିଲେ । ଓଡିଶୀ ତଥା ଆଞ୍ଚଳିକ ନୃତ୍ୟରେ ୟୁନିଟ୍ ୯ ନମ୍ବ ର ସ୍ଥିତ ବୁଦ୍ଧମନ୍ଦିର ପ୍ରେକ୍ଷାଳୟ ଉତ୍ସବ ମୁଖରିତ ହୋଇଥିଲା । ଶେଷରେ ଅନୁଷ୍ଠାନର ସଭାପତି ସମୀର ଓତା ଧନ୍ୟବାଦ ଅର୍ପଣ କରିଥିଲେ । ଉପସଭାପତି ତୀର୍ଥାନନ୍ଦ ମହାନ୍ତି, ସହ ସମ୍ପାଦକ ଅଞ୍ଜନ ଦେବତା ସଭା ପରିଚାଳନା କରିଥିଲେ । ପ୍ରଫେସର ଗୁରୁ ପ୍ରଦୀପ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ । ଗୁରୁ ସନାତନ ନାୟକ, ପୁଷ୍ପାଞ୍ଜଳି ସେନାପତି, ମିରାବାଳା ସାମନ୍ତରାୟ ସହଯୋଗିତା କରିଥିଲେ । ସୁଶ୍ରୀ ମହାନ୍ତି, ସୟଂପ୍ରଜ୍ଞା ସାହୁ, ନମିତା ରାୟ, ଚିନ୍ମୟୀ ତ୍ରିପାଠୀ ଉପସ୍ଥିତରେ କାର୍ଯ୍ୟକ୍ରମ ସୁପରିଚାଳିତ ହୋଇଥିଲା ।



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ
ହୁଅଇ ତାହାର ଲବେ।
-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର
-ଭକ୍ତକବି ମଧୁସୂଦନ ରାଓ



## ବିବାଦ ଘେରରେ ମମତାଙ୍କ ଦୀଘା ମନ୍ଦିର

# ଓଡ଼ିଆଙ୍କ ଭାବାବେଗ ପ୍ରତି ଆହ୍ୱାନ

ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲ୍ଲା ଅନ୍ତର୍ଗତ ପର୍ଯ୍ୟଟନ ପୀଠ ଦୀଘା ଠାରେ ଗତ ଅକ୍ଷୟ ତୃତୀୟା ତିଥିରେ ଏକ ନବନିର୍ମିତ ଜଗନ୍ନାଥ ମନ୍ଦିର ଉଦ୍‌ଘାଟିତ ହୋଇଛି। ସେଠାକାର ସରକାରଙ୍କ ଦ୍ୱାରା ନିର୍ମିତ ଏହି ମନ୍ଦିରକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଦ୍‌ଘାଟନ କରିବା ପରେ ବିଭିନ୍ନ କାରଣରୁ ଓଡ଼ିଶାରେ ବିବାଦ ଓ ବିତର୍କ ତେଜିବାରେ ଲାଗିଛି। ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଜଗତର ନାଥ, ବିଶ୍ୱ ଭାତୃତ୍ୱର ପ୍ରତୀକ ଏବଂ ସର୍ବଧର୍ମ ସମନ୍ୱୟର ମୂର୍ତ୍ତିମନ୍ତ ବିଗ୍ରହ। ଶ୍ରୀକ୍ଷେତ୍ର ପୁରୀ ଧାମ ମହାପ୍ରଭୁଙ୍କ ମୁଖ୍ୟ ବିଜେସ୍ଥଳୀ ହୋଇଥିବା ବେଳେ ଦେଶ ବିଦେଶର ବହୁ ସ୍ଥାନରେ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇ ପୂଜାର୍ଚ୍ଚନା କାର୍ଯ୍ୟ ଚାଲୁଛି। ସେହି ଦୃଷ୍ଟିରୁ ବିଚାର କଲେ ଦୀଘାରେ ମମତା ସରକାର ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ କରିବାରେ କାହାରି ଆପତ୍ତି କରିବାର ପ୍ରଶ୍ନ ଉଠିନଥାନ୍ତା। ମାତ୍ର ଦୀଘାରେ ମନ୍ଦିର ପ୍ରତିଷ୍ଠା କରି ତାହାକୁ 'ଜଗନ୍ନାଥ ଧାମ' ଲେଖାଯିବାକୁ ନେଇ ବିବାଦ ମୁଣ୍ଡ ଟେକିଛି ଏବଂ ଏହାକୁ ଶ୍ରୀକ୍ଷେତ୍ର ପୁରୀ ବିରୋଧରେ ଏକ ବଡ଼ ଷଡ଼ଯନ୍ତ୍ର ବୋଲି ବିଚାର କରାଯାଉଛି। ଭାରତର ଧର୍ମଶାସ୍ତ୍ର ଅନୁଯାୟୀ ଆମ ଦେଶର ଉତ୍ତରରେ ବଦ୍ରିନାଥ, ଦକ୍ଷିଣରେ ରାମନାଥ ବା ରାମେଶ୍ୱର, ପଶ୍ଚିମରେ ଦ୍ୱାରକାନାଥ ଓ ପୂର୍ବରେ ଜଗନ୍ନାଥ ଏହିପରି ଚାରିଧାମ ରହିଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୂଳ ବିଜେସ୍ଥଳୀ ପୁରୀ ମନ୍ଦିର ବ୍ୟତୀତ ଅନ୍ୟ କୌଣସି ସ୍ଥାନକୁ 'ଜଗନ୍ନାଥ ଧାମ' ଆଖ୍ୟା ଦିଆଯିବା ସମ୍ପୂର୍ଣ୍ଣ ଅସଙ୍ଗତ। ଏଭଳି କ୍ଷେତ୍ରରେ ମମତା ସରକାର କିପରି ଓ କାହିଁକି ଦୀଘା ମନ୍ଦିରକୁ 'ଜଗନ୍ନାଥ ଧାମ' ରୂପେ ନାମିତ କରି ବିବାଦର ମଞ୍ଜି ପୋତିଲେ, ତାହା ବୁଝି ହେଉନାହିଁ। ସେହିପରି ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଗତ ନବକଳେବର ସମୟରେ ବଳିଥିବା ଦାରୁରୁ ଦୀଘାରେ ମୂର୍ତ୍ତି ନିର୍ମାଣ ପ୍ରସଙ୍ଗ ମଧ୍ୟ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ପୁରୀ ମନ୍ଦିରର କେତେକ ଦଇତାପତି, ପଣ୍ଡିତ ଓ ବ୍ରାହ୍ମଣ ଦୀଘାକୁ ଯାଇ ସେଠାକାର ମନ୍ଦିର ପ୍ରତିଷ୍ଠାରେ ଅଂଶଗ୍ରହଣ କରିଥିଲେ। ବିଶେଷ କରି ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର ଦୀଘାକୁ ଯାଇଥିବା ବେଳେ ସେଠାରେ ଦାରୁଦିଅଁ ପ୍ରତିଷ୍ଠା ନେଇ ଦେଇଥିବା ବୟାନ୍ ଓ ପୁରୀକୁ ଆସିବା ପରେ ଦେଇଥିବା ବୟାନ୍ ମଧ୍ୟରେ ତାଳମେଳ ରହୁନଥିବା ଯୋଗୁଁ ଦୁଇ ରାଜ୍ୟରେ ଚର୍ଚ୍ଚା ଜୋର ଧରିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏଥିନେଇ ଘନ ଘନ ବୈଠକ ଅନୁଷ୍ଠିତ ହେବା ସଙ୍ଗେ ସଙ୍ଗେ ଦଇତାପତି ନିଯୋଗର ସମ୍ପାଦକଙ୍କୁ ରବିବାର ଦୁଇଘଣ୍ଟା ଧରି ଜେରା କରାଯାଇଛି। ଏଥିସହିତ ତାଙ୍କୁ କୈଫିୟତ ତଲବ କରାଯାଇ ସାତଦିନ ମଧ୍ୟରେ ଉତ୍ତର ରଖିବା ପାଇଁ କୁହାଯାଇଛି। ଏହି ସମୟ ଭିତରେ ସନ୍ତୋଷଜନକ ଉତ୍ତର ନମିଳିଲେ ତାଙ୍କ ବିରୋଧରେ ଶ୍ରୀମନ୍ଦିର ଆଇନ-୧୯୫୫ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ନବନିର୍ମିତ ଦୀଘା ମନ୍ଦିରରେ ଅନ୍ୟ କେତେକ ପରମ୍ପରା ବିରୋଧୀ କାର୍ଯ୍ୟ ଚାଲିଥିବାର ଜଗନ୍ନାଥ ପ୍ରେମୀ ଅଭିଯୋଗ କରିଛନ୍ତି। ଉଦାହରଣ ସ୍ୱରୂପ ଏହି ମନ୍ଦିରରେ କାଠଚୁଲା ବଦଳରେ ଗ୍ୟାସ୍‌ଚୁଲାରେ ପ୍ରସାଦ ରନ୍ଧନ କରାଯାଉଥିବାର ଜଣାପଡ଼ିଛି। ଗ୍ୟାସ୍ ଚୁଲାରେ ପ୍ରସ୍ତୁତ ଭୋଗ ମହାପ୍ରଭୁଙ୍କୁ ଲାଗି କରାଯିବାକୁ ଅନେକ ନାପସନ୍ଦ କରିଛନ୍ତି। ସେହିପରି ମନ୍ଦିରର ସେବାପୂଜା ଦାୟିତ୍ୱ ଇସ୍କନ ସେବାୟତଙ୍କୁ ଦିଆଯିବ ଯାହାକି ଯଥାର୍ଥ ପଦକ୍ଷେପ ନୁହେଁ ବୋଲି ମତପ୍ରକାଶ ପାଉଛି। ପୁରୀ ଶ୍ରୀମନ୍ଦିର ପରମ୍ପରା ଓ ରୀତିନୀତି ବି ଦୀଘାରେ ଅନୁସୃତ ନହେବା ଯୋଗୁଁ ଜଗନ୍ନାଥ ପ୍ରେମୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ପୃଷ୍ଠଭୂମିରେ ଆମ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପଶ୍ଚିମବଙ୍ଗ ସରକାରଙ୍କୁ ପତ୍ର ଲେଖିବା ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହାର ବିଶେଷ ପ୍ରାସଙ୍ଗିକତା ରହିଛି। ଦୀଘା ମନ୍ଦିରକୁ ଜଗନ୍ନାଥ ଧାମ କରାଯାଇ ପାରିବ ନାହିଁ ବୋଲି ଓଡ଼ିଶା ସରକାର ସ୍ପଷ୍ଟ ମତ ରଖିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସୁତ୍ରା ମମତାଙ୍କ ଏତାଦୃଶ ପଦକ୍ଷେପ ଓଡ଼ିଆଙ୍କ ଧର୍ମୀୟ ଭାବାବେଗ ଉପରେ ଏକ ଆଘାତ କହିଲେ ଭୁଲ୍ ହେବନାହିଁ।

# ପୃଥିବୀରେ ପ୍ଲାଷ୍ଟିକ ପ୍ରଦୂଷଣ



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦

ଦକ୍ଷିଣ କୋରିଆର ବୁସନଠାରେ ପୃଥିବୀରେ କିପରି ପ୍ରଦୂଷଣ ହ୍ରାସ ହେଉଛି ଓ ତାହାର କିପରି ସମାଧାନ ହେବ ଏ ସମ୍ପର୍କରେ ଗତ ୨୦୨୪ର ଶେଷ ଆଡ଼କୁ ଏକ ବିଶ୍ୱ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୃଥିବୀରେ ଜୀବାଶ୍ମ ତୈଳର ଅଙ୍ଗାରକାମ୍ଳ ନିର୍ଗମନ ବାୟୁମଣ୍ଡଳକୁ କେମିତି ଭାବରେ ପ୍ରଦୂଷିତ କରୁଛି ଓ ମଣିଷର ସ୍ୱାସ୍ଥ୍ୟକୁ କେମିତି ନଷ୍ଟ କରୁଛି ଏସବୁ ବିଷୟରେ ସେଠାରେ ବ୍ୟାପକ ଭାବରେ ଆଲୋଚନା ହୋଇଥିଲା ଓ ସେ ସମ୍ପର୍କରେ ମଧ୍ୟ ଗୋଟିଏ ଚୁକ୍ତି ହୋଇଥିଲା। ପ୍ଲାଷ୍ଟିକରୁ ଉତ୍ପାଦିତ ଦ୍ରବ୍ୟର ପ୍ରଦୂଷଣ ଏହି ଆଲୋଚନାର ମୁଖ୍ୟ କଥା ଥିଲା। ଏ ସମ୍ପର୍କରେ ଶେଷକୁ ଯେଉଁ ଚିଠା ପ୍ରସ୍ତାବ ଆଗତ ହୋଇଥିଲା। ତାହା ଏକ ଦୃଢ଼ ଚୁକ୍ତି ହୋଇନପାରେ କିନ୍ତୁ ଏ ସମ୍ପର୍କରେ ଗୋଟିଏ ଚୁକ୍ତି ହୋଇଛି।

ଅର୍ଥନୈତିକ ବ୍ୟବସ୍ଥା : ଏହି ସମ୍ମିଳନୀରେ ଭାରତ ପ୍ରସ୍ତାବ ଦେଇଥିଲା ଯେ, ଗୋଟିଏ ବହୁ ରାଷ୍ଟ୍ରୀୟ ପାଣ୍ଠି ଗଠିତ ହେବା ଉଚିତ ଯାହାଫଳରେ ବିକାଶଶୀଳ ଦେଶମାନଙ୍କର ଗୋଟିଏ ପ୍ଲାଷ୍ଟିକମୁକ୍ତ ଜୀବନ ସୃଷ୍ଟି କରିବା ପାଇଁ ଯେପରି ବ୍ୟବସ୍ଥା ହୋଇପାରିବ ଓ ଏହି ବିକଳ୍ପ ବ୍ୟବସ୍ଥାର ପ୍ରଚଳନ ପାଇଁ ପ୍ରାରମ୍ଭିକ ଅବସ୍ଥାରେ ଯେଉଁ ଆର୍ଥିକ କ୍ଷତି ହେବ। ସେ କ୍ଷତିକୁ ଭରଣା ପାଇଁ ବିକଶିତ ରାଷ୍ଟ୍ରମାନେ ଗୋଟିଏ ପାଣ୍ଠି ଗଠନ କରି ସେଥିପାଇଁ ଅର୍ଥ ଦେବେ। ଯେଉଁ ଜାଳେଣିଗୁଡ଼ିକ ଦ୍ୱାରା ପୃଥିବୀର ରକ୍ଷଣବେକ୍ଷଣା ହୋଇପାରିବ କେବଳ ସେହିମାନଙ୍କର ବ୍ୟବହାର କରାଯିବ ବୋଲି ଏହି ସମ୍ମିଳନୀରେ ପ୍ରସ୍ତାବ ଦିଆଯାଇଥିଲା। ୧୦୦ଟି ଅନ୍ୟ ଦେଶମାନେ ଯେଉଁମାନଙ୍କ ମଧ୍ୟରେ ଆଫ୍ରିକୀୟ ତଥା ଲାଟିନ ଆମେରିକୀୟ ଓ କାର୍ବିଆନ ଗୋଷ୍ଠୀର ରାଷ୍ଟ୍ରମାନେ ଥିଲେ ସେମାନେ ସମସ୍ତେ ଠିକ୍ ଏହି ପ୍ରକାର ପ୍ରସ୍ତାବମାନ ଦେଇଥିଲେ। ଯେଉଁମାନେ କି ଗୋଟିଏ ନୂଆ ସ୍ୱାଧୀନ ଯଥେଷ୍ଟ ଓ ଉପଲବ୍ଧ ହେଉଥିବା ବ୍ୟବସ୍ଥା ବିକାଶଶୀଳ ଦେଶମାନଙ୍କୁ ଦିଆଯାଇ ପାରିବ, ସେ ବିଷୟରେ ଆଲୋଚନା ହୋଇଥିଲା। ବିକଶିତ ରାଷ୍ଟ୍ରମାନେ ଏ ଦିଗରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବା ପାଇଁ ଏହି ଚୁକ୍ତିରେ ବ୍ୟବସ୍ଥା ହୋଇଥିଲା।

କାର୍ଯ୍ୟକାରୀ ହେଇପାରୁଥିବା ସହମତି : ଏଥିରେ କାର୍ଯ୍ୟକାରୀ ହେଇପାରୁଥିବା ଗୋଟିଏ ସହମତି ଅଣାଯିବାକୁ ଚେଷ୍ଟା କରାଯାଇଛି। ବିକାଶଶୀଳ ରାଷ୍ଟ୍ରଗୋଷ୍ଠୀର ଦେଶମାନେ ଯେଉଁଥିରେ ୧୭୭ଜଣ ସଦସ୍ୟ ଅଛନ୍ତି ମଧ୍ୟ ପ୍ରସ୍ତାବ ଦେଇଥିଲେ ଯେ, ଗୋଟିଏ ଆର୍ଥିକ ବ୍ୟବସ୍ଥାର ପ୍ରଚଳନ କରାଯିବ କିନ୍ତୁ ଏଥିରେ ଗୋଟିଏ ସର୍ତ୍ତ ଅଛି। ଏହି ସର୍ତ୍ତରେ କୁହାଯାଇଛି ଯେ, ଏଥିପାଇଁ ଗୋଟିଏ ଅଲଗା ପାଣ୍ଠି ପ୍ରତିଷ୍ଠା ହେବ ନାହିଁ କିନ୍ତୁ ଅର୍ଥ ମିଳିପାରିବ ବର୍ତ୍ତମାନ ଥିବା ବହୁରାଷ୍ଟ୍ରୀୟ ଆର୍ଥିକ ସଂସ୍ଥାମାନଙ୍କଠାରୁ। ଯାହାହେଉ ଭାରତ ଅନ୍ୟ ବିକଶିତ ରାଷ୍ଟ୍ରମାନଙ୍କ ପରି ପ୍ରସ୍ତାବ ଦେଇଥିଲେ ଗୋଟିଏ ନୂଆ ଚୁକ୍ତି କରାଯିବ ଯେଉଁଥିରେ ନୂଆ ପାଣ୍ଠି ଦିଆଯିବ ଭାରତ ପ୍ରସ୍ତାବ ଦେଇଛି ଯେ, ଏହି ଚୁକ୍ତି ଯେଉଁଥିରେ ନୂଆ ପାଣ୍ଠିମାନ ଦିଆଯିବ ସେ ପାଣ୍ଠି ଅନ୍ୟକୌଣସି ଚୁକ୍ତିର ପାଣ୍ଠି ସହ ସମାନ ହେବ ନାହିଁ। ଅନ୍ୟ ବହୁ ରାଷ୍ଟ୍ରୀୟ ଚୁକ୍ତିମାନଙ୍କର ରାୟ ସହ ଏହା ସମାନ ହେବ ନାହିଁ। ଏହାର ଚତୁର୍ଥ ଦିନରେ ଚୁକ୍ତି ହୋଇଥିଲା ଯେ, ଆଉ ଗୋଟିଏ ବହୁ ରାଷ୍ଟ୍ରୀୟ ପରିବେଶଗତ ଚୁକ୍ତି ହେବ। ଯେମିତି ବାସେଲ, ରୋଟରଡାମ ଓ ଷ୍ଟକହୋମରେ ସମ୍ମେଳନମାନ ହୋଇଥିଲା। ଏହାଛଡ଼ା ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲୁଟିଓ) ମଧ୍ୟ ଅନ୍ୟ ଚୁକ୍ତିମାନଙ୍କ ଅପେକ୍ଷା ଏ ସମ୍ପର୍କରେ ଅଲଗା ବ୍ୟବସ୍ଥା କରିଛି। ପୂର୍ବ ସମ୍ମେଳନମାନଙ୍କରେ ଯାହା ଘଟିଛି ତାହା ଏ ପର୍ଯ୍ୟନ୍ତ ତର୍କ ଯୋଗ୍ୟ। ଅନେକ ଦେଶ ଏହି ଚୁକ୍ତିମାନଙ୍କରେ ହୋଇଥିବା ବ୍ୟବସ୍ଥାମାନଙ୍କୁ ଗ୍ରହଣ କରିବା ଉଚିତ। ଭାରତ ମଧ୍ୟ ଚାହିଁଥିଲା ଯେ ପରିଚ୍ଛନ୍ନ ଟେକ୍ନୋଲୋଜିର ହସ୍ତାନ୍ତରଣ ବିକଶିତ ରାଷ୍ଟ୍ରମାନଙ୍କ ପାଖରୁ ବିକାଶଶୀଳ ରାଷ୍ଟ୍ରମାନଙ୍କ ପାଖକୁ ଦେବା ଉଚିତ୍। ଏହାଫଳରେ ବିକାଶଶୀଳ ରାଷ୍ଟ୍ରମାନେ ସେମାନଙ୍କର ନିୟନ୍ତ୍ରଣକୁ କାର୍ଯ୍ୟାନ୍ୱିତ କରିପାରିବେ। ଭାରତ ବହୁ ବର୍ଷ ହେଲା ଆଇନଗତ ଦୃଷ୍ଟିକୋଣରୁ ଲାଗୁ ହେଉଥିବା ଆନ୍ତର୍ଜାତିକ ଚୁକ୍ତିର ବିରୋଧ କରିଆସୁଛି। ବିଶେଷକରି ପ୍ଲାଷ୍ଟିକ ପ୍ରଦୂଷଣ ସମ୍ପର୍କରେ ଭାରତର ଏପରି ମତ ଅଛି।

ଗୋଟିଏ ଦିନ ଭାରତ, ରୁଷିଆ, ସାଉଦିଆରବ, କୁଏତ, ଇଜିପ୍ଟ ଓ ଉଗାଣ୍ଡା ଆଦି ଦେଶଗୁଡ଼ିକ ଏ ସମ୍ପର୍କରେ ସହମତି ଆସୁ ବୋଲି କହିଥିଲେ ଯାହାଫଳରେ ଚୁକ୍ତି ପାଇଁ ଗୋଟିଏ ନିଷ୍ପତ୍ତି ଆସିବ। ସହମତି କେତେକ ନିର୍ଦ୍ଦିଷ୍ଟ ରାଷ୍ଟ୍ରମାନଙ୍କୁ ଭେଟୋ ପାୱାର ଚୁକ୍ତିର କେତେକ ନିର୍ଦ୍ଦିଷ୍ଟ ଧାରା ଉପରେ ଦେବାର ବ୍ୟବସ୍ଥା କରିଥିଲା। କିନ୍ତୁ ଗୋଟିଏ ସାମାଜିକ ଗୋଷ୍ଠୀ ବ୍ରେକ୍ ଫ୍ରିଫର୍ମ ପ୍ଲାଷ୍ଟିକ (ପ୍ଲାଷ୍ଟିକରୁ ମୁକ୍ତ ହୁଅ) ଏହି ଧରଣର ଭେଟୋ କ୍ଷମତାକୁ ବିରୋଧ କରିଥିଲା ଏବଂ ଏହାଫଳରେ ଏ ଚୁକ୍ତି ଆଉ କାମ କରିବ ନାହିଁ ବୋଲି କହିଥିଲା।

ଉତ୍ପାଦନ କମାଅ : ଆଫ୍ରିକାର ଦେଶ କେନିଆ ପ୍ରସ୍ତାବ ଦେଇଥିଲା ଯେ, ପଲିମର ନାମକ ଗୋଟିଏ ବିପଦପୂର୍ଣ୍ଣ ରସାୟନର ବ୍ୟବହାର ପୃଥିବୀ ପାଇଁ କ୍ଷତିକାରକ। ଏହାଛଡ଼ା ଆଉ କିଛି ସମସ୍ୟାମୂଳକ ଉତ୍ପାଦିତ ଦ୍ରବ୍ୟକୁ ଧୀରେ ଧୀରେ ହଟାଇ ଦେବା ପାଇଁ ପ୍ରସ୍ତାବ ଦିଆଯାଇଛି। କେନିଆ ଦାବି କରିଥିଲା ଯେ, ଏ ଦିଗରେ ସ୍ୱଚ୍ଛତା ଅବଲମ୍ବନ କରାଯିବା ଉଚିତ। ପ୍ଲାଷ୍ଟିକ ଉତ୍ପାଦନକୁ ଧୀରେ ଧୀରେ ପର୍ଯ୍ୟାୟକ୍ରମେ ହଟାଇ ଦିଆଯିବା ଉଚିତ୍। ସେଥିପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ତାରଖି ଘୋଷଣା କରାଯିବା ଉଚିତ୍। ଦ୍ୱୀପାଞ୍ଚଳ ରାଷ୍ଟ୍ରମାନେ ୪୦ ପ୍ରତିଶତ ପ୍ଲାଷ୍ଟିକ ଉତ୍ପାଦନକୁ କମାଇବା ପାଇଁ ପ୍ରସ୍ତାବ ଦେଇଛନ୍ତି ଯାହା ୨୦୨୫ ତୁଳନାରେ କରାଯିବ ଓ ୨୦୪୦ ସୁଦ୍ଧା ତାହା ହେବ। ଭାରତ ସବୁବେଳେ ପ୍ଲାଷ୍ଟିକ ଉତ୍ପାଦନ ଉପରେ ଗୋଟିଏ ସୀମା ଧାର୍ଯ୍ୟ କରିବା ପ୍ରସ୍ତାବକୁ ବିରୋଧ କରି ଆସିଛି। ବିଶେଷକରି ପଲିମର ଉତ୍ପାଦନ କ୍ଷେତ୍ରରେ ଏ ଧରଣର ପ୍ରତିବନ୍ଧକ ଭାରତ ତରଫରୁ ହୋଇଛି। ପଲିମରରୁ କଞ୍ଚା ପ୍ଲାଷ୍ଟିକ ଉତ୍ପାଦିତ ହୁଏ। ଏହାଛଡ଼ା ପେଟ୍ରୋ କେମିକାଲ ଶିଳ୍ପରୁ ନିର୍ଗତ ଦ୍ରବ୍ୟରୁ ପ୍ଲାଷ୍ଟିକ ଉତ୍ପାଦନ ହୋଇଥାଏ। ଭାରତରେ ସବୁଠାରୁ ବଡ଼ ପୃଥିବୀର ପେଟ୍ରୋ କେମିକାଲ ଶିଳ୍ପମାନ ରହିଛି।

ଯେତେବେଳେ ଏ ସମ୍ପର୍କରେ ଆଲୋଚନା ଗୁଡ଼ିକ ଚାଲିଛି ଭାରତ ତା'ର ଭୂମିକାକୁ ଟିକିଏ ଅଲଗା କରିପାରେ ଯେଉଁଥିରେ ପଲିମର ଯୋଗାଣକୁ କମାଇ ଦିଆଯିବ ଓ ଏହାର ଉତ୍ପାଦନକୁ ହ୍ରାସ କରାଯିବ। ଭାରତ ପ୍ରାୟ ୩୫ ଲକ୍ଷ ଟନ୍ ପ୍ଲାଷ୍ଟିକ ଅଳିଆ ଗତ ୨୦୨୦-୨୧ରେ ସୃଷ୍ଟି କରିଥିଲା କିନ୍ତୁ ଏଗୁଡ଼ିକୁ ପୁନର୍ବ୍ୟବହାର କରାଯାଇପାରେ। କିନ୍ତୁ ଅତି ବେଶିରେ ଏହାର ଅଧାକୁ ପୁନର୍ବ୍ୟବହାର କରାଯିବ। ଯାହା ହେଲେ ବି ଭାରତରେ ପ୍ଲାଷ୍ଟିକର ମୁଣ୍ଡ ପିଛା ବ୍ୟବହାର ହେଉଛି ୧୫ କେଜି। ଆମେରିକାରେ ମୁଣ୍ଡ ପିଛା ପ୍ଲାଷ୍ଟିକର ବ୍ୟବହାର ହେଉଛି ୧୩୯ କେଜି। ଚୀନରେ ଏହାର ବ୍ୟବହାର ହେଉଛି ମୁଣ୍ଡ ପିଛା ୪୬ କେଜି। ଭାରତରେ ପ୍ଲାଷ୍ଟିକର ମୁଣ୍ଡ ପିଛା ସବୁଠାରୁ କମ୍ ହୋଇଥିଲେ ମଧ୍ୟ ଭାରତ ଥରେ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକର ବାସନ୍ଦ ଜୁଲାଇ ୧, ୨୦୨୨ରୁ କରିଛି।

ଦରିଦ୍ର ରାଷ୍ଟ୍ରମାନେ ପ୍ଲାଷ୍ଟିକ ଅଳିଆ ଦ୍ୱାରା ଭର୍ତ୍ତି: ପ୍ଲାଷ୍ଟିକ ଅଳିଆ ସମ୍ପର୍କରେ ଯେଉଁ ଆଲୋଚନା ହେଉଛି ତାହା ଗରିବ ରାଷ୍ଟ୍ରମାନଙ୍କରେ ହେଉଛି । ବର୍ଷକୁ ଯେଉଁ ୫ କୋଟି ୭୦ଲକ୍ଷ ଟନ୍‌ର ପ୍ଲାଷ୍ଟିକ ପ୍ରଦୂଷଣ ଭାରତ ବର୍ଷରୁ ଘଟୁଛି ତାହା ହେଉଛି ଏକ ବହୁତ ବଡ଼ କଥା। ଭାରତ, ନାଇଜେରିଆ, ଇଣ୍ଡୋନେସିଆ ଓ ସାହାରା ମରୁଭୂମି ପାର୍ଶ୍ୱବର୍ତ୍ତୀ ଆଫ୍ରିକାର ଦେଶମାନେ ପ୍ଲାଷ୍ଟିକ ପ୍ରଦୂଷଣର ଗୋଟିଏ ମୂଳ ଉତ୍ସ ହିସାବରେ ଏବେ ସାରା ପୃଥିବୀରେ ପରିଗଣିତ ହେଉଛନ୍ତି। ଦରିଦ୍ର ରାଷ୍ଟ୍ରମାନେ ପଲିମର ପରି କଞ୍ଚାମାଲକୁ ଆମଦାନୀ କରିଥାନ୍ତି। ସେମାନେ ଏହି ପଲିମରକୁ ବିକଶିତ ଓ ସମ୍ପନ୍ନ ରାଷ୍ଟ୍ରମାନଙ୍କ ନିକଟରୁ କରିଥାନ୍ତି। ଏହି ବିକଶିତ ରାଷ୍ଟ୍ରମାନେ ହେଉଛନ୍ତି ଉଚ୍ଚ ଆୟକାରୀ ରାଷ୍ଟ୍ର। ବିଶେଷଜ୍ଞମାନେ ପ୍ଲାଷ୍ଟିକ ଅଳିଆର ରପ୍ତାନୀ ଉଚ୍ଚ ଆୟକାରୀ ଦେଶମାନଙ୍କ ପାଖରୁ ନିମ୍ନ ଆୟକାରୀ ଦେଶମାନଙ୍କୁ ପଠାଇବା ହେଉଛି ଏକପ୍ରକାର ସାମ୍ରାଜ୍ୟବାଦ। ବିକଶିତ ରାଷ୍ଟ୍ରମାନେ ଯଦି ପ୍ଲାଷ୍ଟିକ ପ୍ରଦୂଷଣର ସମାପ୍ତି ଚାହାନ୍ତି ସେମାନେ କୋଟି କୋଟି ଟନ୍‌ର ପ୍ଲାଷ୍ଟିକ ଅଳିଆ ରପ୍ତାନୀକୁ ଅପେକ୍ଷାକୃତ ଗରିବ ଦେଶମାନଙ୍କୁ ବନ୍ଦ କରନ୍ତୁ। ଏହାଫଳରେ ପ୍ଲାଷ୍ଟିକର ଭଙ୍ଗାରୁଜା ଦ୍ରବ୍ୟର ରପ୍ତାନୀର ବନ୍ଦ ହେବ। ସିନ୍ଥେଟିକ ଲୁଗାପଟା ନଷ୍ଟ ହେଉଥିବା ତୈଳ ଓ ବେଆଇନ ଭାବରେ ପ୍ଲାଷ୍ଟିକ ଅଳିଆର ଚୋରାଚାଲାଣ ମଧ୍ୟ ବନ୍ଦ ହେବ। ବାସେଲରେ ଯେଉଁ ଚୁକ୍ତି ହୋଇଛି ସେ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ନେଟୱାର୍କ ଗୋଷ୍ଠୀ ମାଲେସିଆରେ ତିଆରି ହୋଇଛି। ଏଥିରେ ପ୍ଲାଷ୍ଟିକ ଭଙ୍ଗାରୁଜା ଅଳିଆକୁ ମଧ୍ୟ ଯୋଡ଼ାଯିବା ଉଚିତ। ଭାରତର ପ୍ଲାଷ୍ଟିକ ଅଳିଆ ଇଲେକ୍ଟ୍ରୋନିକ୍ସ ସିନ୍ଥେଟିକ୍ ବସ୍ତ୍ରର ଅଳିଆ ଆଦିରୁ ସୃଷ୍ଟି ହେଉଛି।

ଶିଳ୍ପମାନଙ୍କର ଭୂମିକା ପ୍ଲାଷ୍ଟିକ ଉତ୍ପାଦନକାରୀ ଦେଶମାନେ ପ୍ଲାଷ୍ଟିକର ଉତ୍ପାଦନକୁ ନକମାଇବା ପାଇଁ ବିଭିନ୍ନ ପ୍ରକାରର ପ୍ରଚେଷ୍ଟାରେ ଅଛନ୍ତି ସେମାନେ ଆଲୋଚନା ଚକ୍ର ମଧ୍ୟକୁ କୌଣସି ପ୍ରକାର ଅନୁପ୍ରବେଶ କରୁଛନ୍ତି ଓ ପ୍ଲାଷ୍ଟିକର ସମାପ୍ତି ପାଇଁ ଯେଉଁ ଚେଷ୍ଟା ହେଉଛି ତାହାକୁ ରୋକିବାକୁ ଚେଷ୍ଟା କରୁଛନ୍ତି। ଏଥିପାଇଁ ଯେଉଁ ଆନ୍ତର୍ଜାତିକ ପ୍ରଚେଷ୍ଟା ଚାଲିଛି ତାହାକୁ ମଧ୍ୟ ରୋକାଯିବାରୁ ବଡ଼ ଚେଷ୍ଟା ଚାଲିଛି।

ଜୀବାଷ୍ମ ତୈଳ ବ୍ୟବହାର ବିରୁଦ୍ଧରେ ପ୍ରଚେଷ୍ଟା: ଜୀବାଶ୍ମ ତୈଳ ଓ ପେଟ୍ରୋ କେମିକାଲ କମ୍ପାନୀମାନେ ସେମାନଙ୍କର ପ୍ରଭାବ ଏହି ଆଲୋଚନା ଚକ୍ରରେ ପ୍ରଦୂଷଣକୁ ବିରୋଧ କରୁଥିବା ଗ୍ରୀନ୍ ପିସ୍ ପ୍ରଦୂଷଣ ବିରୋଧୀ ଅନୁଷ୍ଠାନର ମୁଖ୍ୟ ଗ୍ରାହମ ପୋରସ ମଧ୍ୟ ଯୋଗଦେଇଥିଲେ। ପଲିମର ଶିଳ୍ପମାନଙ୍କର ତଥା ଜୀବାଶ୍ମ ତୈଳ(ଫସିଲ ଫୁଏଲ୍)ର ସଂସ୍ଥାମାନେ କହିଛନ୍ତି ଯେ, ବିଭିନ୍ନ ଦେଶମାନେ ସେମାନଙ୍କର ଆର୍ଥିକ ସ୍ୱାର୍ଥକୁ ରକ୍ଷା କରିବା ପାଇଁ ଏଗୁଡ଼ିକର ବ୍ୟବହାର କରୁଛନ୍ତି। ଏହାଫଳରେ ସେମାନେ ପୃଥିବୀର ଭବିଷ୍ୟତକୁ ନଷ୍ଟ କରୁଛନ୍ତି। ସେମାନେ ମଣିଷର ମାନବିକ ଅଧିକାର ଓ ଏହି ଗ୍ରହର ଭବିଷ୍ୟତକୁ ନଷ୍ଟ କରୁଛନ୍ତି। ଏହି ଧରଣର ଯୁକ୍ତି ଦେଖାଉଥିବା ବ୍ୟକ୍ତିମାନେ ପୃଥିବୀର ଭବିଷ୍ୟତ ସମ୍ପର୍କରେ କହିବାରେ ଲାଗିଛନ୍ତି। ଏ ଧରଣର ଲବି କରୁଥିବା ସଂଗଠନମାନେ ପ୍ଲାଷ୍ଟିକ ସପକ୍ଷରେ କହୁଛନ୍ତି ସେମାନେ ବିଭିନ୍ନ ପ୍ରକାର ସଂଗଠନର ନାଁ ନେଇ ଏପରି କଥା କହୁଛନ୍ତି। ପ୍ଲାଷ୍ଟିକ ଦ୍ୱାରା ସମାଜ କିପରି ବହୁ ପରିମାଣରେ ଲାଭାନ୍ୱିତ ହେଉଛି ସେକଥା ସେମାନେ ବୁଝଉଛନ୍ତି। ସେମାନେ ପୃଥିବୀର ସମ୍ବଳକୁ କେମିତି ଭାବରେ ସମାଜର ମଙ୍ଗଳ ପାଇଁ ଲଗାଉଛନ୍ତି ସେ ବିଷୟରେ ଯୁକ୍ତି ବାଢୁଛନ୍ତି। ସେମାନଙ୍କର ଯୁକ୍ତି ହେଲା ସମାଜର ମଙ୍ଗଳ ପାଇଁ ପ୍ଲାଷ୍ଟିକର ଆବଶ୍ୟକତା ଅଛି ଓ ତାହାକୁ ବ୍ୟବହାର କରାଯିବାର ବହୁତ ଆବଶ୍ୟକତା ଅଛି। ଭାରତ ଅବଶ୍ୟ ଏଥିରେ ଏକମତ ନୁହେଁ ଏବଂ ହେବା ମଧ୍ୟ ଉଚିତ୍ ନୁହେଁ। ଆଗାମୀ ଦିନମାନଙ୍କରେ ଏହି ଧରଣର ଆଲୋଚନା ଗୁଡ଼ିକ କି ରୂପ ଗ୍ରହଣ କରିବ ଓ କୁଆଡ଼େ ଯିବ ସେ ସମ୍ପର୍କରେ ବର୍ତ୍ତମାନ ସାରା ପୃଥିବୀରେ ଆଲୋଚନା ଚାଲିଛି।

# ତୋହରି ମନ ତୋର ଗୁରୁ...



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ଗୁରୁଙ୍କ ସାନ୍ନିଧ୍ୟ ପାଇ ଭକ୍ତର ଭାବ ତିନୋଟି ସ୍ତର ଦେଇ ବିକାଶ ଲାଭ କରେ। ପ୍ରଥମ ସ୍ତରରେ ଭକ୍ତ କିପରି ଅନୁଭବ କରେ? ଉତ୍ତର-ପ୍ରଥମେ ଭକ୍ତଙ୍କୁ ଲାଗେ ଯେପରି ଗୁରୁ ହେଉଛନ୍ତି କଳ୍ପତରୁ ସଦୃଶ। ଜ୍ଞାନରୂପକ ଫଳ-ପୁଷ୍ପ ସହ ସେ କୃପାଛାୟା ପ୍ରଦାନ କରିବେ। ଏହି ପ୍ରଥମ ମିଳନ ସମୟରେ ଭକ୍ତ ଗୁରୁଙ୍କ ଦିବ୍ୟ ଗୁଣ ଜାଣି ନପାରି ତାଙ୍କୁ ସାଧୁ ରୂପେ ଗ୍ରହଣ କରିଥାଏ। ଭକ୍ତ ମାୟାଜାଲରେ ଏପରି ପଡ଼ିଥାଏ ଯେ ତାକୁ ଗୁରୁଙ୍କ ସ୍ୱରୂପ ଜାଣିବା ପାଇଁ ଗୁରୁଙ୍କ କୃପା ଦରକାର ହୁଏ। ଗୁରୁଙ୍କ ଉପରେ ଶ୍ରଦ୍ଧା ଓ ବିଶ୍ୱାସ ରଖିଲେ ମାୟାରୁ ମୁକ୍ତ ହୋଇ ଜ୍ଞାନ ମାର୍ଗରେ ଅଗ୍ରସର ହୁଏ। ଦ୍ୱିତୀୟ ସ୍ତରର ଅନୁଭବ କିପରି? - ଭକ୍ତର ଭକ୍ତି ଦୃଢ଼ ହେଲେ ତା' ସହ ଗୁରୁଙ୍କର ନିବିଡ଼ ସମ୍ବନ୍ଧ ହୁଏ। ସେ ଏହି ଦ୍ୱିତୀୟ ସ୍ତରରେ ଦିବ୍ୟତା ବିଷୟରେ ଜାଣିପାରେ। ସେ ଭଗବାନଙ୍କ ସହ ଗୁରୁଙ୍କ ତୁଳନା କରେ। ସେ ଭାବେ ଗୁରୁ ଭଗବାନଙ୍କ ପରି ହେଲେ ମଧ୍ୟ ସ୍ୱୟଂ ଭଗବାନ ନୁହଁନ୍ତି; କିନ୍ତୁ ଧର୍ମ ଶିକ୍ଷା ପାଇଁ ଗୁରୁ ହେଉଛନ୍ତି ଶ୍ରେଷ୍ଠ ମାଧ୍ୟମ। ଏହି ସ୍ତରରେ ମଧ୍ୟ ଭକ୍ତ ସଂପୂର୍ଣ୍ଣ ମାୟାମୁକ୍ତ ହୋଇ ନଥାଏ। ଏହିପରି ଭାବନା ରଖି ଭକ୍ତ ଦ୍ୱିତୀୟ ସ୍ତରରେ ପ୍ରଗତି କରେ। ତୃତୀୟ ସ୍ତରରେ କି ଅନୁଭୂତି ପ୍ରାପ୍ତ ହୁଏ? - ଗୁରୁ ଓ ଭଗବାନ ଅଭିନ୍ନ ନୁହଁନ୍ତି, ଏକ - ଏହି ଭାବନା ଆସିଲେ ଭକ୍ତ ଗୁରୁଙ୍କ ନିକଟରେ ସମ୍ପୂର୍ଣ୍ଣ ଭାବରେ ନିଜକୁ ସମର୍ପଣ କରେ ଓ ଆଧ୍ୟାତ୍ମିକତାର ଶେଷ ସ୍ତରରେ ଉପନୀତ ହୁଏ। ଏହି ସ୍ତରରେ ଗୁରୁ ଓ ଭକ୍ତଙ୍କ ମଧ୍ୟରେ ତାଦାତ୍ମ୍ୟ ଭାବ ସୃଷ୍ଟି ହୁଏ।

ଗୁରୁକୃପା ପ୍ରାପ୍ତ ହେଲେ ଭକ୍ତ ଶୁଦ୍ଧପୂତ ହୁଏ। କାହାକୁ କିଛି ନମାଗି ଗୁରୁଙ୍କ ଦ୍ୱାରରେ ପଡ଼ି ରହେ। ତା' ମନରେ ସଂସାରର ଭୋଗପ୍ରତି ବିତୃଷ୍ଣା ସୃଷ୍ଟି ହୁଏ। ନିଜ ବିଗତ କର୍ମର ଫଳ ବିଷୟରେ ଜାଣିପାରି ସେ ପଶ୍ଚାତାପ କରେ। ଗୁରୁ ଶକ୍ତିପାତ କରି ତା'ର ଅଶୁଦ୍ଧ ଶରୀର ଓ ବିକୃତ ମନୋଭାବକୁ ଶୁଦ୍ଧପୂତ କରି ମୁକ୍ତିପଥ ଦେଖାଇଥାନ୍ତି। ଗୁରୁଙ୍କ କୃପାରୁ ତା'ମନରୁ ଗର୍ବଭାବ ଦୂର ହୁଏ। ସେ ନିଜ ସ୍ୱାର୍ଥକୁ ତ୍ୟାଗ କରି 'ଜୀବପୂଜା ହିଁ ହରି ସେବା' - ଏଇ ମନୋଭାବ ନେଇ ଦୀନଦୁଃଖୀଙ୍କ ସେବା କରିବାକୁ ବ୍ୟଗ୍ର ହୁଏ। ଶିଷ୍ୟ ସଙ୍ଗତରେ ରହି ତା'ର ଶୁଦ୍ଧଗୁଣ ପରିପ୍ରକାଶିତ ହୁଏ। ଶିଷ୍ୟ ମନର ପ୍ରତ୍ୟେକଟି ଭାବନା ସଦ୍‌ଗୁରୁଙ୍କୁ ଜଣାଥାଏ। ଗୁରୁଙ୍କର ଚେତନା ଶିଷ୍ୟ ମନକୁ ଦିବ୍ୟତାରେ ଭରି ଦିଏ। ସନ୍ଥକବି ଭୀମଭୋଇଙ୍କ ବାଣୀ ଉଲ୍ଲେଖ କରୁଛି - 'ଅନେକ କର୍ମରେ ଥାଉ ପଛେ ସେହୁ, ଗୁରୁପାଦେ ରଖୁ ଚିତ୍ତ ସଦଗୁରୁ ପାଦେ ସେବା ରଖିଥିଲେ ମୋକ୍ଷ ହେବ ପରାପତ।'

ଶ୍ରୀ ଶ୍ରୀ ଠାକୁର କଥା ପ୍ରସଙ୍ଗରେ କହିଲେ - ପରମଗୁରୁଙ୍କ ପରେ ବା ଯୁଗପୁରୁଷୋତ୍ତମଙ୍କ ଠାରେ ଆନତି ଭିତରେ ଦେଇ ଯାହାଙ୍କ ଜୀବନରେ ସାର୍ଥକ ସଂହତି ସମାଧାନ ଆସିଛି, ସେ ହିଁ ଗୁରୁ ହେବାର ଉପଯୁକ୍ତ ଅଟେ। ଏହି ପ୍ରକାର ସମାହିତ ଜ୍ଞାନକୁ କୁହାଯାଏ ବ୍ରହ୍ମଜ୍ଞାନ। ଯୁଗପୁରୁଷୋତ୍ତମଙ୍କୁ ଯିଏ ପାଏ, ତା'ର ତ କଥା ହିଁ ନାହିଁ। ତାଙ୍କର ଧାରା ଯେତେ ଦିନ ଠିକ୍ ଥାଏ, ସେତେ ଦିନ ପର୍ଯ୍ୟନ୍ତ କୃଷ୍ଟିର ଧାରାଠିକ ଥାଏ। ଭେଦବାଦୀ ଗୁରୁ ପ୍ରକୃତ ଗୁରୁ ନୁହନ୍ତି ଏବଂ ତାଙ୍କର ଦୀକ୍ଷାର ଭିତର ଦେଇ ଦୀକ୍ଷାର ପ୍ରକୃତି ଉଦ୍ଦେଶ୍ୟ ସିଦ୍ଧ ହୁଏ କମ୍। ଖଣ୍ଡିତଜ୍ଞାନ ଯେଉଁ ମାନଙ୍କର, ସେମାନେ କୌଣସି ଖଣ୍ଡିତ ବିଷୟର ଶିକ୍ଷକ ହୋଇପାରନ୍ତି, ଯେମିତି ପଦାର୍ଥବିଦ୍ୟା, ରସାୟନଶାସ୍ତ୍ର ଇତ୍ୟାଦି। ସେମାନେ ଧର୍ମ, ଯାହାର କାରବାର ସମଗ୍ର ଜୀବନ ନେଇ ସେ ବିଷୟରେ ଆଚାର୍ଯ୍ୟ ହୋଇପାରନ୍ତି ନାହିଁ। ପ୍ରକୃତି ସେମାନଙ୍କୁ ସେ ଯୋଗ୍ୟତା ଦିଏ ନାହିଁ। ପ୍ରଶ୍ନ - ଗୁରୁ ବ୍ୟତୀତ ବ୍ରହ୍ମୋପଲବ୍ଧି ହୋଇ ପାରେନାହିଁ? ଶ୍ରୀ ଶ୍ରୀ ଠାକୁର - ସେହି ଟା ହୁଏତ ଗାଣିତିକ ଭାବେ ସମ୍ଭବ ହୋଇପାରେ, କିନ୍ତୁ ସାଧାରଣତଃ ବାସ୍ତବରେ ସମ୍ଭବ କମ୍ ହିଁ ହୁଏ। ପ୍ରଶ୍ନ କର୍ତ୍ତା - 'ଅହଂ ବ୍ରହ୍ମାସ୍ମି' ଜପର ବିଧାନ ଅଛି। ଶ୍ରୀ ଶ୍ରୀ ଠାକୁର - ସେହିଟା ବି ଉପଲବ୍ଧିବାନ ଗୁରୁ ହିଁ ଶିଖାନ୍ତି। ଗୁରୁ ବିନା ହୁଏ ନାହିଁ। ବିପଦ ଅଛି, ପ୍ରବୃତ୍ତିର ଅଭିଭୂତି ହୁଏ। ଅନେକ ସମୟରେ ପାଗଳ ହୋଇଯାଏ। ପ୍ରଶ୍ନକର୍ତ୍ତା - ତାହାର ସହଜତମ ପଥ ହେଲା ସକ୍ରିୟ ସେବା ସହ ଇଷ୍ଟଙ୍କ ଉପରେ ଅଚ୍ୟୁତ ଅନୁରାଗ। ତାଙ୍କ ଉପରେ ଟାଣ ଥାଏ, ତେଣୁ ବୃତ୍ତିଗୁଡ଼ିକ ନିମ୍ନକୁ ଟାଣି ନେଇପାରେ ନାହିଁ। ସେଗୁଡ଼ିକ ଧୀରେ ଧୀରେ ନିୟନ୍ତ୍ରିତ ହୁଏ। (ଆ:ପ୍ର: ୧୪/୧୬.୧୦.୧୯୪୮)

ଗୁରୁଜ୍ଞାନ ଦିଅନ୍ତି, ଯାହା ପାଇ ମଣିଷ ଜୀବନ ବନ୍ଧନରୁ ମୁକ୍ତି ପାଏ। ଦେବତାମାନଙ୍କୁ ପୂଜାରେ ସନ୍ତୁଷ୍ଟ କଲେ ମନୁଷ୍ୟ ବିଷୟ ସମ୍ପତ୍ତି, କାମନା ବା ବାସନାଦି ପୂରଣ କରେ। ଦେବତାମାନଙ୍କ ଉପାସନା ସକାମ ଉପାସନା। ଗୁରୁଙ୍କ ଉପାସନା ନିଷ୍କାମ ଉପାସନା। ଦେବ ପୂଜାରେ ଶକ୍ତି ଲାଭ ହୋଇଥାଏ, ପୁଣି ଆମେ ଯେଉଁ ଦେବତାଙ୍କୁ ପୂଜା କରିଥାଉ, ସେହି ଦେବତାଙ୍କ ଶକ୍ତି ଯେତିକି ମାତ୍ର ଶକ୍ତିର ଆମେ ଅଧିକାରୀ ହୋଇଥାଉ। କିନ୍ତୁ ଗୁରୁଙ୍କ ଶରଣ ଗଲେ, ଗୁରୁଙ୍କ ମାଧ୍ୟମରେ ଆମର ଭଗବତ ପ୍ରାପ୍ତି ହୋଇପାରିବ। ଗୁରୁଙ୍କ ଚରଣ ପବିତ୍ର, ତେଣୁ ଭକ୍ତ ତାହାର ନିତ୍ୟ ପୂଜନ କରେ। ଯେଉଁ ନର ପ୍ରତିଦିନ ଗୁରୁଙ୍କ ପଦ ଧୌତ କରେ, ସେ ଜ୍ଞାନ ଭକ୍ତିର ଅଧିକାରୀ ହୁଏ। ଦେବ ପୂଜା କଲେ ଧନ ଜନ ମିଳେ ଓ ଗୁରୁ ପୂଜା କଲେ ଜ୍ଞାନ ମିଳିଥାଏ। ଏଥିରେ ସନ୍ଦେହ ନାହିଁ ଯେ, ଗୁରୁକୃପା ମିଳିଲେ ସବୁ କିଛି ସମ୍ଭବ ହେବ; କିନ୍ତୁ ଗୁରୁକୃପା ମିଳିବ କିପରି? ଗୁରୁଙ୍କୁ ସନ୍ତୁଷ୍ଟ କଲେ ହିଁ ଗୁରୁକୃପା ମିଳେ। ଯଦି ଶିଷ୍ୟ ଗୁରୁଙ୍କର ଆଧ୍ୟାତ୍ମିକ ନିର୍ଦ୍ଦେଶଗୁଡ଼ିକ ସ୍ପଷ୍ଟଭାବରେ ହୃଦୟଙ୍ଗମ କରି ସୁଚାରୁରୂପରେ ପାଳନ କରେ, ତେବେ ଗୁରୁ ତା'ଉପରେ ସନ୍ତୁଷ୍ଟ ହୁଅନ୍ତି। ସୁତରାଂ ଗୁରୁଙ୍କ ପ୍ରତ୍ୟେକଟି ନିର୍ଦ୍ଦେଶ ନିଖୁଣ ଭାବରେ ପାଳନ କରନ୍ତୁ। ତାଙ୍କରି ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରନ୍ତୁ। ତେବେ ଯାଇ ଆପଣ ତାହାଙ୍କର ଆଶୀର୍ବାଦ ପାଇବାକୁ ଯୋଗ୍ୟ ହୋଇପାରିବେ ଏବଂ ସେହି ଆଶୀର୍ବାଦ ବଳରେ ଆପଣଙ୍କ ପକ୍ଷରେ ସବୁକିଛି ସମ୍ଭବ ହୋଇପାରିବ। ଯଥାର୍ଥରେ ଶ୍ରୀମଦ ଭାଗବତରେ ଉଲ୍ଲେଖ ଅଛି- 'ଏଣେ ଗୁରୁଙ୍କ ସୁକଲ୍ୟାଣ, ସାଧକ ମୋକ୍ଷର କାରଣ। ମନ ବଚନ ନିଜ ଦେହେ, ନିତ୍ୟ ସେବିବ ଗୁରୁପ୍ରୀୟେ। ମୋତେ ପୂଜିବ ଗୁରୁ ଦେହେ, ମୋ ତହୁଁ ଗୁରୁ ଭିନ୍ନନୋହେ। ତୋହରି ମନ ତୋର ଗୁରୁ, ଉଦ୍ଧବ କେତେ ହେଁ ପଚାରୁ?'

# ଆମେ ସବୁ ଈଶ୍ୱରଙ୍କ ସନ୍ଧାନରେ



ମୀରା ବେଉରା
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୭୮୪୬୯୨୧୪୦୦

ଥରେ ଜଣେ ରାଜା ତାଙ୍କର ଉତ୍ତରାଧିକାରୀ ଚୟନ କରିବା ପାଇଁ ସମଗ୍ର ଦେଶରେ ଗୋଟିଏ ଚୟନ ପରୀକ୍ଷା ଘୋଷଣା କଲେ। ସମସ୍ତେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ। ସେହି ରାଜ୍ୟରେ ଜଣେ ଗରିବ ଯୁବକ ରହୁଥିଲେ ସେ ମଧ୍ୟ ଏହି ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛା ପ୍ରକାଶ କରି ନିଜକୁ ପ୍ରସ୍ତୁତ କରିବା ଆରମ୍ଭ କରିଦେଲେ, ହେଲେ ତାଙ୍କ ପାଖରେ ରାଜାଙ୍କ ପାଖକୁ ଯାଇଁ ପରୀକ୍ଷାରେ ଭାଗ ନେବା ପାଇଁ ଖଣ୍ଡିଏ ହେଲେ ଭଲ ପୋଷକ ନଥିଲା। ଶେଷରେ ଅତି କଷ୍ଟରେ ଯୁବକ ଜଣକ ଧାର ଉଧାର କରି କିଛି ପଇସା ସଂଗ୍ରହ କରି ଗୋଟିଏ ଭଲ ଦାମୀ ପୋଷାକଟିଏ କିଣିଲେ ଏବଂ ତାକୁ ପିନ୍ଧି ରାଜାଙ୍କ ଉଆସକୁ ବାହାରିଲେ ବାଟରେ ଯିବା ସମୟରେ ଗୋଟିଏ ଭିକାରୀଟିଏ ଶୀତ କାକରରେ ଥରି ଥରି ଯୁବକଙ୍କୁ କିଛି ଖାଇବାକୁ ମାଗିଲା। ଯୁବକ ଜଣକ କିଛି ଖାଦ୍ୟ ଆଣି ଖାଇବାକୁ ଦେଲେ। ଶେଷରେ ଶୀତରେ ଥରୁଥିବାରୁ ଭିକାରି କମ୍ବଳଟିଏ ମଧ୍ୟ ମାଗିଲା। ଯୁବକ ଜଣକ ତ ଏତେ କଷ୍ଟରେ ଖଣ୍ଡିଏ ଦାମୀ ପୋଷାକ କିଣିଥିଲା, ତା'ପାଖରେ ଆଉ ପଇସା ନଥିଲା ତାକୁ ଶୀତରୁ ରକ୍ଷା ପାଇବା ପାଇଁ କମ୍ବଳଟିଏ ଦେବାକୁ। ବିଚରା କ'ଣ କରିବ, ଆଉ କିଛି ଚିନ୍ତା ନକରି ଶେଷରେ ପିନ୍ଧିଥିବା ପୋଷାକଟିକୁ ସେହି ଗରିବ ଭିକାରୀଟିକୁ ପିନ୍ଧାଇ ଦେଇ ରାଜାଙ୍କ ଉଆସ ଅଭିମୁଖେ ଯାତ୍ରା କଲା। ସବୁ ବଡ ବଡ଼ ଲୋକ ଆସିଥାନ୍ତି ଚୟନ ପ୍ରକ୍ରିୟାରେ ଭାଗ ନେବାକୁ।

ସମସ୍ତେ ଗଲା ପରେ ଯୁବକଙ୍କ ପାଳି ପଡ଼ିଲା ଯୁବକ ଜଣକ ଭୀଷଣ ଡରି ଯାଇଥାଏ। କିନ୍ତୁ ଏ କ'ଣ ନିଜ ଆଖିକୁ ବିଶ୍ୱାସ କରିପାରିଲା ନାହିଁ ଟିକିଏ ପୂର୍ବରୁ ଯେଉଁ ଗରିବ ଭିକାରୀକୁ ସେ ନିଜର ଦାମୀ ପୋଷାକ ପିନ୍ଧାଇ ଦେଇ ଆସିଥିଲା ଇଏ ଯେ ସେହି ମଣିଷ। ରାଜା ସିଂହାସନରୁ ହଠାତ୍ ଓହ୍ଲାଇ ଆସି ଯୁବକ ଜଣଙ୍କୁ ନିଜ ମୁକୁଟ ପିନ୍ଧାଇ ଦେଇ କହିଲେ ଏ ଚୟନ ପ୍ରକ୍ରିୟାରେ ତୁମେ ହିଁ ଉତ୍ତୀର୍ଣ୍ଣ ହୋଇଛ। ତୁମେ ଆଜିଠାରୁ ଏ ରାଜ୍ୟର ରାଜା। ଯୁବକ ଜଣକ ଆଶ୍ଚର୍ଯ୍ୟ ହୋଇ ଚାହିଁ ଥାଆନ୍ତି।

ହଁ ପାଠକ ବନ୍ଧୁ! ଏହି ପ୍ରସଙ୍ଗ ଏଠାରେ ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଉଛି ପ୍ରକୃତ ରାଜା ହେବାର ଯୋଗ୍ୟତା ସେହି ଯୁବକ ଜଣକଙ୍କର ଥିଲା। ଗରିବ ହେଲେ ମଧ୍ୟ ଭିକାରୀର ଦୁଃଖ ସହିନପାରି ଦାମୀ ପୋଷାକଟିକୁ ଦେଇଦେଇଥିଲେ କିନ୍ତୁ ଅନ୍ୟକେହି ସେହି ଗରିବ ଭିକାରୀକୁ ଦୟା ଦେଖାଇ ନଥିଲେ। ଏଇଠି ଯୁବକ ଜଣକ ତାଙ୍କ ଧର୍ମ ପାଳନ କରି ସେହି ଦରିଦ୍ର ଭିକାରୀ ଭିତରେ ଜୀବନ୍ତ ଈଶ୍ୱରଙ୍କୁ ଭେଟି ସାହାଯ୍ୟ କରିଥିଲେ। ତେଣୁ ରାଜ୍ୟଭାର ସମ୍ଭାଳିବା ପାଇଁ ରାଜା ତାଙ୍କୁ ଯୋଗ୍ୟ ବିବେଚିତ କଲେ। ଉଦାରତା ଓ ଦୟା ହିଁ ଥିଲା ଯୁବକଙ୍କ ଧର୍ମ। ସେ ପ୍ରତ୍ୟେକ ମଣିଷ ଭିତରେ ଈଶ୍ୱରଙ୍କୁ ଦେଖୁଥିଲା।

ହଁ ବନ୍ଧୁଗଣ, ଏହି ପ୍ରସଙ୍ଗ ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଲା ଆମେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଧର୍ମ ପାଳନ ନକରି କେବଳ ତୁଚ୍ଛା ଧର୍ମ ନାମରେ ରାଜନୀତି କରି ଚାଲିଛୁ। ପ୍ରକୃତ ଧର୍ମ ହେଉଛି ନିଜ କର୍ତ୍ତବ୍ୟକୁ ସୁଚାରୁ ରୂପେ ପାଳନ କରିବା। ଆମେ ତାହା କରୁଛୁ କି? ଛାତ୍ରର ଧର୍ମ ହେଲା ନିଷ୍ଠାର ସହ ଅଧ୍ୟୟନ କରିବା, ଗୁରୁର ଧର୍ମ ହେଲା ପାଠ ପଢାଇବା, ଶାସକର ଧର୍ମ ହେଲା ପ୍ରଜାମାନଙ୍କୁ ପୁତ୍ର ତୁଲ୍ୟ ପାଳିବା ଓ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା, ସେହିପରି ନାରୀର ଧର୍ମ ହେଲା ମହମବତୀ ପରି ଜଳି ଜଳି ପରିବାରକୁ ଓ ସମାଜକୁ ସୁସ୍ଥ ଓ ଶୃଙ୍ଖଳିତ ରୂପେ ଗଢିତୋଳି ଆଲୋକ ବିତରଣ କରିବା। ସେନାବାହିନୀର ଧର୍ମ ହେଲା ରାଷ୍ଟ୍ରକୁ ସୁରକ୍ଷା ଦେବା, କୃଷକ ଭାଇର ଧର୍ମ ହେଲା ଶସ୍ୟ ଅମଳ କରି କ୍ଷୁଧା ନିବାରଣ କରିବା, ବିଚାରପତିଙ୍କ ଧର୍ମ ହେଲା ସତ୍ୟକୁ ଚିହ୍ନି ଉଚିତ୍ ନ୍ୟାୟ ବ୍ୟବସ୍ଥା କରିବା, ଇଞ୍ଜିନିୟରର ଧର୍ମ ହେଲା ସୁନ୍ଦର ଓ ନିରାପତ୍ତା ମୂଳକ ପ୍ରାସାଦ ଓ ପୋଲ ନିର୍ମାଣ କରିବା, ସାମ୍ବାଦିକର ଧର୍ମ ହେଲା ସତ୍ୟ ତଥ୍ୟକୁ ଲୋକଙ୍କ ପାଖରେ ଉପସ୍ଥାପନ କରିବା, ବ୍ୟବସାୟୀମାନଙ୍କର ଧର୍ମହେଲା ଉଚିତ୍ ମୂଲ୍ୟରେ ଗ୍ରହୀତାମାନଙ୍କୁ ଉତ୍ତମ ମାନର ଜିନିଷ ଯୋଗାଇଦେବା କିନ୍ତୁ ଆମେ ସମସ୍ତେ ଯଦି ନିଜକୁ ଥରେ ପ୍ରଶ୍ନ କରିବା ଆମେ ସଠିକ୍ ଭାବେ ନିଜର ଧର୍ମ ପାଳନ କରୁଛେ କି? ଏହାର ଉତ୍ତର ଆମେ ସମସ୍ତେ ଜାଣୁ। ନିଜ ସହିତ ଛଳନା କରି କେବଳ ଧର୍ମ ନାମରେ ଆମେ ଡିଣ୍ଡିମ ପିଟିବାରେ ଲାଗିଛୁ। କିନ୍ତୁ ପ୍ରକୃତ ଧର୍ମ କ'ଣ ଆମେ ଜାଣୁ। କେବଳ ବିଭିନ୍ନ ତୀର୍ଥକ୍ଷେତ୍ର ଯାଇ ବୁଡ଼ ପକାଇଲେ, ଭିଡ଼ ଭିତରେ ମନ୍ଦିର ଯାଇ ମହଣ ମହଣ ଘିଅରେ ଦୀପ ଜାଳିଲେ ଧର୍ମ ହୁଏନାହିଁ। ବୟସ୍କ ଗୁରୁଜନମାନଙ୍କର ଯଦି ଆମେ ସେବା କରୁଥାନ୍ତେ ତେବେ ଆଜି ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ପରି ଆମ ଦେଶରେ ଏତେ ପରିମାଣରେ ଜରାଶ୍ରମ ଦେଖାଯାଉ ନଥାନ୍ତା। ଆମେ ସମସ୍ତେ ଜୀବନ୍ତ ଠାକୁର ପିତାମାତାଙ୍କୁ ସେବା ନକରି ମନ୍ଦିରରେ ଥିବା ଠାକୁରଙ୍କୁ ଅର୍ଚ୍ଚନା କରିବାରେ ବ୍ୟସ୍ତ। ମନ୍ଦିର ଯାଇ ଶହ ଶହ ଲିଟର କ୍ଷୀର ଶିବଲିଙ୍ଗ ଉପରେ ଢାଳୁଥିବା ବେଳେ ଆମ ପାଖରେ ଥିବା ଶିଶୁଟି ଟୋପାଏ କ୍ଷୀର ନପାଇ ଅପପୁଷ୍ଟିର ଶିକାର ହୋଇ ଶେଷରେ ମୃତ୍ୟୁବରଣ କରିବାକୁ ବାଧ୍ୟ ହୁଏ। ଏ କେମିତିକା ଧର୍ମ କିଛି ବୁଝାପଡେନା।

ଏଇଠି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରହିମ୍ ଲିଙ୍କନ୍‌ଙ୍କ କଥା ମନେପଡ଼େ ଯିଏ କହୁଥିଲେ ଏହି ଦୁନିଆକୁ ବହୁଦିନ ଧରି କେହି ମୂର୍ଖ କରି ରଖିପାରିବେ ନାହିଁ। କିନ୍ତୁ ଧର୍ମ ଏକ ଏଭଳି କ୍ଷେତ୍ର ଯେଉଁଠି ପିଢ଼ି ପରେ ପିଢ଼ି ଲୋକଙ୍କୁ କେବଳ ଧର୍ମ ନାମରେ ମୂର୍ଖ ବନେଇ ହେବ। ପ୍ରାୟ ଦେଖାଯାଉଛି ମନ୍ଦିର, ମସ୍‌ଜିଦ ଆଦି ଧର୍ମ ପୀଠଗୁଡ଼ିକରେ ଦଳାଚକଟା ଯୋଗୁ ଅନେକ ତୀର୍ଥଯାତ୍ରୀ ଖଣ୍ଡିଆ ଖାବରା ହୋଇ ଏପରିକି ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ଏହି ନିକଟରେ ମୌନୀ ଅମାବାସ୍ୟା ଦିନ ପ୍ରୟାଗରାଜରେ ୩୦ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିଲା। ଘଟଣା ଦିନ ତ୍ରିବେଣୀ ସଙ୍ଗମ ଅଞ୍ଚଳରେ ଥିବା ୧୬ ହଜାର ମୋବାଇଲ୍ ନମ୍ବର ଏବେ ତଦନ୍ତ ଘେରରେ ରହିଛି। ପୋଲିସ୍ ସୂତ୍ରରୁ ସୂଚନା ମିଳେ କିଛି ଲୋକ ବ୍ୟାରୀକେଡ ଡେଇଁ ଅନ୍ୟ ପାର୍ଶ୍ୱରେ ନିଜ ପାଳିକୁ ଅପେକ୍ଷା କରିଥିବା ଲୋକଙ୍କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଥିଲା। କେବଳ ସେତିକି ନୁହେଁ ଏଇ ନିକଟରେ ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିର ପରିସରରେ ଭକ୍ତମାନଙ୍କ ଦଳାଚକଟା ଯୋଗୁଁ ୬ଜଣ ଲୋକ ମୃତ୍ୟୁବରଣ କଲେ ଏବଂ ଶତାଧିକ ଲୋକ ଖଣ୍ଡିଆ ଖାବରା ହୋଇ ଚିକିତ୍ସିତ ହେଲେ। ନୂଆବର୍ଷର ପ୍ରଥମ ଦିନରେ ଆମ ଓଡ଼ିଶାର ଜଗନ୍ନାଥ ମନ୍ଦିରରେ ଲକ୍ଷ ଲକ୍ଷ ଲୋକ ଏକତ୍ରିତ ହୋଇ ବଡ଼ଦାଣ୍ଡ ସୁରକ୍ଷା ଦ୍ୱାରକୁ ଏମିତି ମାଡ଼ି ଆସିଲେ ଯେ ଶହ ଶହ ଭକ୍ତ ଅଣନିଶ୍ୱାସୀ ହୋଇପଡିଲେ। ଆଉ କେତେଜଣ ମରୁ ମରୁ ବଞ୍ଚିଗଲେ। ତିରୁପତି ବୈଷ୍ଣ ଦେବୀ ମନ୍ଦିରରେ ଏଭଳି ଠେଲାପେଲା ଘଟଣା ପ୍ରାୟ ଘଟୁଥିବା ବେଳେ ତଥାପି ଭାରତବର୍ଷର ମନ୍ଦିରଗୁଡ଼ିକରେ ଭକ୍ତ ମାନଙ୍କର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ଦେଶର କେଉଁଠି ନା କେଉଁଠି ଧର୍ମ କ୍ଷେତ୍ରରେ ଦଳାଚକଟା ହେଉଛି। ଜନସଂଖ୍ୟା ବୃଦ୍ଧି ଏହାର ଗୋଟିଏ କାରଣ ହୋଇପାରେ କିନ୍ତୁ ଆଜି ଏକବିଂଶ ଶତାବ୍ଦୀରେ ଜ୍ଞାନ ବିଜ୍ଞାନ ଯୁଗରେ ଧର୍ମ ଭାବନା କିଭଳି ଅହେତୁକ ବୃଦ୍ଧି ପାଇବାରେ ଲାଗିଛି ଓ ଲୋକଙ୍କୁ ବାନ୍ଧି ରଖିଛି ଭାବିଲେ ଆଶ୍ଚର୍ଯ୍ୟ ଲାଗେ।

ଗୋଟିଏ ପଟେ ଦୁର୍ନୀତି, ବ୍ୟଭିଚାର, ଲୁଣ୍ଠନ, ଶୋଷଣ, ପିଡନ ଅନ୍ୟାୟ ଅତ୍ୟାଚାର, ଅନୀତି ବୃଦ୍ଧି ପାଉଥିବା ବେଳେ ଆଉଗୋଟିଏ ପଟେ ଭକ୍ତିଭାବ ମଣିଷକୁ କବଳିତ କରି ରଖିଛି। ସାଧାରଣ ମଣିଷଟିଏ ଧୀରେ ଧୀରେ ଅସହାୟ ଓ ଭୟାତୁର ହୋଇ ସଙ୍କଟରେ ଗତିକରୁଛି ଆଉ ଏଥିରୁ ମୁକ୍ତି ପାଇବା ପାଇଁ ଠାକୁରଙ୍କୁ ପ୍ରାର୍ଥନା କରୁଛି। ବେଳେ ବେଳେ ଦେଖାଯାଏ ଭକ୍ତଟି ଗୋଟିଏ ହାତରେ ନିଜ ଛୁଆକୁ ଧରି ଆର ହାତରେ ଠାକୁରଙ୍କୁ ପ୍ରାର୍ଥନା କରୁଥାଏ। ଗୋଟିଏ କଥା ଏଇଠି ମନେ ପଡୁଛି ଯଦି ଆମେ ଆମର କର୍ତ୍ତବ୍ୟକୁ ଆନ୍ତରିକତାର ସହ କରନ୍ତେ ତେବେ ଆଜି କେଉଁଠି ରୋଗିଟିଏ ଚିକିତ୍ସା ନପାଇ ମୃତ୍ୟୁମୁଖରେ ପଡୁନଥନ୍ତା କି ନବନିର୍ମିତ ପୋଲଟିଏ ଭୁଶୁଡ଼ି ପଡୁନଥନ୍ତା କି କୋଉଠି ଅଫିସରଟିଏ ଲାଞ୍ଚ ନେଇ ଜନସାଧାରଣଙ୍କୁ ଲୁଟି ବାରମ୍ବାର ଅଫିସ୍‌କୁ ଦୌଡ଼ାଉ ନଥାଆନ୍ତା କି ଦେଶର କନ୍ୟାମାନଙ୍କ ପ୍ରତି ଆମେ ଏଭଳି ଅମାନବୀୟ ଅତ୍ୟାଚାର କରୁ ନଥାନ୍ତେ, ଆଉ ମଣିଷକୁ ମଧ୍ୟ ଏଭଳି ଅସହାୟ ହୋଇ ଈଶ୍ୱରଙ୍କୁ ଘଣ୍ଟା ଘଣ୍ଟା ଆରାଧନା କରିବାକୁ ପଡୁନଥନ୍ତା। ହଁ ପାଠକ ବନ୍ଧୁ, ଆମେ ଯଦି ଆନ୍ତରିକତାର ସହ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁ ରୂପେ ପାଳନ କରିବା ତେବେ ତାହା ହିଁ ହେବ ଆମର ପ୍ରକୃତ ପରିଚୟ ଓ ସଫଳତା। ଆଉ ଦେଶରୁ ମଧ୍ୟ ଦୁର୍ନୀତି, ଶୋଷଣ, ଅନୀତି, ଲୁଣ୍ଠନ ଅରାଜକତା ଆଦି ବହୁ ମାତ୍ରାରେ କମିଯାନ୍ତା।

ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଦାର୍ଶନିକ କାଲମାର୍କସ ଧର୍ମକୁ ଲୋକଙ୍କ ପାଇଁ 'ଅଫିମ' ବୋଲି ବର୍ଣ୍ଣନା କରିଥଲେ। ସ୍ୱାମୀ ବିବେକାନନ୍ଦଙ୍କ ମତରେ ମନୁଷ୍ୟ ଭିତରୁ ହତାଶା, ଦୁର୍ବଳତା, ଅନ୍ଧବିଶ୍ୱାସ, ଅସତ୍ୟ ଏବଂ ସର୍ବୋପରି ଦାସତ୍ୱକୁ ହଟାଇ ଦେଇ ମଣିଷ ଭିତରେ ଜ୍ଞାନ ରୂପକ ଆତ୍ମବିଶ୍ୱାସ ସୃଷ୍ଟି କରିବା ହେଉଛି ଧର୍ମର ପ୍ରକୃତ ଉଦ୍ଦେଶ୍ୟ। ମାନବିକତା ହିଁ ଶ୍ରେଷ୍ଠ ଧର୍ମ। ତୁମେ କୌଣସି ଅନ୍ଧ ବିଶ୍ୱାସକୁ ବିଶ୍ୱାସ କର ବା ନକର ଏହା ତୁମର ଇଚ୍ଛା। ରାସ୍ତାର ଗଳିମୁଣ୍ଡରେ ଏକୁଟିଆ ଛିଡ଼ା ହୋଇଥିବା ଝିଅଟିକୁ କେହି ଜଣେ ପ୍ରଶ୍ନ କରୁଥାନ୍ତି ତୁମେ ହିନ୍ଦୁ ନା ମୁସଲିମ, ନା ଖ୍ରୀଷ୍ଟିଆନ ନା ଶିଖ ଝିଅଟି ଭୟରେ ଥରି ଥରି କହିଲା ମୁଁ ଭୋକିଲା ମୋତେ କିଛି ଖାଦ୍ୟ ଦିଅ। ଝିଅଟିର ଏହି ପଦୁଟିଏ କଥା ଆମ ମାନବସଭ୍ୟତାକୁ ସୂଚାଇ ଦିଏ ପ୍ରକୃତରେ ଈଶ୍ୱରଙ୍କ ସନ୍ଧାନରେ ଆଜିର ମଣିଷ କିଭଳି ପ୍ରକୃତ ଧର୍ମର ସଂଜ୍ଞାକୁ ଭୁଲିଯାଇ ନିଜକୁ ସର୍ବଶ୍ରେଷ୍ଠ ପ୍ରାଣୀ ବୋଲି ଦାବି କରୁଛି।



ଶୁକିଆପଦା(ଭାସ୍କର ନ୍ୟୁଜ): ଭାସ୍କର ନ୍ୟୁଜ- ଚକଶୁକିଆପଦାସ୍ଥିତ ଭକ୍ତକବାନାମୀ ସ୍ୱାତକ ମହାବିଦ୍ୟାଳୟରେ ନୂତନ ପ୍ରଶାସନିକ ସୌଧ ଓ ଗ୍ରନ୍ଥାଗାର ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ -ବେଶିଙ୍ଗା- କାହ୍ନୁ ସୋରେନ, ସମ୍ମାନିତ ଅତିଥି ଭାବେ ଭାଗବତ ମାର୍ଣ୍ଡି, ରଜନୀକାନ୍ତ ବିଶ୍ୱାଳ, ପ୍ରଦୀପ ମହାନ୍ତି ଏବଂ ଶୁକିଆପଦା ତହସିଲଦାର ନାରାୟଣ ହେମ୍ବ୍ରମ ପ୍ରମୁଖ ଯୋଗଦାନ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ସଂଜୟ କୁମାର ସେନାପତି କାର୍ଯ୍ୟକ୍ରମକୁ ସ ପରିଚାଳନାକରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଶରତ ଚନ୍ଦ୍ର ଧିର, ଜଗନ୍ନାଥ ମଣ୍ଡଳ, ଦୁଷ୍ମନ୍ତ ସି, ହେମନ୍ତ ଧଳ, ହରମୋହନ ମହାନ୍ତ, ଅଧ୍ୟାପିକା ନାରାୟଣୀ ନାଥ, ଜ୍ୟୋତିର୍ମୟୀ ପାତ୍ର ପ୍ରମୁଖ ସହଯୋଗ କରିଥିବା ଜଣାଯାଇଛି ।



### ଉପାନ୍ତ ଠୁ ଉପକୂଳବର୍ତ୍ତୀ, ପାଣି ପାଇଁ ସବୁଠି ସଂଘର୍ଷ

## ନଦୀ ଜଳ ପିଉଛନ୍ତି ଲୋକେ, ସ୍ୱପ୍ନ ପାଲଟିଛି ପାଇପ୍ ପାଣି

ଆଳି(ଭାସ୍କର ନ୍ୟୁଜ): ଉପାନ୍ତରୁ ଉପକୂଳବର୍ତ୍ତୀ ସବୁଠି ଜଳ କଷ୍ଟ କ୍ଷ ପ୍ରଚାରରେ ପାଇପ ଯୋଗେ ବିଶୁଦ୍ଧ ପାଣି ଯୋଗାଣ ସୀମିତ ରହିଥିବା ବେଳେ ଫେଲ ମାରିଛି ନଳକୂପ । ଏପଟେ ଲୋକଙ୍କ ପାଖରେ ପହଁଚି ପାରୁନି ହର ଘର ଜଳ ଯୋଜନା । ରାତି ପାହିଲେ ଲୋକଙ୍କୁ ଘାରିଛି ପିଇବା ପାଣି ଚିନ୍ତା । କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଜୁଆଣିଆ ପଞ୍ଚାୟତର ଗୋଟିଏ ଖବର ବୟାନ କରୁଛି ଉପକୂଳବର୍ତ୍ତୀରେ ବିକାଶର ବାସ୍ତବ ଚିତ୍ର । ନଦୀର ପାଣି ପାଲଟିଛି ଲୋକଙ୍କ ଜୀବନ । ନଦୀଜଳରେ ଅଳିଆ ଆବର୍ଜନା ପାଣି ମିଶି ହେଉଛି ଦୂଷିତ ହେଉଥିବା ବେଳେ ସେହି ଦୂଷିତ ଜଳକୁ ପିଉଛନ୍ତି ପଞ୍ଚାୟତ ର ୬,୭ ଓ ୮ନମ୍ବର ୱାର୍ଡବାସୀ । ଉହ ଡ଼ହ ଖରାରେ ଗରା, ବାଲଟି ଧରି ଚାଲିବାକୁ ପଡୁଛି ଅନେକ ବାଟ । ପାଣି ଆଣିବା ପାଇଁ ନଦୀକୁ ଯେଉଁ ରାସ୍ତା ରହିଛି ତାହା ବିପଦପୂର୍ଣ୍ଣ ହୋଇଥିବା ବେଳେ ନଦୀ ମଧ୍ୟରେ କୁମ୍ଭୀର ଚଳପ୍ରଚଳ କରୁଥିବା ନେଇ ପଞ୍ଚାୟତବାସୀ କହିଛନ୍ତି । ଏପଟେ ଦୂଷିତ ଜଳ ପିଇ ଦେହହାତ କୁଣ୍ଡିଆ ହେବା ସହିତ ଝାଡାବାନ୍ତି ହେବାର ରହିଛି ବହୁତ



ସମ୍ଭାବନା । ଦୂଷିତ ଜଳନଦୀରୁ କିଭଳି ପିଇବା ପାଣି ସଂଗ୍ରହ କରିବେ ତାକୁ ନେଇ ଚିନ୍ତାରେ ନଦୀକୂଳ ବାସିନ୍ଦା । ଉକ୍ତ ଜଳସଙ୍କଟ ପାଇଁ ଲୋକେ ନିରୁପାୟ ହୋଇ ବାଧ ହୋଇ କାଣୀ ନଦୀ ପାଣି ପିଉଛନ୍ତି । ଏପଟେ ପଞ୍ଚାୟତରେ ହର ଘର ଜଳ ଯୋଜନା କାର୍ଯ୍ୟ ସରିନଥିବା ବେଳେ ସେପଟେ ଯେଉଁ ନଳକୂପ ରହିଛି ତାହା ଦୀର୍ଘଦିନ ହେବ ଅଚଳ ହୋଇ ପଡିଛି । ନଦୀଜଳ ବ୍ୟବହାର କରି ଲୋକେ ଝାଡାବାନ୍ତି, ଚର୍ମରୋଗ, ଥଣ୍ଡା, କାଶ ଜ୍ୱର ରେ ପୀଡିତ ହେଉଥିବା ଦେଖିବାକୁ ମିଳୁଛି । ଅଧାପନ୍ତରିଆ ଭାବେ ପଡିଛି କୋଟି କୋଟି ଟଙ୍କାର ହର ଘର ଜଳ ଯୋଜନ ପ୍ରକଳ୍ପ । ଅବଧି ସରିଛି କିନ୍ତୁ ପ୍ରକଳ୍ପ କାର୍ଯ୍ୟ ସରୁନି । ଘର ଆଗରେ ପାଇପ ବିଛା ଯାଇଛି କିନ୍ତୁ ପାଣି ଆସୁନି । ତେଣୁ ନଦୀର ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି ୩ଟି ୱାର୍ଡର ପାଖାପାଖି ୧୦୦୦ରୁ ଉର୍ଦ୍ଧ ଲୋକେ । କେବେ ପୂରଣ ହେବ ବିଶୁଦ୍ଧ ପାନୀୟ ଜଳ ପାଇବାର ସ୍ୱପ୍ନ? ଏନେଇ ପଞ୍ଚାୟତବାସୀ ପ୍ରଶାସନ ନିକଟରେ ଗୁହାରି କରିବା ପରେ ପ୍ରଶାସନ ନ ଶୁଣିବାରୁ ସେମାନେ ଆଜି ଆଳି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଥିଲେ । ଏନେଇ ଆମେ ସ୍ଥାନୀୟ ସରପଞ୍ଚ ସୁବ୍ରତ ନାୟକଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଏ ସମସ୍ୟା ନେଇ ମୁଁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଡିଓଙ୍କୁ ଜଣାଇଛି । ପଞ୍ଚାୟତର ଯେଉଁ ବୋରିଂ ପ୍ରକଳ୍ପଟି ରହିଛି ତାହା ଦୀର୍ଘ ୧୫ବର୍ଷ ହେବ ସେଥିରୁ ମଧ ଧୀରେ ଧୀରେ ଜଳସ୍ତର କମିଗଲାଣି । ଯେଉଁଥି ପାଇଁ ଉକ୍ତ ତିନି ୱାର୍ଡକୁ ପାଣି ପହଞ୍ଚାଇବା ସମ୍ଭବପର ହୋଇପାରି ନାହିଁ । ପଞ୍ଚାୟତରେ ମୋଟ ୫୪ଟି ନଳକୂପ ରହିଥିବା ବେଳେ ୨୨ଟି କାର୍ଯ୍ୟକ୍ଷମ ଥିବା ବେଳେ ବାକି ୩୨ଟି ଅଚଳ ଅବସ୍ଥାରେ ଅବ୍ୟବହୃତ ହୋଇ ପଡ଼ିରହିଛି । ଯଦି ତୁରନ୍ତ ଏହାର ସମାଧାନ ନ ହୁଏ ପଞ୍ଚାୟତବାସୀ ବ୍ଲକ ସମ୍ମୁଖରେ ଧାରଣା ଦେବେ ବୋଲି ସରପଞ୍ଚ ଚେତାବନୀ ଦେଇଛନ୍ତି । ଏ ନେଇ ଆମେ ଆଳି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ କାର୍ଯ୍ୟାଳୟରେ ଭେଟି ପଚାରିବାରୁ ସେ କହିଛନ୍ତି ଏ ସମସ୍ୟା ନେଇ ମୋ ପାଖରେ ଏକ ଅଭିଯୋଗ ପହଁଚିଛି । ମୁଁ ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ଏହାର ସମାଧାନ କରାଯିବା ନେଇ ପ୍ରତିଶୃତି ଦେଇଛନ୍ତି ।

## ଘୋଷକ ଅମୀୟ ଚାନ୍ଦ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଶଂସିତ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ସମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ତରଫରୁ ଦେଶର ଖ୍ୟାତି ସଂପନ୍ନ ବରିଷ୍ଠ ନାଗରିକମାନଙ୍କର (ଏଜିଙ୍ଗ୍ ଉଇଥ୍ ଡିଗ୍ନିଟି) ଏକ ଇଭେଣ୍ଟର କାର୍ଯ୍ୟକ୍ରମ ରାଷ୍ଟ୍ରପତି ଭବନରେ ଆୟୋଜିତ ହୋଇଥିଲା । ଏଥିରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଏକ ବରିଷ୍ଠ ନାଗରିକ ୱେଲଫେୟାର୍ ପୋର୍ଟାଲ୍‌ର ଶୁଭ ଉନ୍ମୋଚନ କରିଥିଲେ । ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରି ମହାମହିମ ରାଷ୍ଟ୍ରପତି ବରିଷ୍ଠ ନାଗରିକମାନଙ୍କର ପ୍ରାପ୍ତ ବୟସରେ ଦେଶ ସେବାର ଉତ୍ସାହ ଆସନ୍ତା ପିଢିର ଯୁବକମାନଙ୍କ ପାଇଁ ଏକ ପ୍ରେରଣା ସହିତ ଦେଶ ଗଠନରେ ସହାୟକ ହେବ । ଏହି ଅବସରରେ ଓଡିଶାର ଢେଙ୍କାନାଳ ଜିଲ୍ଲା ବାସିନ୍ଦା ଖ୍ୟାତି ସଂପନ୍ନ କ୍ରୀଡା ଘୋଷକ ଅମୀୟ କୁମାର ଚାନ୍ଦଙ୍କୁ ମଧ ପ୍ରଶଂସା କରିଥିଲେ । ପ୍ରକାଶଥାଉ କି, ଶ୍ରୀ ଚାନ୍ଦ ଦୀର୍ଘବର୍ଷଧରି ରାଜ୍ୟ, ଦେଶ ଓ ବିଦେଶରେ ଘୋଷକ ଭାବେ କାର୍ଯ୍ୟକରି ରାଜ୍ୟ ତଥା ଦେଶ ପାଇଁ ଅତୀତରେ ସୁନାମ ଆଣିଛନ୍ତି । ସେଥି ମଧ୍ୟରୁ ଦୁଇଟି ଆନ୍ତର୍ଜାତୀୟ ସମ୍ମାନ ଓ ଚାରୋଟି ଜାତୀୟ ସ୍ତରର ସମ୍ମାନପ୍ରାପ୍ତ କରି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି ।

## ନିମାପଡ଼ା ବ୍ଲକ୍ କଂଗ୍ରେସ ସଭାପତିଙ୍କ ନାମ ଘୋଷଣା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ରାଜ୍ୟରେ କଂଗ୍ରେସ ବର୍ତ୍ତମାନ ନିଜ ଘର ସଜାଡ଼ିବା ପାଇଁ ରୀତିମତ ଉଦ୍ୟମ ଚଳାଇଛି । ଭକ୍ତ ଦାସ ପ୍ରଦେଶ କଂଗ୍ରେସ କମିଟି ହେବା ପରେ ପୁରୁଣା କଂଗ୍ରେସ କର୍ମୀ ଦଳକୁ ଫେରୁଥିବା ବେଳେ ଯୁବକମାନେ ମଧ କଂଗ୍ରେସ ଦଳ ପ୍ରତି ଆଗ୍ରହ ପ୍ରକାଶ କରି ଦଳରେ ସାମିଲ ହୋଇଛନ୍ତି । ରାଜ୍ୟ ପ୍ରଦେଶ କମିଟି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲ୍ଲା ବ୍ଲକ୍ ଓ ନଗର କଂଗ୍ରେସ କମିଟି ସଭାପତି ନାମ ଘୋଷଣା କରାଯାଇଛି । ନିମାପଡ଼ା ବ୍ଲକ୍ ସଭାପତି ଭାବେ କାଳନ୍ଦୀ ଚରଣ ବାରିକଙ୍କ ନାମ ଘୋଷଣା କରାଯାଇଥିବା ବେଳେ ବ୍ରହ୍ମଗିରି ବ୍ଲକ୍‌ର ନିରନ ମିଶ୍ର, ଡ଼େଲାଙ୍ଗ ବ୍ଲକ୍‌ର ନିର୍ମଳ କୁମାର ପରିଡ଼ା, ପିପିଲି ନଗର ସଭାପତି ଅନ୍ତର୍ଜାମୀ ଦୀକ୍ଷିତଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଏ ସଂପର୍କରେ ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ ରାଜେଶ କୁମାର ମିଶ୍ରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି । କଂଗ୍ରେସ ଦଳକୁ ଏକତ୍ରିତ କରି ଆଗାମୀ ନିର୍ବାଚନରେ ମଇଦାନକୁ ଓହ୍ଲାଇବ ବୋଲି ଉଦ୍ୟମ ଜାରି ରଖିଛି । ପ୍ରତ୍ୟେକ ୱାର୍ଡ଼ରେ ତୃଣମୂଳରୁ ସଂଗଠନ ଦୃଢ଼ କରାଯାଉଥିବା ବେଳେ ଦଳ ଛାଡ଼ି ଥିବା ପୁରୁଣା କଂଗ୍ରେସ କର୍ମୀ ଫେରୁଥିବା ଜଣାପଡ଼ିଛି । ବର୍ତ୍ତମାନ କଂଗ୍ରେସ ଦଳ ଆଗକୁ ବଢୁଥିବା ଅନୁମାନ କରାଯାଉଛି । ନିମାପଡ଼ା ବ୍ଲକ୍ ଅଂଚଳରେ ବିକାଶ ପଛରେ ପଡ଼ିଥିବା କଂଗ୍ରେସ କହୁଥିବା ବେଳେ ଏହାକୁ ବିରୋଧ କରି କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ମଧ ଚେତାବନୀ ଦେଇଛି ।

## ସରିଲା ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା



ଆସିକା(ଭାସ୍କର ନ୍ୟୁଜ): ଦୀର୍ଘ ୨୨ଦିନ ଧରି ଆସିକାରେ ବାଜୁଥିଲା ବାଜା କମ୍ପୁଥିଲା ସହର ।ମାଆ ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରାରେ ଭକ୍ତଙ୍କ ଭିଡରେ ଭକ୍ତିମୟ ହୋଇଥିଲା ପରିବେଶ। ଆଜି ଶେଷ ହେଲା ବୈଶାଖ ଯାତ୍ରା ମନ୍ଦିରକୁ ଫେରିଛନ୍ତି ମାଁ ଖମ୍ବେଶ୍ୱରୀ। ଭାବ ବିହ୍ୱଳ ପରିବେଶରେ ପରିବେଶ ମାଁଙ୍କୁ ନେଇଥିଲେ ପୂଜକ ଓ ମନ୍ଦିର ପରିଚାଳନା କମିଟି ବୃନ୍ଦ। ଗତକାଲି ରାତିରେ ୧୨ ଗୋଟି ପୌରାଣିକ ନୃତ୍ୟ ଦଳ ନାଚ ପ୍ରଦର୍ଶନ କରିଥିଲେ। ରାମାୟଣ, ମହାଭାରତ, ହରିଭକ୍ତ ପ୍ରହଲ୍ଲାଦ, ଲକ୍ଷ୍ମୀ ଅଲକ୍ଷ୍ମୀ କଳି, ଭାରତ ଲୀଳା, ପ୍ରହଲ୍ଲାଦ ନାଟକ ଆଦି ନାଟକରେ ପ୍ରକମ୍ପିତ ହୋଉଥିଲା ସମ୍ପୂର୍ଣ୍ଣ ସହର। ୨୨ ଦିନଧରି ସମସ୍ତ ପ୍ରକାର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଶେଷ ଦିନରେ ଅସ୍ଥାୟୀ ମଣ୍ଡପରେ ପୂଜାର୍ଚ୍ଚନା ହୋଇ ଆସିବା ସହିତ ନଗର ପରିକ୍ରମା ମଧ ହେଉଥିଲା। ମାଁ ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରାରେ ମାନସିକ ଧାରୀ ମାନେ ବିଭିନ୍ନ ବେଶ ଧାରଣ କରି ମାଆଙ୍କ ପଟୁଆରରେ ବାହାରୁ ଥିଲେ। ଢୋଲ, ତୁରୀ, ଘଣ୍ଟ, କାହଳି ଓ ବିଭିନ୍ନ ବାଦ୍ୟ ଯନ୍ତ୍ରରେ ଉଠୁଥିଲା ପଡୁଥିଲା ସହର। ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁ ଓ ଯାତ୍ରା କମିଟି ସଭାପତି ନିମେଇଁ ଚରଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା।

## ରଥଯାତ୍ରା ପାଇଁ ପୁରୀଙ୍କ ଏସ୍‌ପି ସାହି ଅଞ୍ଚଳ ଦର୍ଶନ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା



ପୁରୀ(ଭାସ୍କର ନ୍ୟୁଜ): ରଥଯାତ୍ରା ୨୦୨୫ ସମୟରେ ଶାନ୍ତିପୂର୍ଣ୍ଣ ଓ ସୁସଂଗଠିତ ଭାବରେ ଭକ୍ତମାନେ ଯାତ୍ରା କରିପାରିବେ ବୋଲି ନିଶ୍ଚିତ କରିବାକୁ ଏସ୍‌ପି ପୁରୀ ବିନିତ ଅଗ୍ରୱାଲ, ଆଇପିଏସ ଆଜି ନରେନ୍ଦ୍ର କୋଣ ଛକ, ବିଶ୍ୱେଶ୍ୱରୀ ମନ୍ଦିର, ଚୁଡ଼ଙ୍ଗ ସାହି, ୟଙ୍ଗ ଷ୍ଟାର କ୍ଲବ ଓ ହାଡଗୁଡିଆ ସାହି ଆଦି ସ୍ଥାନ ଦର୍ଶନ କରିଛନ୍ତି। ଏହି ଦର୍ଶନ ସମୟରେ ସ୍ଥାନୀୟ ନିବାସୀମାନେ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗଗୁଡ଼ିକୁ ଗ୍ରହଣ କରିଛନ୍ତି। ମୁଖ୍ୟ ଅଭିଯୋଗଗୁଡ଼ିକ ସ୍ଥାନୀୟ ଯାନବାହନର ନିୟନ୍ତ୍ରିତ ଚଳାଚଳ। ନରେନ୍ଦ୍ରକୋଣ ରାସ୍ତା ମଧ୍ୟରେ ପର୍ଯ୍ୟାପ୍ତ ଦିଗ୍ଦର୍ଶନ ସାଇନବୋର୍ଡ ନଥିବା ।ଭକ୍ତମାନେ ନିର୍ଦ୍ଦିଷ୍ଟ ମାର୍ଗ ଜାଣିନଥିବାରୁ ସମସ୍ୟା। ଏସ୍‌ପି ପୁରୀ ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଗମ୍ଭୀରତା ସହିତ ଗ୍ରହଣ କରି ସମୟମଧ୍ୟରେ ସମାଧାନ କରାଯିବ ବୋଲି ନିଶ୍ଚିତ ଆଶ୍ୱାସନ ଦେଇଛନ୍ତି। ଏହି ଗ୍ରସ୍ତ ସମୟରେ ଏସ୍‌ପି ପୁରୀ ଯେଉଁଥିରେ ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ୨୦୨୫ ପାଇଁ ଭକ୍ତମାନଙ୍କ ଗୁଡିକୁ ଲେନ୍ ଭିତିକ ଆଗମନ କେମିତି ବଡଦଣ୍ଡକୁ ପ୍ରବେଶ କରାଯିବ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ଅଧିକାରୀମାନେ ହେଲେ ଅତିରିକ୍ତ ଏସ୍‌ପି ସୌମ୍ୟ ରଞ୍ଜନ ମଲ୍ଲିକ, ଟାଉନ୍ ଆଇଆଇସି ଗୋକୁଳ ରଞ୍ଜନ ଦାସ, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି, ବାସେଲିସାହି ଆଇଆଇସି ବିକ୍ରମ କିଶୋର ଜେନା, କୁମ୍ଭାରପଡ଼ା ଆଇଆଇସି ସୁସନ୍ତ କୁମାର ସାହୁ, ସିଂହଦ୍ୱାର ଥାନା ଆଇଆଇସି ଶ୍ୱେତାପଦ୍ମା ଦାଶ, ମନ୍ଦିର ଏସି ଘନଶ୍ୟାମ ହେମ୍ବ୍ରମ, ଏସ୍‌ପି ପୁରୀ ସମସ୍ତ ଅଧିକାରୀଙ୍କୁ ସଂବେଦନଶୀଳ ଏବଂ ଭୀର ଅଞ୍ଚଳ ଚିହ୍ନଟ କରି ମାଇକ୍ରୋ ଯୋଜନା ପ୍ରସ୍ତୁତି ନିମିତ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସେ ମନ୍ଦିର ପ୍ରଶାସନ, ପୋଲିସ ଓ ସେଠାକାର ଲୋକମାନଙ୍କ ସହ ସମନ୍ୱୟ ରଖି ଭକ୍ତମାନଙ୍କ ପାଇଁ ସୁରକ୍ଷିତ ଓ ଆଧାତ୍ମିକ ଅନୁଭବ ନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପୁରୀ ପୋଲିସ ପକ୍ଷରୁ ଜନସାଧାରଣଙ୍କ ସୁବିଧା ଓ ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ପ୍ରୟାସ ଜାରି ରହିଛି।

### ବିଦ୍ୟୁତ ଖୁଣ୍ଟରୁ ପଡି ଲାଇନ୍‌ମ୍ୟାନ୍ ଗୁରୁତର, କାର୍ଯ୍ୟ ସମୟରେ ସର୍ଟଡାଉନ୍ ନେଇନଥିବା ଅଭିଯୋଗ

## ଗଣମାଧ୍ୟମକୁ ଦେଖି ଦୌଡିଲେ ସେଫ୍ଟି ଅଫିସର, ଲୁଚିଲେ ଯନ୍ତ୍ରୀ

ଗୋପ(ଭାସ୍କର ନ୍ୟୁଜ): ୧୧ କେଭି ବିଦ୍ୟୁତ ଖୁଂଟରେ ଚଢି କାର୍ଯ୍ୟ କରୁଥିବା ସମୟରେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ କରେଂଟ ଲାଗି ଜଣେ ଲାଇନମ୍ୟାନ୍ ଗୁରୁତର ହୋଇ ପ୍ରଥମେ ଗୋପ ଡାକ୍ତରଖାନା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ ହୋଇଛନ୍ତି । ଏବେ ସମ୍ ଅଲଟିମେଟ୍‌ରେ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି । ଲାଇନମ୍ୟାନ୍ ଜଣକ ହେଲେ ଗୋପ ଥାନା ଅଧିନ ଉଦୟଗିରିସାହି ରତ୍ନାକର ଭୋଇଙ୍କ ପୁଅ ପ୍ରକାଶ ଭୋଇ (୩୧) । ବିଦ୍ୟୁତ ବିଭାଗ ଅଧିକାରୀ ଓ ସୁପରଭାଇଜରଙ୍କ ଖାମଖିଆଲ ଓ ବେପାରୁଆ ମନୋଭାବ ଯୋଗୁଁ ଆଜି ସଂପୃକ୍ତ କର୍ମଚାରୀଙ୍କ ଏପରି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି । ଟାଟା ପାଓ୍ୱାର ସବୁ ସମୟରେ ନିଜର ନୈତିକ ଦାୟିତ୍ୱ ନେଇ ନିଜ କର୍ମଚାରୀ ସମେତ ସମସ୍ତ ବିଦ୍ୟୁତ୍ ଗ୍ରାହକଙ୍କର ସ୍ୱାର୍ଥ ନିମନ୍ତେ କାର୍ଯ୍ୟ କରୁଛି । ମାତ୍ର ଆଜିର ଘଟଣା ଅନେକ କିଛି ବେପରୁଆ କାର୍ଯ୍ୟ ଓ ଅପାରଗ କର୍ମଚାରୀଙ୍କ ଯୋଗୁଁ ଲାଇନମ୍ୟାନ୍ ଭଳି ବିଭାଗର ତୃଣମୂଳ କର୍ମଚାରୀ ସବୁ ସମୟରେ ନିଜର ଜୀବନ ସହିତ ବିପଦ ସମ୍ମୁଖୀନ ହେଉଛନ୍ତି କିମ୍ବା ଜୀବନ ହରାଉଛନ୍ତି । ଘଟଣାକୁ ନେଇ ପ୍ରତିକ୍ରିୟା ଦେବା କିମ୍ବା କୌଣସି ସୂଚନା ଦେବା ପରିବର୍ତ୍ତେ ଗଣମାଧ୍ୟମକୁ ଦେଖି ଦୌଡିଲେ ସେଫ୍ଟି ଅଫିସର ଏବଂ ଘଣ୍ଟା ଘଣ୍ଟା



ଧରି ଲୁଚିଲେ ଯନ୍ତ୍ରୀ । ଯାହାକୁ ନେଇ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ଅଙ୍ଗୁଳି ଉଠିଛି । ଯଦି କାର୍ଯ୍ୟ ସମୟରେ ସେଫ୍ଟି ଅଫିସର ଏବଂ ଯନ୍ତ୍ରୀ ପାଖରେ ଥିଲେ ତେବେ ଏତେବଡ ଦୁର୍ଘଟଣା କିପରି ଘଟିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ସୁଚନା ମୁତାବକ ଗତ ଶନିବାର ରାତ୍ରିରେ ହୋଇଥିବା କାଳ ବୈଶାଖି ପ୍ରଭାବରେ ଗୋପ ଥାନା ଅଧିନ ବୀରତୁଙ୍ଗ ପଂଚାୟତ ସାଉରିଆ ଗ୍ରାମରେ କେତକ ବିଦ୍ୟୁତ ଖୁଣ୍ଟ ଉପୁଡି ବିଦ୍ୟୁତ୍ ସରବାରହ ବନ୍ଦ ରହିଥିଲା । ଆଜି ବିଭାଗୀୟ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶରେ ଗୋପ ସର୍କଲ ବେଗୁନିଆ ବ୍ରାଂଚର କେତକ ଲାଇନ୍ ମ୍ୟାନ (ଠିକା କର୍ମଚାରୀ) ସେହି ବିଦ୍ୟୁତ ଖୁଣ୍ଟ କାର୍ଯ୍ୟ କରିବା ପାଇଁ ସାଉରିଆ ଗ୍ରାମକୁ ଯାଇଥିଲେ । ସାଉରିଆ ଗ୍ରାମ ନିକଟସ୍ଥ ଗହିରରେ ୧୧ କେଭି ବିଦ୍ୟୁତ ଖୁଣ୍ଟରେ ଚଢି ପ୍ରକାଶ କାର୍ଯ୍ୟ କରୁଥିବା ସମୟରେ ହଠାତ୍ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳକୁ ଖସି ପଡିଥିଲେ । ଫଳରେ ତାଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିବା ବେଳେ ବାମ ହାତ ୭୫ ପ୍ରତିଶତ ପୋଡିଯାଇଛି । ସେହିପରି କାର୍ଯ୍ୟ ସମୟରେ ବିଦ୍ୟୁତ ସରବରାହ ବନ୍ଦ କରି ଖୁଣ୍ଟରେ ଚଢି କାର୍ଯ୍ୟ କରୁଥିବା ସମୟରେ କୌଣସି କର୍ମଚାରୀ ସଟଡାଉନ୍ ଦେଇ ଦେଇଥିବା କେହି କେହି କହୁଥିବା ବେଳେ ଅନ୍ୟ କେହି ଦୁଇଟି ଫିଡର ସ୍ଥାନରେ ଗୋଟିଏ ଫିଡର କାଟି ଦୁଇଟି ଫିଡର କଟାଯାଇଥିବା କହି ପ୍ରକାଶକୁ ଖୁଣ୍ଟରେ ଚଢା ଯାଇଥିଲା । ଯାହା ଫଳରେ ବିଦ୍ୟୁତ ସଂସ୍ପର୍ଶରେ ଆସି ପ୍ରକାଶ ଗୁରୁତର ହୋଇପଡିଥିବା ଚର୍ଚ୍ଚା ହେଉଛି । ଅଧିନସ୍ଥ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ପୂର୍ବରୁ ଉପରିସ୍ଥ ଅଧିକାରୀମାନେ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ ଥିବା ବେଳେ କିପରି ଭାବେ ପ୍ରକାଶ ବିଦ୍ୟୁତ ସଂସ୍ପର୍ଶରେ ଆସିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟ ଏକ ଘଟଣାକ୍ରମେ ଗତ କାଲି ବିଦ୍ୟୁତ୍ ସଂଯୋଗକୁ ନେଇ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ମଧ୍ୟରେ ଝଗଡା ହୋଇଥିଲା ଯାହାକୁ ନେଇ ହୁଏତ ପ୍ରକାଶକୁ ଷଡଯନ୍ତ୍ର କରି କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି ଗୋପ ବିପ୍ଳବୀ ସଂଗଠନର ଆବାହକ ଚନ୍ଦ୍ରକାନ୍ତ ସାହୁ ।

## ବାରିପଦା ଉପଖଣ୍ଡ ପାଇଁ ୧୬୯ ଅଭିଯୋଗ ଶୁଣାଣି



ବାରିପଦା(ଭାସ୍କର ନ୍ୟୁଜ): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ସକାଳ ୭ଘଟିକା ସମୟରେ ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦାଠାରେ ଜିଲ୍ଲାପାଳ ହେମକାନ୍ତ ସଞ୍ଜୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଥିଲା। ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା ଓ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଜନଶୁଣାଣୀ ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୧୬୯ଟି ଅଭିଯୋଗପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା । ଉକ୍ତ ୧୬୯ଗୋଟି ଅଭିଯୋଗ ମଧ୍ୟରୁ ୧୫୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୧୧ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୫ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫,୦୦୦/-ଟଙ୍କା ମଂଜୁର କରିଛନ୍ତି। ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଓ ଆଜି ଜନଶୁଣାଣି ଶିବିରକୁ ଆସିଥିବା ଆବେଦନକାରି ମାନଙ୍କ ପାଇଁ ଶେଡ଼ ବ୍ୟବସ୍ଥା କରାଯିବା ସହ ଲୋକମାନଙ୍କୁ ପିଇବା ପାଇଁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ।

## ନିମାପଡ଼ାର ୧୬ ବିଦ୍ୟାଳୟରେ ଏ-୧ ଗ୍ରେଡ୍ ନାହାନ୍ତି

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ରେ ଥିବା ସ୍କୁଲମାନଙ୍କରେ ଛାତ୍ରଛାତ୍ରୀମାନେ ଚଳିତ ମାଟ୍ରିକ୍ ପରୀକ୍ଷାରେ ଆଶାନୁରୂପ ସଫଳତା ହାସଲ କରିପାରି ନଥିବା ବେଳେ ଅନ୍ୟ ବ୍ଲକ୍ ମାନଙ୍କରେ ଛାତ୍ରଛାତ୍ରୀମାନେ ମାଟ୍ରିକ ପରୀକ୍ଷାରେ ଭଲ କରିଛନ୍ତି ବୋଲି ଜଣାପଡ଼ିଛି । ସ୍କୁଲରେ ଦୁର୍ବଳ ପାଠପଢ଼ା କାରଣରୁ ଏ-୧ ପାଇବାରୁ ଛାତ୍ରଛାତ୍ରୀମାନେ ବଂଚିତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ରାଜ୍ୟ ସରକାର ଛାତ୍ରଛାତ୍ରୀ ମାନଙ୍କ ଉନ୍ନତ ପାଠପଢ଼ା ନିମନ୍ତେ ସ୍ମାର୍ଟ କ୍ଲାସ୍‌ରୁମ୍ ସହ ଉଚ୍ଚକୋଟୀର ଶିକ୍ଷକ/ଶିକ୍ଷୟିତ୍ରୀମାନ ନିଯୁକ୍ତି ଦେଉଛନ୍ତି । ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ବେତନ ସହ ଅନ୍ୟାନ୍ୟ ସମସ୍ତ ସୁବିଧା ମଧ ଶିକ୍ଷକଙ୍କୁ ଯୋଗାଇ ଦେଉଛନ୍ତି । ସରକାର ସମସ୍ତ ସୁବିଧା ଦେଇ ମଧ ଖେଲାର ଓ ଏହାର ଆଖପାଖରେ କୌଣସି ବିଦ୍ୟାଳୟରେ ମାଟ୍ରିକ୍ ଏ-୧ ଗ୍ରେଡ୍ ପାଇ ନଥିବା ଦୁଃଖଦ ବିଷୟ । ନିମାପଡ଼ା ବ୍ଲକ୍‌ରେ ଥିବା ନାଗବସ୍ତ, ଦହିଜଙ୍ଗ, ଅଲଣ୍ଡା, ଚିନ୍ତାମଣୀ ବିଦ୍ୟାପୀଠ ରେଂଚ, କଳାବୁଣା ହାଇସ୍କୁଲ, ଭାଣପୁର, ଭଗବତୀପୁର, ଦକ୍ଷିଣ ରାଡ଼ସ, ବଉଳପଦା, ହରିପୁର, ଗଡ଼ତୋରିହଁ, କୋଟକୁସାଙ୍ଗ, ଗୋପିନାଥପୁର, ନହନ୍ତରା, ଶିଶୁମନ୍ଦିର ଖେଲାର ଆଦି ବିଦ୍ୟାଳୟ ମାନଙ୍କରେ କୌଣସି ଛାତ୍ରଛାତ୍ରୀ ଏ-୧ ପାଇ ନଥିବା ଶୁଣିବାକୁ ମିଳିଛି । ଏହି ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ସମସ୍ତ ସୁବିଧା ଥିଲେ ମଧ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଶିକ୍ଷୟିତ୍ରୀ ଯଥେଷ୍ଟ ଗୁରୁତ୍ୱ ଦେଉ ନଥିବା ଭଳି ମନେ ହେଉଛି । ଯାହାଫଳରେ ଛାତ୍ରଛାତ୍ରୀଙ୍କ ଫଳାଫଳ ଭଲ ହେଉ ନାହିଁ । ଏ ସଂପର୍କରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର ନାଥ ସ୍ୱାଇଁଙ୍କ ମତରେ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ସହ ଶିକ୍ଷକ/ଶିକ୍ଷୟିତ୍ରୀ ପାଠପଢ଼ା ପ୍ରତି ଉତ୍ସର୍ଗୀକୃତ ମନୋଭାବ ରହିଲେ ଛାତ୍ରଛାତ୍ରୀମାନେ ଏ-୧ ଗ୍ରେଡ୍‌ରେ ଉତୀର୍ଣ୍ଣ ଦେବା ସହ ବିଦ୍ୟାଳୟର ସୁନାମ ରକ୍ଷା କରିପାରିବେ । ଏ ସଂପର୍କରେ ମତାମତ ନେବା ପାଇଁ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ବ୍ଲକ୍ ଶିକ୍ଷାଧିକାରୀଙ୍କ ପଦବୀ ଖାଲି ଥିବା ବେଳେ ଜଣେ ଅତିରିକ୍ତ ଶିକ୍ଷାଧିକାରୀ ଦାୟିତ୍ୱରେ ରହିଥିଲେ ମଧ କୌଣସି ପ୍ରତିକ୍ରିୟା ଦେଉ ନାହାନ୍ତି । ଆଜିକାଲି କହି ଦିନ ଗଡ଼ାଇ ଚାଲିଥିବା ବେଳେ ପ୍ରତିକ୍ରିୟା ଦେବାକୁ ଭୟ କରୁଛନ୍ତି । ଏହି ଘଟଣାର ସତ୍ୟାସତ୍ୟ ତଦନ୍ତ କରାଯାଇ ଖରାପ ରେଜଲ୍ଟ କରିଥିବା ସ୍କୁଲ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ହୋଇଛି ।

## ପହଲଗାମ୍‌ରେ ମୃତ ପର୍ଯ୍ୟଟକଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା




ଟାଙ୍ଗୀ-ଚୌଦ୍ୱାର,(ଭାସ୍କର ନ୍ୟୁଜ): କଖଡ଼ି (ନଦୀକୂଳ) ଶ୍ରୀରାମ ବରିଷ୍ଠ ନାଗରିକ ସଂଘ ତରଫରୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକ ମାନଙ୍କ ପାଇଁ ଏକ ମହମବତୀ ଶୋଭାଯାତ୍ରା ଓ ପ୍ରାର୍ଥନା ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କଖଡ଼ି ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି । ସଂଘ ସଭାପତି ବେଣୁଧର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ମୃତ ପର୍ଯ୍ୟଟକ ମାନଙ୍କ ସ୍ମୃତିରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ସଂଘର କର୍ମକର୍ତ୍ତା ଓ ସ୍ଥାନୀୟ ବହୁ ନାଗରିକ ହାତରେ ତ୍ରିରଙ୍ଗା ପତାକା ଓ ମହମବତୀ ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । ପ୍ରମୋଦ କୁମାର ଧଳ, କିରଣ ବିହାରୀ ଖଟୁଆ, ବଂଶୀଧର ଶତପଥି, ରସାନନ୍ଦ ସ୍ୱାଇଁ, ବିଷ୍ଣୁ ଚରଣ ମହାରଣା, ପ୍ରଫୁଲ୍ଲ ଖଟୁଆ, ପ୍ରହଲ୍ଲାଦ ବିଶ୍ୱାଳ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ । ପରେପରେ ଶୋଭାଯାତ୍ର ଘଣ୍ଟିଖାଲ ଠାରେ ପହଞ୍ଚିବା ପରେ ସୌମ୍ୟ ରଞ୍ଜନ ଧଳ ଓ ଶିଶିର ଧଳଙ୍କ ନେତୃତ୍ୱରେ ଶୋଭାଯାତ୍ରକାରୀ ମାନେ ଘଣ୍ଟିଖାଲ ଗ୍ରାମ ପରିକ୍ରମା କରିଥିଲେ ।

## ସହିଦ ପ୍ରଶାନ୍ତ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି



କୋରେଇ(ଭାସ୍କର ନ୍ୟୁଜ): କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ପଂଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଥିବା ସହିଦ୍ ପ୍ରଶାନ୍ତଙ୍କ ୧୮ ତମ ଶ୍ରାଦ୍ଧ ବାର୍ଷିକ ପାଳନ ନ କରାଯାଇଛି । ଏହି ଅବସରରେ ସିଆରପିଏଫ ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜନ କରାଯାଇଥିଲା । ଏଥିରେ ଶିକ୍ଷକ ଅଭୟ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସିଆରପିଏଫ ଡ଼ିଆଇଜି ଭରତ ଭୂଷଣ ସେଠୀ, କଳିଙ୍ଗନଗର ଏଡ଼ିଏମ ସପନ କୁମାର ନନ୍ଦ, ବିଡ଼ିଓ ଅବନୀକାନ୍ତ ସାହୁ, ସିଆରପି ସବ୍‌ଇନ୍ସପେକ୍ଟର ଇନି ଏନ ମହାପାତ୍ର ଓ କୋରେଇ ଥାନା ଅଧିକାରୀ ରାକେଶ ତ୍ରୀପାଠୀ ଉପସ୍ଥିତ ହୋଇ ସହିଦଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସହିଦଙ୍କ ଆତ୍ମାର ସଦଗଦିପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ଅତିଥି ମାନେ ସହିଦଙ୍କ ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ଅବଗତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହରେ ହରେକୃଷ୍ଣ ସାହୁ, ସ୍ଥାନୀୟ ସରପଂଚ ଲିପ୍‌ସା ପରିଡା, ସମିତି ସଭ୍ୟ ରଶ୍ମୀରଂଜନ ପରିଡା, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ସା ସାନ୍ତୋନା ପ୍ରଧାନ, ପୂର୍ବତନ ସରପଂଚ ସୌଭାଗ୍ୟ କୁମାର ମହାନ୍ତି, ଉଦୟନାଥ ପରିଡା, ଦିପ୍ତମୟୀ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସିଆରପିଏଫ କର୍ମଚାରୀ, କୋରେଇ ଥାନା କର୍ମଚାରୀ, ବୈତରଣୀରୋଡ୍ ଦମକଳ କେନ୍ଦ୍ର କର୍ମଚାରୀ, ବୈତରଣୀ ସରକାରୀ ବିଦ୍ୟାଳୟର ସ୍କାଉଟ ଛାତ୍ରଛାତ୍ରୀଙ୍କ ସମେତ ସହିଦ ପ୍ରଶାନ୍ତଙ୍କ ପରିବାର ବର୍ଗ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଶେଷରେ ସହିଦଙ୍କ ଭୋଉଣୀ ସୁକାନ୍ତା ନିଶିତଗନ୍ଧା ଯେନା ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଥାଉକି ଛତିଶଗଡ ନାରଣପୁର ଠାରେ ସିଆରପିଏଫ ଜବାନ ଭାବେ କାର୍ଯ୍ୟରତ ସମୟରେ ନକ୍ସଲଙ୍କ ଲ୍ୟାଣ୍ଡମାଇ ଇନ ବିସ୍ଫୋରଣରେ ୨୦୦୭ ମସିହା ମେ ୫ ତାରିଖରେ ପ୍ରଶାନ୍ତ ବିଶ୍ୱାଳ ମୃତ୍ୟୁ ବରଣ କରିଥିଲେ।

## ଗ୍ରୀଷ୍ମ କାଳୀନ ହକି ଶିବିର ଉଦ୍‌ଘାଟିତ

ପାରାଦ୍ୱୀପ(ଭାସ୍କର ନ୍ୟୁଜ): ପିପିଏଲ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଓଡ଼ିଶା ସରକାରଙ୍କ ତରଫରୁ ଗ୍ରୀଷ୍ମ କାଳୀନ ହକି ପ୍ରଶିକ୍ଷଣ ଶିବିର ସୋମବାର ଅପରାହ୍ନରେ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ପିପିଏଲର ସିଜିଏମ୍ ଏଚଆର୍ ଏବଂ ଆଇଆର୍ ସୁମିତ କୁମାର ସେନାପତି ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଶିବିର ୫ରୁ ୨୩ ତାରିଖ ପର୍ଯ୍ୟନ୍ତ ସକାଳ ୬.୩୦ରୁ ୮.୩୦ ପର୍ଯ୍ୟନ୍ତ ଏବଂ ଅପରାହ୍ନ ୪.୩୦ରୁ ୬.୦୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସମସ୍ତ କାର୍ଯ୍ୟକ୍ରମ ଜଗତସିଂହପୁର ଜିଲ୍ଲାର କ୍ରୀଡା ଅଧିକାରିଣୀ ବିଶ୍ୱ ବିଜୟିନୀ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେଉଛି। ଶିବିରରେ ସୁମିତ ଲାକ୍ରା ଓ ରଶ୍ମି କିସାନ ପ୍ରଶିକ୍ଷକ ଭାବେ ଯୋଗ ଦେଇଛନ୍ତି । ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେବେ । ବିଦ୍ୟାଳୟର ଦୁଇ କ୍ରୀଡା ଶିକ୍ଷକ ଶାଶ୍ୱତ କୁମାର ଭାରତୀୟ ଏବଂ ଦ୍ୱିବେନ୍ଦୁ ଦାସ ସ୍ୱର୍ଣ୍ଣକର ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିବେ ।

## କଳିଙ୍ଗ ପବ୍ଲିକ୍ ହାଇସ୍କୁଲର ସଫଳତା



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚଳିତ ମ୍ୟାଟ୍ରିକ୍ ପରୀକ୍ଷାରେ ସ୍ଥାନୀୟ କଳିଙ୍ଗ ପବ୍ଲିକ ହାଇସ୍କୁଲର ଫଳ ଶତ ପ୍ରତିଶତ ହୋଇଛି । ପରୀକ୍ଷା ଦେଇଥିବା ମୋଟ ୬୭ଜଣ ପରୀକ୍ଷାର୍ଥୀ ସଫଳତାର ସହ ପାସ୍ କରିଛନ୍ତି । ସେଥି ମଧ୍ୟରୁ ଏ-୨ରେ ୪ଜଣ, ବି-୧ରେ ୮ଜଣ, ବି-୨ରେ ୨୧, ସିରେ ୨୮, ଡିରେ ୬ଜଣ ପାସ୍ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟର ୫୦୦ରୁ ଉର୍ଦ୍ଧ ନମ୍ବର ରଖିଥିବା ଅବିନାଶ ଶିବାନୀ ପଣ୍ଡା, ଶିବ ପ୍ରସାଦ ସୁବୁଦ୍ଧିରାୟ, ପ୍ରଶାନ୍ତ କୁମାର ବାରିକ୍‌କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶୁସିଲ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରାନ୍ ବିଶ୍ୱାଳ, ଜୟଶ୍ରୀ ମହାନ୍ତି, ଭାରତୀ ମହାନ୍ତି, କାଉନସିଲର ଆଶୁତୋଷ ଦାସ, ପରିଚାଳନା କମିଟିର ରହିମ ଖାନ, ଶ୍ରୀକାନ୍ତ ସୁବୁଦ୍ଧିରାୟ, ରଶ୍ମୀ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ପ୍ରିୟଦର୍ଶିନୀ ପାଢୀ, ଲୀପ୍ସା ଜେନା, ଭରତ ଚରଣ ବେହେରା, ପ୍ରିୟତମା ରାଉତ, ସଞ୍ଜୟ କୁମାର ମହାନ୍ତି, ସରୋଜ କୁମାର ଦୀକ୍ଷିତ୍, ଅମିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି କଳିଙ୍ଗ ନୋଡାଲ ବିଦ୍ୟାପୀଠ ମଧ ଚଳିତବର୍ଷ ଶତପ୍ରତିଶତ ସଫଳତା ହାସଲ କରିଛି । ବିଦ୍ୟାଳୟର ୮୮ଜଣ ଛାତ୍ରଛାତ୍ରୀ ପରିକ୍ଷା ଦେଇଥିବା ବେଳେ ଏ-୧ରେ ଜଣେ, ଏ-୨ରେ ୪, ବି-୧ରେ ୯, ବି-୨ରେ ୨୬, ସିରେ ୩୦, ଡିରେ ୧୭ ଓ ଇରେ ଜଣେ ପିଲା ପାସ କରିଛନ୍ତି । ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାଥ, ବିଦ୍ୟାଳୟ ପରିଚାଳନା କମିଟି, ଆଲମୁନି କମିଟି ସଭାପତି ତଥା ପୌରଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଆଶୁତୋଷ ଦାସ, ଭାସ୍କର ଚନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ ଶୁକାନ୍ତ କୁମାର ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷକ ଗୌତମ ଆଚାର୍ଯ୍ୟ ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଦୁର୍ଘଟଣାରେ ଗୁରୁତର ଆହତ ମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଇ ସେମାନଙ୍କ ଜୀବନ ବଂଚାଇ ପୁରସ୍କୃତ ହେଲେ ସାମ୍ବାଦିକ ଦିଲୀପ ପଟ୍ଟନାୟକ ଓ ସମାଜସେବୀ ରଞ୍ଜିତ କୁମାର ଦାଶ । ଶ୍ରୀ ପଟ୍ଟନାୟକ ମାଲକାନଗିରି ଜିଲ୍ଲାରେ ସାମ୍ବାଦିକ ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ଶ୍ରୀ ଦାସ ଜିଲ୍ଲାର ବିଭିନ୍ନ ସାମାଜିକ କାର୍ଯ୍ୟରେ ନିବୃତ୍ତ ରହିଥାନ୍ତି । ଅନେକ ସମୟରେ ସଡକ ଦୁର୍ଘଟଣାରେ ଗୁରୁତର ଆହତ ମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚିକିତ୍ସାଳୟକୁ ନେଇଥାନ୍ତି। ସବୁବେଳେ ତାଙ୍କର ଏହି ଗୁଣ ପାଇଁ ବେସ ପ୍ରଶଂସାର ପାତ୍ର ହୋଇଥିବା ବେଳେ ବିଗତ ଦିନରେ ସେ ସଡକ ଦୁର୍ଘଟଣାରେ ଆହତ ୪ ରୁ ୬ ଜଣ ବ୍ୟକ୍ତିଙ୍କୁ ସଠିକ ସମୟରେ ଉଦ୍ଧାର କରି ଚିକିତ୍ସାଳୟ ନେଇଥିବାରୁ ସେମାନଙ୍କ ଜୀବନ ବଂଚାଇ ପାରିଛନ୍ତି। ଯାହାକୁ ନେଇ ଶ୍ରୀ ପଟ୍ଟନାୟକ ଏବଂ ଶ୍ରୀ ଦାଶଙ୍କୁ ଜିଲ୍ଲା ସଦରରେ ଥିବା ଡିଆରଡିଏ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ବିନୋଦ ପାଟିଲ ଓ ଅନ୍ୟ ବିଭାଗୀୟ ଅଧିକାରିଙ୍କ ଉପସ୍ଥିତିରେ ସେ ଦୁଇ ଜଣଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ ସହ ଆର୍ଥିକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଏମାନଙ୍କ ଏପରି କାର୍ଯ୍ୟକୁ ବେସ ପ୍ରଶଂସା କରାଯାଉଥିବା ବେଳେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଓ ଜିଲ୍ଲା ଲୟର୍ସ ଆସୋସିଏସନ ପକ୍ଷରୁ ମଧ ତାଙ୍କୁ ପ୍ରଶଂସା କରିବା ସହ ଆଗକୁ ଏପରି ମହତ କାର୍ଯ୍ୟ ଜାରି ରଖିବା ପାଇଁ ଉତ୍ସାହିତ କରା ଯାଇଥିଲା।



## ରାଇଘର ଠାରୁ ବ୍ରହ୍ମପୁରକୁ ସରକାରୀ ବସ୍ ଚଳାଚଳ ପାଇଁ ସାଧାରଣରେ ଦାବି

ରାଇଘର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଠାରୁ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରକୁ ସରକାରୀ ବସ୍ ଚଳାଚଳ ନିମନ୍ତେ ସାଧାରଣରେ ଦାବି ହେଉଥିବା ଦେଖିବାକୁ ମିଳୁଛି। ଖବର ନେବାରେ ଜଣାଯାଇଛି ଯେ, ବ୍ରହ୍ମପୁର ଠାରୁ ରାଇଘର ପର୍ଯ୍ୟନ୍ତ ସରକାରୀ ବସ୍ ସେବା ନିମନ୍ତେ ଏଠାକାର ଜନସାଧାରଣ ଦାବି କରିଆସୁଥିଲେ ସୁଦ୍ଧା କୌଣସି ପ୍ରକାର ବ୍ୟବସ୍ଥା କରାଯାଉନଥିବା ସାଧାରଣରେ ଆଲୋଚ୍ୟ ବିଷୟ ପାଲଟିଛି। ପ୍ରକାଶ ଥାଉ କି ୨୦୧୯ ମସିହା ଠାରୁ ଲିଖିତ ଆକାରରେ ବ୍ରହ୍ମପୁର ସ୍ଥିତ ତତ୍କାଳୀନ ଡି, ଟି, ଏମ୍, ଭୁବନେଶ୍ୱର ସ୍ଥିତ ଓଏସଆରଟିସି ମୁଖ୍ୟ ଅଫିସକୁ ମେଲ୍ କରାଯାଇ, ଗଣ ମାଧ୍ୟମରେ ଖବର କାଗଜରେ ବସ୍ ସେବା ନିମନ୍ତେ ପ୍ରକାଶିତ ହେବା ପରେ ମଧ୍ୟ ବିଭାଗୀୟ ଅଧିକାରୀ ଚୁପ ରହିବା ଏଠାକାର ଜନସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳୁଛି। ପ୍ରକାଶ ଥାଉ କି ଏହି ବିଷୟ ନେଇ ବ୍ରହ୍ମପୁର ସ୍ଥିତ ଡିଟିଏମ ନୂଆ ବସ୍ ଆସିଲେ ନିଶ୍ଚୟ ଦିଆଯିବ କହିଥିଲେ କିନ୍ତୁ ବର୍ତ୍ତମାନ୍ ୬ ବର୍ଷ ବିତିଗଲାଣି। ତା ସହ ସରକାରୀ ବସ୍‌ର ବିଭାଗୀୟ ପଦାଧିକାରୀ ପରିବହନ ଅଧିକାରୀ ଏହା ଉପରେ ନଜର ଦେଉ ନଥିବା ଅଭିଯୋଗ ହେଉଛି। ତା ସହ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଗୋଟାଏ ବଡ ବ୍ୟବସାୟିକ କେନ୍ଦ୍ର ସ୍ଥଳ ଭାବେ ପରିଚିତ। ଏହି ବ୍ଲକଟି ୨୬ଗୋଟି ପଞ୍ଚାୟତ ନେଇ ଗଠିତ ହେଇଛି। ଏହି ବ୍ଲକରେ ଗଞ୍ଜାମ ଜିଲ୍ଲାର ବହୁ ଅଧିବାସୀ ବସବାସ କରୁଥିବା ଜଣା ଯାଇଛି। ସେମାନେ ବ୍ରହ୍ମପୁର, କିମ୍ବା ଦିଗପହଣ୍ଡି ଯିବାକୁ ହେଲେ ୩୦ କିମ୍ ଦୂର ଉମରକୋଟ ପର୍ଯ୍ୟନ୍ତ ଯାଉଛନ୍ତି। ତେଣୁ ବିଭାଗୀୟ ଉଚ୍ଚ ପଦାଧିକାରୀ ତଥା ସ୍ଥାନୀୟ ଲୋକ ପ୍ରତିନିଧି ଏହା ଉପରେ ନଜର ଦେଇ ସରକାରୀ ବସ୍ ଚଳଚଳ ନିମନ୍ତେ ସାଧାରଣରେ ଦାବି ହେଉଛି।

## ଉଦ୍‌ଘାଟିତ ହେଲା ବିନିଦା ରାସ୍ତା



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ତେଲକୋଇ ବିଧାୟକ ଡାକ୍ତର ଫକିର ମୋହନ ନାଏକ ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଆଜି ବିଧାୟକ ହେଲା ପରେ ପାଳନ କରିଛନ୍ତି। ଯେଉଁ ରାସ୍ତାରେ ବିନିନ୍ଦା ଗ୍ରାମର ଗ୍ରାମବାସୀମାନେ ଅନେକ ହଇରାଣ ହେଉଥିଲେ ଦୀର୍ଘ ବର୍ଷ ପରେ ବି ସମସ୍ୟାର ସମାଧାନ ହେଉ ନ ଥିଲା ସେହି ରାସ୍ତା ସମସ୍ୟାର ସମାଧାନ କରିଛନ୍ତି ସେ। ତେଣୁ ଏବେ ଲୋକଙ୍କ ମୁହଁରେ ଖୁସିର ଲହରୀ ଖେଳି ଯାଇଛି, କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଉପର ରାଇଗୋଡା ପଞ୍ଚାୟତ ବିନିନ୍ଦା ଗ୍ରାମର ଭୂୟାଁ ସାହିରୁ ବିନିଦା ଛକ ପର୍ଯ୍ୟନ୍ତ ଗାଁ ରାସ୍ତାକୁ ତେଲକୋଇ ବିଧାୟକ ନିଜସ୍ୱ ପାଣ୍ଠିରୁ ପକ୍କା ରାସ୍ତା ନିର୍ମାଣ କରିଛନ୍ତି। ନିର୍ବାଚନ ପ୍ରଚାର ସମୟରେ ସ୍ଥାନୀୟ ଲୋକମାନେ ଗ୍ରାମର ଶୋଚନୀୟ ହୋଇ ପଡ଼ିଥିବା ରାସ୍ତା ସମ୍ପର୍କରେ ଅଭିଯୋଗ କରି ଦାବି ଜଣାଇଥିଲେ। ତେଲକୋଇ ନିର୍ବାଚନ ମଣ୍ଡଳୀରେ ଡା.ଫକିର ମୋହନ ନାଏକ ନିର୍ବାଚନ ପ୍ରଚାର ସମୟରେ ଲୋକମାନଙ୍କୁ ଯେଉଁ ମୌଳିକ ସୁବିଧାର ସମାଧାନ କରିବା ପାଇଁ କଥା ଦେଇଥିଲେ ତାହା ଗୋଟି ଗୋଟି କରି ସମାଧାନ କରିଚାଲିଛନ୍ତି। ବିଧାୟକ ହେବା ପରେ ନିଜସ୍ୱ ପାଣ୍ଠିରୁ ଗାଁ ରାସ୍ତାକୁ ପକ୍କା ରାସ୍ତାରେ ନିର୍ମାଣ କରି ଉଦଘାଟନ କରିଛନ୍ତି। ଏହି ଉଦଘାଟନ ଅବସରରେ ବାଂଶପାଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜା ରଞ୍ଜିତ ପ୍ରସାଦ ବଳ, ବିଧାୟକଙ୍କ ପ୍ରତିନିଧି ଉମାକାନ୍ତ ବାରିକଙ୍କ ସହ ସ୍ଥାନୀୟ ପ୍ରଶାସନର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ବିଏସନାଲ ସେବା ଫେଲ୍

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦରରେ ଆଜକୁ ତିନି ଦିନ ହେଲାଣି ବିଏସନାଲ ଫେଲ ରହି ଥିବାରୁ ଅନେକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଖାଲି ସେତିକି ନୁହଁ ଅନେକ ଉପଭୋକ୍ତା ମଧ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ଫରକ ପଡିନି। ମୋବାଇଲରେ ଟାୱାର ଆସୁଛି ହେଲେ କଲ ଯାଉନି। ଏନେଇ ଲକ୍ଷ୍ମୀପୁର କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଜଣେ ମାତ୍ର କର୍ମଚାରୀଙ୍କୁ ପଚାରିବାରୁ ସିଏ ଜିଲ୍ଲା ଅଧିକାରଙ୍କୁ ଜଣେଇ ଥିବା କହିଛନ୍ତି। ଏବେବି କିଛି ଲୋକ ବିଏସନାଲ ଉପରେ ଭରଷା କରି ଚାଲି ଥିବା ବେଳେ ତାଙ୍କର ମୋବାଇଲ ଗୁଡିକ ଏବେ ବନ୍ଦ ପଡିଛି। ଏଥି ସହ ସରକାରୀ କାର୍ଯ୍ୟରେ ବି ବାଧା ଉପୁଜିଛି। ବିଏସନାଲ ଅଫିସରେ ଜିଓ ମେସିନ ଲାଗି ଜିଓ ନେଟୱାର୍କ ଚାଲୁ ରହିଥିବା ବେଳେ ବିଏସନାଲ ସେବା ନମିଳିବା ସବୁଠୁ ଦୁଃଖର ବିଷୟ ପାଲଟିଛି।

## କ୍ଷେତ୍ର ପରିଦର୍ଶନ କଲେ ବିଇଓ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟ ବାହାରେ ରହି ଯାଇଥିବା ବିଦ୍ୟାର୍ଥୀ ମାନଙ୍କ ସର୍ଭେ ସ୍ଥିତି ଅନୁଧ୍ୟାନ କରିଥିଲେ। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ମେ ମାସ ପ୍ରଥମ ସପ୍ତାହ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଏହି ସର୍ଭେ କାର୍ଯ୍ୟ ଚାଲିଛି। ବିଦ୍ୟାଳୟରେ ଥିବା ଗ୍ରାମର ସମସ୍ତ ପଡ଼ାକୁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଛି। ଶିକ୍ଷା ବିଭାଗର ସ୍ୱତନ୍ତ୍ର ଆପ୍ ମାଧ୍ୟମରେ ବିନା ଇଣ୍ଟରନେଟ୍‌ରେ ଏହି ସର୍ଭେ କାର୍ଯ୍ୟ କରାଯାଉଛି। ଏହି ଆପ୍ ମାଧ୍ୟମରେ ପିଲାର ସବିଶେଷ ତଥ୍ୟ ସଂଗ୍ରହ କରାଯାଇ ପରେ ଟ୍ରାକିଂ କରାଯାଇ ଅଧାରୁ ପାଠ ଛାଡିଥିବା ବିଦ୍ୟାର୍ଥୀଙ୍କୁ ଚିହ୍ନଟ କରାଯିବ। ଏହି କାର୍ଯ୍ୟକ୍ରମ କିପରି ଚାଲିଛି ବିଇଓ ଶ୍ରୀ ବିଶ୍ୱାସ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସ୍ଥିତି ପରଖିବା ନିମନ୍ତେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ନିଜେ ଘର ବୁଲିଥିଲେ । ଏହି ସର୍ଭେ କାର୍ଯ୍ୟକୁ ନିର୍ଭୁଲ୍ ଓ ସଠିକ ଭାବରେ କରିବାକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସେ ପରାମର୍ଶ ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧକ୍ଷା ସମାରା ତାଙ୍ଗୁଲୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ବ୍ରଜବନ୍ଧୁ ଦାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରୋଟେକ୍ସନ ଅଫିସର ଇନ୍ଦିରା ପ୍ରଧାନ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମମତା ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ପ୍ରସ୍ତୁତ ପୁଷ୍ଟିକର ଖାଦ୍ୟ ମେଳାକୁ ଜିଲ୍ଲା ପରିଷଦ ଅଧକ୍ଷ ଓ ଅନ୍ୟ ଅତିଥିମାନେ ବୁଲି ଦେଖିଥିଲେ। ଖାଦ୍ୟ ମେଳାରେ ୭ଟି ବ୍ଲକର ଶହେ ଅଙ୍ଗନବାଡି କେନ୍ଦ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଜୟ ଲକ୍ଷ୍ମୀ, ମମତା, ରେଖାରାଣୀ ଶୋଭାସୁନ୍ଦର, ରୀନାରାଣୀ ରାଉତ ପ୍ରମୁଖଙ୍କ ସମେତ ସିଡିପିଓ ଓ ସୁପରଭାଇଜର, ଶତାଧିକ ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ।

## ଗାୟତ୍ରୀ ପ୍ରଜ୍ଞାପୀଠ ଦ୍ୱାରା ସ୍ୱଚ୍ଛତା ଅଭିଯାନ




ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ଗାୟତ୍ରୀ ପ୍ରଜ୍ଞାପୀଠର ବରିଷ୍ଠ ସଦସ୍ୟ ଚିରଞ୍ଜିବି ପଟ୍ଟନାୟକଙ୍କ ନେତୃତ୍ୱରେ ଗାୟତ୍ରୀ ପରିବାର ଦ୍ୱାରା 'ଭାଗିରଥି ଜଳାଭିଷେକ ଅଭିଯାନ' କାର୍ଯ୍ୟକ୍ରମ ମାଧ୍ୟମରେ ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସର, ନଳକୂପ ପରିସର ସଫା ସୁତୁରା କରିବା ସହିତ ଚାରିପଟେ ବ୍ଲିଚିଂ ପାଉଡର ସିଞ୍ଚନ କରିଥିଲେ। ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସର କିପରି ପରିଷ୍କାର ପରିଚ୍ଛନ୍ନ ରହିବ ଡାକ୍ତର ଦିବ୍ୟ ଲୋଚନ ମେହେର ଓ ଷ୍ଟାଫ ମାନଙ୍କ ସହିତ ଆଲୋଚନା କରିଥିଲେ। ଆଜିର ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାରର ନବୀନ ପ୍ରଧାନ, ନାରାୟଣ ମହାକୁଲ, ପବିତ୍ର ପ୍ରଧାନ, ନିର୍ମଳ କୁମାର ସାହୁ, ସ୍ୱାଧୀନ କୁମାର ପ୍ରଧାନ, ପରମାନନ୍ଦ ସାହୁ, ଅନିଲ ମେଶୁଆ, ଚନ୍ଦ୍ରାବତୀ ମେହେର, ଯାଜ୍ଞସେନି ବେହେରା, ପ୍ରଣୀତା ସାହୁ, ଯଶୋବନ୍ତି ବଗର୍ତି, କ୍ରିଷ୍ଣାରାଣୀ ପ୍ରଧାନ, ରାଜଶ୍ରୀ ଭୋକ୍ତା, ସରିତା ଭୋକ୍ତା, ପୂର୍ଣ୍ଣିମା ଦେହୁରୀ, ସମିତା ପ୍ରଧାନ, ମଞ୍ଜୁଳା ଭୋକ୍ତା ପ୍ରମୁଖ ସହଯୋଗ କରିଥିଲେ।

## ମିସ୍ତ୍ରୀ ଶ୍ରମିକ ସଙ୍ଘର ସାମୂହିକ ବୈଠକ

ବାଲିମେଳା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ବାଲିମେଳା ଏନ୍‌ଏସି ଅନ୍ତର୍ଗତ ବାଲିମେଳା ଟାଉନହଲ ଠାରେ ୫ତାରିଖ ସକାଳ ୧୦ ଘଟିକା ସମୟରେ ବାଲିମେଳର ମିସ୍ତ୍ରୀ ଶ୍ରମିକ ସଂଘ ତରଫରୁ ଏକ ବୈଠକ କରାଯାଇଛି। ଏହି ବୈଠକରେ ଆବାହକ ସଭାପତି ରବୀନ୍ଦ୍ର ସରକାରଙ୍କ ନେତୃତ୍ୱରେ ଶତାଧିକ ମିସ୍ତ୍ରୀ ଓ ଶ୍ରମିକ ଏକତ୍ରିତ ହୋଇ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପାରିଶ୍ରମିକ ପାଉନଥିବା ଅଭିଯୋଗରେ ସ୍ୱର ଉତ୍ତୋଳନ କରିଥିବାର ଦେଖିବାକୁ ମିଳିଥିଲା। ଏହି ସଭାରେ ମୁଖ୍ୟ ବିଷୟ ଥିଲା ଯେ ବର୍ତ୍ତମାନ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ପାରିଶ୍ରମିକ କାମ କରୁଥିବା ଠିକାଦାର ଦେଉନାହାନ୍ତି। ତେଣୁ ସମସ୍ତ ମିସ୍ତ୍ରୀ ଓ ଶ୍ରମିକ ଏକତ୍ରିତ ହୋଇ ସମସ୍ତ ଠିକାଦାରଙ୍କ ଉପରେ ବର୍ଷିବା ସହିତ ଆଗାମୀ ୭ଦିନ ମଧ୍ୟରେ ଯଦି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ତାହେଲେ ଆଗାମୀ ୭ଦିନ ମଧ୍ୟରେ ସମସ୍ତ ମିସ୍ତ୍ରୀ ଓ ଶ୍ରମିକ କାର୍ଯ୍ୟ ବନ୍ଦ କରିବା ସହିତ ସମଗ୍ର ବାଲିମେଳା ବନ୍ଦ କରିବାକୁ ଚେତାବନୀ ଦେଇଥିବାର ଦେଖିବାକୁ ମିଳିଛି । କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଲକ୍ଷ୍ମୀନାରାୟଣ ପଟନାୟକ, ଗୌର ବାଘ, କୃଷ୍ଣ ବାଘ, ସନ୍ତୋଷ ପଣ୍ଡା, ଏମ ସରିଫ, ଯୋଗେନ୍ଦ୍ର ଦାସ, ଆମ୍ବେଦକର ସ୍ମୃତି କମିଟି ସଭାପତି ହାଡୁ ହନ୍ତାଳ, ମିସ୍ତ୍ରୀ ଶ୍ରମିକ ସଂଘ ସମ୍ପାଦକ ନରେନ୍ଦ୍ର ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



୭ଦିନରେ ଦାବି ପୂରଣ ନହେଲେ ବାଲିମେଳା ବନ୍ଦ କରିବାକୁ ଚେତାବନୀ

## ଉତ୍କଳ ବନାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ



ଶୁଳିଆପଦା, (ଭାସ୍କର ନ୍ୟୁଜ୍ ) : ଚକୁଳିଆପଦା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୭ତମ ସାମ୍ବତ୍ସରିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଶୋଭା କର ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ପିଲାମାନେ ପାଠ ପଢି ଦେଶ ବିଦେଶରେ ନାମ ରଖିବା ସହିତ ନିଜ ବିଦ୍ୟାଳୟର ଟେକ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଧାୟକ କାନ୍ଦରା ସୋରେନ, ସମ୍ମାନୀୟ ଅତିଥି ଭାବେ ଶୁଳିଆପଦ। ତହସିଲଦାର ନାରାୟଣ ହେମ୍ବ୍ରମ୍, ବିଦ୍ୟାଳୟର ପ୍ରତିଷ୍ଠାତା ବିମଳଚନ୍ଦ୍ର ସେନାପତି, ବିଦ୍ୟାଳୟର ପୂର୍ବତନ ଅଧକ୍ଷ ରମେଶ ସାମଲ ଓ ଅଭିରାମ ସାହୁ, ଭାଗବତ ମାଣ୍ଡି ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ୧୫୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ବ୍ଲକର ୧୨ ଜଣଙ୍କୁ ଜଙ୍ଗଲ ଅଧିକାର ଜମିପଟ୍ଟା ଓ ଜଣେ ଭୂମିହୀନକୁ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଜେଡି ଦଳ ପକ୍ଷରୁ ସାଙ୍ଗଠନିକ ବୈଠକ

ବୋଲଗଡ଼, (ଭାସ୍କର): ବେଗୁନିଆ ସଦର ମହକୁମା ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ସମ୍ମୁଖରେ ବିଜେଡ଼ି ଦଳ ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡ଼ି ବ୍ଲକ ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ତନୁଜା ପାଟ୍ଟଶାଣୀ, ସରପଂଚ ସତ୍ୟ ନାରାୟଣ ପ୍ରଧାନ, ସମାଜସେବୀ ଭିକାରୀ ଚରଣ ସାହୁ ଓ ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇ ଆଗାମୀ ଦିନରେ ବିଜେଡ଼ି ଦଳକୁ ପଞ୍ଚାୟତ ସ୍ତରରେ ସଂଗଠନ ସୁଦୃଢ଼ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମର ୨୧ ଗୋଟି ପଂଚାୟତର ସରପଂଚ, ସମିତି ସଭ୍ୟ ସହ ଏକ ହଜାରରୁ ଉର୍ଦ୍ଧ୍ୱ ଛାମୁଆ କର୍ମୀ ମାନେ ଯୋଗ ଦେଇ ଏକଜୁଟ ରହିବା ପାଇଁ ଶପଥ ଗ୍ରହଣ କରିଥିଲେ ।

### କାଳ ବୈଶାଖୀ ତାଣ୍ଡବ

## ଭାଙ୍ଗିଲା ଗଛ, ବିଦ୍ୟୁତ ଖୁଣ୍ଟ ଉପୁଡ଼ିଲା, ଉଡ଼ିଲା ଚାଳ ଛପର

ଗୋପ, (ଭାସ୍କର ନ୍ୟୁଜ୍ ) : ଶନିବାର ରାତିରେ କାଳ ବୈଶାଖି ତାଣ୍ଡବ ରଚିଛି। କାଳ ବୈଶାଖି ପ୍ରଭାବରେ ବିଜୁଳି ଘଡଘଡି ସହ ପ୍ରବଳ ମାତ୍ରାରେ ଝଡ ବର୍ଷା ହୋଇଛି । ପବନ ଯୋଗୁଁ ଗଛ ଡାଳ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ବିଭିନ୍ନ ସ୍ଥାନରେ ରାସ୍ତା ବନ୍ଦ ହୋଇଯିବା ଫଳରେ ଯାତାୟତରେ ସମସ୍ୟା ଉପୁଜିଥିଲା । ଅଗ୍ନିଶମ ବିଭାଗ ଖବର ପାଇ ବିଭିନ୍ନ ସ୍ଥାନରେ ପହଁଚି ଗଛ କାଟି ରାସ୍ତା ସଫା କରିଥିବା ଦେଖିବାକୁ ମିଳିଥିଲା । ଏପରିକି ତଳିଆ ଅଞ୍ଚଳରେ ଥିବା ଅନେକ ଚାଳ ଛପର ଘର ଉଡାଇ ନେଇଛି। ଏପରିକି ଏହି କାଳ ବୈଶାଖି ପ୍ରଭାବରେ ମୁଗ ବିରି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଦିନରେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ସଂନ୍ଧ୍ୟାରେ କାଳ ବୈଶାଖି ଲୋକମାନଙ୍କ ମନରେ ଭୟଜାତ କରିଛି।



## ମା'ଶାରଳା ଦେବୀଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ଗ୍ରାମପଞ୍ଚାୟତର ତରାପୁରଗ୍ରାମରେ ସିଂହବାହିନୀ ମା'ଶାରଳା ଦେବୀଙ୍କ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ଚଣ୍ଡିଯଜ୍ଞ ମା'ଶାରଳାଦେବୀ ମନ୍ଦିର ପରିଷଦ ପକ୍ଷରୁ ୪ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବୁଧବାର ପବିତ୍ର ଅକ୍ଷୟତୃତୀୟା ଅବସରରେ ଶୁଭଅଙ୍କୁରାରୋପଣ ଓ ଶୁଭାଧିବାସ କରାଯାଇଥିଲା। ଗୁରୁବାର ପ୍ରାତଃରେ କଳସଯାତ୍ରା, ଘଟସ୍ଥାପନ, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜନ, ଅଗ୍ନୀସ୍ଥାପନ, ଦେବୀ ପୂଜନ ପୂର୍ବକ ଚଣ୍ଡୀପାଠ କରାଯାଇଥିଲା। ଶୁକ୍ରବାର ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜନ, ମଣ୍ଡପପୂଜା, ଦେବୀ ପୂଜନ ଓ ଚଣ୍ଡୀପାଠ ସହ ରୁଦ୍ରାଭିଷେକ, ହନୁମାନ ପୂଜନ ଓ ଚାଳିଶା ପାଠ କରାଯାଇ ହୋମଯଜ୍ଞ କରାଯାଇଥିଲା। ସେହିଭଳି ଶନିବାର ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜନ, ମଣ୍ଡପପୂଜା, ଦେବୀ ପୂଜନ ଓ ଚଣ୍ଡୀପାଠ ସହ ରୁଦ୍ରାଭିଷେକ, ହନୁମାନ ପୂଜନ, ଚାଳିଶା ପାଠ କରାଯିବା ସହିତ ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଥିଲା। ପ୍ରତ୍ୟେକ ଦିନ ଭଜନ ଓ ନାମ ସଂକୀର୍ତ୍ତନ କରାଯାଇଥିଲା। ଦୈନିକ ପବିତ୍ର ମନ୍ତ୍ରଧ୍ୱନୀରେ ସ୍ଥାନୀୟ ଅଞ୍ଚଳ ଆଧ୍ୟାତ୍ମିକ ପରିବେଶରେ ପରିପୂର୍ଣ୍ଣ ହୋଇ ଉଠିଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ତତ୍ତ୍ୱାବଧାରକ ଜୀତେନ୍ଦ୍ର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ତରାପୁର ତଥା ଆଖପାଖ ଗ୍ରାମର ଗ୍ରାମବାସୀମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୈନିକ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ମା'ଶାରଳାଙ୍କ କୃପାଲାଭ କରିଥିଲେ। ଏଥିରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ବିଜେପି ନେତ୍ରୀ ଗିତାଞ୍ଜଳୀ ସେଠୀ, ଯୁବନେତା ରାଜେଶ ପଣ୍ଡା, ବିଜେପି ନେତା ଉପିନ ରାଉତ, ଚକ୍ରୋଡା ସରପଞ୍ଚ ତନୁଜା ନାୟକ, ଭାଗବତପୁର ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶନୀ, ଜମଧର ସରପଞ୍ଚ ରାଜକିଶୋର ଖୁଣ୍ଟିଆ, ନିରଞ୍ଜନ ନାୟକ, ଉତ୍ତମ ମଲ୍ଲିକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟସଭ୍ୟାମାନେ ଯୋଗଦେଇ ମା'ଶାରଳାଙ୍କ ନିକଟରେ ଆଶିର୍ବାଦ ଭିକ୍ଷା କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ଭଜନ ଦଳ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା।

## ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉନ୍ନତିକରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ

ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜମଟାଙ୍ଗୀ-ଡିଗୀ ରାସ୍ତାର ଉନ୍ନତି କରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜମଟାଙ୍ଗୀ ଠାରେ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟ ଇଂ ରାକେଶ କୁମାର ତ୍ରିପାଠୀ, ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ପାନେଶ୍ୱରୀ ଦେହୁରୀ, ମନୁପାଲି ସରପଞ୍ଚ ଭାରତୀ ମଲ୍ଲିକ ଉପସ୍ଥିତ ଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୯ କୋଟି ୬୭ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟ ଅଟକଳରେ ଉକ୍ତ ରାସ୍ତାର ଉନ୍ନତି କରଣ କାର୍ଯ୍ୟ କରାଯିବ। ଆଜିର ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବରେ ବରିଷ୍ଠ ବିଜେପି ନେତା କିଶୋର କୁମାର ମେହେର, ଶାନ୍ତନୁ କୁମାର ଥାଟୀ, ସୁରେନ୍ଦ୍ର ମେହେର, ଜମଟାଙ୍ଗୀ ୱାର୍ଡ ସଭ୍ୟା ମୁକ୍ତା ଦେହୁରୀ, ସ୍ଥାନୀୟ ଜନ ସାଧାରଣ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱରେ ଥିବା ଯନ୍ତ୍ରୀ ମାନେ ଉପସ୍ଥିତ ଥିଲେ।



## ପିକ୍‌ଅପ୍ ଓଲଟି ୨୯ ଆହତ

ଶୁଳିଆପଦା, (ଭାସ୍କର ନ୍ୟୁଜ୍ ) : ଶୁଳିଆପଦା ଥାନା ଅନ୍ତର୍ଗତ ବାଲିଶୁଳିଆ ନିକଟରେ ରବିବାର ରାତି ୦୭:୩୦ମିନିଟ ସମୟରେ ଏକ ପିକଅପ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨୯ ଜଣ ଆହତ ହୋଇଥିବାର ଜଣାପଡିଛି। ସୂଚନାଯୋଗ୍ୟ ଯେ ଏକ ପିକଅପରେ ତିରିଶରୁ ଉର୍ଦ୍ଧ୍ୱ ଶ୍ରମିକ ଜଙ୍ଗଲରୁ ଶାଳ ପତ୍ର ତୋଳି ସାରି ଘରକୁ ଫେରୁଥିବା ସମୟରେ ଉକ୍ତ ଥାନା ଅଧୀନ ବାଘଡ଼ା-ମୋରଡା ରାସ୍ତାର ବାଲିଶୁଳିଆ ନିକଟରେ ଭାରସାମ୍ୟ ହରାଇ ପିକ୍‌ଅପ୍‌ଟି ଓଲଟି ପଡିବା ଫଳରେ ପିକଅପରେ ଥିବା ଶ୍ରମିକ ମାନଙ୍କୁ ମଧ୍ୟରୁ ୨୯ ଜଣ ଆହତ ହୋଇଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ୫ ଜଣ ଗୁରୁତରଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ପଠାଯାଇଛି।



## ଆୟୁଷ୍ମାନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଏନ୍‌ଏସିରେ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୁଷୋତ୍ତମପୁର ସ୍ଥିତ କପିଳେଶ୍ୱରପୁର ଶାସନ ସାହିରେ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବ୍ଲକ ପୋଗ୍ରାମ ମ୍ୟାନେଜର ରାଧା କୃଷ୍ଣ ସାବତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର, ଆସ୍କା ସାଂସଦ ଅନିତା ଶୁଭ ଦର୍ଶନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ନଗର ପାଳ କୃଷ୍ଣ ଚନ୍ଦ୍ର ପଣ୍ଡା, ଡ଼ାକ୍ତର ଶୁଭାଶିଷ ଗୋସ୍ୱାମୀ ଅତିଥି ଭାବେ ଯୋଗ ଦେଇ ସହରାଞ୍ଚଳରେ ୫୦ଜଣ ହିତାଧିକାରୀ ଚୟନ ହୋଇ ଆସିଥିବା ଆୟୁଷମାନ ଭାରତ କାର୍ଡ ବଣ୍ଟନ କରିଥିଲେ। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିପ୍ଳବ ସ୍ୱାସ୍ଥ୍ୟ ଆନ୍ଦୋଳନକୁ ରାଜ୍ୟ ସରକାର ମାନ୍ୟବର ମୋହନ ଚରଣ ମାଝୀ ଓଡ଼ିଶା ରାଜ୍ୟରେ ଲାଗୁକରି ଗରିବ ଗୁରୁମାଙ୍କ ମାଗଣା ସ୍ୱାସ୍ଥ୍ୟ ଖର୍ଚ୍ଚକୁ କାର୍ଡ ମାଧ୍ୟମରେ ବହନ କରିବେ। ଏହା ପ୍ରତି ଗରିବ ହିତାଧିକାରୀଙ୍କୁ ବଣ୍ଟନ ବ୍ୟବସ୍ଥା କରାଯାଇଛି। ଆନୁଷ୍ଠାନିକ ଭାବେ ସହରରେ ବଣ୍ଟନ କାର୍ଯ୍ୟକ୍ରମ ହେଉଛି ଆଗାମୀ ଦିନରେ ସମସ୍ତ ପରିବାରଙ୍କ ଘରକୁ ଘର ଯାଇ କାର୍ଡ ବଣ୍ଟନ ହେବ। ଏହି ଅବସରରେ ଆଜି ରାଜ୍ୟ ଉପସଭାପତିଙ୍କ ସହ ସାଂସଦ ଓ ବିଧାୟକ ଯୋଗ ଦେଇଥିବାରୁ ନଗର ପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବରିଷ୍ଠ ବିଜେପି ନେତୃମଣ୍ଡଳୀ, କାଉନସିଲର ବନ୍ଧୁ, ଯୁବ, ମହିଳା, ଛାତ୍ର ବିଜେପି କର୍ମୀ ଯୋଗ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ଏକାଦଶ ରାଜ୍ୟସ୍ତରୀୟ ପାରଳା ନାଟକ ମହୋତ୍ସବ ଉଦ୍‌ଘାଟିତ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍ ) : ପାରଳାଖେମୁଣ୍ଡିର ଅଗ୍ରଣୀ ନାଟ୍ୟ ସଂଗଠନ କ୍ରିଏଟିଭ ଆର୍ଟସ ଦ୍ୱାରା ସ୍ଥାନୀୟ ନଗର ଭବନ ଠାରେ ଏକାଦଶ ରାଜ୍ୟସ୍ତରୀୟ ପାରଳା ନାଟକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି ଉତ୍ସବର ଉଦ୍‌ଘାଟନୀ ସମାରୋହରେ ଉଦ୍‌ଘାଟକ ଭାବେ ପାରଳାଖେମୁଣ୍ଡି ପୂର୍ବତନ ବିଧାୟକ ତଥା ନାଟ୍ୟ ଉତ୍ସବର ଆବାହକ କେ.ନାରାୟଣ ରାଓ, ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସମ୍ମାନିତ ଅତିଥି ଭାବରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ ଓ ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ଅନୁଷ୍ଠାନର ଉପ ସଭାପତି ଏମ.ପୃଥିବୀ ରାଜ ମଞ୍ଚାସୀନ ଥିଲେ। ଉପାନ୍ତ ଅଞ୍ଚଳରେ ଭଲ ପ୍ରେକ୍ଷାଳୟ ନଥିବା ସତ୍ତ୍ୱେ ଦୀର୍ଘ ବର୍ଷ ହେଲା ନାଟକ ପରମ୍ପରା ବଜାୟ ରଖିବା ଓ ବିଭିନ୍ନ ସ୍ଥାନରେ ନାଟକ ପରିବେଷଣ କରି ଜିଲ୍ଲାକୁ ସୁନାମ ଅର୍ଜନ ପାଇଁ ଅତିଥି ମାନେ ପ୍ରଶଂସା କରିଥିଲେ। ଆୟୋଜକ ମାନଙ୍କ ପକ୍ଷରୁ ସ୍ଥାୟୀ ରଙ୍ଗମଞ୍ଚ ଓ ସଂସ୍କୃତି ଭବନ ସଠିକ ସ୍ଥାନରେ ନିର୍ମାଣ ନିମନ୍ତେ ଦାବି ଉଠିଥିଲା। ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକ ଉଦଘାଟନୀ ସଭାକୁ ସଭାପତିତ୍ୱ କରିଥିବା ବେଳେ ଯୁଗ୍ମ ସଂପାଦକ ଆଦର୍ଶ ଦାସ ସ୍ୱାଗତ ଭାଷଣ ଦେଇଥିଲେ ସଂପାଦକ ମନୋଜ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜକ କ୍ରିଏଟିଭ ଆର୍ଟସ୍ ଅନୁଷ୍ଠାନର କଳାକାର ମାନେ ନାଟକ 'ଶେଷଇଚ୍ଛା' ପରିବେଷଣ କରିଥିଲେ। ମଣିଷ ବାପା ମାଆଙ୍କ ଠାରୁ ଜନ୍ମ ନିଏ ଆଉ ବଡ ହେବା ପରେ ପୁଅ ଚାକିରୀ କରି ବାପା ମାଆଙ୍କୁ ଭୁଲି ଯାଏ, ଆଉ ଝିଅ ଶାଶୁ ଘରକୁ ଯାଇ ଭୁଲେ। ତେବେ ପରିଣତ ବୟସରେ ବାପା ମା ପହଞ୍ଚିଲା ପରେ ସମ୍ପତ୍ତି ଲୋଭରେ ପୁଣି ଫେରନ୍ତି ପିଲାମାନେ। ହେଲେ ମଣିଷ ସ୍ୱାର୍ଥପର ହୋଇଗଲା ପରେ ବାପା ମାଆଙ୍କ ଶେଷ ଇଚ୍ଛା କ'ଣ ପୁରଣ କରିପାରନ୍ତି ନା କେବଳ ସମ୍ପତ୍ତି ଲୋଭରେ ଘରକୁ ଆସିଥାନ୍ତି। ଏଭଳି ଏକ ସୁନ୍ଦର କାହାଣୀକୁ ନେଇ ନାଟକ ଶେଷଇଚ୍ଛା ମଞ୍ଚସ୍ଥ ହୋଇଥିଲା। ନାଟକକୁ ପ୍ରଭାକର ପାତ୍ର ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ମନୋଜ ପାଢ଼ୀ ଓ ଆଦର୍ଶ ଦାସ। ସଙ୍ଗୀତରେ ଗୁରୁ ରଘୁନାଥ ପାତ୍ର ଏବଂ ମାଷ୍ଟର ଅରୁଣ ଓ ଅଭିନୟରେ ନୃସିଂହ ଚରଣ ପଟ୍ଟନାୟକ, ମନୋଜ ପାଢ଼ୀ, ଆଦର୍ଶ ଦାସ, ହରିହର ପଟ୍ଟନାୟକ, ଏମ.ପୃଥିବୀରାଜ, ଇନ୍ଦିରା ପଟ୍ଟନାୟକ, ମମତା ପାଢ଼ୀ, ମାତଙ୍ଗିନୀ ଗୁରୁ, ଜଟିଆ ଗୌଡ, ହର ତ୍ରିପାଠୀ, ସତ୍ୟ ପଢିୟାରି, ସୁଜିତ୍ ପାଣିଗ୍ରାହୀ, ସୁଦାମ ବରାଡ, ଜ୍ଞାନ ରଞ୍ଜନ ଦାସ ପ୍ରମୁଖ ଅଭିନୟ କରି ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଂଚ ସମ୍ମୁଖରେ ବାନ୍ଧି ରଖିବା ସହ ମନ ଜିଣିଥିଲେ।




ଆସିକା (ଭାସ୍କର ନ୍ୟୁଜ୍) : ଇନଷ୍ଟିଚ୍ୟୁଟ ଫର୍ ପଲିସି ରିସର୍ଚ୍ଚ ଇନ୍ ଇକୋନୋମିକସ୍ ମେନେଜମେଣ୍ଟ ଏଣ୍ଡ ସୋସିଆଲ ଡେଭଲପମେଣ୍ଟର ବାର୍ଷିକ ଉତ୍ସବ 'ଅନ୍ୱେଷଣ ୨୦୨୫', ରାଜ୍ୟସ୍ତରୀୟ ସାଂସ୍କୃତିକ ଉତ୍ସବ, ଗଞ୍ଜାମ କଳା ପରିଷଦ, ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରଫେସର ଗୌରୀ ଶଙ୍କରଲାଲ ପୂର୍ବତନ ପ୍ରାଧାପକ, ବାଣିଜ୍ୟ ବିଭାଗ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡିଶା, ଯୋଗ ଦେଇ ଥିବାବେଳେ ସମ୍ମାନନୀୟ ଅତିଥିଭାବେ ପ୍ରେମ୍ ସିଂହ ବିଷ୍ଟ, ନୂଆ ଦିଲ୍ଲୀ, ଏନ୍ ସନ୍ତୋଷ କୁମାର ରେଡ୍ଡୀ, ନିର୍ଦ୍ଦେଶକ ଉର୍ଜା ଏକାଡେମୀ ବ୍ରହ୍ମପୁର, ବରିଷ୍ଠ ସାମ୍ବାଦିକ ସୁଦୀପ୍ ସାହୁ ଯୋଗ ଦେଇଥିଲେ। ଇନଷ୍ଟିଚିଉଟ ଫର୍ ପଲିସି ରିସର୍ଚ୍ଚ ଇନ୍ ଇକୋନୋମିକସ୍ ମେନେଜମେଣ୍ଟ ଏଣ୍ଡ ସୋସିଆଲ ଡେଭଲପମେଣ୍ଟରର ନିର୍ଦ୍ଦେଶକ ଡକ୍ଟର ପ୍ରବୀଣ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କେ ଶିବକୁମାର୍ ଅତିଥି ପରିଚୟ ପ୍ରଦାନ କରିଥିଲେ। କେ ଶିବକୁମାର ଓ ସ୍ୱସ୍ତିସୁନ୍ଦର୍ ମଞ୍ଚପରିଚାଳନରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ଉଦ୍ୟୋଗୀ ଅନୁଷ୍ଠାନ ରଶ୍ମି ଏଣ୍ଟର୍ପ୍ରାଇଯେଶ୍, ଭିତମ୍, କୁନାଲ ବୁକ୍ ,ଉର୍ଜା ଏକାଡେମୀ, ମାତାରାତାରିଣୀ ନର୍ସିଂ କଲେଜ, ପ୍ର ଆର୍ଯ୍ୟାନ୍ ଏକାଡେମୀ ଆଦି ଅନୁଷ୍ଠାନ ସହଯୋଗ କରିଥିଲେ ଓ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ। ଏଥିସହ ଦୁଇଟି ପୁସ୍ତକର ଉନ୍ମୋଚନ କରାଯାଇଥିଲା । ଏଥିରେ ପ୍ରସନ୍ନାକ୍ଷୀ, , ନେକ୍ସଟ୍ ଲେଭେଲ ଡାନ୍ସ ଷ୍ଟୁଡିଓ ମିନିମିରକଲ ଆଦି ପ୍ରମୁଖ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ମାନଙ୍କ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମ ରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଉଦୀୟମାନ ତାରକା ସତ୍ୟ ସୁନ୍ଦର ଦାସ ଅତିଥି କଳାକାର ଭାବେ ଯୋଗ ଦେଇଥିଲେ। ଏବଂ ସମସ୍ତ ସହଯୋଗୀ ମାନଙ୍କୁ ସେମାନଙ୍କର ସମାଜପ୍ରତି ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



# ବ୍ୟାସ ବିଷ୍ଣୁ ସ୍ନେହାଳୟ ଓ ବ୍ୟାସ ମନ୍ଦିରର ଶିଳାନ୍ୟାସ



ପାରାଦୀପ (ଭାସ୍କର ନ୍ୟୁଜ୍) : ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ସଂଗଠନ ବ୍ୟାସ ଫାଉଣ୍ଡେସନ ଦୀର୍ଘ ସାତ ବର୍ଷ ଧରି ଜିଲ୍ଲା ଓ ଜିଲ୍ଲା ବାହାରେ ବିବିଧ ସେବା କାର୍ଯ୍ୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ପ୍ରତି ତିନି ମାସରେ ଏକ ଆଧ୍ୟାତ୍ମିକ ପତ୍ରିକା ପ୍ରକାଶିତ କରାଇ ସମାଜର ଅବକ୍ଷୟକୁ ସୁଧାରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରି ଆସୁଅଛି। ସଂଗଠନ ଦୀର୍ଘଦିନ ହେବ ଏକ ବୃଦ୍ଧାଶ୍ରମ ଓ ଏକ ବ୍ୟାସ ମନ୍ଦିରର ସ୍ୱପ୍ନ ଦେଖି ଆସୁଥିଲା। ନିକଟ ଅତୀତରେ ନାଳିଆପାଳ ଗ୍ରାମର ବିଷ୍ଣୁ ଚରଣ ସ୍ୱାଇଁ ସ୍ୱେଚ୍ଛାକୃତ ଭାବେ ଜମି ଦାନ କରି ଉକ୍ତ ସ୍ୱପ୍ନ ପୂରଣ ପାଇଁ ପ୍ରାଥମିକ ଦାୟିତ୍ୱ ପୂର୍ଣ୍ଣ କରିଥିଲେ। ସଂଗଠନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ଡ. ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା, ବିବେକାନନ୍ଦ ହୋତା, ରଞ୍ଜନ କୁମାର ପ୍ରଧାନ, ରଶ୍ମିତା ନାୟକ, ଦେବେନ୍ଦ୍ର କୁମାର ମଲ୍ଲିକ, ଯଶୋବନ୍ତ ରାଉତ, ଡ. ପବିତ୍ର କୁମାର କର, ଶରତ ଚନ୍ଦ୍ର ଦାଶ, ଅକ୍ଷୟ କୁମାର ସାହୁ, ପ୍ରଦୀପ୍ତ କୁମାର ସାହାଣୀ, ପ୍ରଶାନ୍ତ କୁମାର ଶତପଥୀ, ନଗେନ୍ଦ୍ର ନାଥ ସ୍ୱାଇଁ, ରାକେଶ କୁମାର ପଟ୍ଟନାୟକ, ସଂଗ୍ରାମ ମନ୍ତ୍ରୀ, ଶଶଧର ପଣ୍ଡା, ଜ୍ଞାନଜ କୁମାର ସାମନ୍ତରାୟ, ସାରଦା ପ୍ରସନ୍ନ ଦାସ, ସୁନାକର ବେହେରା ପ୍ରମୁଖ ଙ୍କ ଉତ୍ସର୍ଗୀକୃତ ଉଦ୍ୟମ ଦ୍ୱାରା ଉକ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମ ଆସନ୍ତା ମେ ମାସ ୮ ତାରିଖ ଗୁରୁବାର ଦିନ ହେବା ପାଇଁ ପ୍ରସ୍ତୁତି ସାରିଛି। ଉକ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ପୂଜ୍ୟପୂଜକ ବାବା ବଳିଆ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ, ଜିଲ୍ଲାପାଳ ଜେ. ସୋନାଲ, ପାରାଦ୍ୱୀପ ବନ୍ଦର ଅଧ୍ୟକ୍ଷ ପି. ଏଲ୍. ହରନାଦ, ପାରାଦ୍ୱୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଣୁ ଏହି ସେବାଧର୍ମୀ କାର୍ଯ୍ୟକ୍ରମରେ ସ୍ୱପ୍ନେଶ୍ୱର ମନ୍ଦିର ସନ୍ନିକଟ ବିବଛପୁର, ନାଳିଆପାଳ ଭୂମିପୂଜନ ସ୍ଥାନରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଅନୁରୋଧ କରିଛନ୍ତି।

# ଦିବ୍ୟାଙ୍ଗଙ୍କୁ ଚାରି ମାସ ହେଲା ମିଳୁନି ବର୍ଦ୍ଧିତ ଭତ୍ତା



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାରେ ଥିବା ଦିବ୍ୟାଙ୍ଗଙ୍କୁ ୪ ମାସ ହେଲା ବର୍ଦ୍ଧିତ ଭତ୍ତା ମିଳୁନି, ଏନେଇ ଗଞ୍ଜାମ ଜିଲ୍ଲା ମୂକ, ବଧିର ଆସୋସିଏସନ୍ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ଏଥିସହ ଗତ ୪ ମାସର ବର୍ଦ୍ଧିତ ଭତ୍ତା ପ୍ରଦାନ ସହ ଏହା କାର୍ଯ୍ୟକାରୀ କରିବାକୁ ଗଞ୍ଜାମ ଜିଲ୍ଲା ମୂକ, ବଧିର ଆସୋସିଏସନ୍‌ର ସାଧାରଣ ସମ୍ପାଦକ ପ୍ରଭାକର ସାହୁ ଗଞ୍ଜାମ ଜିଲ୍ଲାପାଳଙ୍କୁ ଚିଠି ଦ୍ୱାରା ଅନୁରୋଧ କରିଥିବା ସେ ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ ତାଙ୍କ ଅଧୀନ ରେ ଥିବା ୩୦ଜଣ ୧୦୦ ପ୍ରତିଶତ ମୂକ ଓ ବଧିର ଅଛନ୍ତି, ପ୍ରତି ମାସରେ ମଧୁବାବୁ ପେନସନ ଯୋଜନାରେ ୧୨୦୦ ଟଙ୍କା ଭତ୍ତା ମିଳୁଥିଲା। ପରେ ରାଜ୍ୟ ସରକାର ଏହାକୁ ବର୍ଦ୍ଧିତ କରି ୩୫୦୦ ଟଙ୍କା କରିଥଲେ। ମାତ୍ର ଜାନୁଆରୀରୁ ଏପ୍ରିଲ ପର୍ଯ୍ୟନ୍ତ ୪ମାସ ହେଲା ଏହି ବର୍ଦ୍ଧିତ ଭତ୍ତା ସେମାନଙ୍କୁ ମିଳିନି। ସେହିପରି ହିଞ୍ଜିକାଟୁ ପାଟଣାସାହିର ବିକାଶ କୁମାରୀ ସାହୁଙ୍କ ପୁଅ ସନ୍ତୋଷ ସାହୁ ସମ୍ପୂର୍ଣ୍ଣ ରୂପେ ମୂକ ଓ ବଧିର, ଜାନୁଆରୀରୁ ଏ ପର୍ଯ୍ୟନ୍ତ ବର୍ଦ୍ଧିତ ଭତ୍ତା ନପାଇ ମାସିକ ୧୨୦୦ ଟଙ୍କା ଭତ୍ତା ପାଉଛନ୍ତି। ବର୍ଦ୍ଧିତ ଭତ୍ତା ଦେବାକୁ ସେ ମଧ୍ୟ ସୋମବାର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଅନୁରୋଧ କରିଛନ୍ତି।

# ଓଲଟିଲା ଶାଳପତ୍ର ବୋଝେଇ ପିକ୍‌ଅପ୍

## ଜଣେ ମୃତ, ୨୮ ଆହତ

ଶୁଳିଆପଦା (ଭାସ୍କର ନ୍ୟୁଜ୍) : ଶୁଳିଆପଦା ଥାନା ଅନ୍ତର୍ଗତ ବାଲିଶୁଳିଆ ନିକଟରେ ରବିବାର ରାତି ୦୭:୩୦ମିନିଟ୍ ସମୟରେ ଏକ ପିକ୍‌ଅପ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨୯ଜଣ ଆହତ ହୋଇଥିବାର ଜଣାପଡିଛି। ସୂଚନାଯୋଗ୍ୟ ଯେ ଏକ ପିକ୍‌ଅପ୍‌ରେ ତିରିଶରୁ ଉର୍ଦ୍ଧ୍ୱ ଶ୍ରମିକ ଜଙ୍ଗଲରୁ ଶାଳପତ୍ର ତୋଳି ସାରି ଘରକୁ ଫେରୁଥିବା ସମୟରେ ଉକ୍ତ ଥାନା ଅଧୀନ ବାଘଡ଼ା-ମୋରଡା ରାସ୍ତାର ବାଲିଶୁଳିଆ ନିକଟରେ ଭାରସାମ୍ୟ ହରାଇ ପିକ୍‌ଅପ୍‌ଟି ଓଲଟି ପଡିବା ଫଳରେ ସେଥିରେ ବସିଥିବା ଶ୍ରମିକମାନଙ୍କୁ ମଧ୍ୟରୁ ୨୯ ଜଣ ଆହତ ହୋଇଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ୫ ଜଣ ଗୁରୁତରଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ପଠାଯାଇଥିଲା। ସେଥିମଧ୍ୟରୁ ଜଣକର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ବିଧାୟକ ତଥା ମାନ୍ୟବର ନଗଗଉନ୍ନୟନ ମନ୍ତ୍ରୀ ବାରିପଦା ଡାକ୍ତରଖାନାକୁ ଯାଇ ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହିତ ଡାକ୍ତରଙ୍କ ସହିତ ବିଚାରବିମର୍ଶ କରିଥିଲେ।




# ନନ୍ଦପୁର ଗୋଦାମଗୃହ ନିଜ ଅକ୍ତିଆରକୁ ନେଲା ଯୋଗାଣ ବିଭାଗ




ତିହିଡି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧିନ ନନ୍ଦପୁର ବଜାରରେ ଯୋଗାଣ ବିଭାଗର ଏକ ଗୋଦାମ ଗୃହକୁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଯୋଗାଣ ବିଭାଗ ନିଜ ଅକ୍ତିଆରକୁ ନେଇଥିବା ଜଣାପଡିଛି। ଗତ ୨୦୦୫ ମସିହାରେ ନନ୍ଦପୁର ବଜାରରେ ଯୋଗାଣ ବିଭାଗର ଏକ ଗୋଦାମ ଗୃହ ନିର୍ମାଣ କରାଯାଇ ଯୋଗାଣ ସାମଗ୍ରୀ ମହଜୁଦ ରହୁଥିଲା। ସେହି ଗୋଦାମ ଗୃହରୁ ଯୋଗାଣ ସମଗ୍ରୀ ସମସ୍ତ ରିଟେଲର ମାନଙ୍କ ନିକଟକୁ ପଠା ଯାଉଥିଲା। କମ ଟ୍ରାନ୍ସପୋର୍ଟିଂ ଖର୍ଚ୍ଚରେ ଯୋଗାଣ ସାମଗ୍ରୀ ବଣ୍ଟନ ଦାୟିତ୍ୱରେ ଥିବା ଏଜେଣ୍ଟ ସାମଗ୍ରୀ ରିଟେଲର ମାନଙ୍କ ନିକଟରେ ପହଞ୍ଚାଇ ପାରୁଥିଲା। ମାତ୍ର ୨୦୧୭ ମସିହା ଠାରୁ ବାସୁଦେବପୁର ବ୍ରାହ୍ମଣୀଗାଁରେ ଥିବା ଏକ ଗୋଦାମ ଗୃହରେ ଯୋଗାଣ ସାମଗ୍ରୀ ମହଜୁଦ ରଖାଯାଇ ସେଠାରୁ ଏଜେଣ୍ଟ ମାଧ୍ୟମରେ ରିଟେଲରମାନଙ୍କ ନିକଟକୁ ପଠାଯାଉଛି । ମାତ୍ର ଯୋଗାଣ ବିଭାଗର କେଉଁଠି କେତେ ଗୋଦାମଗୃହ ରହିଛି ତା'ର ଅବସ୍ଥା ସମ୍ପର୍କରେ ଜଣାଇବା ପାଇଁ ସରକାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ଓ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ ନନ୍ଦପୁର ବଜାରରେ ପହଞ୍ଚି ଗୋଦାମ ଗୃହ ଚାବି ପଡିଥିବାର ଦେଖିଥିଲେ। ଗୋଦାମ ଗୃହର ଚାବିକାଠି କାହା ପାଖରେ ଅଛି ତାହାର ଖବର କିଛି ମିଳିନଥିଲା। ଯେଉଁଥି ପାଇଁ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ବେହେରା ତିନୋଟି ଗୋଦାମ ଗୃହରେ ତିନିଟି ତାଲା ପକାଇ ସିଲ୍ କରିଦେଥିବା ଜଣାପଡ଼ିଛି। ଭଦ୍ରକ ଓ ନନ୍ଦପୁରରେ ଗୋଦାମଗୃହ ଥିବାବେଳେ ବ୍ରାହ୍ମଣୀ ଗାଁରେ କାହିଁକି ଯୋଗାଣ ସାମଗ୍ରୀ ରଖାଯାଇ ସରକାର ଅଧିକ ଟ୍ରାନ୍ସପୋର୍ଟିଂ ଖର୍ଚ୍ଚ ଦେଇ ଏଜେଣ୍ଟ ମାଧ୍ୟମରେ ରିଟେଲରମାନଙ୍କ ନିକଟକୁ ପଠାଉଛନ୍ତି ବୋଲି ପ୍ରଶ୍ନ ଉଠିଛି। ଗୋଦାମଗୃହ ସିଲ୍‌ବେଳେ ଜିଲ୍ଲା ଯୋଗାଣ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ପରେ ଗୋଦାମଗୃହର ସିଲ୍ ଖୋଲା ହେବାପରେ ଗୋଦାମ ଗୃହରେ କ'ଣ ଅଛି ଆଉ କିଏ ବ୍ୟବହାର କରୁଥିଲା ତାହା ସ୍ପଷ୍ଟ ହେବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ବେହେରା କହିଛନ୍ତି।

# ଲୋକେ କହିଲେ ଜିଲ୍ଲାପାଳ ହେବେ ତ ଏମିତି : ଲୋକଙ୍କ ପ୍ରଶାସକ ଜିଲ୍ଲାପାଳ ହେମକାନ୍ତ ସୟ



ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାର ବାରିପଦା ମ୍ୟୁନିସିପାଲଟିର ୨୫ନଂ ୱାର୍ଡ ଅନ୍ତର୍ଗତ ଦେବେନ୍ଦ୍ରପୁର ଓ ତତ୍‌ସଂଲଗ୍ନ ତାଡ଼କୀ, ପୁରୁଡ଼ିହି, ଗୋପାଳପୁର, ରଙ୍ଗାମାଟିଆ ଏବଂ ଆଖପାଖର ଅନ୍ୟାନ୍ୟ ଗ୍ରାମବାସୀ ରେଳ ଧାରଣାର ଫାଟକ ବନ୍ଦ ହେବା କାରଣରୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବାରିପଦା ଉପଖଣ୍ଡରେ ୦୫/୦୫/୨୫ ରିଖ ଆଜି ଜନ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ ଅଞ୍ଚଳର ସ୍ଥାୟୀ ବାସିନ୍ଦା ତଥା ସମାଜସେବୀ ଅନାଦି ପଣ୍ଡିତଙ୍କ ନେତୃତ୍ୱରେ ଫାଟକ ସର୍ବସାଧାରଣଙ୍କ ଯାତାୟତ ନିମନ୍ତେ ଖୋଲି ଦିଆଯାଉ ନଚେତ୍ ଫାଟକ ନିକଟରେ ଗଳାପୋଲ ନିର୍ମାଣ ପାଇଁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ଲିଖିତ ଅନୁରୋଧ କରିଛନ୍ତି। ଏହି ଅଞ୍ଚଳର ମୁଖ୍ୟ ଯାତାୟତ ରାସ୍ତା ବ୍ରୋଡ଼ଗେଜ ରେଳ ରୁଟ୍ ପାଇଁ ବନ୍ଦ ହୋଇଯିବାରୁ ଦୈନିକ ଜୀବନଚର୍ଯ୍ୟା ବ୍ୟବସ୍ଥାରେ ଗଭୀର ବାଧା ସୃଷ୍ଟି ହୋଇଛି। ଦୀର୍ଘ ବର୍ଷରୁ ଅର୍ଥାତ ରାଜାମହାରାଜାଙ୍କ କାଳରୁ ଉକ୍ତ ରାସ୍ତା ସର୍ବସାଧାରଣଙ୍କ ଯାତାୟତ ନିମନ୍ତେ ରହିଥିଲା କିନ୍ତୁ ହଠାତ୍ ରେଳ ବିଭାଗ ପକ୍ଷରୁ ଉକ୍ତ ଫାଟକ ନଂ ୪୮/୫ ଓ ୪୮/୬ (ରୁପ୍ସା ବାଙ୍ଗିରିପୋଷି ଭାୟା ଛାଞ୍ଚ)କୁ ବନ୍ଦ କରାଯାଇଥିଲା କିନ୍ତୁ ସେହି ସମୟରେ କୁହାଯାଇଥିଲା ଯେ ପରେ ଉକ୍ତ ଫାଟକଟି ପୁନର୍ବାର ଖୋଲି ଦିଆଯିବ କିନ୍ତୁ ଅଦ୍ୟାବଧି ହୋଇନାହିଁ। ଆଜି ଅଞ୍ଚଳବାସୀ ଅନାଦି ପଣ୍ଡିତଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଅବଗତ କରାଇ ଥିଲେ ଯେ, ବର୍ତ୍ତମାନ ବ୍ୟବହୃତ ରାସ୍ତା ବନ୍ଦ ହୋଇଥିବାରୁ ଆମ୍ବୁଲାନ୍ସ, ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧ, ଗର୍ଭବତୀ ମହିଳା ଓ ରୋଗୀମାନେ ୭-୮ କି.ମି ଦୂର ଅନ୍ୟ ପଥ ଅତିକ୍ରମ କରି ଯାତ୍ରା କରିବାକୁ ବାଧ ହେଉଛନ୍ତି। ଏହି ଦୁଃଖଦ ପରିସ୍ଥିତି ବାବଦରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ ରେଳ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ସ୍ଥାନୀୟ ଜନସାଧାରଣଙ୍କ କହିବା ଅନୁସାରେ, ଗେଟ୍ ନଂ ୪୮/୫ ଓ ୪୮/୬ ନିକଟରେ ଏକ ଗଳାପୋଲ ନିର୍ମାଣ କରାଗଲେ ସମସ୍ତ ଅଞ୍ଚଳର ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ ହେବ। ନିକଟ ଅତୀତରେ ଜଣେ ଗର୍ଭବତୀ ମହିଳାଙ୍କୁ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବାରୁ ଗର୍ଭସ୍ଥ ଶିଶୁର ମୃତ୍ୟୁ ଘଟିଥିବା ଭଳି ଦୁଃଖଦ ଘଟଣା ମଧ ଘଟିଯାଇଛି ବୋଲି କହିଛନ୍ତି। ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ଘଟଣା ବାବଦରେ ଅବଗତ ହେଲା ପରେ ତୁରନ୍ତ ତହସିଲଦାର ବାରିପଦାଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଏବଂ ତହସିଲଦାର ବାରିପଦା ସଙ୍ଗେ ସଙ୍ଗେ ଆର.ଆଇ-୩ ଶ୍ରୀ ତନ୍ମୟ ସାହୁଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଆର.ଆଇ ଶ୍ରୀ ସାହୁ ଜିଲ୍ଲାପାଳ ଓ ତହସିଲଦାରଙ୍କ ନିର୍ଦ୍ଦେଶାନୁସାରେ ତଦନ୍ତ ମଧ କରିଛନ୍ତି। ଜିଲ୍ଲାପାଳ କହିଛନ୍ତି ଯଦି ସରକାରୀ ସ୍ଥାନରେ ରାସ୍ତା ନିର୍ମାଣ ହୋଇଥାଏ ଏବଂ ଅନୁରୋଧ ପତ୍ରରେ ଲିଖିତ ତଥ୍ୟ ବାସ୍ତବ ତା'ହେଲେ ତଦନ୍ତ ପରେ ଏନ୍.ଓ.ସି ପ୍ରଦାନ ପୂର୍ବକ ରେଳବାଇକୁ ସମସ୍ୟା ବାବଦରେ ଅବଗତ ପୂର୍ବକ ସମାଧାନ ନିମନ୍ତେ ଜିଲ୍ଲାପାଳ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ଜିଲ୍ଲାପାଳଙ୍କୁ ୨୫ନଂ ୱାର୍ଡ କାଉନସିଲର ଶ୍ରୀ ଦେବାଶିଷ ପାତ୍ର ଭୂୟସୀ ପ୍ରଶଂସା କରିବା ସହିତ ତାଙ୍କର ଏଭଳି ଜନଦରଦୀ ପଦକ୍ଷେପ ପାଇଁ ଧନ୍ୟବାଦ୍ ମଧ ଜଣାଇଛନ୍ତି। ବର୍ତ୍ତମାନ ଏହି ଅଞ୍ଚଳର ଜନସମସ୍ୟାକୁ ନେଇ ଜିଲ୍ଲାପାଳ କେଉଁ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ଅଞ୍ଚଳବାସୀ ଅପେକ୍ଷା କରୁଛନ୍ତି। ଅଞ୍ଚଳବାସୀଙ୍କ ସମେତ୍ ଅଞ୍ଚଳର ଲଢୁଆ ଯୁବ ସମାଜସେବୀ ଜଗବନ୍ଧୁ ପଣ୍ଡିତ ମଧ୍ୟ ଜିଲ୍ଲାପାଳଙ୍କୁ ପ୍ରଶଂସା ପୂର୍ବକ ଧନ୍ୟବାଦ ଜଣାଇଛନ୍ତି।

# 'ଓଡ଼ିଆ ଯାତ୍ରା ଜଗତକୁ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଅବଦାନ ଅତୁଳନୀୟ'



ଜଗତସିଂହପୁର (ଭାସ୍କର ନ୍ୟୁଜ୍): ବହୁ ପ୍ରାଚୀନ କାଳରୁ ଯାତ୍ରା ନାଟକ ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ ଭାବେ ରହିଛି। ଓଡ଼ିଶାର ଅନେକ ନାଟ୍ୟକାର ତାଙ୍କ ରଚିତ ନାଟକ ଦ୍ୱାରା ଓଡ଼ିଆ ଯାତ୍ରା ନାଟକକୁ ନୂଆ ଦିଶା ଦେଇଛନ୍ତି ସେମାନଙ୍କ ମଧ୍ୟରୁ ନାଟ୍ୟକାର ସୁଧାକର ଦ୍ୱିବେଦୀ ଅନ୍ୟତମ। ତାଙ୍କ ସୃଷ୍ଟି ସମ୍ଭାର ଓଡ଼ିଆ ଯାତ୍ରା ନାଟକକୁ ଋଦ୍ଧିମନ୍ତ କରିଛି ବୋଲି ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ସ୍ମୃତି ପରିଷଦ ପକ୍ଷରୁ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୫ତମ ଜୟନ୍ତୀ ସମାରୋହରେ ଯୋଗଦେଇ ଅତିଥିମାନେ ଏହି ମତପୋଷଣ କରିଛନ୍ତି। ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦର ସଭାପତି ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ଓ ଉପସ୍ଥାପିକା ସଂଗୀତା ଦାସ ସଭା ସଂଯୋଜନା କରିଥିବା ବେଳେ କୃତୀ ଶିକ୍ଷକ ଅଞ୍ଜନ କୁମାର ସାହୁ ଅତିଥି ପରିଚୟ ଓ ପରିଷଦର ସମ୍ପାଦକ ତଥା ନାଟ୍ୟକାରଙ୍କ ସୁପୁତ୍ର ସରୋଜ କୁମାର ଦ୍ୱିବେଦୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ କହିଥିଲେ ସୁଧାକର ଦ୍ୱିବେଦୀଙ୍କ ନାଟକ କେବଳ ମନୋରଞ୍ଜନର ମାଧ୍ୟମ ନଥିଲା ବରଂ ସମାଜକୁ ସୁଶିକ୍ଷା ଓ ସଚେତନ କରାଇବା ପାଇଁ ଅଭିପ୍ରେତ ଥିଲା । ମାତ୍ର ୩୨ବର୍ଷ ଭିତରେ ନାଟ୍ୟକାର ସୁଧାକର ଦ୍ୱିବେଦୀ ୨୦ଖଣ୍ଡ ଉଚ୍ଚମାନର ନାଟକ ଲେଖି ନାଟ୍ୟ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରଖି ଯାଇଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ତିର୍ତ୍ତୋଲ ବିଧାୟକ ପ୍ରଫେସର ଡ଼ଃ ରମାକାନ୍ତ ଭୋଇ ଯୋଗଦେଇ ତାଙ୍କ ବକ୍ତବ୍ୟରେ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ବହୁ ଚର୍ଚ୍ଚିତ ନାଟକ ମଧ୍ୟରୁ ଗୃହଲକ୍ଷ୍ମୀ, ଶପଥ ନୁହେଁ କଳଙ୍କ, ଶଙ୍ଖା ଶାଢ଼ୀ ସିନ୍ଦୂର ଓ ବିପ୍ଳବୀର ଅପମୃତ୍ୟୁ ଆଦି ନାଟକ ଉପରେ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଅବସରପ୍ରାପ୍ତ ପ୍ରାପ୍ତ ଅଧ୍ୟାପକ ତଥା ସ୍ତମ୍ଭକାର ହିମାଂଶୁ ଶେଖର ଆଚାର୍ଯ୍ୟ, ନାଟ୍ୟକାର କୈଳାସ ମଲ୍ଲିକ, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସୁଧାକର ଦ୍ୱିବେଦୀଙ୍କ ନାଟକ ଗୁଡିକ ତାଙ୍କ ଉତ୍ତରପିଢ଼ିର ନାଟ୍ୟକାରମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ରମା ରଞ୍ଜନ ସ୍ୱାଇଁ, ଶିକ୍ଷାବିତ ବାବାଜୀ ଚରଣ ସାହୁ, ପରିଷଦର ଉପସଭାପତି କୈଳାସ ଚନ୍ଦ୍ର ମଲ୍ଲିକ, ବନମାଳୀ ମହାରଣା, ସୁରେନ ରାଉତ, ଅଧ୍ୟାପକ ଶାନ୍ତନୁ ମିଶ୍ର, ଅରୁଣ କୁମାର ରାଉତରାୟ, ଅକ୍ଷୟ କୁମାର ମହାନ୍ତି, ସଂଗଠନ ସମ୍ପାଦକ ବିଜନ ମହାପାତ୍ର, ପ୍ରଶାନ୍ତ କୁମାର ଦାଶ, ପ୍ରଦୀପ୍ତ କୁମାର ରଥ ପ୍ରମୁଖ ସୁଧାକର ଦ୍ୱିବେଦୀଙ୍କ ନାଟ୍ୟ ପ୍ରତିଭା ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୫ତମ ଜୟନ୍ତୀକୁ ସ୍ମରଣୀୟ କରିବା ପାଇଁ ସ୍ମୃତିପତ୍ର 'ସୁଧାସୌରଭ'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଏଥିସହିତ ୭୫ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ସେହିପରି ସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳ ଓ ନାଟ୍ୟକାର ଇଂ କିଶୋର ମହାପାତ୍ରଙ୍କୁ ମରଣୋତ୍ତର ସମ୍ମାନ ସହ ୯ଜଣ କୃତୀ କଳାକାର ରଞ୍ଜିତା ନାୟକ, ଝୁନାରାଣୀ ଦାଶ, ବ୍ରଜବିହାରୀ ନାୟକ, ଦାମୋଦର ପ୍ରଧାନ, ଯୋଗେନ୍ଦ୍ର ନାଥ ମଲ୍ଲିକ, ସବିତା ମହାନ୍ତି, ରାମ ନାରାୟଣ ନାୟକ, ସତ୍ୟବ୍ରତ ତ୍ରିପାଠୀ ଓ ଅରୁଣ କୁମାର ରଥଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇଥିବା ଧୃତି ସୁନ୍ଦର ସ୍ୱାଇଁ ଓ ରଘୁନାଥପୁର ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ସୂର୍ଯ୍ୟକାନ୍ତ ଜେନା ଓ ଜଗତସିଂହପୁର ବ୍ଲକ ଟପ୍ପର ହୋଇଥିବା ସ୍ୱୟଂକାନ୍ତ ମିଶ୍ର ଓ ସୁସ୍ମିତା ରାଉତଙ୍କୁ ମାନପତ୍ର, ସ୍ମୃତି ଫଳକ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ପରିଷଦର କୋଷାଧ୍ୟକ୍ଷ ରବି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତ୍ୟୁଷରେ ନାଟ୍ୟକାରଙ୍କ ଜନ୍ମସ୍ଥାନ ଗଡ଼୍ମାପୁର ଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ସ୍ମୃତି ରଞ୍ଜନଙ୍କ ଦ୍ୱାରା ମନମୁଗ୍ଧକର ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ପରିଚାଳନାରେ ଶିକ୍ଷାବିତ୍ ଶିଶିର କୁମାର ତ୍ରିପାଠୀ, ସୁକାନ୍ତ କୁମାର ଦ୍ୱିବେଦୀ, ଅଞ୍ଜନ କୁମାର ସାହୁ, ତୁଳସୀ ପ୍ରସାଦ ମହାପାତ୍ର, ନରେଶ ଦାସ, ରାଜକିଶୋର ସାହୁ, ସ୍ମୃତିରଞ୍ଜନ ରାଉତ, ଅଶୋକ କୁମାର ମୁଦୁଲି, ଦିବାକର ଦ୍ୱିବେଦୀ, ତପନ କୁମାର ରାଉତରାୟ, ରଞ୍ଜନ କୁମାର ମିଶ୍ର, ଶରତ କୁମାର ପଣ୍ଡା, ମନୋଜ କୁମାର ଦ୍ୱିବେଦୀ, ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ, ତରୁଣ କୁମାର ରାଉତରାୟ, ସନ୍ତୋଷ କୁମାର ସାହୁ, ଅଜୟ କୁମାର ଗୋଛାୟତ, ସହ ସମ୍ପାଦକ ବିଶ୍ୱଜିତ ଦାଶ, ଅଜୟ କୁମାର ବରାଳ ଓ ଗଣମାଧ୍ୟମ ସଂଯୋଜକ ତନ୍ମୟ କାନ୍ତ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପୁରୁଷୋତ୍ତମପୁର ଏନ୍‌ଏସିରେ ଆୟୁଷ୍ମାନ କାର୍ଡ ବଣ୍ଟନ




ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଏନ୍‌ଏସିରେ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୁଷୋତ୍ତମପୁର ସ୍ଥିତ କପିଳେଶ୍ୱରପୁର ଶାସନ ସାହିରେ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବ୍ଲକ ପୋଗ୍ରାମ ମ୍ୟାନେଜର ରାଧାକୃଷ୍ଣ ସାବତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର , ଆସ୍କା ସାଂସଦ ଅନିତା ଶୁଭ ଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ନଗର ପାଳ କୃଷ୍ଣଚନ୍ଦ୍ର ପଣ୍ଡା, ଡ଼ାକ୍ତର ଶୁଭାଶିଷ ଗୋସ୍ୱାମୀ ଅତିଥି ଭାବେ ଯୋଗ ଦେଇ ସହରାଞ୍ଚଳରେ ୫୦ଜଣ ହିତାଧିକାରୀ ଚୟନ ହୋଇ ଆସିଥିବା ଆୟୁଷମାନ ଭାରତ କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଡ ପ୍ରତି ଗରିବ ହିତାଧିକାରୀଙ୍କୁ ବଣ୍ଟନ ବ୍ୟବସ୍ଥା କରାଯାଇଛି। ଆଜି ଆନୁଷ୍ଠାନିକ ଭାବେ ସହରରେ ବଣ୍ଟନ କାର୍ଯ୍ୟକ୍ରମ ହେଉଛି ଆଗାମୀ ଦିନରେ ସମସ୍ତ ପରିବାରଙ୍କ ଘରକୁ ଘର ଯାଇ କାର୍ଡ ବଣ୍ଟନ ହେବ। ଏହି ଅବସରରେ ଆଜି ରାଜ୍ୟ ଉପସଭାପତିଙ୍କ ସହ ସାଂସଦ ଓ ବିଧାୟକ ଯୋଗ ଦେଇଥିବାରୁ ନଗରପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଧାୟକ ପ୍ରତିନିଧି ସୁଦର୍ଶନ ବେହେରା, କାଉନସିଲର ଭାସ୍କର ବେହେରା, ବରିଷ୍ଠ ବିଜେପି ନେତା ଯଜ୍ଞ ନାରାୟଣ ଦାସ, ସୁରେଶ କୁମାର ମହାନ୍ତି, ଅଜିତ୍ କୁମାର ପଣ୍ଡା, କୃଷ୍ଣଚନ୍ଦ୍ର ନାୟକ, ଲିଟୁନ ଦାସ, କାଉନସିଲର ପ୍ରମୋଦ କୁମାର ଆଚାରି, ବିଶ୍ୱଭୂଷଣ ମହାପାତ୍ର, ବହୁ ନେତୃମଣ୍ଡଳୀ, ଯୁବ, ମହିଳା, ଛାତ୍ର ବିଜେପି କର୍ମୀ ଯୋଗ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ଚୁଆ ପାଣି ପିଉଛନ୍ତି ଖୋଲପା ମୁଣ୍ଡାସାହି ବାସିନ୍ଦା

କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଖୋଲପା ଗ୍ରାମର ମୁଣ୍ଡା ସାହି ବାସିନ୍ଦା ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟ ଠାରୁ ମାତ୍ର ପାଞ୍ଚ କିଲୋମିଟର ଦୂରରେ ଥାଇ ମଧ ଏମାନଙ୍କ ପାଇଁ ସରକାରୀ ଯୋଜନା ସାତ ସପନ। ଏହି ମୁଣ୍ଡାସାହି ବାସିନ୍ଦାଙ୍କ ପାଇଁ ଡିମ୍ବୋ ଗ୍ରାମପଞ୍ଚାୟତ ପକ୍ଷରୁ ଆଜିଯାଏ ପିଇବା ପାଣି ପାଇଁ କୌଣସି ସୁବିଧା କରାଯାଇନାହିଁ। ଲୋକେ ପିଇବା ପାଣି ପାଇଁ ଚୁଆ ଉପରେ ଭରସା କରି ଜୀବନ ନିର୍ବାହ କରୁଛନ୍ତି। ରାତି ପାହିଲେ କାଖରେ ଗରା ମାଠିଆ ଧରି ଦୂରରେ ଥିବା ଏକ ଚୁଆରୁ ପାଣି ଆଣି ନିଜର ଦୈନନ୍ଦିନ ଜୀବନର ଆବଶ୍ୟକତା ପୂରଣ କରୁଛନ୍ତି। ଏହି ଗ୍ରାମରେ ସରକାରଙ୍କ ବସୁଧା ଯୋଜନା ଫେଲ୍ ମାରିଛି। ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରି ଆସୁଥିଲେ ମଧ କେହି ତାଙ୍କ ଦୁଃଖ ଶୁଣୁ ନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

# ରାଶିଫଳ

**ମଙ୍ଗଳବାର, ୦୬ ମଇ ୨୦୨୫**



**ମେଷ:** ବ୍ୟବସାୟ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆୟ ବୃଦ୍ଧି ପାଇବ। ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ। ଆଜି ଘର ସଜାଇବା ପାଇଁ ବ୍ୟବସ୍ଥା ମଧ ପରିବର୍ତ୍ତନ ହେବ।




**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି, ସଫଳତା ବିଳମ୍ବ ହୋଇପାରେ । ମଧ୍ୟାହ୍ନ ଭୋଜନ ପରେ ଏକ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି ହେବ।



**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ। ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ। କୌଣସି ସ୍ଥାନାନ୍ତରଣର ହେବାର ଅଛି ହେଲେ ଭଲ।




**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ। ଏହି ଧାରାରେ, ସାଙ୍ଗମାନଙ୍କ ଉପଭୋଗ ମନୋରଂଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଗାଡି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ।




**ସିଂହ:** ଆପଣଙ୍କର ଅଧ୍ୟକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି। ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।




**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ। କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ। ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ।



**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ। ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ। ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୌଣସି ବିବାଦ ହେବ ନାହିଁ। କିନ୍ତୁ ମଧ୍ୟାହ୍ନ ପରେ ସୁସ୍ଥ ଅନୁଭବ କରିବେ। ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ।



**ବିଛା:** ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ। ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ। ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ। ସାମାଜିକ କ୍ଷେତ୍ରରେ ପର୍ଯ୍ୟାପ୍ତ ପରିମାଣରେ ମିଳିବ। ପରିବାର ସଦସ୍ୟଙ୍କ ସହିତ ପାର୍ଥକ୍ୟ ହୋଇପାରେ।



**ଧନୁ:** ଆଜି, ମନ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ । ତଥାପି, ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ। ମଧ୍ୟାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ। ପ୍ରତିଯୋଗୀଙ୍କ ଇଚ୍ଛା ସଫଳ ହେବ ନାହିଁ।



**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ। ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ୍ୟ ପରିବେଶ ରହିବ। ଆପଣ ଆଧ୍ୟାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ। ନିଷ୍ପତ୍ତି ଶକ୍ତିର ଅଭାବ ରହିବ। ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ । ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ। ପାରିବାରିକ ଜୀବନରେ ସମନ୍ୱୟ ରହିବ। ଶାରୀରିକ ସ୍ୱାସ୍ଥ୍ୟ ମଧ ଭଲ ରହିବ।



**ମୀନ:** ବିବାହ କରିବାକୁ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ ଲାଭ ହେବ। ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ। ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ। ସାଙ୍ଗମାନେ ମଧ ଉପକୃତ ହେବେ। ମଧ୍ୟାହ୍ନ ଭୋଜନ ପରେ, ଆପଣ କୈଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ, (ଭାସ୍କର ନ୍ୟୁଜ):ନବରଙ୍ଗପୁର ଜିଲ୍ଲାର ସମସ୍ତ ଘରୋଇ କମ୍ପାନୀ କୃଷି କର୍ମଚାରୀ ମାନଙ୍କୁ ନେଇ ଗ୍ରୀନ କଲୋନୀ, ଉମରକୋଟ ଠାରେ ଏକ ବୈଠକ କରାଯାଇଥିଲା। ଉକ୍ତ ବୈଠକ ପରେ ଅମ୍ଳା ପେଣ୍ଡ୍ରାଣୀ ସବୁଜ ସେନା ସଙ୍ଘଅ ନାମରେ ଏକ ନୂତନ ସଙ୍ଘ ଗଠିତ ହୋଇ ଯାଇଛି । ଆଗାମି ଦିନରେ ସମାଜରେ ବିଭିନ୍ନ ଗଠନ ମୂଳକ କାର୍ଯ୍ୟ ଏଂ ଜିଲ୍ଲାର ସମସ୍ତ ଘରୋଇ କମ୍ପାନୀ କୃଷି କର୍ମଚାରୀଙ୍କ ପାଇଁ ବିଭିନ୍ନ ସୁବିଧା ଅସୁବିଧାରେ ସହଯୋଗ କରିବା ଉଦେଶ୍ୟରେ ସଙ୍ଘ ଗଠନ କରାଯାଇଅଛି । ଏହି ସଂଘରେ ସର୍ବସମ୍ମତି କ୍ରମେ ସନ୍ତୋଷ କୁମାର ସାହୁ ସଭାପତି, ରାକେଶ ମିସ୍ତ୍ରୀ ଉପସଭାପତି, ଟୁନା ଦାଶ ସମ୍ପାଦକ, ନଶନ ଖରା ଯୁଗ୍ମ ସମ୍ପାଦକ ଏଂ ସୁଶାନ୍ତ ସାହୁ କୋଷାଧକ୍ଷ ରୂପେ ମନୋନୀତ ହୋଇଥଲେ । ଉପଦେଷ୍ଟା ମଣ୍ଡଳୀରେ ବିଶ୍ୱବିହାରୀ ଦାଶ, ଯଶୋବନ୍ତ ମିଶ୍ର, ସମୀର ବିଶ୍ୱାସ, ଶୈଲେନ ବିଶ୍ୱାସ ଓ ଶେହ୍ୱାଜ ଖାନ ଉପସ୍ଥିତ ଥିଲେ । ଉମରକୋଟ ସହଯୋଗୀ ରୂପେ ସରୋଜ ହରିଜନ, ରାଇଘର ସହଯୋଗୀ ରୂପେ ଇନ୍ଦ୍ରଜିତ ବରକନ୍ଦାଜ ଏବଂ ଝରିଗାଁ, ଚନ୍ଦାହାଣ୍ଡି ପାଇଁ ପବିତ୍ର ମାଟିଆ ଓ ଚନ୍ଦ୍ରଶେଖର ଦାଶ ମନୋନୀତ ହୋଇଥିଲେ । ଏଥି ସହିତ ଉମରକୋଟ, ରାଇଘର, ଝରିଗାଁ, ଚନ୍ଦାହାଣ୍ଡି ଅଞ୍ଚଳରୁ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଘରୋଇ କୃଷି କର୍ମଚାରୀ ଉପସ୍ଥିତ ଥିଲେ ।

# ବିଡିଓ ପଦବୀ ଖାଲି : ଉନ୍ନୟନମୂଳକ କାମ ଠପ୍

ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ବ୍ଲକରେ ଦୀର୍ଘ ଦଶ ମାସରୁ ମାସରୁ ଅଧିକ ହେବ ବ୍ଲକ ମୁଖିଆଙ୍କ ପାଇଁ ଚୌକି ଅଛି ହେଲେ ଚୌକିରେ ବସିବା ପାଇଁ ମୁଖିଆ ଅଭାବ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଓଡିଶା ସରକାରଙ୍କ ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକରେ । ଖଡ଼ିଆଳ ବ୍ଲକ ଏକ ହରିଜନ, ଆଦିବାସୀ, ପଛୁଆ ବର୍ଗର ବସବାସ କରୁଥିବା ଖଟିଖିଆ,ମୂଳିଆ, ମଜୁରିଆ ବ୍ଲକ ଅଟେ। ଏହି ବ୍ଲକରେ ୨୬ ଟି ଗ୍ରାମ ପଞ୍ଚାୟତ ରହିଛି ।କିଛି ଗ୍ରାମ ପଞ୍ଚାୟତ, ଗାଁଗୁଡ଼ିକରୁ ବ୍ଲକ ଅଫିସକୁ ଆସିବାକୁ ହେଲେ ପଖାପେକ୍ଷୀ ୧୮ କିଲୋମିଟର ଆସିବାକୁ ପଡିଥାଏ। ବ୍ଲକରେ ପ୍ରାୟତଃ ପ୍ରତ୍ୟକ ଗ୍ରାମପଞ୍ଚାୟତର ଗାଁଗୁଡ଼ିକରୁ ଖଟିଖିଆ, ମଜୁରିଆ ଉଭୟ ପୁରୁଷ, ମହିଳା, ଯୁବକଯୁବତୀ ଦୈନିକ ମଜୁରି କାମ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଲୋକଙ୍କ ପାଇଁ ବ୍ଲକ ଅଫିସ ଏକ ଗୁରୁତ୍ୱ ବହନ କରୁଥିବା ଅଫିସ ଅଟେ । ବର୍ତ୍ତମାନ ସରକାରଙ୍କ ଯୋଜନାଗୁଡିକରେ ସମସ୍ତ ନିୟମ ପରିବର୍ତ୍ତନ ହୋଇଛି। ତେଣୁ ବ୍ଲକ ଅଫିସରେ ସମସ୍ତଙ୍କ କାମ ରହିଛି। ପ୍ରାୟତଃ ଗ୍ରାଞ୍ଚଳରୁ ୭୦ ରୁ ୮୦ ବର୍ଷିଆ ବୃଦ୍ଧବୃଦ୍ଧାମାନେ, ଭିନ୍ନ ଭିନ୍ନ ବିକଳାଙ୍ଗମାନେ ବ୍ଲକ ଅଫିସକୁ ନିଜର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ନେଇ ବହୁ କଷ୍ଟରେ ଆସିଥାନ୍ତି। ବିପଦକୁ ଆଲିଙ୍ଗନ ନିଜର କାମ ପାଇଁ ବ୍ଲକ ଅଫିସକୁ ଆସିଥାନ୍ତି। ହେଲେ ନିରାଶ ହୋଇଫେଇଯାନ୍ତି ଘରକୁ। ଅତି ଦୁଃଖର କଥା ଯେ ଦୀର୍ଘଦିନ ହେବ ଖଡ଼ିଆଳ ବିଡିଓ ବଦବୀ ଖାଲି ପଡିଛି। ପାଖାପାଖି ଦଶ ମାସରୁ ଉର୍ଦ୍ଧ୍ୱ ହେବ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଛି। ଶୂନ୍ୟ ଭରସାରେ ଚାଲିଛି ଏହି ବ୍ଲକ ଅଫିସ। ବର୍ତ୍ତମାନ ଲୋକେ ବ୍ଲକ ଅଫିସକୁ ଭୀଷଣ ଖରାରେ ଆସି ନିରାଶରେ ଫେରିଯାଉଛନ୍ତି। ବ୍ଲକ ପ୍ରକୋଷ୍ଠରେ ପିଇବା ପାଣିର ବ୍ୟବସ୍ଥା ମଧ ନାହିଁ। ଅନ୍ୟପଟେ ନିଜେ ଜିଲ୍ଲାପାଳ ଲୋକଙ୍କୁ ଖରାଦିନେ ପିଇବା ପାଣିର ଯେମିତି ଅସୁବିଧା ନ ହୁଏ ସେଥିପ୍ରତି ବାରମ୍ବାର ବ୍ଲକ ସଭାଗୃହରେ ବୈଠକ କରି ସଚେତନତା କରିଥିବା ବେଳେ ତାହା ବର୍ତ୍ତମାନ ଫସର ଫାଟିଯାଇଛି। ଏହି ଖଡ଼ିଆଳ ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତ ଅଛି। ରାଜ୍ୟ ସରକାର ଖଡ଼ିଆଳ ବ୍ଲକର ଜନସାଧାରଣଙ୍କ ଅଣଦେଖା କରୁଛନ୍ତି ବୋଲି ଲୋକଙ୍କ ମଧରେ ଜୋର ଆଲୋଚନା ହେଉଛି। ପୂର୍ବତନ ବିଡ଼ିଓ ବୀର ସେନ ବେହେରାଙ୍କ ଟ୍ରେନିଂ ପରେ ଆଉ ଖଡ଼ିଆଳ ବ୍ଲକକୁ ନୂତନ ବିଡ଼ିଓ ଆସିନାହାନ୍ତି। ତାଙ୍କ ଟ୍ରେନିଂ ସମୟରେ ଖଡ଼ିଆଳ ତହସିଲରେ କାର୍ଯ୍ୟରତ ତହସିଲଦାର ନର୍ସିଂଗଡବା ଚାର୍ଜରେ ଥିଲେ। ଟ୍ରେନିଂ ସମୟରେ ହିଁ ବିଡ଼ିଓଙ୍କ ବଦଳି ହୋଇଥିଲା। ହେଲେ ଟ୍ରେନିଂ ସାରି ବୀରସେନ ବେହେରା ପୁଣି ଖଡ଼ିଆଳ ବ୍ଲକରେ କିଛି ଦିନ ପାଇ ଯୋଗଦାନ ପରେ ତାଙ୍କୁ ଖଡ଼ିଆଳ ବ୍ଲକରୁ ରିଲିଭ କରିଦିଆଗଲା। ସେଇ ଦିନଠାରୁ ପ୍ରାୟ ଆଠ ମାସରୁ ଉର୍ଦ୍ଧ୍ୱ ହେବ ବ୍ଲକରେ ସ୍ଥାୟୀ ବିଡ଼ିଓ ନାହାନ୍ତି। ଖଡ଼ିଆଳ ତହସିଲଦାର ଦୁଇଟି ଗୁରୁତ୍ୱ ପୂର୍ଣ୍ଣ ପଦବୀରେ ଥାଇ ବ୍ଲକର ବିଡ଼ିଓ ଚାର୍ଜରେ ଅଛନ୍ତି। ସେ ତାଙ୍କ ଲେବେଲରେ ବ୍ଲକର ଯେତେ କାମ କରିବା କଥା ସେ ସେତିକି କାର୍ଯ୍ୟ ବହନ କରୁଛନ୍ତି। ହେଲେ ଏ ଅଞ୍ଚଳର ଅର୍ଥାତ ଖଡ଼ିଆଳ ବ୍ଲକର ଜନସାଧାରଣଙ୍କ ଦୁର୍ଭାଗ୍ୟ ଯେ ଓଡିଶା ସରକାରଙ୍କ ନିୟମ ଅନୁଯାୟୀ ଜଣେ ଅଫିସରଙ୍କ ବଦଳି ହେଲେ ଆଉ ଜଣେ ଅଫିସର ତାଙ୍କ ପଦବୀରେ ଯୋଗଦାନ କଲେ ତାଙ୍କୁ ରିଲିଭ କରିବା ନିୟମ ରହିଥବା ସାଧାରଣର ଚର୍ଚ୍ଚା। କିନ୍ତୁ ନୂଆପଡା ଜିଲାପାଳ ଖଡ଼ିଆଳ ବିଡ଼ିଓଙ୍କୁ ତାଙ୍କୁ ତୁରନ୍ତ ରିଲିଭ କରିଦେବା ସାଧାରଣରେ ସମସ୍ୟା ହୋଇଛି। ହେଲେ ଖଡ଼ିଆଳ ବ୍ଲକକୁ ମଧ୍ୟ ତିନି ମାସରୁ ଅଧିକ ହେବ ନୂତନ ବିଡ଼ିଓ ଭାବେ ମିଳନ ଝାକରଙ୍କୁ ବଦଳି ହୋଇଛି ହେଲେ ଆଜିପର୍ଯ୍ୟନ୍ତ ବ୍ଲକରେ ଯୋଗଦାନ କରିନାହାନ୍ତି। ସବୁଠାରୁ ଦୁର୍ଭାଗ୍ୟଜନକ ଯେ ଏହି ଖଡ଼ିଆଳ ବ୍ଲକ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ବୋଲି ଖଡ଼ିଆଳ ବ୍ଲକର ଲୋକେ ଆଲୋଚନା କରୁଛନ୍ତି। ତୁରନ୍ତ ଖଡ଼ିଆଳ ବ୍ଲକକୁ ନୂତନ ବିଡ଼ିଓ ନିଯୁକ୍ତି କରି ଲୋକଙ୍କ ସମସ୍ୟାକୁ ପୂରଣ କରି ଅଂଚଳ ର ବିକାଶ କରଯାଉ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ନୂଆପଡା, (ଭାସ୍କର ନ୍ୟୁଜ୍): ନୂଆପଡ଼ା ସଭାବନା ସଭା ଗୃହଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ଆର୍ ରେଡ୍ଡି ରାଘବେନ୍ଦ୍ରଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆସିଥିବା ସମସ୍ତ ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି। ଏହି ସବୁ ଅଭିଯୋଗ ଉପରେ ଅତିଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହିତ,ବନଖଣ୍ଡ ଅଧିକାରୀ ବନ୍ୟ ଜନ୍ତୁ-ମହାଦେବ ବଡ଼ାଇକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ,ଭାର ପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଗୁରୁପ୍ରସାଦ ଜେନା, ବ୍ଲକ୍ ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ଭରତ ଲାଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଡ଼ିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ରଞ୍ଜନ ସାହୁ , ଡେପୁଟି କଲେକ୍ଟର ଶେଖ୍ ନସିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ କ୍ଷ ଏଠାରେ ସମସ୍ତ ପ୍ରଶାସନିକ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ , ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅଭିଯୋଗ ଶିବିର ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ହୋଇଥିଲା ଯେଉଁଠାରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡଃ ରମେଶ ଚନ୍ଦ୍ର ପାଠକ, ଡଃ ଅନୁପ କୁମାର ଅଗ୍ରୱାଲ ପ୍ରମୁଖ ଚିକିତ୍ସା ସେବା ଯୋଗାଇ ଦେଇଥିଲେ । ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ରକ୍ତଦାନ ଶିବିର ମଧ ଅନୁଷ୍ଠିତ ହୋଇଥିଲା । ଶିବିରରେ ଅଭିଯୋଗ ପାଇଁ ଆସୁଥିବା ବ୍ୟକ୍ତି ମାନଙ୍କ ପାଇଁ ଛାୟା, ଚୌକି ଓ ପିଇବା ପାଣି ବ୍ୟବସ୍ଥା କରା ଯାଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଣି ସମ୍ପଦ ବିଭାଗ ଦ୍ୱାରା କାଦୋମେରୀ ପଞ୍ଚାୟତରେ ଏକ ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ କରାଯାଇଛି।

# ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ




ଜୟପୁର, (ଭାସ୍କର ନ୍ୟୁଜ୍): ଷ୍ଟେଟ ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ଓଡିଶା କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ବିଶ୍ୱ ପ୍ରେସ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ପୂର୍ତ୍ତବିଭାଗ ଡାକ ବଙ୍ଗଳା ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ତରୁଣ କୁମାର ମହାପାତ୍ର ସମ୍ପାଦକ ଶିଶିର ଆଚାର୍ଯ୍ୟ, ଉପସଭାପତି ପଦ୍ମନାଭ ହୋତା, ନିର୍ବାଚନ ଅଧକ୍ଷ ପବନ ପାଣିଗ୍ରାହୀ, ଉପଦେଷ୍ଟା ସତ୍ୟ ପଟ୍ଟନାୟକ, ନୃସିଂହ ଚୌଧୁରୀ ସଦସ୍ୟ କମଲ ଭତ୍ରା ପ୍ରମୁଖ ଉପସ୍ଥିତ ରହି ଗଣମାଧ୍ୟମ ଯଦି ସ୍ୱାଧୀନ ହୁଏ ତେବେ ସେ ସତ୍ୟ କହିପାରିବ ଓ ଖବର ପରିବେଷଣ କରିପାରିବ। ଅନ୍ୟାୟ ଦୁର୍ନୀତି ଭ୍ରଷ୍ଟାଚାର ଅସମାନତା ଏବଂ ଶୋଷଣର ବିରୋଧରେ ସ୍ୱର ଉଠାଇ ପାରିବ। ଏବେ ହାତରେ ସମସ୍ତଙ୍କ ପାଖରେ ମୋବାଇଲ ଡିଜିଟାଲ କ୍ୟାମେରା ଏବଂ ସୋସିଆଲ ମିଡିଆ ଅଥିବା ଲୋକମାନେ ମଧ ଖବର କରୁଛନ୍ତି। କିନ୍ତୁ ତାହା ସତ୍ୟ ଓ ଦାୟୀତ୍ୱବୀହିନ ହେଲେ ଏହି ଗୁରୁତ୍ୱ ନଷ୍ଟ ହୁଏ ବୋଲି ଆଲୋଚନା କରାଯାଇଥିଲା।

# ଦୁର୍ଘଟଣାରେ ଆହତଙ୍କ ଜୀବନ ବଞ୍ଚାଇଥିବା ସାମ୍ବାଦିକ ଓ ସମାଜସେବୀ ପୁରସ୍କୃତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଦୁର୍ଘଟଣାରେ ଗୁରୁତ୍ତର ଆହତ ମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଇ ସେମାନଙ୍କ ଜୀବନ ବଞ୍ଚାଇ ପୁରସ୍କୃତ ହେଲେ ସାମ୍ବାଦିକ ଦିଲୀପ ପଟ୍ଟନାୟକ ଓ ସମାଜସେବୀ ରଞ୍ଜିତ କୁମାର ଦାଶ। ଶ୍ରୀ ପଟ୍ଟନାୟକ ମାଲକାନଗିରି ଜିଲ୍ଲାରେ ସାମ୍ବାଦିକ ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ଶ୍ରୀ ଦାସ ଜିଲ୍ଲାର ବିଭିନ୍ନ ସାମାଜିକ କାର୍ଯ୍ୟରେ ନିବୃତ୍ତ ରହିଥାନ୍ତି । ଅନେକ ସମୟରେ ସଡକ ଦୁର୍ଘଟଣାରେ ଗୁରୁତର ଆହତ ମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚିକିତ୍ସାଳୟକୁ ଏ ଦୁଇ ନେଇଥାନ୍ତି। ସବୁବେଳେ ତାଙ୍କର ଏହି ଗୁଣ ପାଇଁ ବେସ ପ୍ରଶଂସାର ପାତ୍ର ହୋଇଥିବା ବେଳେ ବିଗତ ଦିନରେ ସେ ସଡକ ଦୁର୍ଘଟଣାରେ ଆହତ ୪ ରୁ ୬ ଜଣ ବ୍ୟକ୍ତିଙ୍କୁ ସଠିକ ସମୟରେ ଉଦ୍ଧାର କରି ଚିକିତ୍ସାଳୟ ନେଇଥିବାରୁ ସେମାନଙ୍କ ଜୀବନ ବଂଚାଇ ପାରିଛନ୍ତି। ଯାହାକୁ ନେଇ ଶ୍ରୀ ପଟ୍ଟନାୟକ ଏବଂ ଶ୍ରୀ ଦାଶଙ୍କୁ ଜିଲ୍ଲା ସଦରରେ ଥିବା ଡିଆରଡିଏ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମାଲକାନଗିରି ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ଏସପି ବିନୋଦ ପାଟିଲ ଓ ଅନ୍ୟ ବିଭାଗୀୟ ଅଧିକାରିଙ୍କ ଉପସ୍ଥିତିରେ ସେ ଦୁଇ ଜଣଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ ସହ ଆର୍ଥିକ ପୁରସ୍କାର ମଧ ପ୍ରଦାନ କରଯାଇଥିଲା। ଏମାନଙ୍କ ଏପରି କାର୍ଯ୍ୟକୁ ବେସ ପ୍ରଶଂସା କରାଯାଉଥିବା ବେଳେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଓ ଜିଲ୍ଲା ଲୟର୍ସ ଆସୋସିଏସନ ପକ୍ଷରୁ ମଧ ତାଙ୍କୁ ପ୍ରଶଂସା କରିବା ସହ ଆଗକୁ ଏପରି ମହତ କାର୍ଯ୍ୟ ଜାରି ରଖିବା ପାଇଁ ଉତ୍ସାହିତ କରା ଯାଇଥିଲା।

# ଦଶମରେ ବ୍ଲକ୍ ଟପ୍ପର ସ୍ୱାଗତିକା



ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ, ଧଣ୍ଡାମୁଣ୍ଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱାଗତିକା ଭୋଇ ଦଶମ ପରୀକ୍ଷା ରେ ୬୦୦ ମାର୍କରୁ ୫୧୩ ମାର୍କ ରଖି ଏ୨ ଗ୍ରେଡ୍ ରଖି ଖପ୍ରାଖୋଲ ବ୍ଲକ ଟପ୍ପର ହୋଇଛନ୍ତି । ତାଙ୍କ ମାଆ ବିନତି ଭୋଇ ଗୃହିଣୀ ହୋଇଥିବା ବେଳେ ବାପା ଐଶ୍ୱର୍ଯ୍ୟ କୁମାର ଭୋଇ ଚାଷୀ ଅଟନ୍ତି। ସ୍ୱାଗତିକାର ସଫଳତା ପାଇଁ ତାଙ୍କ ଜେଜେବାପା ସ୍ୱର୍ଗତ ଶିକ୍ଷକ ଗୋକୁଳ ଚାନ୍ଦ ଭୋଇ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି ।

# ହରିଶଙ୍କର ମହୋତ୍ସବ ପାଇଁ ଚୁଡାନ୍ତ ପ୍ରସ୍ତୁତି ବୈଠକ

ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ପଞ୍ଚାୟତ ସମିତି ସଭା ଗୃହ ଠାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ପାଟଣାଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ସୁନୀଲ କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ହୋମ ଯଜ୍ଞ, ଭିଡ଼ ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ପ୍ରଜ୍ଞାପନ ମେଢ ଉପରେ ଆଲୋଚନା ହୋଇଥିଲା। ଆଗାମୀ ୮ ତାରିଖ ରୁ ୧୨ ତାରିଖ ଯାଏଁ ୫ ଦିନ ଧରି ମେଳା ହେବାକୁ ଥିବାବେଳେ ବ୍ୟାପକ ଭିଡ ପରିଲକ୍ଷିତ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ରାଜ୍ୟର ପ୍ରମୁଖ ବ୍ୟକ୍ତି ଯୋଗଦେବେ ବୋଲି ଜଣାଯାଇଛି। ବୈଠକରେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ପାଟଣାଗଡ଼ ବିଡ଼ିଓ ସୁମନ ମିଞ୍ଜ,ତହସିଲଦାର ରୁଦ୍ର ମୋହନ ନାଏକ, ପାଟଣାଗଡ଼ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଆସିଷ୍ଟାଣ୍ଟ କଲେକ୍ଟର ପଦ୍ମନାଭ ମହାରଣା, ଥାନା ଅଧିକାରୀ ନରେନ୍ଦ୍ର ଛତର, ମେଡିକାଲ ଅଫିସର ଡାକ୍ତର ସୁରଜ କୁମାର ଦୀପ ସମେତ ଦେବୋତ୍ତର କମିଟି ଓ ଉପକମିଟି ସଦସ୍ୟ ଉପସ୍ଥିତ ଥିଲେ।

# ବେଆଇନ ସାର, ବିହନ ବିକ୍ରେତାଙ୍କ ଉପରେ ରୋକ୍ ଲଗାଇବାକୁ ଦାବି

ରାଇଘର,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରେ ୟୁରିଆ ସାର ଓ ବିହନ ଚଢ଼ା ଦର ରେ ବିକ୍ରୀ ହେଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ବର୍ତ୍ତମାନ ଚିନ୍ତାରେ ଚାଷୀ। ଏହା ଏକ ଆଦିବାସି ଅଧୁଷିତ ଅଞ୍ଚଳ ହୋଇଥିବା ବେଳେ ଏହାର ଫାଇଦା ଉଠାଉଛନ୍ତି କିଛି ବ୍ୟବସାୟୀ। ପ୍ରକାଶ ଥାଉ କି କେତେକ ବ୍ୟବସାୟୀ ସରକାରଙ୍କ ନିୟମ କୁ ଖୁଲମ୍ ଖୋଲା ଉଲଂଘନ କରି ଗରିବ ଚାଷୀ ଙ୍କୁ ଶୋଷଣ କରୁଥିବା ଦେଖିବକୁ ମିଳିଛି। କିଛି ବ୍ୟବସାୟୀ ବିହନ ନ ନେଲେ ସାର ଦିଆଯିବ ନାହିଁ। କିମ୍ବା ମୋରି ପାଖରେ ସାର ନାହିଁ କହି କହୁଥିବା ଜଣା ଯାଇଛି। ବ୍ୟବସାୟୀ ଙ୍କ ଏ ଭଳି ବ୍ୟବହାରକୁ ନେଇ ଚାଷୀ ଙ୍କ ମଧରେ ଅସନ୍ତୋସ ଦେଖିବାକୁ ମିଳିଛି । ସରକାରୀ ଦରଠାରୁ ଚଢ଼ା ଦରରେ ବିକ୍ରୀ ହଉଥିବା ଦେଖିବକୁ ମିଳିଛି।, କିଛି ଅସାଧୁ ବ୍ୟବସାୟୀ ସାଙ୍ଗକୁ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀ ମାନେ ମଧ ପ୍ରତି ବର୍ଷ ଭଳି ଏହି ବର୍ଷ ଆରମ୍ଭରୁ ନିରୀହ ଚାଷୀ ଙ୍କୁ ଶୋଷଣ କରିବା ଆରମ୍ଭ କରୁ ଥିବା ଖବର ଆସୁଛି। ଚଢ଼ା ଦର ରେ ବିକ୍ରୀ କରି ବ୍ୟବସାୟୀ ମାଲମାଲ ହେଉଥିବା ନଜିର ରହିଛି। କିଛି ବ୍ୟବସାୟୀ ବିହନ ଲାଇସେନ୍ସ ଥିବା ବେଳେ ବହୁତ ଗୁଡ଼ାଏ ବ୍ୟବସାୟୀ ବିନା ଲାଇସେନ୍ସ ରେ ଖୁଲାମ୍ ଖୋଲା ଚଢ଼ା ଦର ରେ ବିହନ ସାଂଗକୁ ସାର ମଧ୍ଯ ବିକ୍ରି କରୁଛନ୍ତି। ଏବଂ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀ ମାନଙ୍କ ନିମନ୍ତେ ଷ୍ଟକ ତାଲିକା ଦୋକାନ ସମ୍ମୁଖରେ ଲଗାଇବା ନିୟମ ଥିବା ବେଳେ ଏହାର ମଧ୍ଯ ଖିଲମ୍ ଖୋଲା ଉଲଂଘନ କରାଯାଉଛି। ପ୍ରକାଶ ଥାଉ କି ଗତ କିଛି ଦିନ ପୂର୍ବେ ପୁନ ସରକାରୀ ସାର ଦୋକାନ ଖୋଲିବାକୁ ମନ୍ତ୍ରୀ ଙ୍କୁ ଏକ ଦାବୀ ପତ୍ର ଦେଇଥିଲେ।ତେଣୁ ଗତ ବର୍ଷ ଭଳି ଏହି ବର୍ଷ ମଧ କଳା ବଜାରି କରୁଥିବା ବ୍ୟବସାୟୀ ଙ୍କୁ ଚଢ଼ାଓ କରି କଳା ବ୍ୟବସାୟୀ ଙ୍କ ଉପରେ ରୋକ୍ ଲଗାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳ ବାସିଙ୍କ ତରଫରୁ ଦାବି କରିଛନ୍ତି।

# ଗଣଶିକ୍ଷାମନ୍ତ୍ରୀଙ୍କ ନବରଙ୍ଗପୁର ଗସ୍ତ

ଉମରକୋଟ, (ଭାସ୍କର ନ୍ୟୁଜ୍): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ ଉମରକୋଟ ବ୍ଲକର କୋପେନା ପଞ୍ଚାୟତର କେଶରୀ ବେଡା ଗସ୍ତ କରିଥଲେ। ସେଠାରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଗ୍ରାମ୍ୟ ନିର୍ମାଣ ବିଭାଗ ର ନୂତନ କଲଭର୍ଟ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ ଗ୍ରାମର ବହୁମୁଖୀ ବିକାଶ ପାଇଁ ରାଜ୍ୟ ସରକାର ସଦା ଚେଷ୍ଟିତ ବୋଲି କହିବା ସହ ସମସ୍ତ ଜନ କଲ୍ୟାଣ କାରୀ ଯୋଜନାଗୁଡିକର ସୁଫଳ ଯେପରି ତୃଣମୂଳ ସ୍ତରରେ ପହଞ୍ଚିବ ସେଥିପ୍ରତି ସରକାର ଯତ୍ନବାନ ଅଛନ୍ତି ବୋଲି ପ୍ରକାଶ କରିଥିଲେ। ଏହା ପରେ ମନ୍ତ୍ରୀ ଶ୍ରୀ ଗଣ୍ଡ ବାକୋଦା ପଞ୍ଚାୟତର ମହୁଭଟା ଗ୍ରାମରେ ଠାକୁରାଣୀ ମନ୍ଦିର ପରିଦର୍ଶନ କରି ସେଠାରେ ଏକ ଦଳୀୟ ବୈଠକରେ ବୈଠକ ରେ ଯୋଗ ଦେଇଥିଲେ।

# ଭୀମଭୋଇ ମହିମା ଧାମର ସମାସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



କୁଚିଣ୍ଡା,(ଭାସ୍କର ନ୍ୟୁଜ୍): କୁଚିଣ୍ଡା ଝୁଲେନପୋଲ ୦୬ ସ୍ଥିତ ସର୍ବପୁରାତନ ଅଲେଖ ମହିମା ଶକ୍ତି ପିଠ-ଭୀମଭୋଇ ମହିମା ଧାମ ଓ ମଠ, ଗୋଶାଳା ନିର୍ମାଣ, ମହିମା ମନ୍ଦିର ପୂର୍ଣ୍ଣାଙ୍ଗୀକରଣ, ଗୋଷ୍ଠୀ ଶୌଚାଳୟ ନିର୍ମାଣ ନିମନ୍ତେ ୩୫ ଲକ୍ଷ ଟଙ୍କା ଆବଶ୍ୟକତା ଥିବା ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ସ୍ୱାକ୍ଷରିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଠାଧିଶ ଶେଷଦେବ ବାବା ପ୍ରଦାନ କରିଥିବା ଜଣାଯାଇଛି। ଗତମାସରେ ଏଠାକାର ଗୋଶାଳା ନିଆଁ ଲାଗିଯିବା ଫଳରେ ସେଠାରେ ମହଜୁଦ ଥିବା ଗୋଖାଦ୍ୟ ପୋଡି ପାଉଁଶ ହୋଇଯାଇଥିଲା। ଏବେ ଗୋରୁଗାଇ ଇତସ୍ତତ ରହୁଛନ୍ତି। ଏହି ଶକ୍ତି ପୀଠକୁ ପଶ୍ଚିମଓଡିଶାର ବିଭିନ୍ନ ପ୍ରାନ୍ତରୁ ଭକ୍ତ, ତଥା ସନ୍ୟାସୀ ଆସୁଥିବାରୁ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ ନିରାତି ଆବଶ୍ୟକତା ରହିଛି, ମନ୍ଦିର ବହୁ ପୁରାତନ ହୋଇଥିଲେ ହେଁ ମନ୍ଦୀର କାର୍ଯ୍ୟ ଅଧୁରା ରହିଛି, ସେହି ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି ବୋଲି ଦାବୀ ପତ୍ରରେ ଉଲ୍ଲେଖ ରହିଛି। ଏହି ଦାବି ପତ୍ର ତା୧୭,୦୪,୨୦୨୫ ଦିନ ସମ୍ବଲପୁର ମୁଖ୍ୟମନ୍ତ୍ରୀଙ୍କ ଗ୍ରୀ ଭାନ୍ସରେ ପ୍ରଦାନ କରିଥିବା ସୂତରୁ ଜଣାପଡିଛି।

# ପାଣିରେ ବୁଡ଼ି ଶିଶୁ ମୃତ

କୁଚିଣ୍ଡା, (ଭାସ୍କର ନ୍ୟୁଜ୍): ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅଧିନସ୍ଥ ଉଡସୁଙ୍ଗ ଗ୍ରାମ ଝାପରି ପଡ଼ାରେ ପାଣିରେ ବୁଡ଼ି ଜଣେ ଶିଶୁର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଶିଶୁଟି ନି ମାମୁଁ ଘର ଉଡସୁଙ୍ଗ ଗାଁ କୁ ଆସିଥିବା ବେଳେ ଏହି ଅଭାବନୀୟ ଘଟଣାରେ ଘଟିଥିଲା। ଫାଶୀମାଲ ଡାକ୍ତରଖାନାରେ ଡାକ୍ତର ଶିଶୁଟିକୁ ମୃତ୍ୟୁ ଘୋଷଣା କରିଥିଲେ। ଶିଶୁଟି ପ୍ରାୟ ଦୁଇ ବର୍ଷର ଥିବା ଅନୁମାନ କରି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟ ପଟେ ଜମନକିରା ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ଶବ ବ୍ୟବଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣର ତଦନ୍ତ କରୁଛି।

# ଉଠା ଜଳ ସେଚନ ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ନୋଟିସ୍

## ଚିନ୍ତାରେ ଚାଷୀକୁଳ

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଏନଏସି ଅନ୍ତର୍ଗତ ମର୍ଜାକୁଦର ରବି ଧାନ କରିଥିବା ଚାଷୀ ମାନଙ୍କ ଉଠା ଜଳ ସେଚନ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ପାଇଁ ଟାଟା ବିଦ୍ୟୁତ ସପ୍ଲାଇ କମ୍ପାନି ନୋଟିସ ଦେଇଥିବା ଅଭିଯୋଗ କରିଛନ୍ତି ଚାଷୀ । ଫଳରେ ରବି ଧାନ ଚାଷର ଶେଷ ସମୟରେ ଏଭଳି ନୋଟିସ ଚାଷୀ କୁଳକୁ ଚିନ୍ତାରେ ପକାଇଛି । ମିଳିଥିବା ସୂଚନା ଅନୁଯାୟୀ ମର୍ଜାକୁଦ ଗ୍ରାମର ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ମହାନଦୀର ଉଭୟ ପାର୍ଶ୍ୱରେ ଥିବା ଉଠା ଜଳ ସେଚନ ପ୍ରକଳ୍ପରୁ ଜଳସେଚନ କରି ରବି ଋତୁରେ ଧାନ ଚାଷ କରିଛନ୍ତି । ଚଳିତ ବର୍ଷ ଚାଷ ଆରମ୍ଭ ବେଳେ ପୂର୍ବରୁ ବକେୟା ଥିବା ବିଦ୍ୟୁତ ବିଲର ଆଂଶିକ ପୈଠ କରି ଚାଷୀ ଧାନ ଚାଷ ଆରମ୍ଭ କରିଥିଲେ । ସାର ବିହନ ଓ ମଜୁରୀ ଖର୍ଚ୍ଚ କରି ଚାଷୀ ଚାଷ କରିଥିବା ବେଳେ ଆଉ ମାସେ ପରେ ଅମଳ କରିବେ । ମାତ୍ର ଟାଟା ପାୱାର ସପ୍ଲାଏ କମ୍ପାନୀ ବକେୟା ବିଲ୍ ପୈଠ ନକଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ପାଇଁ ନୋଟିସ୍ କରିଛି । ଚାଷୀ ହାତରେ ବିଲ୍ ପୈଠ ପାଇଁ ଟଙ୍କା ନଥିବା ବେଳେ ଯଦି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଏ ତେବେ ଶେଷ ସମୟରେ ୧୦୦୦ ଏକରରୁ ଅଧିକ ଜମିରେ ମରୁଡି ଦେଖାଦେବ। ଯଦ୍ୱାରା ଚାଷୀ ସର୍ବସ୍ୱାନ୍ତ ହେବେ । ତେଣୁ ଅମଳ ପର୍ଯ୍ୟନ୍ତ ସୁଯୋଗ ଦେବାକୁ ଚାଷୀ ଦାବି କରିଛନ୍ତି ।



# ଜିଲ୍ଲା କଂଗ୍ରେସ ତରଫରୁ ବିଜୟ ଦିବସ ପାଳିତ




ପାରଳାଖେମୁଣ୍ଡି , (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ବିଜୟ ଉତ୍ସବ ପାଳିତ ହୋଇଯାଇଛି। ରାହୁଲ ଗାନ୍ଧିଙ୍କ ଜାତି ଭିତ୍ତିକ ଜନଗଣନା ଦାବିକୁ କେନ୍ଦ୍ର ସରକାର ମାନିନେଲେ, ବିଧାୟକ ଏବଂ ଗଜପତି ଜିଲ୍ଲା କଂଗ୍ରେସ କମିଟି ସଭାପତି ଦାଶରଥି ଗମାଙ୍ଗଙ୍କ ଆଦେଶ ଏବଂ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଗଲା। ଉକ୍ତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ର ବରିଷ୍ଠ ନେତା, ଅଭିମନ୍ୟୁ ପଣ୍ଡା, ଇଶ୍ୱର ଚନ୍ଦ୍ର ମାଝୀ, ବିଷ୍ଣୁ ପାଢ଼ୀ, ଯୁବ ନେତା ସୂର୍ଯ୍ୟ ନାରାୟଣ ପାତ୍ର, ତ୍ରିନାଥ ପାତ୍ର, ଜସ୍ମିନ୍ ଶେଖ୍, ଅଶୋକ ଅଧିକାରୀ, ମୁନା ମହାରଣା, ଛାତ୍ର ଦଳ ନେତା ଲାଲୁ ଆଦି ସମସ୍ତେ ଉପସ୍ଥିତ ଥିଲେ।

## କାଳବୈଶାଖୀର ତାଣ୍ଡବ

# ଉପୁଡ଼ିଲା ଗଛ, ଉଡିଗଲା ଆଜବେଷ୍ଟସ୍



ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଅଞ୍ଚଳରେ କାଳ ବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ବର୍ଷା ସହ ପବନରେ ବଡ ବଡ ସହ ଆଜବେଷ୍ଟସ ଘର ଛଫର ଉଡେଇ ନେଇଛି । ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ଅନେକସ୍ଥାନରେ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବା ଦେଖିବାକୁ ମିଳିଚି । ରାତି ପ୍ରାୟ ୭ ଟା ସମୟ ରେ ପବନ ସହ ବର୍ଷା ହୋଇଥିଲା । ଏହି କାଳ ବୈଶାଖୀ ତାଣ୍ଡବ ହରଭଙ୍ଗା ବ୍ଲକ୍ ବିଭିନ୍ନ ଅଞ୍ଚଳରେ ହୋଇଥିବା ବେଳେ ହରେକୃଷ୍ଣପୁର ଠାରୁ ବାମଣ୍ଡା ମଧରେ ଅଧିକ ମାତ୍ରରେ ଦେଖିବାକୁ ମିଳିଥିଲା। ବିରାମ ଚନ୍ଦ୍ରପୁର ଯଜ୍ଞ ମଣ୍ଡପ, ଶ୍ରୀକ୍ରୀଷ୍ଣା ରାଇସ ମିଲ, ଖଜୁରୀପଡା ଗ୍ରାମର ଅଷ୍ଟପ୍ରହରୀ ନାମଯଜ୍ଞ ର ଟେଣ୍ଟ ବିଭିନ୍ନ ଗ୍ରାମର ଚାଳଛପର ଘର ଓ ଟିଣ, ଆଜବେଷ୍ଟ ଉଡାଇ ନେଇ ଥିବାର ଶୁଣିବାକୁ ମିଳୁଛି । ବିଭିନ୍ନ ସାଂସ୍କୃତିକ , ବାହାଘର ଆଦିରେ ଲାଗିଥିବା ଟେଣ୍ଟ ମଧ ଭାଙ୍ଗି ଥିବାର ନଜର ରେ ଆସିଛି । ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜ ପଥର ରାସ୍ତାର ଦୁଇ ପାରଶୋରେ ଥିବା ଗଛ ଭାଙ୍ଗିବା ସହ ଇଲେକ୍ଟ୍ରିକ ପୋଲ୍ ଭାଙ୍ଗି ବାରୁ ବିଦ୍ୟୁତ ସେବା ବ୍ୟାହତ ହୋଇଚି । ଦିନ ସାରା ବିଦ୍ୟୁତ ବିଭାଗ ର କର୍ମ ଚାରି ବିଦ୍ୟୁତ ସେବା ରେ ନିୟୋଜିତ ଥିବା ବେଳେ ଅଗ୍ନିଶମ ବିଭାଗ ର କର୍ମଚାରୀ ମାନେ ବିଭିନ୍ନ ଯାଗାରେ ରାସ୍ତା ଉପରେ ପଡ଼ିଥିବା ଗଛ କୁ କାଟି ରାସ୍ତା ସଫା କରୁଥିବା ଦେଖିବାକୁ ମିଳୁଛି ।

ASIRVAD MICRO FINANCE LIMITED
Subsidiary of MANAPPURAM FINANCE LTD.
Small Loans...Big Dreams...

**Asirvad Micro Finance Office Shifted**
Asirvad Microfinance LTD Branch-Saintala puspa bhawan Gopabandhu para thana chowk main Road In the House of kambupani rana But Now office Shifted to other Location Nabian chuck Near State Bank At house of Sanjeeb kumar Agarwal.

**ଆଶୀର୍ବାଦ ମାଇକ୍ରୋ ଫାଇନାନ୍ସ କାର୍ଯ୍ୟାଳୟ ସ୍ଥାନାନ୍ତର**
ବ୍ରାଞ୍ଚ ସଇଁତଳା ପୁଷ୍ପ ଭବନ, ଗୋପବନ୍ଧୁ ପଡା ଥାନା ଛକ, ମେନ୍ ରୋଡ ନିକଟରେ କମ୍ବୁପାଣି ରଣାଙ୍କ ଘରେ ଥିବା ଆଶୀର୍ବାଦ ମାଇକ୍ରୋ ଫାଇନାନ୍ସ ବର୍ତ୍ତମାନ ନବୀନ ଚୋକ୍ ନିକଟ ସଞ୍ଜିବ କୁମାର ଅଗ୍ରୱାଲଙ୍କ ଘରକୁ ସ୍ଥାନାନ୍ତରିତ ହୋଇଛି। ଯେଉଁଟାକି ଷ୍ଟେଟ୍ ବ୍ୟାଙ୍କ ନିକଟରେ ଅବସ୍ଥିତ।

**Asirvad Micro Finance Ltd.**
AM - Prakash Kumar Panda Mob.- 7904988386
BM - Sambhu Sahu Mob. - 6371950672
Address: Saintala, Dist-Balangir, Pin-767032



ଧର୍ମଶାଳା (ଭାସ୍କର ନ୍ୟୁଜ): ଧର୍ମଶାଳା ଥାନା କୁମାରୀ ପଞ୍ଚାୟତର କାମୁକଣିଆ ଠାରେ ରହୁଥିବା ଅଜିତ୍ ଜେନାଙ୍କ ପୁଅ ଅଜିତ ଜେନା(୨୨)ଙ୍କୁ ରାହାଜପୁର ଠାରେ ଏକ କ୍ରସରରେ ଅମାନୁସିକ ଭାବେ ପିଟି ପିଟି ମାରଦେଇଥିବା ଘଟଣାରେ ପୋଲିସ୍‌ର କାର୍ଯ୍ୟାନୁଷ୍ଠାନ ଶୀତଳତା ଯୋଗୁଁ ଧର୍ମଶାଳା କଂଗ୍ରେସ୍ କମିଟିର ଏକ ପ୍ରତିନିଧି ଦଳ ସୋମବାର ଦିନ ଯାଜପୁର ଏସ୍‌ପିଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଦିବିପତ୍ର ପ୍ରଦାନ କରିଛନ୍ତି । ଧର୍ମଶାଳା ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ତଥା କଂଗ୍ରେସ୍ ନେତା କିଶାନ ପଣ୍ଡା ନେତୃତ୍ୱରେ ଧର୍ମଶାଳା କଂଗ୍ରେସ୍ କମିଟିର ଏକ ପ୍ରତିନିଧି ଦଳ ଆଜି ଯାଜପୁର ଏସ୍. ପିଙ୍କୁ ଭେଟି ତଦନ୍ତରେ ୪ଟି ବିଷୟକୁ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି । ଶ୍ରୀ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟ କଂଗ୍ରେସ୍ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଜି ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ଜିଲ୍ଲା କଂଗ୍ରେସ୍ କମିଟି ସଭାପତି ମନୋଜ ରାଉତ ସମେତ ଏକ ପ୍ରତିନିଧି ଦଳ ଗତ ୩ ତାରିଖରେ ଧର୍ମଶାଳା ଥାନା ଅଧିକାରୀଙ୍କୁ ଭେଟି ହତ୍ୟା ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଦାବିପତ୍ର ପ୍ରଦାନ କରାଯିବ ପରେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଆଜି ଯାଜପୁର ଏସ୍‌ପିଙ୍କୁ ପ୍ରଦାନ କରାଯାଇଥିବା

# ଏକ ଦେଶ ଏକ ନିର୍ବାଚନ ପାଇଁ ଯୋଜନା ହୋଇଛି- ରବି ନାୟକ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଏକ ଦେଶ ଏକ ନିର୍ବାଚନ ନେଇ ପଂଚାୟତରାଜ ମନ୍ତ୍ରୀ ରବି ନାୟକ ପ୍ରତିକ୍ରିୟା ରଖିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଚାଲିଛି । ଦେଶ, ସମାଜ, ଜାତି ଉଦେଶ୍ୟ ଆଗାମୀ ଦିନକୁ ଚିନ୍ତା କରି ଯୋଜନା ପ୍ରସ୍ତୁତ କରିବା ବଡ଼ କଥା । ଏକ ଦେଶ ଏକକ ନିର୍ବାଚନ ଯେଉଁ ଯୋଜନା ଯେଉଁ ନାରକ ରହିଛି ତାହା ଭାରତୀୟ ମାନଙ୍କ ପାଇଁ ପ୍ରଯୁଜ୍ୟ । ବିଭେଦତନ୍ତ୍ର, ଭୋଟ ଓ ସନ୍ତ୍ରାସବାଦ ପାଇଁ ଆମେ ଲଢେଇ କରୁଛେ । ଅନେକ ପ୍ରଶ୍ନ ରହିଛି, ପ୍ରଶ୍ନଉତ୍ତର ପାଇଁ ଏକକ ନିର୍ବାଚନର ଆବଶ୍ୟକ ରହିଛି ବୋଲି ରବି ନାୟକ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୫ ଉପସଭାପତି...

ରବି ନାରାୟଣ ନନ୍ଦ, ଅଶ୍ୱିନୀ କୁମାର ପାତ୍ର, ସାରଦା ନାୟକ ଓ ପ୍ରଣବ ପ୍ରକାଶ ଦାସ ପ୍ରମୁଖ ରହିଛନ୍ତି। ଗତ ନିର୍ବାଚନରେ ହାରିବା ପରେ ଦଳକୁ ମଜବୁତ କରିବା ପାଇଁ ସଂଗଠନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି।

### ମିଶନ ୫୪...

ଲୁଚି ରହିଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ ଏହି ଆକ୍ରମଣରେ କେବଳ ୩ଜଣ ଆତଙ୍କୀ ସାମିଲ ରହିଥିଲେ । ଅନ୍ୟମାନେ ପଛରେ ରହି କାମ କରୁଥିଲେ। ଆକ୍ରମଣ ପୂର୍ବରୁ ପର୍ଯ୍ୟଟନସ୍ଥଳଗୁଡ଼ିକର ସେମାନେ ସଠିକ ଯାଞ୍ଚ ମଧ୍ୟ କରିଥିଲେ। ଏହି ଆକ୍ରମଣରେ ନିରସ୍ତ୍ର ଲୋକଙ୍କୁ ଟାର୍ଗେଟ କରାଯାଇଥିଲା। ଆତଙ୍କବାଦୀମାନେ ଧର୍ମ ବିଷୟରେ ପଚାରିବା ପରେ ନିରୀହ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ମୋଟ ୩୬ଜଣ ହତ୍ୟାର ଶିକାର ହୋଇଥିଲେ। ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଲାଗିଛି। ଆତଙ୍କବାଦ ଦୂର ପାଇଁ ଅଭିଯାନ ମଧ୍ୟ ତୀବ୍ର ହୋଇଛି। ଏନଆଇ ଏହାର ତଦନ୍ତ ଦାୟିତ୍ୱରେ ରହିଛି। ଗିରଫ ହୋଇଥିବା ଲୋକଙ୍କୁ ଏନଆଇଏ ପକ୍ଷରୁ ପଚରାଉଚୁରା କରାଯାଇ ତଥ୍ୟ ସଂଗ୍ରହ କରାଯାଉଛି।

### ବଳକା ଦାରୁ...

ଚିଠି ଲେଖିଥିଲେ। ତେବେ ଆଲୋଚନା ସମୟରେ ଜଣାପଡ଼ିଛି ଯେ ବଳକା ଦାରୁ ଦୀଘାମନ୍ଦିର ମୂର୍ତ୍ତି ନିର୍ମାଣ ପାଇଁ ବ୍ୟବହାର କରାଯାଇନାହିଁ । ମହାରଣା ସେବକମାନଙ୍କ ସହ ଆଲୋଚନା ପରେ ଏହି ତଥ୍ୟ ପ୍ରଦାନ କରାଯାଇଛି। ମହାରଣା ସେବକମାନେ କହିଥିଲେ ଯେ ବଳକା ଦାରୁରେ ଅଢେଇଫୁଟ ମୂର୍ତ୍ତି ବି ତିଆରି କରିବା ସମ୍ଭବ ନୁହେଁ। ଅନ୍ୟପକ୍ଷରେ ଦଇତାପତି ନିଯୋଗ ସଂପାଦକ ରାମକୃଷ୍ଣଦାସ ମହାପାତ୍ରଙ୍କୁ ଶ୍ରୀମନ୍ଦିର ପ୍ରଶାସନ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ୭ ଦିନ ମଧ୍ୟରେ ଉତ୍ତର ଦେବାକୁ କୁହାଯାଇଥିବା ଶ୍ରୀ ହରିଚନ୍ଦନ କହିଥିଲେ।

### ପୁରୀଛଡ଼ା...

ସମର୍ପିତ ନୈବେଦ୍ୟକୁ ମହାପ୍ରସାଦ କହିବା ଶାସ୍ତ୍ର ସମ୍ମତ ନୁହେଁ । ସୂଚନାଯୋଗ୍ୟ ଯେ ଗତ ଅକ୍ଷୟତୃତୀୟାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୀଘାଠାରେ ପୁରୀ ଶ୍ରୀମନ୍ଦିର ଢାଞ୍ଚାରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଥିଲେ। ମମତାଙ୍କ ନିମନ୍ତ୍ରଣକ୍ରମେ ପୁରୀରୁ ଦଇତାପତି ନିଯୋଗ ସଂପାଦକ ରାମକୃଷ୍ଣଦାସ ମହାପାତ୍ରଙ୍କ ସମେତ କିଛି ସେବାୟତ ଏହି ଉତ୍ସବରେ ସାମିଲ ହୋଇଥିଲେ। କିନ୍ତୁ ଏହି ମନ୍ଦିରକୁ ନେଇ ବିବାଦର ମୂଳ କାରଣ ହୋଇଛି ଏହାକୁ ଜଗନ୍ନାଥ ଧାମ କୁହାଯିବା । ତେଣୁ ଏହାକୁ ବିରୋଧ କରାଯାଉଛି।

### ସୁରକ୍ଷା ମକ୍‌ଡ୍ରିଲ୍...

ଦିନକ ପରେ ହୋଇଛି। ଏଥିପୂର୍ବରୁ ନୌସେନା ମୁଖ୍ୟ ଦୀନେଶ କୁମାର ତ୍ରିପାଠୀ ପ୍ରଧାନମନ୍ତ୍ରୀଙ୍କୁ ଆରବ ସାଗରରେ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗର ସମଗ୍ର ସ୍ଥିତି ନେଇ ଅବଗତ କରାଇଥିଲେ। ଅନ୍ୟପକ୍ଷରେ ପ୍ରତିରକ୍ଷା ସଚିବଙ୍କ ସାକ୍ଷାତ ପରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଭେଟି ସୁରକ୍ଷା ସଂପର୍କରେ ଆଲୋଚନା କରିଥିବା ସୂଚନା ଦିଆଯାଇଛି। ସେହିପରି ପାକିସ୍ତାନ ସହ ବିବାଦ ଭିତରେ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ବିଭିନ୍ନ ରାଜ୍ୟକୁ ମକଡ୍ରିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶରେ କୁହାଯାଇଛି, ରାଜ୍ୟମାନେ ଆସନ୍ତା ୭ ତାରିଖରେ ସୁଚାରୁ ରୂପେ ନାଗରିକ ସୁରକ୍ଷାକୁ ସୁନିଶ୍ଚିତ କରିବାପାଇଁ ମକଡ୍ରିଲର ଆୟୋଜନ କରିବେ। କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି ଏହି ନିର୍ଦ୍ଦେଶ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇପାରେ। କାରଣ ଏଭଳି ନିର୍ଦ୍ଦେଶ ଏପରି ଏକ ସମୟରେ ଜାରି କରାଯାଇଛି, ଯେତେବେଳେ ଭାରତ ଓ ପାକିସ୍ତାନ ଭିତରେ ବିବାଦ ଚରମସୀମାରେ ପହଞ୍ଚିଛି। ଯେ କୌଣସି ମୁହୂର୍ତ୍ତରେ ଯୁଦ୍ଧ ଆରମ୍ଭ ହୋଇପାରେ। ଏହି ସମୟରେ ଛାତ୍ର ଓ ନାଗରିକଙ୍କୁ ତାଲିମ ଦେବାକୁ ମଧ୍ୟ ଗୃହ ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ସୂଚନାଯୋଗ୍ୟ ଯେ ଗତମାସ ୨୨ ତାରିଖରେ ଜାମ୍ମୁକାଶ୍ମୀର ପହଲଗାମରେ ନିଷ୍ଠୁର ଆତଙ୍କବାଦୀମାନେ ଧର୍ମ ନାମରେ ଗୁଳିକରି ୨୬ଜଣ ନିରୀହ ନିର୍ଦ୍ଦୋଷ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ।

### ଦୀଘା ଜଗନ୍ନାଥ...

କାର୍ଯ୍ୟପନ୍ଥା ଓ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି ଓ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି. ଯେ କୌଣସି ସ୍ଥାନରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିବାରେ କିଛି ଅସୁବିଧା ନାହିଁ ତେବେ ଅନେକ ସ୍ଥାନରେ ନୀତିକାନ୍ତି ନେଇ ତାଳମେଳ ରହୁନି ଓ ତେଣୁ ମହାପ୍ରଭୁଙ୍କ ଦୈନିଦିନ କ'ଣ କାର୍ଯ୍ୟ ରହିବ ଏ ନେଇ ଶ୍ରୀମନ୍ଦିର ପକ୍ଷରୁ ରାଜ୍ୟର ସବୁ ଜଗନ୍ନାଥ ମନ୍ଦିରକୁ ଖୁବ ଶୀଘ୍ର ମାର୍ଗଦର୍ଶିକା ଜରିହେବ । ଏଥି ସହିତ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଦେଶରେ କେବଳ ଚାରିଟି ଧାମ ରହିଛି ଓ ତେଣୁ କେବଳ ଏହି ସ୍ଥାନ ବ୍ୟତୀତ ଅନ୍ୟ ସ୍ଥାନରେ 'ଧାମ' ଶବ୍ଦର ନାମ ଲାଗିପାରିବ ନାହିଁ । ତେଣୁ ଦିଘାରେ 'ଜଗନ୍ନାଥ ଧାମ' ବୋଲି ଯାହା ଉଲ୍ଲେଖ କରାଯାଇଛି ତାହା ଠିକ ନୁହେଁ, ଏହାକୁ ଶୀଘ୍ର ହଟାଇବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହେବ । ପଶ୍ଚିମବଙ୍ଗ ସରକାରଙ୍କୁ ଓଡ଼ିଶା ସରକାରଙ୍କ ତରଫରୁ ପତ୍ର ଲେଖାଯିବ ଏବଂ ଦିଘା ଠାରେ ମହାଦୋଧି ନାମକୁ କାଟିବା ପାଇଁ ମଧ କୁହାଯିବ । ଅନ୍ୟପକ୍ଷରେ ସେବାୟତମାନେ କୌଣସି ସ୍ଥାନକୁ ଯାଇ ସେଠାରେ ପୂଜା ଅର୍ଚ୍ଚନା କରିବା ବିଧି ନାହିଁ । ଏଥି ସହିତ ଜଗନ୍ନାଥଙ୍କ ବିଭିନ୍ନ ନୀତିକାନ୍ତି ବିଷୟରେ ବାହାରେ କ'ଣ ସବୁ ପ୍ରକାଶ କରି ପାରିବେ ଓ ନ କରିପାରିବେ ସେଥିନେଇ ମାର୍ଗଦର୍ଶିକା ଜାରି ହେବ । ରିପୋର୍ଟରୁ ଯାହା ଜଣାପଡିଛି ବଳକା ଦାରୁ କାଠ ବାହାରକୁ ଯିବା ଏବଂ ଏଥିରେ ବିଗ୍ରହ ନିର୍ମାଣ ହେବା ସମ୍ଭବ ନୁହେଁ ଏବଂ ଏହା ସମ୍ପୂର୍ଣ୍ଣ ମିଛ ବୋଲି ନିଯୋଗମାନେ ଉଲ୍ଲେଖ କରିଛନ୍ତି । ଦାରୁ ଘର ଭିତରେ କାଠ ସୁରକ୍ଷିତ ଅଛି । ୧୯୯୫-୯୬ ରେ ସେତବେଳେର ସରକାରଙ୍କ ନିଷ୍ପ□ କ୍ରମେ କିଛି ଦଇତାପତି ନିଯୋଗ ଘରେ କିଛି କାଠ ରହିଛି । ସେ ସମସ୍ତ କାଠ ଦାରୁ ଘରକୁ ଆଣିବା ଏବଂ ଏହାର ଗଣତି ପାଇଁ ଏକ ୫ ଜଣିଆ କମିଟି ଗଠନ ହୋଇଛି । ଦାଇତାପତି ନିଯୋଗ ସମ୍ପାଦକଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗ ଆସିଥିଲା ସେଥିନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ନୋଟିସ ଦିଆଯାଇଥିଲା । ଏଥିରେ ସେ ଘଟଣା ସମ୍ପର୍କରେ ନିଜର ପକ୍ଷ ରଖିଛନ୍ତି । ତେବେ ଏହି ଘଟଣା ସମ୍ପର୍କରେ କାହିଁକି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ ନିଆଯିବ ସେଥିନେଇ ଆଗାମୀ ୭ ଦିନ ମଧ୍ୟରେ ଉ□ର ରଖିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରମନ୍ଦିର ପ୍ରଶାସନ ପକ୍ଷରୁ ଏହି ରିପୋର୍ଟ ପ୍ରଦାନ ଅବସରରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ଅତିରିକ୍ତ ଶାସନ ସଚିବ ବିଭୁ ପ୍ରସାଦ ପଣ୍ଡା ଏବଂ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଜନତାଙ୍କୁ ଉତ୍ସର୍ଗୀକୃତ...

ନେଉଛନ୍ତି। ଥାନାରେ କର୍ତ୍ତବ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ମୋର ପରାମର୍ଶ, ଥାନାକୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଜନସାଧାରଣମାନଙ୍କୁ ଉତ୍ତମ ବ୍ୟବହାର କରନ୍ତୁ। କାରଣ ସେମାନେ ଅସୁବିଧାରେ ପଡି ମନଦୁଃଖରେ ଆପଣଙ୍କ ପାଖକୁ ଆସୁଛନ୍ତି। ସେମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରନ୍ତୁ। ସେ କହିଥିଲେ ଯେ, ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଓ ନିରାକରଣ ପାଇଁ ଆମ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଆଗାମୀ ଦିନରେ ସମସ୍ତ ଥାନାମାନଙ୍କରେ ଅତିରିକ୍ତ ଯାନ ଉପଲବ୍ଧ କରିବା ନିମନ୍ତେ ଉଚ୍ଚମାନର ଦ୍ରୁତଗାମୀ ୯ଟଠ ଗାଡି ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଏହି ଯାନବାହନର ସଠିକ ଉପଯୋଗ ଦ୍ୱାରା ଅପରାଧ ନିୟନ୍ତ୍ରଣ ତଥା ଆଇନ ଶୃଙ୍ଖଳା ରକ୍ଷା ଭଳି କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହୋଇପାରିବ ବୋଲି ମୁଁ ଆଶା ପ୍ରକଟ କରୁଛି । ପୋଲିସ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାକୁ ଆହୁରି ପ୍ରଭାବଶାଳୀ କରିବା ପାଇଁ ଆବଶ୍ୟକ ସମ୍ବଳ, ତାଲିମ ଏବଂ ଭିତ୍ତିଭୂମି ଯୋଗାଇ ଦେବାକୁ ଆମ ସରକାର ପ୍ରତିଶୃତିବଦ୍ଧ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ବିଗତ ଦିନରେ ଘଟିଥିବା ଅପରାଧର ଆଉ ଯେପରି ପୁନରାବୃତ୍ତି ନହୁଏ ସେଥିପ୍ରତି ସଜାଗ ରହିବାପାଇଁ ଉପସ୍ଥିତ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ଥାନାକୁ ଆସୁଥିବା ସାଧାରଣ ଲୋକମାନଙ୍କୁ ଭଲ ବ୍ୟବହାର କରିବା ପାଇଁ ଅଧିକାରୀ ଓ କର୍ମଚାରୀମାନଙ୍କୁ କଡ଼ା ଚେତାବନୀ ଦେଇଥିଲେ ଏବଂ ଥାନାକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କ ପାଖରୁ ତୁରନ୍ତ ଋଜ ଗ୍ରହଣ ନକଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । ସେ ଏହା ମଧ କହିଥିଲେ ଯେ, ଗତ ସରକାର ଅମଳରେ ପୋଲିସକୁ ନିଜର କାର୍ଯ୍ୟ କରିବା ପାଇଁ ଦିଆଯାଉନଥିଲା। ଯାହାର ଫଳାଫଳ ଆମେ ସମସ୍ତେ ଦେଖିଛୁ। ଅପରାଧୀମାନେ ଜାଣିଥିଲେ ଯେ ସେମାନଙ୍କୁ ରାଜନୈତିକ ସୁରକ୍ଷା ମିଳୁଛି, ତେଣୁ ବେଧଡକ ବିଭିନ୍ନ ଅପରାଧ ଘଟାଉ ଥିଲେ। ନୂଆ ସରକାର ସହିତ ସେହି ମାନସିକତା ବି ବଦଳି ଯାଇଛି। ଅପରାଧୀଙ୍କୁ ମିଳୁଥିବା ରାଜନୈତିକ ସୁରକ୍ଷାର ଅବଧି ୧୨ ଜୁନ ୨୦୨୪ ରୁ ସରିଯାଇଛି। ଏହାର ଫଳାଫଳ ଆପଣ କେନ୍ଦୁଝର ଜିଲ୍ଲାରେ ଦେଖିପାରୁଥିବେ। ଆଇନ ଆଗରେ ରାଜା-ପ୍ରଜା ସମସ୍ତେ ସମାନ। ଯଦି ଅପରାଧ କରିବ, ତାର ଫଳାଫଳ ଭୋଗିବ। ଅପରାଧୀ ଯେତେବଡ଼ ହୋଇଥାଉ ନା କାହିଁକି, ଯେତେ ବିତ୍ତଶାଳୀ ହୋଇଥାଉନା କାହିଁକି, ଯେତେ ପ୍ରଭାବଶାଳୀ ହୋଇଥାଉ ନା କାହିଁକି, ଆଇନ ଆଗରେ ନତମସ୍ତକ ହେବାକୁ ପଡ଼ିବ। ରାଜ୍ୟରେ ସମୁଦାୟ ୩୨ ହଜାର ନୂଆ ପଦବୀ ସୃଷ୍ଟି କରାଯାଇଥିବା ବେଳେ ୧୬ ହଜାର ଖାଲି ପଦବୀ, ନୂତନ ଭାବେ ସୃଷ୍ଟି ହୋଇଥିବା ୧୬ ହଜାର ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆପଣମାନେ ଭାବନ୍ତୁ, ଆଗାମୀ କିଛି ବର୍ଷ ମଧ୍ୟରେ ରାଜ୍ୟ ପୋଲିସର କର୍ମଚାରୀ ଓ ଅଧିକାରୀ ସଂଖ୍ୟା ୩୨ ହଜାର ବଢ଼ିବ। ଏହାଦ୍ୱାରା ପୋଲିସର ସାମର୍ଥ୍ୟ ବୃଦ୍ଧି ପାଇବ। ସରକାର ପୋଲିସ ବାହିନୀର ସାମର୍ଥ୍ୟ ଓ ମନୋବଳ ବୃଦ୍ଧି କରିବା ପାଇଁ ସମ୍ପୂର୍ଣ୍ଣ ଭାବରେ ପ୍ରତିବଦ୍ଧ ହୋଇ କାମ କରୁଛନ୍ତି। ତେଣୁ ଆପଣମାନେ ମଧ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ସେହିପରି ପ୍ରତିବଦ୍ଧ ହୋଇ କାମ କରନ୍ତୁ ବୋଲି ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ କହିଥିଲେଯେ ଏହି ନୂଆ ଥାନା ଗୃହ ଜରିଆରେ ଆମ ପୋଲିସ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତାରେ ଉନ୍ନତି ଆଣିବା ସହ ଜନସାଧାରଣଙ୍କୁ ଉନ୍ନତ ସେବା ପ୍ରଦାନ କରିବାକୁ ଆମେ ସଦାସର୍ବଦା ପ୍ରତିଶୃତିବଦ୍ଧ ରହିଛୁ । ସାଧାରଣ ଜନତାଙ୍କ ସେବା ଏବଂ ସୁରକ୍ଷା ପାଇଁ ଆମେ ସବୁବେଳେ ତତ୍ପର ଏବଂ ଜାଗ୍ରତ। ଆଇନକୁ ବଜାୟ ରଖିବା ଏବଂ ସାଧାରଣ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମେ ଆଗାମୀ ଦିନରେ ନିଷ୍ଠାର ସହ କାର୍ଯ୍ୟ କରିବୁ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ଡିଜିପି ଯୋଗେଶ ବାହାଦୁର ଖୁରାନିଆ, ଆଇଜି ହିମାଂଶୁ ଲାଲ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିବାସୀ ହଷ୍ଟେଲରେ ନାବାଳିକା ଦୁଷ୍କର୍ମକୁ ନେଇ ବର୍ଷିଲା ବିଜେଡି, ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଦିବାସୀ ହଷ୍ଟେଲରେ ନାବାଳିକା ଦୁଷ୍କର୍ମକୁ ନେଇ ବର୍ଷିଛି ବିଜେଡି । ବିଜେଡି କହିଛି ଯେ, ପ୍ରତିଦିନ ମହିଳା, ନାବାଳିକା ଦୁଷ୍କର୍ମ ହେଉଛନ୍ତି । କୋରାପୁଟ ଜିଲ୍ଲା ଲମତାପୁଟର ଆଦିବାସୀ ହଷ୍ଟେଲରେ ୮ ବର୍ଷର ଝିଅକୁ ଦୁଷ୍କର୍ମ କରାଗଲା । ୧୫ ଦିନ ଯାଏଁ ଏହି ଘଟଣା ଲୁଚା ଗଲା । ତାଙ୍କର ମେଡିକାଲ ଟ୍ରିଟମେଂଟ ବି ହେଲାଣି । ଗତ ୧୦ ମାସରେ ଏପରି ୨୬ ମୃତ୍ୟୁ ଆଦିବାସୀ ହଷ୍ଟେଲରେ ଘଟିଲାଣି । ଏଥିରୁ ୬ ଆତ୍ମହତ୍ୟା ହୋଇଛି । ହେଲେ ସରକାର ନିଦାବିଷ୍ଟୁ ସାଜିଛନ୍ତି । ନିଜେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଦିବାସୀ । ହେଲେ ଆଦିବାସୀ ଝିଅ ଅସୁରକ୍ଷିତ । ବିଜେପି ସରକାର ସମୟରେ କୌଣସି ସ୍ଥାନରେ ବି ସୁରକ୍ଷିତ ନୁହନ୍ତି ମହିଳା । ଏହା ଅପରାଧ ସହ ଆତଙ୍କବାଦ ସହିତ ସମାନ । ବେଟି ବଚାଓ ସ୍ଲୋଗାନ ଦେଉଥିବା ସରକାରଙ୍କ ସମୟରେ ଅତ୍ୟାଚାର ବଢୁଛି । ଏହା ବିରୋଧରେ ଏସଟି କମିସନଙ୍କୁ ଭେଟିଛି ବିଜେଡି । ନିଜେ କମିସନ ରାଜ୍ୟ ସରକାରଙ୍କୁ ଏ ଦିଗରେ ତଦନ୍ତ, କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ବିଜେଡି ଦାବି କରିଛି । ସେହିପରି କୋରାପୁଟ ଘଟଣାରେ ପ୍ରଧାନ ଶିକ୍ଷୟତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଏଥି ସହ ଆଦିବାସୀ ହଷ୍ଟେଲରେ ସଚେତନତା କାର୍ଯ୍ୟକ୍ରମ କରି ଏପରି ଘଟଣା ରୋକିବା ଦିଗରେ ପଦକ୍ଷେପ ନେବା ଦିଗରେ ବିଜେଡି ଜୋର ଦେଇଛି ।

# ସୀମା ପୁନର୍ଗଠନ ରାଜନୈତିକ ସ୍ୱାର୍ଥରେ ନହେଉ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୀମା ପୁନର୍ଗଠନରେ ରାଜନୈତିକ ସ୍ୱାର୍ଥରେ ନହେଉ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି । ସେ କହିଛନ୍ତି ଲୋକଙ୍କ ପାଇଁ ଏହା ଏକ ପ୍ରହେଳିକା। ବିଜେଡ଼ି ରାଜ୍ୟ ପାଇଁ ଭଲ ହେଲେ ସମର୍ଥନ କରିବ । ଅସୁବିଧା ହେଲେ ଏହାକୁ ବିରୋଧ କରାଯିବ। ରାଜ୍ୟର ସ୍ୱାର୍ଥ ବିଜେଡିର ଦାବି । ରାଜ୍ୟରେ ସିଟ କମିଲେ ରାଜ୍ୟର କ୍ଷତି ହେବ। ସୀମା ପୁନର୍ଗଠନରେ ଆମର କୌଣସି ସମସ୍ୟା ନାହିଁ। ହେଲେ ଏହା ରାଜନୈତିକ ସ୍ୱାର୍ଥରେ ନ ହେଉ। ଏବେ ବିଜେପି ସରକାରରେ ଅଛି ।ଯଦି ବିଜେଡି ସମୟରେ ନୂଆ ପଂଚାୟତ ବ୍ଲକ, ରାଜସ୍ୱ ଗ୍ରାମ ହୋଇ ନଥିଲା ତାହାଲେ ସେମାନେ ଏବେ କରନ୍ତୁ । ସରକାରଙ୍କୁ କେହି ବାଧା ଦେଉ ନାହାନ୍ତି । ପଂଚାୟତ ନିର୍ବାଚନ ଓ ଦଳୀୟ ସ୍ୱାର୍ଥକୁ ଦେଖି ସେମାନେ କରୁଛନ୍ତି । ଆମେ ଯାହା କହିଥିଲୁ ତାକୁ ନାଁ ଓ ରୂପ ବଦଳାଇଛନ୍ତି। ନୂଆ ଏନଏସି ଗଠନ କରି ପାରୁନାହାନ୍ତି।


## NOTICE

By virtue of an affidavit sworn before the Executive Magistrate, Chilika, dated: 29.04.2025, I Bharati Behera, Address: At- Jayantipur, Mouza- Gainada, Po- Baradihi, Ps- Tangi, Dist- Khordha, Odisha, PIN- 752027, declare that I have changed my daughter's name from Anjali Behera to Supriya Behera. Henceforth She shall be known as supriya Behera for all purposes.

Sd/- Bharati Behera

## NOTICE

By virtue of an affidavit sworn before the Executive Magistrate, Jatni, dated: 02.05.2025, I Sakhi Jena, Address: At- Jhinkharada Satrusuan, Po- Retang, Ps- Airfield Bhubaneswar, Dist- Khordha, Odisha, PIN- 752054, declare that I have changed my name from Saraswati Jena to Sakhi Jena. Henceforth I shall be known as Sakhi Jena for all purposes.

Sd/- Sakhi Jena

## NOTICE

By virtue of an affidavit sworn before the Executive Magistrate, Tangi, Khordha, dated: 09.04.2025, I Geetanjali Dei, Address: village- Mangalajodi, Po- Mangalajodi, Ps- Tangi, Dist- Khordha, Odisha, PIN- 752023, declare that I have changed my daughter's name from Kalpana Behera to Kalyani Behera. Henceforth, She shall be known as Kalyani Behera for all purposes.

Sd/- Geetanjali Dei

## NOTICE

By virtue of an affidavit sworn before the Executive Magistrate, Tihidi, dated: 28.04.2025, I Laxmidhar Barik, Address: At- Barsar, Po- Barsar, Ps- Pirahat, Dist- Bhadrak, Odisha, PIN- 756131, declare that I have changed my son's name from Biswajit Barik to Subrat Barik. Henceforth, he shall be known as Subrat Barik for all purposes.

Sd/- Laxmidhar Barik

## ଦ.ପୂ. ରେଳପଥ-ଟେଣ୍ଡର

ନିମ୍ନରେ ଉଲ୍ଲେଖ କରାଯାଇଥିବା ପରି ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର/ଟିଆରଡି/ଚକ୍ରଧରପୁରଙ୍କ ଦ୍ୱାରା ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ଇ-ଟେଣ୍ଡର ଆମନ୍ତ୍ରିତ କରାଯାଇଛି। ଏହି ଟେଣ୍ଡରଗୁଡ଼ିକ ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ। କ୍ରମିକ. ନମ୍ବର ଏବଂ ଟେଣ୍ଡର ନୋଟିସ ନମ୍ବର; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ସର୍ବଶ୍ରେଷ୍ଠ ମୂଲ୍ୟ; ସମାପ୍ତି ଅବଧି: (୧) ସିକେପି-ଡି-୬୩୨/ଏସ୍‌ସିଏଡିଏ-I/ଏଏମ୍‌ସି, ତାରିଖ. ୦୨.୦୫.୨୦୨୫; ଚକ୍ରଧରପୁର ଡିଭିଜନର ସାଲଗା ଝରି-ଝାରସୁଗୁଡ଼ା ଏବଂ ରାଜଖରସାୱାନ-ଡାଙ୍ଗୋଆପୋସି ସେକ୍ସନର ୩୫ଟି ଆର୍‌ଟିୟୁସ୍ ସମେତ ଏସ୍‌ସିଏଡିଏ-I ସିଷ୍ଟମର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (ଏଏମ୍‌ସି) ଏବଂ ତିନି(୦୩)ବର୍ଷ ପାଇଁ ଟିଇଏମ୍‌ଏସ୍ ଏବଂ ଟିଡିଏମ୍‌ଏସ୍ ସମ୍ବନ୍ଧୀୟ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ; ଟ.୧,୦୩,୮୩,୭୧୨/-; ଟ.୨,୦୧,୯୦୦/-; ୩୬ ମାସ। (୨) ସିକେପି.ଡି.୬୪୮/ଏସ୍‌ସିଏଡିଏ/ଏଏମ୍‌ସି, ତାରିଖ ୦୨.୦୫.୨୦୨୫; ଏଏସ୍‌ଏଚ୍‌ଆଇଡିଏର ରକ୍ଷଣାବେକ୍ଷଣ ଚୁକ୍ତିନାମା (ଏଏମ୍‌ସି) ଚାରି ବର୍ଷ ପାଇଁ ଆର୍‌ସିସି/ଚକ୍ରଧରପୁରରେ ଶକ୍ତି ବାର୍ଷିକ ପରିଚାଳନା ପ୍ରଣାଳୀ (ଇଏମ୍‌ଏସ୍) ଏବଂ ଚକ୍ରଧରପୁର ଡିଭିଜନର ବିଭିନ୍ନ ଟିଏସ୍‌ଏସ୍‌ରେ ସ୍ଥାପିତ ଆର୍‌ଟିୟୁ ପାଇଁ ଏସ୍‌ସିଏଡିଏ ସିଷ୍ଟମ ନିର୍ମାଣ; ଟ.୮୪,୪୪,୦୬୪/-; ଟ.୧,୬୮,୯୦୦/-; ୪୮ ମାସ। (୩) ସିକେପି.ଡି.୮୦୦-ମାଷ୍ଟ-ଲିନିଂ, ତାରିଖ. ୦୨.୦୫.୨୦୨୫; ଚକ୍ରଧରପୁର ଡିଭିଜନରେ ଲିନିଂ ମାଷ୍ଟ ସ୍ଥାନଗୁଡ଼ିକର ଉନ୍ନତି ପାଇଁ ବାଲାନ୍ସ କାର୍ଯ୍ୟ; ଟ.୫୧,୫୮,୨୬୭.୨୫; ଟ.୧,୦୩,୨୦୦/-; ୬ ମାସ। (୪) ସିକେପି.ଡି.-୬୮୧-ଏନ୍‌ଏସ୍-କେଜେଡ୍‌ୟୁ-ଏମ୍‌ଆଇକେ, ତାରିଖ.୦୨.୦୫.୨୦୨୫; ଚକ୍ରଧରପୁର ଡିଭିଜନରେ କୁଙ୍କି-ମଣିକୁଲ ଡାଉନ ଲାଇନରେ ବିଦ୍ୟମାନ ନିରପେକ୍ଷ ଅଂଶକୁ ସ୍ଥାନ ନଂ.୩୮୪/୨୨୫ ରୁ ୩୮୪/୩୦ଏସ୍‌କୁ ସ୍ଥାନାନ୍ତର; ଟ.୫୨,୬୬,୧୫୯.୯୬; ଟ.୧,୦୫,୩୦୦/-; ୬ ମାସ। ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ପ୍ରତ୍ୟେକଙ୍କ ପାଇଁ ୨୬.୦୫.୨୦୨୫ର ୧୫.୦୦ ଘଣ୍ଟା। ଟେଣ୍ଡର ଖୋଲିବାର ତାରିଖ ଏବଂ ସମୟ: ପ୍ରତ୍ୟେକଙ୍କ ପାଇଁ ୨୬.୦୫.୨୦୨୫ର ୧୫.୩୦ ଘଣ୍ଟା। ଇ-ଟେଣ୍ଡର ଖୋଲିବାର ସ୍ଥାନ: ପ୍ରତ୍ୟେକଙ୍କ ପାଇଁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର/ଟିଆରଡି/ସିନିଅର ରେଳପଥ। ଇ-ଟେଣ୍ଡର ୱେବସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ ବିଡରମାନଙ୍କର ଶ୍ରେଣୀ-III ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ରହିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହେବା ଆବଶ୍ୟକ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-114)

ESAF
ESAF SMALL FINANCE BANK
REGD. OFFICE: ESAF Bhavan, Mannuthy, Thrissur- 680 651, Kerala.

## GOLD AUCTION NOTICE

Notice is hereby given for the information of all concerned that Gold ornaments pledged with ESAF Small Finance Bank and not redeemed by borrowers, despite repeated reminders and notices, of our branches, are listed below. This will be auctioned as per the details given below:

DATE OF AUCTION: 20-05-2025 TIME: 2 PM TO 5 PM
AUCTION VENUE: THROUGH E-AUCTION
AUCTION ADDRESS: https://gold.matexnet.org/
Contact: 9944171360 / 9843312694

To register as bidder for the e-Auction with terms and conditions, and full details of e-Auction please visit the above site.

**BRANCHES & LOAN ACCOUNT NUMBERS**

BALANGIR: 75240000788186, 1505434, 3152802, 3212510, 3216203, BHUBANESHWAR: 63240000325266, 75240003174530, CHANDANPUR: 63240000735954, 737081, CUTTACK: 63240000564255, 739847, 75230002417561, 75240003296390, JEYPORE: 63230000516496, 63240000708166, 75240000240068, 3269432, NABRANGPUR: 75240003169420, NAYAGARH: 63240000741913, 75240000750848, 840549, 2594436, 3181876, 3247654, 3248602, 3252444, 3267405.

Customers who are interested to release the ornaments by paying the total due amount may do so, at the respective branches, on or two days before the date of the auction.
Bidders who wish to participate in the auction shall produce their KYC documents. GST No. is mandatory for registered firms/companies. Bidders shall deposit a sum of Rs.50,000 as EMD before participating in the auction.

Thrissur
Date: 06-05-2025
Sd/-
Authorized Signatory

PARADIP PORT AUTHORITY
e-TENDER CALL NOTICE
No. CE/PHD(M)/ACCTS-03/25/244
Date:25/04/2025

Name of the work - "Outsourcing of Operational work of Balijhara Water Works on job contract basis under PHD(M) for two years (2025-27)". Estimated Cost: Rs.6,32,04,730.60. Last date & time of submission : 16.05.2025 upto 17:30 Hrs. Refer our website for details: eprocure.gov.in/eprocure/app

Sd/- Executive Engineer
P.H. Division (M), Paradip Port Authority
PPA/PR/09/2025-2026 dtd.05.05.2025

A-111

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER,
LOWER INDRA CANAL DIVISION, KHARIAR
e-Procurement Notice No. SELICD-02/2025-26, Dt.01.05.2025
e-mail address: - selicd.khr@gmail.com

No 1591 Date 01.05.2025

1. Type Nature of work: Civil Work / Canal Works
2. Total No. of works: 05 (Five) Nos.
3. Approx. value of works: Rs. 6.09 Lakh to Rs. 21.94 Lakh (Excluding GST).
4. Period of completion: 02 (Two) Calendar months.
5. Classification of bidders: "D" & "C" Class Contractor only.

Other details as follows:

| Procurement Officer. | e-Procurement Notice No. | Availability & Submission of bids in online. | | Date & time of opening of tender. |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Lower Indra Canal Division Khariar, Dist:-Nuapada, Odisha. | SELICD-02/2025-26, Dt.01.05.2025 | 06.05.2025 from 10.00 AM | 16.05.2025 up to 5.00 PM | 17.05.2025 at 09.00AM |

N.B: Further details can be seen from the e-procurement portal https://www.tendersodisha.gov.in. Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

(Er. Soumya Kishore Jaipuria)
Superintending Engineer,
Lower Indra Canal Division, Khariar

OIPR 32206/11/0009/2526

O-107

By E_Mail/e-Despatch
E_Mail ID : serwcbaripada@gmail.com
Ph-No-06792-261343/261344
Gangraj, Baripada

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
"e" Procurement Notice for Road Work

Identification No.- Online Tender- PM-JANMAN/ PMGSY Road Works N.C.B. No. 374 for 2025-26

Letter No. 2015 / Date 30.04.2025//

1. Name of the work :- PM-JANMAN/ PMGSY Road Works
2. Total No. of work :- 2 Nos. (Two)
3. Estimated Cost :- Rs. 340.13 Lakhs to Rs.616.16 Lakhs (approximately).
4. Eligible Class of Contractor : - As per annexure.
5. Period of Completion :- As per annexure.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O C.C.E.R.W. Circle, Baripada. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.374 | Dt.09.05.2025 at 11.00 A.M. | Dt.26.05.2025 up to 5.00 P.M. | Dt.23.05.2025 up to 1.00 P.M. | Dt.28.05.2025 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in.
- Any Corrigendum / Addendum will be displayed in the above e_tender website only.

Sd/-Er. A.K. Naik
Chief Construction Engineer,
R.W. Circle, Baripada.

OIPR 25130/11/0031/2526

B-93

WORKS DEPARTMENT
OFFICE OF THE EXECUTIVE ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Short Quotation Call Notice No-01/2025-26

1. Number of works - 01 (One) number of works
2. Period of Completion :- 01 (One) Calendar month
3. Date & Time of availability of bid documents in the portal: - Dt. 07.05.2025 to 16.05.2025.
4. Last Date / Time of receipt of bid in the portal: - Dt. 16.05.2025 up to 5.00 PM.
5. Date of Opening of bid :- Dt. 17.05.2025 at 11.00 AM
6. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- Superintending Engineer
Mayurbhanj (R&B) Division

OIPR 34025/11/0021/2526

[GOVERNMENT OF ODISHA]
OFFICE OF THE BLOCK DEVELOPMENT OFFICER, CHANDRAPUR
E-mail – ori-chandrapur@nic.in
INVITATIONS FOR BIDS (I.F.B.)
e-Procurement Notice
i-69

IDENTIFICATION NO.IFB-RC (BDO) CHANDRAPUR 01/2025-26,Dt. 02.05.2025
No. 1190 /2025 Dated - 02/05/2025

1. The Panchayat Samiti, Chandrapur invites Percentage Rate bid in Single Cover System in ONLINE MODE for the construction of Building works (Civil + El) as detailed in the Detailed Tender Call Notice (D.T.C.N) from the eligible class of contractors.
2. No. of works: 04 (Four) Nos.
3. Cost of Tender Paper: - Rs.6,000/-(Rupees Six thousand) only
4. Class of contractor:- "C" & "D" Class
5. Date & Time of available in web site & receipt online:- 11:00 Hrs. of 03.05.2025 to 17:00 Hrs. of 13.05.2025.
6. The Bidders have to participate in ONLINE bidding only. Further details can be seen from the State Govt. Portal website: https://tendersodisha.gov.in
7. Any corrigendum / Addendum will be displayed in the website https://tendersodisha.gov.in only.

Sd/-Block Development Officer,
Chandrapur

OIPR 19187/11/0001/2526

L-11

କୃଷି ସୂଚନା

- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସାଧାରଣ ବର୍ଗ ନିମନ୍ତେ ଶତକଡା ୪୦ ପ୍ରତିଶତ ମହିଳା ଅନୁସୂଚିତ ଜାତି ଓ ଜନଜାତି, ଭିନ୍ନକ୍ଷମ, କୃଷି ଏବଂ ଆନୁଷଙ୍ଗିକ ସ୍ନାତକ ମାନଙ୍କ ନିମନ୍ତେ ଶତକଡା ୫୦ ପ୍ରତିଶତ ହିସାବରେ ସର୍ବାଧିକ ୧ କୋଟି ଟଙ୍କାର ରିହାତି ବ୍ୟବସ୍ଥା ରହିଅଛି ।
- ଓଡିଶା ମିଲେଟ ମିଶନ ଅନ୍ତର୍ଗତ କ୍ଷେତରେ ଓ ଥାଳିରେ ପୁଷ୍ଟିଶସ୍ୟର ପୁନଃ ପ୍ରଚଳନ ନିମନ୍ତେ ଟାଙ୍ଗୀ ଓ ବାଣପୁର ବ୍ଲକରେ ମାଣ୍ଡିଆ, ଯଅ ଓ ବାଜରା ଫସଲ ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉଅଛି । ମାଣ୍ଡିଆର ଖରିଫ୍ ଉତ୍ପାଦନକୁ ମଣ୍ଡି ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟ ୪୫୦୦ ଟଙ୍କାରେ ଚାଷି ମାନଙ୍କ ଠାରୁ କ୍ରୟ କରାଯିବାର ବ୍ୟବସ୍ଥା ରହିଅଛି ।
- ସି ଏମ୍- କିଷାନ ଓ ପି ଏମ୍- କିଷାନ ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ ଚାଷୀ ମାନଙ୍କ ପାଇଁ ଆର୍ଥିକ ସହାୟତାର ବ୍ୟବସ୍ଥା ରହିଅଛି ।
- ରାଜ୍ୟ ଯୋଜନା ମାଧ୍ୟମରେ ସମନ୍ୱିତ କୃଷି ପାଇଁ ସାଧାରଣ ବର୍ଗ ନିମନ୍ତେ ଶତକଡା ୪୦ ପ୍ରତିଶତ ମହିଳା ଅନୁସୂଚିତ ଜାତି ଓ ଜନଜାତି, ଭିନ୍ନକ୍ଷମ, କୃଷି ଏବଂ ଆନୁଷଙ୍ଗିକ ସ୍ନାତକ ମାନଙ୍କ ନିମନ୍ତେ ଶତକଡା ୫୦ ପ୍ରତିଶତ ଆର୍ଥିକ ସହାୟତାର ବ୍ୟବସ୍ଥା ରହିଅଛି ।
- କୃଷି ସମୃଦ୍ଧି – ଏହା ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଏକ ନିଃଶୁଳ୍କ କୃଷି ପରାମର୍ଶ ସେବା ୧୫୫୩୩୩ କୁ ଫୋନ୍ କରି ଚାଷୀ ଭାଇ ଓ ଭଉଣୀ ମାନେ ଚାଷ ସମ୍ବନ୍ଧରେ ସମସ୍ତ ସୂଚନା ପାଇପାରିବେ ।
- ମୃତ୍ତିକା ପରିକ୍ଷାଗାର ମାଧ୍ୟମରେ ବିନା ଦେୟରେ ମାଟି ପରିକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ ଓ ଅନୁମୋଦିତ ସାର ପ୍ରୟୋଗ ର ପରାମର୍ଶ ଦିଆଯାଉଛି ।
- ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା ରେ ବିଭିନ୍ନ ଫସଲକୁ ବିମାଯୁକ୍ତ କରାଯାଉଛି ।
- ରାଜ୍ୟ ଯୋଜନା ମାଧ୍ୟମରେ ଆଖୁ ଫସଲର ବିଭିନ୍ନ ପ୍ରଦର୍ଶନୀ କ୍ଷେତ୍ର ପାଇଁ ରିହାତି ପ୍ରଦାନର ବ୍ୟବସ୍ଥା ରହିଛି ।
- ଚାଷୀମାନେ ସରକାରୀ ଅଧିନସ୍ଥ ବିକ୍ରେତାଙ୍କ ଠାରୁ ଉନ୍ନତମାନର ପ୍ରାମାଣିକ ବିହନ ରିହାତି ମୂଲ୍ୟରେ କ୍ରୟ କରି ଅଧିକ ଉତ୍ପାଦନ କରନ୍ତୁ ।

ଚାଷ ସମ୍ବନ୍ଧୀୟ ବିଭିନ୍ନ ଯୋଜନାର ବିସ୍ତୃତ ସୂଚନା ନିମନ୍ତେ ନିକଟସ୍ଥ ବ୍ଲକ୍ କୃଷି କାର୍ଯ୍ୟାଳୟରେ ଯୋଗଯୋଗ କରନ୍ତୁ ।

ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ଖୋର୍ଦ୍ଧା।
OIPR 01499/11/0005/2526
ଜିଲ୍ଲାପାଳ ତଥା ଅଧକ୍ଷ, ଆତ୍ମା, ଖୋର୍ଦ୍ଧା।

OFFICE OF THE DIVISIONAL FOREST OFFICER, KALAHANDI SOUTH DIVISION
At/Po-Paramanandapur, Bhawanipatna, Ward No.4,Rly Station Road, Dist-Kalahandi, Odisha, Pin Code-766002
Phone & Tele Fax No.-06670-230268 (O) (E.Mail ID:- dfoklds6@gmail.com & dfo.kalahandisouth@odisha.gov.in)

MM-29

NOTICE FOR CORRIGENDUM

Sub: Corrigendum regarding the tender call notice for hiring of vehicle vide letter no 2455 dated 11.04.2025.

This office tender call notice letter no 2455 dated 11.04.2025 regarding financial bid in Annexure-II.

**Point No. 5 may be read as follows.**

05. Rate quoted towards hire charges of the vehicle per month as per the instructions given below.
(Maximum of Rs. 31,000/- instead of Rs. 26,271/- as quoted earlier)

01. The rate quoted by the tenderer/ bidder should excludeTaxes/service chargesas per Resolution No. 30464 / FIN-COD-MV-0001-2017, Dtd. 06.09.2019 of Finance Department, Government of Odisha.
02. The rate quoted by the tenderer/ bidder will be treated as the rate including the remuneration of the Driver provided by the Service Provider along with the vehicle.

**The last date of submission of tender is extended upto 14.05.2025 till 01.00 PM and the tender opening shall be on dt.15.05.2025 at 10:00 AM. All other terms and conditions will remain same as mentioned earlier.**

Sd/-Divisional Forest Officer,
Kalahandi South Division

OIPR 08122/11/0012/2526



ଅମରୋହା: ଦୁର୍ଘଟଣାର ଶିକାର ହେଲେ ଲୋକପ୍ରିୟ ଟିଭି ଶୋ' ଇଣ୍ଡିଆନ୍ ଆଇଡଲ ବିଜେତା ଗାୟକ ପବନଦୀପ ରାଜନ୍। ଉତ୍ତରାଖଣ୍ଡରୁ ନୋଏଡ଼ା ଯାଉଥିବା ସମୟରେ ସଡ଼କ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଭାବେ ଆହତ ହୋଇଛନ୍ତି ପବନଦୀପ। ତାଙ୍କ କାରର ନିୟନ୍ତ୍ରଣ ହରାଇ ଗଜରୌଲାରେ ରାଜପଥ ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ କ୍ୟାଣ୍ଟରକୁ ପଛ ପଟରୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ତାଙ୍କ ଚାଳକ ରାହୁଲ ସିଂହ ଏବଂ ସାଥୀ ଅଜୟ ମେହେରା ମଧ୍ୟ ଆହତ ହୋଇଛନ୍ତି। ଆହତ ତିନି ଜଣଙ୍କୁ ପୁଲିସ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଛି। ପବନଦୀପଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ସାମାଜିକ ଗଣମାଧ୍ୟମରେ ପବନଙ୍କ ଫଟୋ ଭାଇରାଲ ହୋଇଛି। ଫଟୋରେ ପବନ ହସ୍ପିଟାଲ ବେଡ୍‌ରେ ଶୋଇଥିବା ଏବଂ ତାଙ୍କ ଚିକିତ୍ସା ଚାଲିଥିବା ଦେଖିବାକୁ ମିଳିଛି। ଗାୟକଙ୍କ ଫଟୋ ଦେଖିବାସହ ଦୁର୍ଘଟଣା ଖବର ପାଇ ପ୍ରଶଂସକମାନେ ଚିନ୍ତା ପ୍ରକଟ କରିଛନ୍ତି। ଏଥିସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।




## ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ହେଲେ ପ୍ରକାଶ ମଗଦୁମ



ନୂଆଦିଲ୍ଲୀ: ପ୍ରକାଶ ମଗଦୁମ ସୋମବାର ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ (ଏନଏଫଡିସି)ର ପରିଚାଳନା ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ମଗଦୁମ ଜଣେ ୧୯୯୯ ବ୍ୟାଚର ଭାରତୀୟ ସୂଚନା ସେବା ଅଧିକାରୀ। ଏହା ପୂର୍ବରୁ, ଶ୍ରୀ ମଗଦୁମ ଅହମ୍ମଦାବାଦରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି)ର ଅତିରିକ୍ତ ମହାନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଥିଲେ। ନିଜର ଦୁଇ ଦଶନ୍ଧିର ଏକ ଉଲ୍ଲେଖନୀୟ କ୍ୟାରିୟର ମଧ୍ୟରେ, ଶ୍ରୀ ମଗଦୁମ ପୁନେର ଜାତୀୟ ଚଳଚ୍ଚିତ୍ର ଅଭିଲେଖାଗାର (ଏନଏଫଏଆଇ)ର ନିର୍ଦ୍ଦେଶକ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ସେ ଚଳଚ୍ଚିତ୍ର ଅଭିଲେଖାଗାର ଏବଂ ପୁନରୁଦ୍ଧାର ପ୍ରୟାସ ମାଧ୍ୟମରେ ଭାରତର ସିନେମା ଐତିହ୍ୟକୁ ସଂରକ୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ଭାରତୀୟ ଚଳଚ୍ଚିତ୍ର ଏବଂ ଟେଲିଭିଜନ ସଂସ୍ଥାନ (ଏଫଟିଆଇଆଇ)ର ରେଜିଷ୍ଟ୍ରାର ଏବଂ ତିରୁଅନନ୍ତପୁରମରେ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି।

## ନୂତନ ଅପରାଧିକ ଆଇନର ସମୀକ୍ଷା କଲେ ଶାହ



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ସୋମବାର ନୂଆଦିଲ୍ଲୀଠାରେ ଉପରାଜ୍ୟପାଳ ବିନୟ କୁମାର ସକ୍ସେନା ଏବଂ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସହ ଜାତୀୟ ରାଜଧାନୀରେ ତିନୋଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ନେଇ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ପୋଲିସ, କାରାଗାର, ଅଦାଲତ, ଅଭିଯୋଜନ ଏବଂ ଫରେନ୍ସିକ୍ ସମ୍ବନ୍ଧୀୟ ବିଭିନ୍ନ ନୂତନ ବ୍ୟବସ୍ଥାର କାର୍ଯ୍ୟକାରିତା ଏବଂ ବର୍ତ୍ତମାନର ସ୍ଥିତି ସମୀକ୍ଷା କରାଯାଇଥିଲା। ଏହି ବୈଠକରେ କେନ୍ଦ୍ର ଗୃହ ସଚିବ, ଜାତୀୟ ରାଜଧାନୀ ଅଞ୍ଚଳର ମୁଖ୍ୟ ସଚିବ, ଦିଲ୍ଲୀ ପୋଲିସ କମିଶନର, ପୋଲିସ ଅନୁସନ୍ଧାନ ଏବଂ ବିକାଶ ବ୍ୟୁରୋ (ବିପିଆରଆଣ୍ଡଡି) ର ମହାନିର୍ଦ୍ଦେଶକ, ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ର ନିର୍ଦ୍ଦେଶକ ଏବଂ ଗୃହ ମନ୍ତ୍ରଣାଳୟ (ଏମଏଚଏ) ଏବଂ ଦିଲ୍ଲୀ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରବର୍ତ୍ତିତ ତିନୋଟି ନୂଆ ଅପରାଧିକ ଆଇନର କାର୍ଯ୍ୟାନ୍ୱୟନ ଦ୍ୱାରା ତୃଣମୂଳ ସ୍ତରରେ ପୁଲିସର ଦକ୍ଷତା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି ପାଇବ। ଏହି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତାରେ ଅଧିକାରୀମାନଙ୍କ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ନିର୍ଦ୍ଦେଶ ଜାରି କରିଥିଲେ। ଶ୍ରୀ ଶାହ ଗୁରୁତ୍ୱାରୋପ କରିଥିଲେ ଯେ ୬୦ ଏବଂ ୯୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାର ପ୍ରକ୍ରିୟା ଉପରେ ନିରନ୍ତର ନଜର ରଖିବା ଆବଶ୍ୟକ ଏବଂ ଏହାର ସମୟସୀମା କଡାକଡି ପାଳନ କରାଯିବା ଉଚିତ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ଇ-ସମନ ସିଧାସଳଖ ଅଦାଲତରୁ ଜାରି କରାଯିବା ଉଚିତ, ଯାହାର ନକଲ ସ୍ଥାନୀୟ ଥାନାକୁ ପଠାଯିବା ଉଚିତ। ପ୍ରସିକ୍ୟୁସନ୍ ନିର୍ଦ୍ଦେଶାଳୟରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଯେକୌଣସି ମାମଲାରେ ଅପିଲ ସମ୍ବନ୍ଧୀୟ ନିଷ୍ପତ୍ତି ନିଜେ ପ୍ରସିକ୍ୟୁସନ୍ ନିର୍ଦ୍ଦେଶାଳୟ ଦ୍ୱାରା ନିଆଯାଇଛି ବୋଲି ସୁନିଶ୍ଚିତ କରିବାକୁ ମଧ୍ୟ ସେ ଆହ୍ୱାନ କରିଥିଲେ।

## 'ଆପଣଙ୍କ ସହର ଆପଣଙ୍କୁ ବହୁତ କିଛି ଦେଇଛି ଏବେ ଆପଣ ଦେବାର ପାଳି'



ରାୟପୁର: ଛତିଶଗଡ ଉପମୁଖ୍ୟମନ୍ତ୍ରୀ ତଥା ନଗର ପ୍ରଶାସନ ଏବଂ ବିକାଶ ବିଭାଗ ମନ୍ତ୍ରୀ ଅରୁଣ ସାଏ ନବ ନିର୍ବାଚିତ ଜନ ପ୍ରତିନିଧିଙ୍କ ପାଇଁ ଆୟୋଜିତ ଦୁଇ ଦିନିଆ ପ୍ରବୋଧନ କାର୍ଯ୍ୟକ୍ରମ ଓ କାର୍ଯ୍ୟଶାଳାରେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟଶାଳାର ପ୍ରଥମ ଦିନରେ ରାଜ୍ୟର ସମସ୍ତ ନଗର ନିଗମର ମହାପୌରପାଳ, ପୌର ସଭାପତି ଏମ୍ଆଇସି ସଦସ୍ୟ ଏବଂ ବରିଷ୍ଠ ନାଗରିକମାନେ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ କରିବା ସହ ଆଗାମୀ ୫ବର୍ଷ ପାଇଁ କାର୍ଯ୍ୟ ଯୋଜନାର ମାନସ ମନ୍ଥନ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ କହିଥିଲେ ଯେ, ଏହି ସହରଗୁଡିକ ଆପଣମାନଙ୍କୁ ଅତିତରେ ବହୁତ କିଛି ଦେଇଛି ଏବେ ଆପଣମାନେ ସହରର ସେବାରେ ନିଜକୁ ନିୟୋଜିତ କରିବା ଉଚିତ୍। ଜନପ୍ରତିନିଧି ଓ ଲୋକମାନେ ସମ୍ମିଳିତ ଭାବେ ସହରଗୁଡିକର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବା ସହ ସେ ଦିଗରେକାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଶ୍ରୀ ସାଏ ଆହୁରି କହିଥିଲେ ଯେ, ଯେଉଁ ଜନପ୍ରତିନିଧିମାନେ ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇ ବିଜୟ ଲାଭ କରିଛନ୍ତି ସେମାନେ ସମର୍ପଣ ଭାବ ନେଇ ସହରଗୁଡିକର ବିକାଶ ପାଇଁ ନିୟମିତ ଯୋଜନା କରିବା ଉଚିତ୍। ଆପଣଙ୍କ ସହର ଆପଣଙ୍କୁ ଭରପୁର ସ୍ନେହ, ମାନ ସମ୍ମାନ ଏବଂ ସଂସ୍କାର ଦେବାରେ ସମର୍ଥ ହୋଇଛି। ଆପଣଙ୍କ କର୍ମସ୍ଥଳ ଏବଂ ଆପଣଙ୍କ ସହରକୁ ଏବେ ଆପଣଙ୍କ ଅବଦାନ ଫେରସ୍ତ କରିବାର ବେଳ। ନଗରୀୟ ପ୍ରଶାସନ ଏବଂ ବିକାଶ ବିଭା ସଚିବ ବାସବରାଜୁ ଏସ୍ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନବନିର୍ବାଚିତ ଜନପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ରାଜ୍ୟ ସରକାର ତଥା ରାଜ୍ୟ ସହର ବିକାଶ ପ୍ରାଧିକରଣର ଯୋଜନାଗୁଡିକ ସଂପର୍କରେ ଅବଗତ କରାଇଥିଲେ।

## ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ ରାହୁଲ



ନୂଆଦିଲ୍ଲୀ: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପରବର୍ତ୍ତୀ ନିର୍ଦ୍ଦେଶକଙ୍କ ନିଯୁକ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ। ନିଯୁକ୍ତି ନେଇ ବୈଠକ ଆରମ୍ଭ ହୋଇଛି। ତିନି ଜଣିଆ ନିଯୁକ୍ତି କମିଟିର ସୁପାରିଶ କ୍ରମେ କେନ୍ଦ୍ର ସରକାର ସିବିଆଇ ନିର୍ଦ୍ଦେଶକଙ୍କ ନିଯୁକ୍ତି କରନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଲୋକସଭାର ବିରୋଧୀ ଦଳ ନେତା ଏବଂ ଭାରତର ମୁଖ୍ୟ ବିଚାରପତି କିମ୍ବା ତାଙ୍କ ଦ୍ୱାରା ମନୋନୀତ ସୁପ୍ରିମକୋର୍ଟର ଜଣେ ବିଚାରପତି ସାମିଲ ହୁଅନ୍ତି। ତେଣୁ ଏଥିରେ ରାହୁଲ ଗାନ୍ଧୀ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଯାଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ବର୍ତ୍ତମାନର ସିବିଆଇ ନିର୍ଦ୍ଦେଶକ ଥିବା ପ୍ରବୀଣ ସୁଦଙ୍କ କାର୍ଯ୍ୟକାଳ ମେ ୨୫ରେ ଶେଷ ହେଉଛି। ୧୯୮୬ ବ୍ୟାଚ୍‌ର କର୍ଣ୍ଣାଟକ କ୍ୟାଡରର ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ଏବଂ ରାଜ୍ୟ ପୋଲିସ ମୁଖ୍ୟ ଶ୍ରୀ ସୁଦ ୨୦୨୩ ମେ ମାସରେ ସୁବୋଧ କୁମାର ଜୟସୱାଲଙ୍କ ପରେ ସିବିଆଇ ନିର୍ଦ୍ଦେଶକର ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ କାର୍ଯ୍ୟକାଳ ଶରିବାକୁ ଆଉ ୨୦ ଦିନ ସମୟ ରହିଥିବା ବେଳେ ସିବିଆଇ ନିର୍ଦ୍ଦେଶକ ଚୟନ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ୨୦୧୯ ମସିହାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ୬ ମାସରୁ କମ୍ କାର୍ଯ୍ୟକାଳ ବାକି ଥିବା କୌଣସି ଅଧିକାରୀଙ୍କୁ ସିବିଆଇ ନିର୍ଦ୍ଦେଶକ ପଦ ପାଇଁ ବିଚାର କରାଯାଇପାରିବ ନାହିଁ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ୨ ବର୍ଷରୁ କମ୍ ହୋଇପାରିବ ନାହିଁ ଏବଂ କେବଳ ନିଯୁକ୍ତି କମିଟିର ସମ୍ମତିରେ ତାଙ୍କୁ ସ୍ଥାନାନ୍ତର କରାଯାଇପାରିବ। କେନ୍ଦ୍ରୀୟ ସତର୍କତା ଆୟୋଗ(ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ) ଆଇନ ୨୦୦୩ ଅନୁଯାୟୀ ସିବିଆଇ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ୨ ବର୍ଷ ଧାର୍ଯ୍ୟ କରାଯାଇଥିଲା।

## ମୁର୍ଶିଦାବାଦ ହିଂସା ପାଇଁ ବିଏସ୍ଏଫ୍ ଓ ବିଜେପିକୁ ଦାୟୀ କଲେ ମମତା



ନୂଆଦିଲ୍ଲୀ: ୱାକଫ୍ ଆଇନକୁ ନେଇ ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରି ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ରାଜ୍ୟପାଳ ସିଭି ଆନନ୍ଦ ବୋଷ ରିପୋର୍ଟ ଦେଇଛନ୍ତି। ତେବେ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସେ ସୀମା ସୁରକ୍ଷା ବଳ (ବିଏସଏଫ) ଏବଂ ବିଜେପିକୁ ଦାୟୀ କରିଛନ୍ତି। ବିଜେପି ପଶ୍ଚିମବଙ୍ଗରେ ସାମ୍ପ୍ରଦାୟିକ ହିଂସା ସୃଷ୍ଟି କରୁଛି ବୋଲି ମମତା ଅଭିଯୋଗ କରିଛନ୍ତି। ବିଏସଏଫ ବିରୋଧରେ ମମତା ଅଭିଯୋଗ ଆଣି କହିଛନ୍ତି, ଏହି ହିଂସା ଯୋଜନାବଦ୍ଧ ଥିଲା। ହିଂସା ସମୟରେ ସୁରକ୍ଷାକର୍ମୀମାନେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ସୁରକ୍ଷାକର୍ମୀମାନେ ଯଦି ଗୁଳି ଚାଳନା କରି ନ ଥାଆନ୍ତେ, ତେବେ ହିଂସା ଏତେ ଉଗ୍ର ରୂପ ନେଇ ନ ଥାଆନ୍ତା। ସୁରକ୍ଷାକର୍ମୀ ଗୁଳି ଚାଳନା କରିବାରୁ, ଏହା ପରଦିନ ହିଂସା ବୃଦ୍ଧି ପାଇଲା ବୋଲି ମମତା କହିଛନ୍ତି।

## ଭାରତର ପ୍ରତିରକ୍ଷା ୱେବ୍‌ସାଇଟ୍‌କୁ ହ୍ୟାକ୍ କଲା ପାକିସ୍ତାନ



ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ, ପାକିସ୍ତାନୀ ହ୍ୟାକର୍ସମାନେ ଭାରତୀୟ ପ୍ରତିରକ୍ଷା ୱେବସାଇଟ୍ ହ୍ୟାକ୍ କରିବାକୁ ଚେଷ୍ଟା କରିଛନ୍ତି। ପ୍ରତିରକ୍ଷା କର୍ମଚାରୀଙ୍କ ଲଗଇନ୍ ପ୍ରମାଣପତ୍ର ସମେତ ସମ୍ବେଦନଶୀଳ ତଥ୍ୟ ଚୋରି କରିଥାଇପାରନ୍ତି ବୋଲି ଭାରତୀୟ ସେନା କହିଛି। ସେନା ପକ୍ଷରୁ ଏନେଇ ଏକ୍ସ ପୋଷ୍ଟ କରାଯାଇଛି। ଯେଉଁଥିରେ 'ପାକିସ୍ତାନ ସାଇବର ଫୋର୍ସ', ମିଲିଟାଇରି ଇଞ୍ଜିନିୟର ସର୍ଭିସେସ୍ ଏବଂ ମନୋହର ପାରିକର ଇନଷ୍ଟିଚ୍ୟୁଟ୍ ଅଫ୍ ଡିଫେନ୍ସ ଷ୍ଟଡିଜ୍ ଆଣ୍ଡ୍ ଆନାଲିସିସ୍ ?ର ସମ୍ବେଦନଶୀଳ ତଥ୍ୟର ଆକ୍ସେସ୍ ପାଇଥିବା ଅଭିଯୋଗ ହୋଇଛି। ତଥ୍ୟ ଚୋରି କରିବା ସହିତ ପାକିସ୍ତାନ ସାଇବର ଫୋର୍ସ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ପବ୍ଲିକ ସେକ୍ଟର ସଂସ୍ଥା ଆର୍ମର୍ଡ ଭେଇକଲ ନିଗମ ଲିମିଟେଡର ସରକାରୀ ୱେବସାଇଟ୍‌କୁ ବିକୃତ କରିବାକୁ ଚେଷ୍ଟା କରିଥିଲା। ପାକିସ୍ତାନୀ ପତାକା ଏବଂ ଏଆଇ ବ୍ୟବହାର କରି ୱେବସାଇଟ୍ ?କୁ ବିକୃତ କରାଯାଇଛି ଥିବା ସେନା ଅଭିଯୋଗ କରିଛି। ସେନା କହିଛି ଯେ, ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ବିକୃତି ପ୍ରୟାସ ଯୋଗୁ ହୋଇଥିବା ସମ୍ଭାବ୍ୟ କ୍ଷତିର ପରିମାଣ ଆକଳନ କରିବା ଏବଂ ୱେବସାଇଟର ଅଖଣ୍ଡତା ସୁନିଶ୍ଚିତ କରିବା ପାଇଁ ଆର୍ମର୍ଡ ଯାନ ନିଗମ ଲିମିଟେଡର ୱେବସାଇଟ୍ ଅଡିଟ୍ ପାଇଁ ଅଫଲାଇନ୍ କରାଯାଇଛି। ୨୨ ଏପ୍ରିଲରେ ହୋଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ-ପ୍ରାୟୋଜିତ ହ୍ୟାକର ଗୋଷ୍ଠୀଗୁଡ଼ିକ ଭାରତୀୟ ୱେବସାଇଟ୍ ଉପରେ ସାଇବର ଆକ୍ରମଣର ଏକ ଧାରା ଆରମ୍ଭ କରି ଦେଇଛନ୍ତି। ଭାରତ ପକ୍ଷରୁ ମଧ୍ୟ ଏହାର ପ୍ରତି ଜବାବ ଦିଆଯାଉଛି। ଏହା ପୂର୍ବରୁ 'ସାଇବର ଗ୍ରୁପ୍ HOAX1337' ଏବଂ 'ନ୍ୟାସନାଲ୍ ସାଇବର କ୍ରୁ' ସମେତ ହ୍ୟାକର୍ ଗୋଷ୍ଠୀଗୁଡ଼ିକ ଜମ୍ମୁର ଆର୍ମି ପବ୍ଲିକ୍ ସ୍କୁଲଗୁଡ଼ିକର ୱେବସାଇଟ୍ ?ଗୁଡ଼ିକୁ ଟାର୍ଗେଟ କରିଥିଲେ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପୀଡିତମାନଙ୍କୁ ଉପହାସ କରୁଥିବା ବାର୍ତ୍ତା ଦେଇ ସେଗୁଡ଼ିକୁ ବିକୃତ କରିବାକୁ ଚେଷ୍ଟା କରିଥିଲେ।


# ବାଣିଜ୍ୟ



ନୂଆଦିଲ୍ଲୀ: ଭାରତର ସବୁଠୁ ପସନ୍ଦ କରାଯାଉଥିବା ହାତଘଣ୍ଟା ବ୍ରାଣ୍ଡ୍ ସୋନାଟା ପକ୍ଷରୁ ଏକ ଷ୍ଟାଇଲିସ୍ ଓ ନିଖୁଣ ଭାବେ କାରିଗରୀ କରାଯାଇଥିବା ସମ୍ଭାର 'ସୋନାଟା ଗୋଲ୍ଡ'ର ଶୁଭାରମ୍ଭ କରାଯାଇଛି। ଆକୃତି ଓ କାରିଗରୀର ମିଶ୍ରଣ ସହ ସୋନାଟା ଗୋଲ୍ଡ ଆପଣଙ୍କୁ ପସନ୍ଦର ସୁନା ଉପକରଣ ପିନ୍ଧିବା ଲାଗି ଏକ ନୂଆ ବଳିଷ୍ଠ ସୁଯୋଗ ପ୍ରଦାନ କରୁଛି। ଏହି ସମ୍ଭାରରେ ରହିଥିବା ପ୍ରତିଟି ହାତଘଂଟାରେ ରହିଛି ଏକ ଅସଲି ୦.୧୫ ଗ୍ରାମର ୨୨ କ୍ୟାରେଟ୍ ତନିସ୍କ ସୁନା କଏନ୍ ଯାହାକୁ ଡାଏଲ୍‌ରେ ଯୋଡ଼ାଯାଇଛି। ଏହି ନୂତନ ଉତ୍ପାଦ ସମ୍ପର୍କରେ ସୋନାଟାର ବ୍ରାଣ୍ଡ୍ ମୁଖ୍ୟ ପ୍ରତୀକ ଗୁପ୍ତା କହିଛନ୍ତି ଯେ, 'ସୋନାଟା ଗୋଲ୍ଡ କେବଳ ଏକ ହାତଘଂଟା ନୁହେଁ, ଏହା ହେଉଛି ଏକ ଅନୁଭୂତି। ଆମେ ଏଭଳି କିଛି ସୃଷ୍ଟି କରିବାକୁ ଚାହୁଁଛୁ ଯାହା ପ୍ରିମିୟମ୍ ଅନୁଭବ ଦେବ ତଥା ଧାରା ଅନୁସାରେ ମଧ୍ୟ ଅସୀମ ହୋଇପାରିବ। ଡିଜାଇନ୍‌ର ମୂଲ୍ୟକୁ ବୁଝୁଥିବା ଲୋକମାନଙ୍କ ପାଇଁ ଏହି ହାତଘଂଟାଗୁଡ଼ିକୁ ପ୍ରସ୍ତୁତ କରାଯାଇଛି ଯାହା ନିଜ ପାଇଁ ଓ ନିଜେ ଭଲ ପାଉଥିବା କୌଣସି ବ୍ୟକ୍ତିଙ୍କ ପାଇଁ ଏହିଭଳି ସୁନା ଉପକରଣ ଏକ ଦୃଢ଼ ପରିପ୍ରକାଶ ହୋଇପାରିବ।' ପୁରୁଷ ଓ ମହିଳାଙ୍କ ପାଇଁ ଡିଜାଇନ୍ କରାଯାଇଥିବା ଏହି ହାତଘଂଟାଗୁଡ଼ିକ ଦୁଇଟି ସୁନ୍ଦର ଭାରିଆଂଟ୍‌ର ଉପଲବ୍ଧ ହୋଇଛି ଏବଂ ଏହାର ମୂଲ୍ୟ ୫୬୯୫ ଟଙ୍କାରୁ ୫୯୯୫ ଟଙ୍କା ମଧ୍ୟରେ ରହିଛି।

## ବ୍ରୋକୋମ୍: ମାଇକ୍ରୋ ପ୍ଲାଷ୍ଟିକ୍ ରୋଗର ସମାଧାନ ପାଇଁ ଆୟୁର୍ବେଦ ଔଷଧ

पतंजलि®
प्रकृति का आशीर्वाद







ହରିଦ୍ୱାର: ପତଞ୍ଜଳି ପକ୍ଷରୁ ପ୍ରସ୍ତୁତ ବ୍ରୋକୋମ୍ ଔଷଧର ଉପକାରିତା ସଂପର୍କରେ ଅନ୍ତଃରାଷ୍ଟ୍ରୀୟ ରିସର୍ଚ୍ଚ ଜର୍ଣ୍ଣାଲ ବାୟୋମେଡ଼ିସିନ୍ ଓ ଫାର୍ମାକୋ ଥେରାପିରେ ପ୍ରକାଶିତ ହୋଇଛି। ସନାତନ ଜ୍ଞାନ, ଧାର୍ଯ୍ୟ ଅନୁସନ୍ଧାନ ଏବଂ ସାକ୍ଷ୍ୟ ଆଧାରିତ ଔଷଧ ମାଧ୍ୟମରେ ପରିବେଶ ଜନିତ ରୋଗର ସମାଧାନ ସମ୍ଭବ ବୋଲି ଆଚାର୍ଯ୍ୟ ବାଲକୃଷ୍ଣ ମତ ରଖିଛନ୍ତି। ସାରା ବିଶ୍ୱରେ ପ୍ଲାଷ୍ଟିକ୍ ଯୋଗୁଁ ସ୍ୱାସ୍ଥ୍ୟରେ ଗମ୍ଭୀର ସମସ୍ୟାମାନ ଦେଖାଦେଉଛି। ଏହି ପ୍ଲାଷ୍ଟିକରେ ଛୋଟଛୋଟ ମାଇକ୍ରୋ ଫୋଲୋଷ୍ଟିକ ବିନ୍ଦୁ ରହୁଛି। ଯାହା ପାନୀୟ ଜଳ ଓ ଖାଦ୍ୟରେ ମିଶି କରି ଶରୀରକୁ ଯାଉଛି। ଫଳରେ ଆମ୍ଭେ ବିଭିନ୍ନ ରୋଗରେ ପୀଡିତ ହେଉଛି। ଏଥିପାଇଁ ବିଭିନ୍ନ ଔଷଧ ବ୍ୟବହାର କଲେ ମଧ୍ୟ ଏହା ମାନବ ଶରୀର ପାଇଁ ହିତକରହୋଇ ପାରୁନାହିଁ। ତେଣୁ ଏ କ୍ଷେତ୍ରରେ ପତଞ୍ଜଳି ଦ୍ୱାରା ପ୍ରସ୍ତୁତ ବ୍ରେକ୍ରୋମ୍ ଦ୍ୱାରା ଏହା ନିରୋଗ ହେବାର ଉପାୟ ବୋଲି ବାଳକୃଷ୍ଣ କହିଛନ୍ତି। ପତଞ୍ଜଳିରେ କାର୍ଯ୍ୟରତ ବୈଜ୍ଞାନିକଙ୍କ ଦ୍ୱାରା ଗଭୀରତମ ଭାବେ ପର୍ଯ୍ୟବେକ୍ଷଣ କରାଯାଇ ଏହି ଆୟୁର୍ବେଦିକ ଔଷଧ ବ୍ରୋକୋମ ପ୍ରସ୍ତୁତ କରାଯାଇଛି। ଏହା ମଣିଷ ଶରୀର ପାଇଁ ବେଶ୍ ଉପଯୋଗ ବୋଲି କୁହାଯାଇପାରେ। ଏହି ଅବସରରେ ଆଚାର୍ଯ୍ୟ ବାଳକୃଷ୍ଣ ଆହୁରି କହିଥିଲେ ଯେ, ପତଞ୍ଜଳିର ଉଦ୍ଦେଶ୍ୟ ହେଉଛି ଆୟୁର୍ବେଦକୁ ବୈଜ୍ଞାନିକ ଉପାୟରେ ସାରା ବିଶ୍ୱରେ ପରିଚିତ କରାଇବା। ଫଳରେ ଆମର ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ସେ ମତ ଦେବାସହ ପରିଗତ ସମସ୍ୟାକୁ ଦୂର କରିବାକୁ ସମସ୍ତେ ଦୂର କରିବା ପାଇଁ ଆହ୍ୱାନ ଦେଇଥିଲେ।

## ଆଇଡିଇଏନ୍‌ଟି ଦ୍ୱାରା ଶ୍ୱେତପତ୍ର ଉନ୍ମୋଚିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଖଣି କ୍ଷେତ୍ର, ବିଶେଷକରି ବକ୍ସାଇଟ୍, ଲୁହାପଥର ଏବଂ କୋଇଲା ଓଡ଼ିଶାର ସର୍ବଶ୍ରେଷ୍ଠ ରଣନୈତିକ ଲିଭରକୁ ପ୍ରତିନିଧିତ୍ୱ କରେ ଏବଂ ନିବେଶ, ନିଯୁକ୍ତି, ଭିତିଭୂମି ଏବଂ ବିଶ୍ୱ ପ୍ରତିଯୋଗିତାକୁ ଆଗେଇ ନେଇପାରେ। ତଥାପି, ବକ୍ସାଇଟ୍ ଭଳି ଖଣିଜ ପଦାର୍ଥର କମ ବ୍ୟବହାର, ପ୍ରକ୍ରିୟାଗତ ବାଧା, ଆନ୍ତଃରାଜ୍ୟ ସମ୍ପତି ନିଷ୍କାସନ ଏବଂ ସାହସିକ ତଥା ଜରୁରୀ ସଂସ୍କାରର ଆବଶ୍ୟକତାକୁ ଇଙ୍ଗିତ କରି ଅତୀତରେ ହାତଛଡ଼ା ହୋଇଥିବା ସୁଯୋଗ ଯୋଗୁଁ ଓଡ଼ିଶା କେବଳ ଏହାର ଖଣିଜ ସମ୍ଭାବ୍ୟତାର ପୃଷ୍ଠକୁ କ୍ଷୁର୍ଣ୍ଣ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଓଡ଼ିଶାର ଖଣିଜ ଶକ୍ତିକୁ ଅନ୍ତର୍ଭୁକ୍ତିମୂଳକ ଶିଳ୍ପାୟନ ଏବଂ ଆଂଚଳିକ ଉନ୍ନତିରେ ପରିଣତ କରିବା ପାଇଁ ଏକ ଦୃଢ଼ ଭିତିଭୂମି ପ୍ରଦାନ କରିଛି। ଡକ୍ଟର ଜୟଦେବ ସାରଙ୍ଗୀ, ଆଇଏଏସ୍ (ଅବସରପ୍ରାପ୍ତ), ଏଆଇଡିଇଏନଟି, ଆନ୍ ଇନିସିଏଟିଭ୍ ଫର୍ ଡେଭଲପମେଂଟ ଆଣ୍ଡ୍ ଏନ୍ଭାଇରମେଂଟ ଦ୍ୱାରା ପ୍ରସ୍ତୁତ ଶ୍ୱେତପତ୍ର ଉନ୍ମୋଚନ କରି କହିଛନ୍ତି। ଏହି ପତ୍ରିକା ଖଣି ଏବଂ ଉତ୍ପାଦନ ପ୍ରତି ଏକ ଦୃଢ଼ ପୃଷ୍ଠଭୂମି ଦ୍ୱାରା ଚାଳିତ ଭାରତର ଦ୍ରୁତତମ ଅଭିବୃଦ୍ଧିଶୀଳ ଆଂଚଳିକ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ ଓଡ଼ିଶାର ଉଦୟକୁ ଉଜ୍ଜ୍ୱଳ କରିଛି। ଡକ୍ଟର ସାରଙ୍ଗୀ ଆହୁରି ମଧ୍ୟ କହିଛନ୍ତି, 'ଓଡ଼ିଶାର ଖଣିଜ ସମ୍ପଦ ଏକ ଜାତୀୟ ସମ୍ପତି ତଥାପି, ଯଦି ଆମେ ଦୃଢ଼ ଅଗ୍ରଗାମୀ ସଂଯୋଗ ଏବଂ ଅନ୍ତର୍ଭୁକ୍ତି ବିକାଶ ଢାଂଚା ସୃଷ୍ଟି ନକରୁ, ତେବେ ଆମେ ଆଉ ଏକ ପିଢ଼ିର ସୁଯୋଗ ହରାଇବାର ଆଶଙ୍କା ରହିଛି। ଏହି ଶ୍ୱେତପତ୍ର ଏକ ସମ୍ପଦ ଯୋଗାଣକାରୀରୁ ମୂଲ୍ୟ ସୃଷ୍ଟିକାରୀକୁ ଓଡ଼ିଶାର ପରିବର୍ତ୍ତନ ପାଇଁ ଏକ ବ୍ୟବହାରିକ ଏବଂ ସମୟୋଚିତ ବ୍ଲୁପ୍ରିଂଟ ପ୍ରଦାନ କରେ। ଡକ୍ଟର ଜୟଦେବ ସାରଙ୍ଗୀ, ଆଇଏଏସ୍ (ଅବସରପ୍ରାପ୍ତ), ପୂର୍ବତନ ସଚିବ, ଦିଲ୍ଲୀ/ ଗୋଆର ରାଜ୍ୟ ସରକାର, କାର୍ଯ୍ୟକ୍ରମ ପରିଚାଳକ ସୀବ କେ ସିଂହ; ଏଆଇଡିଇଏନଟିର ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ; ଡକ୍ଟର ପ୍ରବାସ ରନ ମିଶ୍ର, ପ୍ରତିଷ୍ଠାତା, କର୍ତବ୍ୟ, ସେଂଟର ଫର୍ ସୋସିଆଲ ଇନୋଭେସନ୍; ଡକ୍ଟର ଦୁଃଖବନ୍ଧୁ ସାହୁ, ଅର୍ଥନୀତିରେ ସହଯୋଗୀ ପ୍ରଫେସର, ଆଇଆଇଟି ଭୁବନେଶ୍ୱର ଏବଂ ଡକ୍ଟର ସିପ୍ରା ସାଗରିକା, ସମାଜବିଜ୍ଞାନରେ ସହାୟକ ପ୍ରଫେସର, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ, ଯେଉଁଠାରେ ସେମାନେ ଖଣି-ନେତୃତ୍ୱାଧୀନ ବିକାଶକୁ ଶିଳ୍ପ ଏବଂ ସାମାଜିକ ସମୃଦ୍ଧି ପାଇଁ ଏକ ସ୍ଥାୟୀ ମଡେଲରେ ପରିଣତ କରିବା ପାଇଁ ଓଡ଼ିଶା କିପରି 'ଏବେ-ନହେଲେ-କେବେ ନୁହେଁ' ପରିବର୍ତ୍ତନ ବିନ୍ଦୁରେ ଅଛି ସେ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ।

## ବିଜୁଳି ସେବା ପାଇଁ କଣ୍ଟାମାଳ ପିଏସ୍‌ଏସ୍‌ର କ୍ଷମତା ବୃଦ୍ଧି



ବ୍ରହ୍ମପୁର (ଭାସ୍କର ନ୍ୟୁଜ): ଦକ୍ଷିଣ ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପକ୍ଷରୁ ବୌଦ୍ଧ ଜିଲ୍ଲାର କଣ୍ଟାମାଳ ସ୍ଥିତ ପାୱାର ସବଷ୍ଟେସନର କ୍ଷମତା ବୃଦ୍ଧି ଏବଂ ଉନ୍ନତିକରଣ କରାଯାଇଛି। ଗ୍ରୀଷ୍ମକାଳୀନ ବିଦ୍ୟୁତ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ କଣ୍ଟାମାଳ ପିଏସ୍ଏସରେ ୫ ଏମଭିଏ ଏବଂ ୧.୫ ଏମଭିଏ କ୍ଷମତା ବିଶିଷ୍ଟ ଦୁଇଟି ପାୱାର ଟ୍ରାନ୍ସଫର୍ମର ଥିଲା। ବର୍ତ୍ତମାନ ଏହି ୧.୫ ଏମଭିଏ ଟ୍ରାନ୍ସଫର୍ମର ବଦଳରେ ଏକ ନୂତନ ୩.୧୫ ଏମଭିଏ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ଯାହା ଫଳରେ ସବଷ୍ଟେସନର ମୋଟ କ୍ଷମତା ୮.୧୫ ଏମଭିଏକୁ ବୃଦ୍ଧି ପାଇବା ସହ କ୍ରମ-ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ କରିବାରେ ସହାୟକ ହେବ। ଏହି ଉନ୍ନତିକରଣ ପଦକ୍ଷେପ ଦ୍ୱାରା ପ୍ରତ୍ୟକ୍ଷ ଭାବେ କଣ୍ଟାମାଳ ବ୍ଲକ ଏବଂ ଆଖପାଖ ଗ୍ରାମାଞ୍ଚଳର ୫ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଉପକୃତ ହୋଇପାରିଛନ୍ତି। କଣ୍ଟାମାଳ ମେଡିକାଲ, ବ୍ଲକ ମୁଖ୍ୟାଳୟ, ଉଦୟପୁର ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଥିବା ଫିଡରକୁ ଏହା ଗୁଣାତ୍ମକ ବିଦ୍ୟୁତ ପ୍ରଦାନ କରିବ। ବିଜୁଳି ଚାହିଦା ଅଧିକ ଥିବା ସମୟରେ ଏହି ଫିଡର୍ ସ୍ଥାନୀୟ ଅଞ୍ଚଳର ଜରୁରୀକାଳୀନ ସେବା ଏବଂ ଆବାସିକ ଇଲାକାକୁ ଭରସାଯୋଗ୍ୟ ବିଜୁଳି ଯୋଗାଉଛି। ଏ ସମ୍ପର୍କରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଗ୍ରୀଷ୍ମ ଋତୁରେ ବିଜୁଳି ଚାହିଦା ଅଧିକ ଥିବା ବେଳେ ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଣ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଉନ୍ନତିକରଣ ପଦକ୍ଷେପ ଉପଭୋକ୍ତାଙ୍କ ବର୍ଦ୍ଧିଷ୍ଣୁ ଚାହିଦାକୁ ପୂରଣ କରିବା ପାଇଁ ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ଆମର ନିରନ୍ତର ପ୍ରୟାସକୁ ଦର୍ଶାଉଛି। ଭିତ୍ତିଭୂମି, ଟେକ୍ନୋଲଜି ଏବଂ ଉପଭୋକ୍ତା କୈନ୍ଦ୍ରିକ ପଦକ୍ଷେପରେ ନିବେଶ କରି ଦକ୍ଷିଣ ଓଡ଼ିଶାର ବିଦ୍ୟୁତ ବିତରଣ ନେଟୱର୍କକୁ ଉନ୍ନତ କରିବା ଦିଗରେ ଟିପିଏସ୍ଓଡିଏଲ୍ ପ୍ରତିବଦ୍ଧ ରହିଛି। ଯାହା ଏକ ସୁଦୃଢ ବିଦ୍ୟୁତ ଭିତ୍ତିଭୂମି ନିର୍ମାଣ କରିବାରେ ସହାୟକ ହେବ।

## ସୋନାଲିକାର ରେକର୍ଡ଼ ସଂଖ୍ୟକ ଟ୍ରାକ୍ଟର ବିକ୍ରି



ନୂଆଦିଲ୍ଲୀ: ସୋନାଲିକା ଟ୍ରାକ୍ଟର୍ସ ଏପ୍ରିଲ ୨୦୨୫ରେ ମୋଟ ୧୧୯୬୨ଟି ଟ୍ରାକ୍ଟର ବିକ୍ରି ସହ ୨୦୨୫-୨୬ ଆର୍ଥିକ ବର୍ଷର ଶୁଭାରମ୍ଭ କରିଛି। କୃଷକମାନଙ୍କ ଅଂଚଳ-କେନ୍ଦ୍ରିତ ଆବଶ୍ୟକତା ଅନୁଯାୟୀ ଏହାର ଷ୍ଟେଟ-ଅଫ-ଦ-ଆର୍ଟ ଟ୍ରାକ୍ଟରଗୁଡିକୁ କଷ୍ଟମାଇଜ କରି ସୋନାଲିକା ନିରନ୍ତର ଭାବେ ମୂଲ୍ୟ-ଚାଳିତ ସମାଧାନଗୁଡିକୁ ଆଣିବା କ୍ଷେତ୍ରରେ ଆଗରେ ରହୁଛି। ସୋନାଲିକା ଟ୍ରାକ୍ଟର୍ସ ପକ୍ଷରୁ ଏହାର ବହୁପ୍ରତିକ୍ଷୀତ 'ସୋନାଲିକା ତୁଫାନି ଧମାକା' ଅଫର୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି। କମ୍ପାନୀ ଏହାର ବିଶ୍ୱର ୧ ନମ୍ବର ଇଂଟିଗ୍ରେଟେଡ ଟ୍ରାକ୍ଟର ମାନୁଫ୍ୟାକ୍‌ଚରିଂ ଫ୍ୟାସିଲିଟିର ଶକ୍ତିକୁ ବ୍ୟବହାର କରୁଛି ଯାହା ପ୍ରତି ୨ ମିନିଟରେ ଥରେ ଏକ ଉଚ୍ଚ ମାନର ଟ୍ରାକ୍ଟର ନିର୍ମାଣ କରିଥାଏ।ସୋନାଲିକାର ସଫଳତା ସମ୍ପର୍କରେ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, 'ଆମେ ଏପ୍ରିଲ ୨୦୨୫ରେ ୧୧,୯୬୨ଟି ଟ୍ରାକ୍ଟର ବିକ୍ରିର ଏକ ସକାରାତ୍ମକ ଆରମ୍ଭ ସହିତ ୨୦୨୫-୨୬ ଆର୍ଥିକ ବର୍ଷର ଯାତ୍ରା ଆରମ୍ଭ କରିଛୁ। କୃଷକଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପାଇଁ ଆମର ହେଭି-ଡ୍ୟୁଟି ଟ୍ରାକ୍ଟରଗୁଡିକୁ ଉନ୍ନତ ମୂଲ୍ୟରେ ରଣନୈତିକ ଭାବେ ବିକଶିତ ଓ ଅବସ୍ଥାପିତ କରାଯାଉଛି। ସୋନାଲିକା ଟ୍ରାକ୍ଟର୍ସ ସର୍ବୋତମ ଶ୍ରେଣୀର ଟ୍ରାକ୍ଟର ପ୍ରଦାନ କରିବା କ୍ଷେତ୍ରରେ ଏହାର 'ନୋ କମ୍ପ୍ରମାଇଜ୍' ନୀତି ଅନୁସରଣ କରୁଛି ଯାହା ହିତାଧିକାରୀଙ୍କ ସ୍ୱାର୍ଥକୁ ସର୍ବାଧିକ କରିଥାଏ।

ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ବୈଶାଖ ମେଳା



୨୦୨୫ ପୂଜା ନୀତି କାର୍ଯ୍ୟକ୍ରମ



ତା. ୦୭.୦୫.୨୦୨୫ (ବୁଧବାର)-ଦଶମୀ - ବିଶ୍ୱ ଶାନ୍ତି ମହାଯଜ୍ଞ କଳସ ଅଧିବାସ ସଂନ୍ଧ୍ୟା ୫ ଟା ସମୟ ରେ
ତା. ୦୮.୦୫.୨୦୨୫ (ଗୁରୁବାର)-ଏକାଦଶୀ- ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ ପାର୍ଶ୍ୱ ଦେବା ଦେବୀ ନିମନ୍ତ୍ରଣ, ବ୍ରହ୍ମା ବରଣ ଓ ବୀଜ ମନ୍ତ୍ର ଜପ ହୋମ ଆହୁତି।
ତା. ୦୯.୦୫.୨୦୨୫ (ଶୁକ୍ରବାର) - ଦ୍ୱାଦଶୀ - ବିଶ୍ୱ ଶାନ୍ତି ମହାଯଜ୍ଞ, ବୀଜ ମନ୍ତ୍ର ଜପ, ହୋମ ଆହୁତି।
ତା. ୧୦.୦୫.୨୦୨୫ (ଶନିବାର)-ତ୍ରୟୋଦଶୀ - ବିଶ୍ୱ ଶାନ୍ତି ମହାଯଜ୍ଞ, ବୀଜ ମନ୍ତ୍ର ଜପ, ହୋମ ଆହୁତି। ସଂନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ।
ତା. ୧୧.୦୫, ୨୦୨୫ (ରବିବାର)- ଚତୁଃର୍ଦଶୀ - ବିଶ୍ୱ ଶାନ୍ତି ମହାଯଜ୍ଞ। ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ପୂଜା ସଂନ୍ଧ୍ୟା ୭ଘଟିକା ରୁ। କନ୍ଧ ସମାଜ ଦ୍ୱାରା ମୁଖ୍ୟ ମନ୍ଦିର ଧ୍ୱଜା ବନ୍ଧନ। ସଂନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ।
ତା. ୧୨.୦୫. ୨୦୨୫ ରିଖ (ସୋମବାର)-ପୂର୍ଣ୍ଣିମା - ବିଶ୍ୱ ଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି। ସଂନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ।

nrusinghanathtemple.in
nrusinghanathtemple

# ଖେଳ ଖବର



କାକଟପୁର (ଭାସ୍କର ନ୍ୟୁଜ) : କାକଟପୁର ହାଇସ୍କୁଲ ପଛ ପଡିଆରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ତୁଷାର କାନ୍ତି ସ୍ମାରକୀ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଦିବସରେ ପୁରୀ ପାଇନିୟର କ୍ରିକେଟ କ୍ଲବକୁ ହରାଇ କାକଟପୁର ମଙ୍ଗଳା ଏକାଡେମୀ କ୍ରିକେଟ କ୍ଲବ ଚମ୍ପିୟାନ ଟ୍ରଫି ହାସଲ କରିଛି। ପ୍ରଥମେ ଟସ୍ ଜିତି କାକଟପୁର ମଙ୍ଗଳା ଏକାଡେମୀ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୨୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଶ୍ୱ ଭୂଷଣ ବିହାରୀ ୩୪ବଲରେ ୫ଟି ଛକା ଓ ୪ଟି ଚୌକା ସହାୟତାରେ ୭୩) ରନ ଓ ସରୋଜ ପଣ୍ଡା ୩୭ ରନ ସଂଗ୍ରହ କରିଥିଲେ। ୨୨୬ ରନର ବିଜୟ ଲକ୍ଷ୍ୟ ନେଇ ପୁରୀ ପାଇନିୟର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୯୫ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ମୟଙ୍କ ପଟ୍ଟନାୟକ ୭୩ ରନ ସଂଗ୍ରହ କରିଥିଲେ। ଅମ୍ପାୟାର ଭାବେ ସତ୍ୟବ୍ରତ ମହାପାତ୍ର ଓ ତ୍ରିଭୁବନ ଦାଶ ଖେଳ ପରିଚାଳନା କରିଥିଲେ। ଆୟୋଜିତ କ୍ଲବର ଫାଇନାଲ ଦିବସରେ ସ୍ୱର୍ଗତ ତୁଷାର କାନ୍ତି ମହାନ୍ତିଙ୍କ ସୁପୁତ୍ର ଅମ୍ଳାନ ଅରବିନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବିଧାୟକ ତୁଷାର କାନ୍ତି ବେହେରା, ସମ୍ମାନୀତ ଅତିଥି ପୁରୀଜିଲ୍ଲା ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଉପଦେଷ୍ଟା ତୁଷାର କାନ୍ତ ଦୀକ୍ଷିତ, ପ୍ରଦୀପ କୁମାର ପଣ୍ଡା, ପ୍ରେମାନନ୍ଦ ଗୋଛାୟତ, ପ୍ରକାଶ ଦାଶ, ଧିରେନ ଚାନ୍ଦ ପ୍ରମୁଖ ଯୋଗଦେଇ ଚମ୍ପିୟାନ ମଙ୍ଗଳା ଏକାଡେମୀଙ୍କୁ ଦଳକୁ ଟ୍ରଫି ସହ ନଗଦ ଟଙ୍କା ଓ ରନର୍ସ ପାଇନିୟର ସ୍ପୋର୍ଟିଂକୁ ରନର୍ସ କପ ସହ ନଗଦ ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ ଅଫ ଦ ମ୍ୟାଚ ବିଶ୍ୱ ଭୂଷଣ ବିହାରୀ ଓ ମ୍ୟାନ ଅଫ ଦ ସିରିଜ ଚିଉ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବର ସଭାପତି ଟୁଲୁ ଗୋଛାୟତ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲା ବେଳେ ସଭ୍ୟ ପ୍ରକାଶ, ସଂଗ୍ରାମ, ଅରିନ, ରିତେଶ, ଆକାଶ, ଦୟାନିଧି, ଅମିତ, ଅଭିଷେକ, ଦିପୁ, ରାହୁଲ, ଚନ୍ଦନ, ଦିପୁନା, ପିଙ୍ଗୁଲା, ଅଭିଜିତ, ସୁକାନ୍ତ, ନୀରୋଦ ପ୍ରମୁଖ ସହଯୋଗ କରିଥିଲେ।

## ସର୍ବଭାରତୀୟ ଟି-୨୦ ଆନେକ୍ସ କପ୍ ଉଦ୍‌ଘାଟିତ



ଜଗତସିଂହପୁର (ଭାସ୍କର ନ୍ୟୁଜ) ଜଗତସିଂହପୁର ହିନ୍ଦୁସ୍ଥାନ ସ୍ପୋର୍ଟିଂ ଦ୍ୱାରା ଆୟୋଜିତ ସର୍ବ ଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆନେକ୍ସ କପ ଆଜି ଏସଭିଏମ କଲେଜ ଖେଳ ପଡ଼ିଆ ଠାରେ ଉଦଘାଟିତ ହୋଇଯାଇଛି। ଏକ ମନୋରମ ପରିବେଶରେ ଏହି ଦିବାରାତ୍ର ଟୁର୍ଣ୍ଣାମେଣ୍ଟର ଉଦଘାଟନ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା କରାଯାଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏସପି ଭବାନୀ ଶଙ୍କର ଉଦଗାତା, ଏଡିଏମ ଜ୍ୟୋତି ଶଙ୍କର ରାୟ, ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ, ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଦେବୀଦତ୍ତ ମହାନ୍ତି, ତହସିଲଦାର ତାରିଣୀ ରଞ୍ଜନ ରାୟ, ଏସଭିଏମ କଲେଜ ଅଧ୍ୟକ୍ଷ ସୁଜାତା ଓତା ଓ ଜିଲ୍ଲା କ୍ରିକେଟ ଆସୋସିଏସନ ସଭାପତି ଅନୀଲ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ଟି,୨୦ ରାତ୍ରି କାଳୀନ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି ଏବଂ ଆଜିର ଉଦଘାଟନୀ ମ୍ୟାଚ ଭୁବନେଶ୍ୱରର ବାପୁଜି କ୍ରିକେଟ ଦଳ ସହିତ କଟକର ସୋଲାର କ୍ରିକେଟ ଦଳ ସହିତ ଖେଳା ଯାଉଛି।

## ବୈଭବ ସୂର୍ଯ୍ୟବଂଶୀଙ୍କୁ ମୋଦିଙ୍କ ପ୍ରଶଂସା

ନୂଆଦିଲ୍ଲୀ: ଆଇପିଏଲରେ ୩୫ ବଲ୍‌ରେ ଶତକ ହାସଲ କରିଥିବା ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଆଜିକାଲି ଚର୍ଚ୍ଚାରେ ଅଛନ୍ତି। ତାଙ୍କ ବ୍ୟାଟିଂରେ ସମସ୍ତେ ପ୍ରଭାବିତ। ଏବେ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ତାଙ୍କର ବହୁତ ପ୍ରଶଂସା କରିଛନ୍ତି। ପାଟଲିପୁତ୍ର ଷ୍ଟାଡିୟମରେ ଆୟୋଜିତ ଖେଲୋ ଇଣ୍ଡିଆ ୟୁଥ ଗେମ୍ସ ୨୦୨୫ର ଉଦଘାଟନୀ ସମାରୋହରେ ସେ କହିଥିଲେ,ଆମେ ସମସ୍ତେ ଆଇପିଏଲରେ ବିହାରର ପୁଅ ବୈଭବ ସୂର୍ଯ୍ୟବଂଶୀଙ୍କ ଚମତ୍କାର ପ୍ରଦର୍ଶନ ଦେଖିଛୁ। ବୈଭବ ଏତେ କମ ବୟସରେ ଏତେ ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କ ଖେଳ ପଛରେ ତାଙ୍କର କଠିନ ପରିଶ୍ରମ ରହିଛି, କିନ୍ତୁ ବିଭିନ୍ନ ସ୍ତରରେ ମ୍ୟାଚ ଖେଳିବା ମଧ୍ୟ ତାଙ୍କୁ ସାହାଯ୍ୟ କରିଛି। ଏହାର ଅର୍ଥ, ଯେତେ ଅଧିକ ଖେଳିବ, ସେ ସେତେ ଅଧିକ ପ୍ରସ୍ଫୁଟିତ ହେବ। ୧୪ ବର୍ଷୀୟ ଖେଳାଳି ଗୁଜୁରାଟ ଟାଇଟାନ୍ସ ବିପକ୍ଷରେ ତାଙ୍କର ତୃତୀୟ ମ୍ୟାଚ୍‌ରେ ୩୫ ବଲ୍‌ରେ ଶତକ ହାସଲ କରିଥିଲେ ଏବଂ ପୁରୁଷ ଟି-୨୦ କ୍ରିକେଟ୍‌ରେ ଶତକ ହାସଲ କରିଥିବା ସବୁଠାରୁ ଯୁବ ବ୍ୟାଟ୍ସମ୍ୟାନ ହୋଇଥିଲେ। ସେ ଆଇପିଏଲରେ ଦ୍ରୁତତମ ଶତକ ହାସଲ କରିବାରେ ଭାରତୀୟ ବ୍ୟାଟସମ୍ୟାନ ମଧ୍ୟ ହୋଇଛନ୍ତି। ସେ ଆଇପିଏଲରେ ଦ୍ରୁତତମ ଶତକ ହାସଲ କରିବାରେ କ୍ରିସ ଗେଲଙ୍କ ପରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି।



### ଇଣ୍ଡୋ-ନପୋଲ ଅନ୍ତର୍ଜାତୀୟ ଟୋଙ୍ଗ-ଇଲ୍-ମୁଁ-ଡୁ ଚାମ୍ପିଅନ୍‌ସିପ୍

## ଓଡିଶାକୁ ୧୫ ସ୍ୱର୍ଣ୍ଣ ୮ ରୌପ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟୋଙ୍ଗ-ଇଲ୍-ମୁଁ-ଡୁ ଫେଡ୍‌ରେସନ ଇଣ୍ଡିଆ ପକ୍ଷରୁ ପଞ୍ଜାବର ଅମୃତସହର ଠାରେ ଅନୁଷ୍ଠିତ ଇଣ୍ଡୋ-ନେପାଳ ଟୋଙ୍ଗ-ଇଲ୍-ମୁଁ-ଡୁ ଚାମ୍ପିଅନ୍‌ସିପରେ ଓଡିଶାର ପ୍ରତିଯୋଗୀମାନେ ୧୫ଟି ସ୍ୱର୍ଣ୍ଣ, ୮ ଟି ରୌପ୍ୟ ଓ ୩ ଟି କାଂସ୍ୟ ପଦକ ଜତିଛନ୍ତି। ଓଡିଶା ଟିମ୍ ଭୁବନେଶ୍ୱରେ ପହଞ୍ଚିବା ପରେ ସମସ୍ତଙ୍କୁ ବିପୁଳ ସ୍ୱାଗତ କରାଯାଇଛି। ଏହି ଚାମ୍ପିଅନ୍‌ସିପ ୨ ରୁ ଆରମ୍ଭ ହୋଇ ୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଓଡିଶାରୁ ୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡିଶାର ପ୍ରତିଯୋଗୀମାନେ ତିନି ଦିନ ଧରି ଉନ୍ନତ ଖେଳ ପ୍ରଦର୍ଶନ କରି ୧୫ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ହାତେଇଥିଲେ। ଓଡିଶା ପାଇଁ କୃତିତ୍ୱ ଆଣିଥିବାରୁ ଓଡିଶା ଆସୋସିଏସନର ସଭାପତି ବୀର କିଶୋର ଦେବ, ଚେୟାରମ୍ୟାନ ରବି ନାରାୟଣ ରାଉତରାୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଆତ୍ମରକ୍ଷା ଶିବିର ଓ କଲର ବେଲ୍ଟ ପ୍ରଦାନ କାର୍ଯ୍ୟକ୍ରମ



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ କରାଟେ ଆସୋସିଏସନ ପକ୍ଷରୁ ଏକ କରାଟେ ବେଲ୍ଟ ପରୀକ୍ଷା ଏବଂ ଆତ୍ମରକ୍ଷା ଶିବିର ପାରାଦ୍ୱୀପ ଗଡ଼ ଠାରେ ଆୟୋଜିତ ହୋଇଯାଇଛି। ଏହି ପରୀକ୍ଷାରେ ୭୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କୁ ବିଭିନ୍ନ ରଙ୍ଗର ବେଲ୍ଟ ପ୍ରଦାନ କରାଯାଇଥିଲା। ଏଥିରେ ୨ ଜଣ ବ୍ଲାକ ବେଲ୍ଟ ପାଇଥିଲେ। ମୁଖ୍ୟ ପ୍ରଶିକ୍ଷକ ସେନସାଇ କାହ୍ନୁ ମଲ୍ଲିକ ସମସ୍ତଙ୍କୁ ବେଲ୍ଟ ଏବଂ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ସଞ୍ଜୟ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ସମୟରେ ଆତ୍ମରକ୍ଷା ଦିଗରେ ଏହି ଶିବିର ଆୟୋଜନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ମୁଖ୍ୟ ପ୍ରଶିକ୍ଷକ ଶ୍ରୀ ମଲ୍ଲିକଙ୍କ ଉଦ୍ୟମ ଓ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶିକ୍ଷକଅମର ଜ୍ୟୋତି ରାଉତ ପରିଚାଳନା କରିଥିବା ବେଳେ ଆସୋସିଏସନର ମାନସ ଦୋରା, ବିସ୍ମୟ ପ୍ରଧାନ, ଶୁଭଶ୍ରୀ ପ୍ରଧାନ ଏଥିରେ ସହଯୋଗ କରିଥିଲେ।

## ଆଇସିସି ବାର୍ଷିକ ରାଙ୍କିଙ୍ଗ

## ଟେଷ୍ଟରେ ଅଷ୍ଟ୍ରେଲିଆ, ଦିନିକିଆ ଓ ଟି-୨୦ରେ ଶୀର୍ଷରେ ଭାରତ



ନୂଆଦିଲ୍ଲୀ: ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ବାର୍ଷିକ ଦଳ ମାନ୍ୟତା ଜାରି କରିଛି। ଅଷ୍ଟ୍ରେଲିଆ ଟେଷ୍ଟରେ ଶୀର୍ଷରେ ଥିବା ବେଳେ ଭାରତୀୟ ଦଳ ଦିନିକିଆ ଓ ଟି-୨୦ରେ ନମ୍ବର ୱାନ ସ୍ଥାନରେ ରହିଛି। କିନ୍ତୁ ଭାରତୀୟ ଦଳକୁ ଟେଷ୍ଟ ଫର୍ମାଟରେ ଦୁଇ ଲଗାତାର ସିରିଜ୍ ପରାଜୟର ଝଟକା ଲାଗିଛି। ଦଳ ଟପ୍-୩ରୁ ବାଦ୍ ପଡ଼ି ଚତୁର୍ଥ ସ୍ଥାନକୁ ଖସି ଆସିଛି। ଅଷ୍ଟ୍ରେଲିଆ ତିନି ଫର୍ମାଟ୍‌ରେ ଟପ୍-୩ରେ ରହିଛି, ଯାହା କଙ୍ଗାରୁ ଦଳ ପାଇଁ ବଡ଼ ଉପଲବ୍ଧି। ଇଂଲଣ୍ଡ ଟେଷ୍ଟ ମାନ୍ୟତାରେ ଅଷ୍ଟ୍ରେଲିଆର ନିକଟତର ରହିଛି। ଅଷ୍ଟ୍ରେଲିଆ ୧୨୬ ପଏଣ୍ଟ ସହ ଶୀର୍ଷରେ ରହିଛି। ଇଂଲଣ୍ଡ ଖାତାରେ ୧୧୩ ପଏଣ୍ଟ ରହିଛି ଏବଂ ଦଳ ଦ୍ୱିତୀୟ ସ୍ଥାନରେ ରହିଛି। ଦକ୍ଷିଣ ଆଫ୍ରିକା ୧୧୧ ସହ ଦ୍ୱିତୀୟରୁ ତୃତୀୟ ସ୍ଥାନକୁ ଖସି ଆସିଛି। ଭାରତୀୟ ୧୦୫ ପଏଣ୍ଟ ପାଇ ଚତୁର୍ଥରେ ରହିଛି। ନ୍ୟୁଜିଲାଣ୍ଡ ଟେଷ୍ଟ ମାନ୍ୟତାରେ ୯୫ ଅଙ୍କ ସହ ପଞ୍ଚମ, ଶ୍ରୀଲଙ୍କା (୮୭) ଷଷ୍ଠ, ପାକିସ୍ତାନ(୭୮) ସପ୍ତମ, ୱେଷ୍ଟଇଣ୍ଡିଜ(୭୩) ଅଷ୍ଟମ, ବାଂଲାଦେଶ(୬୨) ନବମ ଓ ଆୟରଲାଣ୍ଡ(୩୦) ଦଶମ ସ୍ଥାନରେ ରହିଛି। ସେହିପରି ଆଇସିସି ଦିନିକିଆ ମାନ୍ୟତାରେ ଭାରତ ୧୨୪ ରେଟିଂ ପଏଣ୍ଟ ସହ ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ୧୦୯ ଅଙ୍କ ସହ ଦ୍ୱିତୀୟରେ ରହିଛି। ୧୦୯ ପଏଣ୍ଟ ସହ ଅଷ୍ଟ୍ରେଲିଆ ତୃତୀୟ, ୧୦୪ ପଏଣ୍ଟ ସହ ଶ୍ରୀଲଙ୍କା ଚତୁର୍ଥ, ପାକିସ୍ତାନ (୧୦୪) ପଞ୍ଚମ, ଦକ୍ଷିଣ ଆଫ୍ରିକା(୯୬) ଷଷ୍ଠ, ଆଫଗାନିସ୍ତାନ (୯୧) ସପ୍ତମ, ଇଂଲଣ୍ଡ (୮୪) ଅଷ୍ଟମ, ୱେଷ୍ଟଇଣ୍ଡିଜ(୮୩) ନବମ ଓ ବାଂଲାଦେଶ(୭୬) ଦଶମ ସ୍ଥାନରେ ରହିଛି। ସେହିପରି ଟି-୨୦ ମାନ୍ୟତାରେ ଭାରତ ୨୭୧ ପଏଣ୍ଟ ସହ ଶୀର୍ଷରେ ରହିଛି। ୨୬୨ ଅଙ୍କ ସହ ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହିଛି। ୨୫୪ ପଏଣ୍ଟ ସହ ଇଂଲଣ୍ଡ ତୃତୀୟ, ୨୪୯ ପଏଣ୍ଟ ସହ ନ୍ୟୁଜିଲାଣ୍ଡ ଚତୁର୍ଥ, ୨୪୬ ପଏଣ୍ଟ ସହ ୱେଷ୍ଟଇଣ୍ଡିଜ ପଞ୍ଚମରେ ରହିଛି। ସେହିପରି ଦକ୍ଷିଣ ଆଫ୍ରିକା(୨୪୫) ଷଷ୍ଠ, ଶ୍ରୀଲଙ୍କା(୨୩୫) ସପ୍ତମ, ପାକିସ୍ତାନ(୨୨୮) ଅଷ୍ଟମ, ବାଂଲାଦେଶ(୨୨୫) ନବମ ଓ ଆଫଗାନିସ୍ତାନ(୨୨୩) ଦଶମ ସ୍ଥାନରେ ରହିଛି।

## ସନରାଇଜର୍ସ ହାଇଦ୍ରାବାଦକୁ ୧୩୪ ରନ୍‌ର ଟାର୍ଗେଟ ଦେଲା ଦିଲ୍ଲୀ କ୍ୟାପିଟାଲ୍ସ

ହାଇଦ୍ରାବାଦ : ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡୟମରେ ସୋମବାର ଖେଳାଯାଉଥିବା ଆଇପିଏଲ ୨୦୨୫ର ୫୫ତମ ମ୍ୟାଚ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଛି। ସନରାଇଜର୍ସ ହାଇଦ୍ରାବାଦ ଆଗରେ ୧୩୪ ରନର ଲକ୍ଷ୍ୟ ରଖିଛି ଦିଲ୍ଲୀ କ୍ୟାପିଟାଲ୍ସ। ଏହି ମ୍ୟାଚରେ ହାଇଦ୍ରାବାଦ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ଆରମ୍ଭରୁ ହିଁ ୱିକେଟ ହରାଇ ସଂକଟରେ ପଡ଼ିଥିଲା ଓ ଶେଷ ପର୍ଯ୍ୟନ୍ତ ଏହି ବିପଦରୁ ଉଦ୍ଧାର ପାଇପାରିନଥିଲା । ଦଳର ଖାତା ଖୋଲିନଥିବାବେଳେ କରୁଣ ନାୟାର ଆଉଟ ହୋଇଥିଲେ। ତାଙ୍କ ପଛେ ପଛେ ଫାଫ୍ ଡୁପ୍ଲେସିସ୍ ଓ ଅଭିଷେକ ପରୋଲ ଆଉଟ ହୋଇଥିଲେ। କେଏଲ ରାହୁଲ ଓ ଅକ୍ଷର ପଟେଲ ଯଥାକ୍ରମେ ୧୦ ରନ ଓ ୬ ରନ କରି ଆଉଟ ହୋଇଥିଲେ । ସ୍କୋର ୨୯ ରନ ବେଳକୁ ଦିଲ୍ଲୀ ୫ଟି ୱିକେଟ ହରାଇସାରିଥିଲା। ତେବେ ଟ୍ରିଷ୍ଟାନ ଷ୍ଟବ୍ସ ଓ ବିପ୍ରାଜ ନିଗମ ଲଢୁଆ ବ୍ୟାଟିଂ କରି ସ୍କୋରକୁ ଏକ ସମ୍ମାନଜନକ ସ୍ତରକୁ ନେଇଯାଇଥିଲେ । ଷ୍ଟବ୍ସ ୪୪ ରନ ଓ ନିଗମ ୧୮ ରନ କରିଥିଲେ । ସେହିପରି ଆଶୁତୋଷ ଶର୍ମା ମଧ୍ୟ ୪୧ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ହାଇଦ୍ରାବାଦ ପକ୍ଷରୁ ପ୍ୟାଟ୍ କମିନ୍ସ ୩ଟି ଇଶାନ ମାଲିଙ୍ଗା, ଜୟଦେବ ଉନାଦକଟ ଓ ହର୍ଷଲ ପଟେଲ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ବର୍ଷା ହେବାରୁ ଦିଲ୍ଲୀ କ୍ୟାପିଟାଲ୍ସ ବ୍ୟାଟିଂ ଆରମ୍ଭ କରିପାରିନି।


**OFFICE OF THE EXECUTIVE ENGINEER**
**PLANNING AND INVESTIGATION DIVISION**
**ROAD CONSTRUCTION DEPARTMENT (RCD),RANCHI**
**Nirupan Bhawan, 3rd Floor, Room No. 401, 56-Set, Doranda, Ranchi-834002**

**Invitation of Proposal (e-procurement Short Tender Notice)**
**Letter of Invitation (LOI) No.-04/2025-26**
**3rd Call NATIONAL COMPETITIVE BIDDING**
**e-Tender Ref No–RCD/PID/RANCHI/04/2025-26 Date:-05.05.2025**

| | | |
|---|---|---|
| 1 | Name Of Work | Consultancy Services for the Preparation of Detailed Project Report (DPR) and Project Management Consultancy (PMC) for the Construction of a Sky walk /Glass bridges under Package I and II in the State of Jharkhand. |
| 2 | Tentative Length & width | 45-m-long,3-meter-wide (each bridge) |
| 3 | Period of Completion of Work | 45 Days |
| 4 | Cost of Tender documents | Cost of Tender Document Rs 10,000/- (Ten Thousand only) EARNEST MONEY DEPOSIT: -Rs 1,20,000 (One lakh twenty thousand only) irrespective of participation ineither a single package or both the packages. **As per the Departmental Letter no. -4652(S) dated 06.10.2023, cost of tender document and Earnest Money Deposit will be received in online mode only through eprocurement portal ( https://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e -Governance Department, Government of Jharkhand vide letter no - 120 dated 03.10.2023.** |
| 5 | Mode of Bid Submission | e-tendering(https://jharkhandtenders.gov.in) |
| 6 | Date/Time of Publication of Tender on Website | 07.05.2025,12:00 Noon |
| 7 | Date of Pre Bid Conference | 13.05.2025 (In the Chamber of CE, CDO, RCD, 1st Floor, Nirupan Bhawan, Doranda, Ranchi-834002) |
| 8 | Last Date/Time of Submission of Bid | 20.05.2025, 12:00 Noon |
| 9 | Date and Time of Technical Bid opening | 21.05.2025, 12:30 PM |
| 10 | Date & Place of Presentation of Concept Plan (Part of Technical Evaluation) | 23.05.2025 (In the office of Road Construction Department, Jharkhand, Ranchi.) |
| 11 | Bid validity | 120 days |
| 12 | Designation and Contact no. of Tender inviting Officer | Executive Engineer, Planning and Investigation Division,RCD,Ranchi Mob No.-9471650883 |
| 13 | Advertisement no. | PR 350551 Road(25-26)#D |

Note:- Only e-Tender shall be accepted.
PR 351675 Road (25-26)D

Executive Engineer,
Planning & Investigation Division,
Road Construction Department, Ranchi.



**Government of Jharkhand**
**Urban Development Housing Department**
**Latehar Nagar Panchayat , Latehar**

**e- Procurement Notice**
**NIT No. - UDD/LNP/02/2025-26**

**Notice No. - 838** **Date – 30.04.2025**

| SL. No. | Tender ID | Name of Work | Approximate Value of work (Rs) | Bid Security (Rs) | Cost of Document | Time of Completion |
|---|---|---|---|---|---|---|
| 15वें वित आयोग मद | | | | | | |
| 1 | UDD/LNP/02/2025-26 | Construction of Satyam, Shiavum & Sundram Market Complex and Ganga, Jamuna Shed Extension Works at Under Nagar Panchayat Latehar, Jharkhand | Rs. 60732079.09 (Rupees Six Crore Seven Lakh Thirty Two Thousand, Seventy Nine Hundred | 607330.00 | 25000.00 | 18 Month |
| 2 | Date of e-Publication of Tender | | 06.05.2025 at 5:00 PM | | | |
| 3 | Document downloading start Date | | 07.05.2025 at 10:00 AM | | | |
| 4 | Start date for seeking clarification | | 13.05.2025 at 12:30 PM | | | |
| 5 | End date for seeking clarification | | 14.05.2025 at 12:30 PM | | | |
| 6 | Pre bid meeting date, Time & Venue | | 20.05.2025 at 12:30 PM, Nagar Panchayat office | | | |
| 7 | Bid submission end Date | | 27.05.2025 upto 3:00 PM | | | |
| 8 | Technical Bid opening date (Online) | | 29.05.2025 at 2.00 PM | | | |
| 9 | Tender Bidding System | | Two Bid System (Technical Bid & Financial Bid) | | | |
| 10 | Mode of Submission of bids | | E-Tendering https//:jharkhandtenders.gov.in | | | |
| 11 | Name & Address of office inviting tender | | Executive officer, Nagar Panchayat, Latehar | | | |
| 12 | Contact No. of Procurement officer | | 9308707021/ 8789131804 | | | |
| 13 | Helpline number of e-Procurement cell | | 9308707021/ 8789131804 | | | |

**NOTE : 1. Only e-Tenders will be accepted.**
**2. Cost of Bidding Document (Not Refundable) & Bid Security (Security Deposit) shall be payable online through http:/jharkhandtenders.gov.in**
**3. Further details can be seen on website http:/jharkhandtenders.gov.in**

PR 351690 Urban Development (25-26)_D

(Rajeev Ranjan)
Executive Officer
Nagar Panchayat, Latehar



**कार्यपालक अभियंता का कार्यालय ग्रामीण विकास विशेष प्रमंडल, खूँटी।**
अति अल्पकालीन ई–पुनर्निविदा आमंत्रण सूचना संख्या–**RDD/SD/KHUNTI/04/2024-25**
**3rd Call**
PR. No.- 340280 (Rural Development)22-23(D)

1.कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | खूँटी जिलान्तर्गत तोरपा प्रखण्ड के फटका–फड़िंगा जाने वाले पथ पर बनई नदी पर उच्चस्तरी पुल निर्माण। | 5,17,08,100/– | 10,34,500/– | 10,000/– | 24 माह |

2. वेबसाइट में निविदा प्रकाशन की तिथि –07.05.2025
3. ई–निविदा प्राप्ति की तिथि एवं समय–दिनांक 08.05.2025 से दिनांक 15.05.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, खूँटी
5. ई–निविदा खोलने की तिथि एवं समय –16.05.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, खूँटी
7. ई–निविदा प्रकोष्ठ का दूरभाष सं० – 8102171790
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,खूँटी।

PR 351662 Rural Development(25-26)D



**Office of the Executive Engineer**
**Drinking Water & Sanitation Division, Sahibganj**

**Very Short Term Tender e-Procurement Notice (7th Call)**
**e-Tender Reference No. :- DWSD/SAHIBGANJ- 10/2024-25 Date- 03.05.2025**

| Sl. No. | Name of work | Block | Name of Scheme | Group No. | Model No. | No. of Schemes | No. of FHTC | Estimated Cost (in lakh) | Earnest Money (In Lakh) | Cost of BOQ (In Rs.) | Time of Completion |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | | 8 | 9 | 10 | 11 |
| 1 | **1. Construction of Rural** Water Supply Scheme with 1.0 HP DC Solar Motor Pump complete set and HYDT/Spring Well which is not included in MVS and has no electricity or less electricity to supply water 2000 LPH Square Tube Steel Structure & HDPE Water Tank at least 15/30 years for 24 x 7 supply under JJM **(Model-1A) 2. Construction of rural water** supply Scheme with 1.0 HP DC Solar motor pump complete set & Construction of HYDT/Spring Well for Tolas/Village/Areas which is not included in MVS and has no electricity or less electricity to supply water 2000 LPH at least 15/30 year for 24x7 supply under JJM in the state of Jharkhand. **(Model-IB)** 3. Construction of Rural Water Supply Scheme with 1 No. 2.0HP DC Solar Motor Pump complete set on HYDT/Spring Well having potential to supply water 2000 LPH maximum at least 15/30 years for 24 x 7 supply under JJM (Model-2) 4. Construction of Rural Water Supply Scheme with 1 No. 2.0HP DC Solar Motor Pump complete set on HYDT/Spring Well having potential to supply water 2000 LPH maximum at least 15/30 years for 24 x 7 supply under JJM (Model-II) 4. Construction of rural water supply Scheme with 2 Nos. 1.00 HP DC Solar motor pump complete set for Tolas/ Village/ Areas which is not included in MVS and has no electricity or less electricity on 2 Nos. HYDT/Spring Well having potential to supply water 2000 LPH maximum at least 15/30 years for 24 x 7 supply under JJM in the state of Jharkhand. (Model-3) 3. Construction of rural water supply Scheme with 2 Nos. 2.00 HP DC Solar motor pump complete set for Tolas/ Village/ Areas which is not included in MVS and no electricity or less electricity on 2 Nos. HYDT/ HYGPT/Spring Well having potential to supply water 2000 LPH maximum at least 15/30 years for 24 x7 supply under JJM in the state of Jharkhand. (Model-4) | Barhait | Amarpur Mako | SVS-170 | 1B | 1 | 25 | 13.20274 | 0.27 | 2500.00 | 3 Months |
| 2 | | Barhait | Mundi (Dhamani Pahar) | SVS-172 | 1A | 1 | 6 | 11.07403 | 0.23 | 2500.00 | 3 Months |
| 3 | | Barhait | Turi Pahar | SVS-177 | 1B | 1 | 25 | 13.2558 | 0.27 | 2500.00 | 3 Months |
| 4 | | Barhait | Keratok Pahar | SVS-180 | 2 | 1 | 40 | 14.79962 | 0.30 | 2500.00 | 4 Months |
| 5 | | Barhait | Jasaidih | SVS-185 | 2 | 4 | 141 | 58.19049 | 1.17 | 10000.00 | 4 Months |
| 6 | | Barhait | Bara Dalwa Pahar | SVS-186 | 2 | 2 | 75 | 29.28093 | 0.59 | 5000.00 | 4 Months |
| 7 | | Barhait | Basko Pahar | SVS-190 | 1B | 2 | 48 | 26.40549 | 0.53 | 5000.00 | 3 Months |
| 8 | Date & Time of Publication of Tender on website | | | 06.05.2025/ 06:00 P.M | | | | | | | |
| 9 | Last Date & Time for receipt of Bid | | | 13.05.2025/ 05:00 P.M | | | | | | | |
| 10 | **Last date/ time of Online submission of Earnest Money and Cost of BOQ**(As per Letter No.-120, dated-03.10.2023 of Secretary to Govt., Information Technology & e-Governance Department, Govt. of Jharkhand) | | | 13.05.2025/ 05:00 PM | | | | | | | |
| 11 | Date & Time of Opening of Tender | | | 14.05.2025 / 05:00 PM | | | | | | | |
| 12 | Name & address of office inviting tender | | | Executive Engineer, Drinking Water & Sanitation Division,Sahibganj, Jharkhand | | | | | | | |
| 13 | Name & address of Opening officer | | | Executive Engineer, Drinking Water & Sanitation Division, Sahibganj Jharkhand | | | | | | | |
| 14 | Contact No. of Procurement Office | | | 9264195681 | | | | | | | |
| 15 | Helpline No. of e-procurement cell | | | 9264195681 | | | | | | | |

Note :-No Claim shall be entertained because of disruption of internet service being used by the bidders. Bidders are advised to upload their bids well in advance to avoid last minute technical snags.
Further details can be seen on website http://jharkhandtenders.gov.in
Estimated cost may be increase or decrease.

**Executive Engineer**
**PR 351636 Drinking Water and Sanitation(25-26).D** **Drinking Water and SanitationDivision Sahibganj.**



ଡାଇବେଟିସକୁ ପ୍ରାୟତଃ କେବଳ ବ୍ଲଡ୍ ସୁଗାର ରୋଗ ବୋଲି ବିବେଚନା କରାଯାଏ, କିନ୍ତୁ ଏହା ଧୀରେ ଧୀରେ ଶରୀରର ଅନେକ ଅଂଶକୁ କ୍ଷତି ପହଞ୍ଚାଇପାରେ। ଏହା କେବଳ ଆଖି, କିଡନୀ କିମ୍ବା ହାର୍ଟ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଏହା ହାଡ଼ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥାଏ। ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡିଛି ଯେ, ଡାଇବେଟିସ ପୀଡିତ ବ୍ୟକ୍ତିମାନଙ୍କର ହାଡ଼ ଭାଙ୍ଗିବାର ଆଶଙ୍କା ସାଧାରଣ ଲୋକଙ୍କ ତୁଳନାରେ ଅଧିକ ଥାଏ।ଡାଇବେଟିସ ରୋଗୀଙ୍କ ହାଡ଼ ଦୁର୍ବଳ ହୋଇଯାଏ, ଯାହା ସେମାନଙ୍କର ନମନୀୟତା ଏବଂ ଶକ୍ତି ହ୍ରାସ କରେ। ହାଡ଼ର ଏହି ଦୁର୍ବଳତା ବାହାରୁ ଦେଖାଯାଏ ନାହିଁ, କିନ୍ତୁ ଭିତରେ ସେମାନଙ୍କର ଗଠନ ପରିବର୍ତ୍ତନ ହେବା ଆରମ୍ଭ କରେ। ଏହି କାରଣରୁ ସାମାନ୍ୟ ଆଘାତ ମଧ୍ୟ ଏକ ଗୁରୁତର ଭଙ୍ଗା ହୋଇପାରେ। ଟାଇପ୍-୧ ଏବଂ ଟାଇପ୍-୨ ଡାଇବେଟିସ ଉଭୟ ହାଡ଼କୁ ପ୍ରଭାବିତ କରେ, କିନ୍ତୁ ଟାଇପ୍-୧ ଡାଇବେଟିସରେ ଏହି ବିପଦ ଅଧିକ ଥାଏ କାରଣ ଏହା ପ୍ରାୟତଃ ଯୁବାବସ୍ଥାରେ ଆରମ୍ଭ ହୁଏ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ। ଯେତେବେଳେ ଶରୀରରେ ବ୍ଲଡ୍ ସୁଗାର ସ୍ତର ଦୀର୍ଘ ସମୟ ପର୍ଯ୍ୟନ୍ତ ଅଧିକ ରହିଥାଏ, ଏହା ହାଡ଼ କୋଷଗୁଡ଼ିକୁ କ୍ଷତି ପହଞ୍ଚାଏ।



# ପାରିଶ୍ରମିକ ଦ୍ୱିଗୁଣିତ ବୃଦ୍ଧି କଲେ ଶ୍ରଦ୍ଧା

ବଲିଉଡର ଶ୍ରେଷ୍ଠ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଶ୍ରଦ୍ଧା କପୁର । ଏପର୍ଯ୍ୟନ୍ତ ଶ୍ରଦ୍ଧା ଅନେକ ହିଟ୍ ଫିଲ୍ମ ସିନେମା ଶିଳ୍ପକୁ ଭେଟି ଦେଇ ସାରିଛନ୍ତି। ଶ୍ରଦ୍ଧାଙ୍କ ଅଭିନୀତ ଶେଷ ଫିଲ୍ମ 'ସ୍ତ୍ରୀ-୨' ବହୁତ ହିଟ୍ ହୋଇଥିଲା। ଏହି ସିନେମା ହିଟ ହେବାପରେ ଶ୍ରଦ୍ଧା ତାଙ୍କର ଫିସ୍ ଦୁଇଗୁଣ କରି ଦେଇଥିବା ପ୍ରକାଶିତ ରିପୋର୍ଟରୁ ସୂଚନା ମିଳିଛି। ଶ୍ରଦ୍ଧାଙ୍କ ପୂର୍ବରୁ 'ସ୍ତ୍ରୀ-୨' ସିନେମାର ଅଭିନେତା ରାଜକୁମାର ରାଓ ମଧ୍ୟ ନିଜର ଫିସ୍ ପାଞ୍ଚ କୋଟିକୁ ବୃଦ୍ଧି କରିଥିଲେ। ଶ୍ରଦ୍ଧା କପୁର ଏକତା କପୁରଙ୍କ ସହିତ ତାଙ୍କର ପରବର୍ତ୍ତୀ ପ୍ରୋଜେକ୍ଟ ପାଇଁ ପାରିଶ୍ରମିକକୁ ଦ୍ୱିଗୁଣିତ ବୃଦ୍ଧି କରି ୧୭ କୋଟି ଟଙ୍କା କରିଛନ୍ତି। କେବଳ ଏତିକି ନୁହେଁ ଯଦି ସିନେମା ସଫଳ ହେଲା ତେବେ ଲାଭର ଏକ ଅଂଶ ଶ୍ରଦ୍ଧା ନେବେ ବୋଲି ଦାବି କରିଛନ୍ତି। ଶ୍ରଦ୍ଧା ଏବଂ ଏକତା କପୁରଙ୍କ ମଧ୍ୟରେ ଏକ ଉଚ୍ଚ ଧରଣର ଥ୍ରୀଲର୍ ଫିଲ୍ମ ନିର୍ମାଣକୁ ନେଇ ଆଲୋଚନା ଚାଲିଛି। ସିନେମାକୁ ଅନିଲ ବର୍ଦ୍ଧେଙ୍କ ନିର୍ଦ୍ଦେଶନା ଦେବେ।

# ମଶା କାମୁଡ଼ିଲେ ରକ୍ତ ବାହାରେ ନାହିଁ କାହିଁକି? ଜାଣନ୍ତୁ ଏହା ପଛର ବୈଜ୍ଞାନିକ କାରଣ

***ମଶା କାମୁଡିବା ଆମ ସମସ୍ତଙ୍କ ପାଇଁ ଏକ ସାଧାରଣ ଅନୁଭବ। କିନ୍ତୁ ଆପଣ କେବେ ଭାବିଛନ୍ତି କି, ମଶା କାମୁଡ଼ିଲେ କାହିଁକି ଆମ ଶରୀରରୁ ରକ୍ତ ବାହାରେ ନାହିଁ, ଯେପରି ଅନ୍ୟ ଆଘାତରେ ହୁଏ ? ଏହା ପଛରେ ରହିଛି ଏକ ଆଶ୍ଚର୍ଯ୍ୟଜନକ ବୈଜ୍ଞାନିକ ରହସ୍ୟ। ଆସନ୍ତୁ ଜାଣିବା ଏହି ପ୍ରଶ୍ନର ଉତ୍ତର ଏବଂ ମଶା ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ।***

ବିଜ୍ଞାନୀମାନଙ୍କ ଅନୁସାରେ, ମଶା କାମୁଡ଼ା ଏକ ଅତ୍ୟନ୍ତ ନିଖୁଣ ଓ ଜଟିଳ ପ୍ରକ୍ରିୟା। ମାଇ ମଶା (ଯିଏ ରକ୍ତ ଶୋଷେ) ତା'ର ମୁଖରେ ଥାଏ ଏକ ସୂଚୀଭଳି ଅଙ୍ଗ, ଯାହାକୁ 'ପ୍ରୋବୋସିସ' କୁହାଯାଏ। ଏହି ପ୍ରୋବୋସିସ ଛଅଟି ଭାଗରେ ଗଠିତ, ଯାହା ଚର୍ମକୁ ଅତି ସୂକ୍ଷ୍ମ ଭାବେ ଭେଦ କରି ରକ୍ତନଳୀରେ ପହଞ୍ଚେ। ଏହା ଏତେ ସରୁ ଓ ଚତୁରତାର ସହିତ କାମ କରେ ଯେ, ଚର୍ମରେ ବଡ଼ କ୍ଷତ ସୃଷ୍ଟି ହୁଏ ନାହିଁ। ମଶା ଯେତେବେଳେ ରକ୍ତ ଶୋଷେ, ସେ ତା'ର ଲାଳରେ ଏକ ବିଶେଷ ରସାୟନ ଛାଡ଼େ, ଯାହାକୁ 'ଆଣ୍ଟି-କୋଆଗୁଲାଣ୍ଟ' କୁହାଯାଏ। ଏହି ରସାୟନ ରକ୍ତକୁ ଜମାଟ ବାନ୍ଧିବାରୁ ରୋକେ, ଯାହା



ଫଳରେ ମଶା ସହଜରେ ରକ୍ତ ଶୋଷିପାରେ। ଏହା ସହିତ, ଲାଳରେ ଥାଏ ଏକ ଏନାସ୍ଥେଟିକ୍ ପଦାର୍ଥ, ଯାହା କାମୁଡ଼ିବା ସମୟରେ ଯନ୍ତ୍ରଣାକୁ କମ୍ କରେ। ଏହି ସମସ୍ତ କାରଣରୁ କାମୁଡ଼ିବା ସମୟରେ ଚର୍ମରେ ବଡ଼ କ୍ଷତ ହୁଏ ନାହିଁ ଏବଂ ରକ୍ତ ବାହାରେ ନାହିଁ।

## କାମୁଡ଼ିବା ପରେ ଚର୍ମରେ କ'ଣ ହୁଏ ?

ମଶାର ଲାଳରେ ଥିବା ରସାୟନ ଆମ ଶରୀରରେ ଏକ ଆଲର୍ଜିକ୍ ପ୍ରତିକ୍ରିୟା ସୃଷ୍ଟି କରେ, ଯାହା ଫଳରେ ଚର୍ମରେ ଫୁଲା ଓ କୁଣ୍ଡେଇ ହୁଏ। ଏହା ହେଉଛି ଆମ ରୋଗ ପ୍ରତିରୋଧକ ଶକ୍ତିର ପ୍ରତିକ୍ରିୟା। ଅଧିକାଂଶ କ୍ଷେତ୍ରରେ ଏହା କିଛି ସମୟ ପରେ ଆପେ ଆପେ ଭଲ ହୋଇଯାଏ, କିନ୍ତୁ ଅତ୍ୟଧିକ କୁଣ୍ଡାଇଲେ ଚର୍ମରେ ସଂକ୍ରମଣ ହେବାର ଆଶଙ୍କା ରହିଛି।

## ମଶା କାହିଁକି ରକ୍ତ ଶୋଷେ ?

କେବଳ ମାଇ ମଶା ରକ୍ତ ଶୋଷେ, ଏବଂ ଏହା ତାଙ୍କ ଅଣ୍ଡା ଉତ୍ପାଦନ ପାଇଁ ଆବଶ୍ୟକ। ରକ୍ତରେ ଥିବା ପ୍ରୋଟିନ ଓ ଅନ୍ୟ ପୋଷକ ତତ୍ତ୍ୱ ଅଣ୍ଡା ବିକାଶ ପାଇଁ ଶକ୍ତି ଯୋଗାଏ। ପୁରୁଷ ମଶା ଆମ ରକ୍ତ ଶୋଷେ ନାହିଁ; ସେମାନେ ଫୁଲ ଓ ଅନ୍ୟ ଉଦ୍ଭିଦର ରସ ଉପରେ ନିର୍ଭର କରନ୍ତି।

ମଶାର କାମୁଡ଼ ଯଦିଓ ଛୋଟ ଲାଗେ, ତଥାପି ଏହା ବଡ଼ ବିପଦର କାରଣ ହୋଇପାରେ। ମଶାରୁ ରକ୍ଷା ପାଇବା ପାଇଁ ସଚେତନ ରହିବା ଏବଂ ପ୍ରତିରୋଧକ ପଦକ୍ଷେପ ନେବା ଆବଶ୍ୟକ। ଯଦି ମଶା କାମୁଡ଼ିବା ପରେ ଜ୍ୱର, ମୁଣ୍ଡବିନ୍ଧା କିମ୍ବା ଅନ୍ୟ ଲକ୍ଷଣ ଦେଖାଦିଏ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

# ବହୁ ଉପକାରୀ ସପୁରୀ

***ଋତୁ ଅନୁଯାୟୀ ମିଳୁଥିବା ଫଳ ଖାଇଲେ ଅନେକ ଶାରୀରିକ ସମସ୍ୟାକୁ ଦୂରେଇ ଦେଇହୁଏ। ବିଶେଷ କରି ଖରାଦିନେ ଓ ବର୍ଷାଦିନେ ଟିକେ ଅଧିକ ପରିମାଣରେ ସପୁରୀ ମିଳିଥାଏ। ଏହି ସପୁରୀ ରସ ଆଖି ପାଇଁ ବେଶ ଲାଭଦାୟକ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି।***



-ସପୁରୀ ରସରରେ ଥିବା ବ୍ରୋମେଲେନ ବିଭିନ୍ନ ପ୍ରକାର ପେଟ ସମସ୍ୟାରୁ ମୁକ୍ତି ଦେଇଥାଏ।


-ଏଥିରେ ଥିବା ଏନଜାଇମ ପ୍ରୋଟିନକୁ ହଜମ କରିବାରେ ସହାୟକ ହୋଇଥାଏ।

-ସପୁରୀ ରସରେ ଥିବା ଭିଟାମିନ ସି ଓ ପୋଟାସିୟମ ଚର୍ମକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

-ସୁପରୀ ରସ ପିଇଲେ ମୃତ କୋଷିକା ଗୁଡିକ ସହଜରେ ବାହାରି ଯାଆନ୍ତି। ଫଳରେ ଚର୍ମ ଉଜ୍ଜ୍ୱଳ ହୋଇଥାଏ।

-ଏହି ରସକୁ ପିଇବା ଫଳରେ ଦାନ୍ତ ବା ମୁଖରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇ ଯାଇଥାଆନ୍ତି।

# 'ସିକନ୍ଦର' ଫ୍ଲପ୍ ହେବାର କାରଣ କହିଲେ ନୱାଜୁଦ୍ଦିନ



ବଲିଉଡ ସୁପରଷ୍ଟାର ସଲମାନ ଖାନଙ୍କ ଫିଲ୍ମ 'ସିକନ୍ଦର' ଏହି ବର୍ଷର ସବୁଠାରୁ ପ୍ରତୀକ୍ଷିତ ଫିଲ୍ମ ମଧ୍ୟରୁ ଗୋଟିଏ ଥିଲା। କିନ୍ତୁ ଯେତେବେଳେ ଫିଲ୍ମଟି ଥିଏଟରରେ ମୁକ୍ତିଲାଭ କଲା, ଏହା ଦର୍ଶକଙ୍କୁ ପ୍ରଭାବିତ କରିପାରିଲା ନାହିଁ। ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ତେବେ ଏନେଇ ସଲମାନ ଖାନଙ୍କ ସହ-ଅଭିନେତା ନୱାଜୁଦ୍ଦିନ ସିଦ୍ଦିକି ଏବେ ପ୍ରତିକ୍ରିୟା ଦେଇଛନ୍ତି। ଏକ ସାମ୍ପ୍ରତିକ ସାକ୍ଷାତକାରରେ, ନୱାଜୁଦ୍ଦିନ ସିଦ୍ଦିକି ବକ୍ସ ଅଫିସରେ 'ସିକନ୍ଦର'ର ବିଫଳତା ପାଇଁ ନିର୍ମାତାମାନଙ୍କୁ ଦାୟୀ କରିଥିଲେ। ଅଭିନେତା କହିଛନ୍ତି, 'ଏଥିପାଇଁ କେବଳ ଭାଇ (ସଲମାନ ଖାନ) ଉପରେ ଦୋଷ ଢ଼ାଳିଦେବା ଉଚିତ୍ ନୁହେଁ।' ଚଳଚ୍ଚିତ୍ରର କ୍ୱାଲିଟି ପାଇଁ ନିର୍ମାତାମାନଙ୍କୁ କଠିନ ପରିଶ୍ରମ କରିବା ଉଚିତ ଥିଲା। ସେମାନେ ତୁମ ପାଇଁ ସବୁକିଛି କରୁଛନ୍ତି, କିନ୍ତୁ ଯଦି ନିର୍ଦ୍ଦେଶକ ତାଙ୍କ କାମ ଠିକ୍ ଭାବରେ କରନ୍ତି ନାହିଁ, ତେବେ ଆମେ ସମସ୍ତ ଦୋଷ ସୁପରଷ୍ଟାରଙ୍କ ଉପରେ ଲଦିପାରିବୁ ନାହିଁ। ଫିଲ୍ମ ନିର୍ମାଣ ବିଷୟରେ କଥା ହୋଇ ନୱାଜୁଦ୍ଦିନ ସିଦ୍ଦିକି ଆହୁରି କହିଛନ୍ତି, ଜଣେ ସୁପରଷ୍ଟାରଙ୍କ ବିଶେଷତ୍ୱ ହେଉଛି ଯେ ସେ ଏକ ସାଧାରଣ ଫିଲ୍ମକୁ ମଧ୍ୟ ଏକ ବଡ଼ ଆକର୍ଷଣରେ ପରିଣତ କରିପାରିବେ । ଯେତେବେଳେ ସଲମାନ ଖାନଙ୍କ ପରି କେହି ଏକ ଫିଲ୍ମ କରିବାକୁ ସାଇନ୍ କରନ୍ତି, ନିର୍ଦ୍ଦେଶକଙ୍କ ଦାୟିତ୍ୱ ବଢ଼ିଯାଏ କାରଣ ସେ ଏତେ ପ୍ରଶଂସକଙ୍କୁ ଆପଣଙ୍କ ପାଖକୁ ଆଣୁଛନ୍ତି। 'ସିକନ୍ଦର' ୩୦ ମାର୍ଚ୍ଚ ୨୦୨୫ରେ ମୁକ୍ତିଲାଭ କରିଥିଲା ଯାହାର ନିର୍ଦ୍ଦେଶନା ଦେଇଥିଲେ ଏ.ଆର. ମୁର୍ଗାଦୋସ୍ ଏବଂ ପ୍ରଯୋଜନା କରିଥିଲେ ସାଜିଦ ନାଡିଆଡୱାଲା। ଫିଲ୍ମଟିର ବଜେଟ୍ ୨୦୦ କୋଟି ଟଙ୍କା ଥିଲା ଏବଂ ଏହା ବକ୍ସ ଅଫିସରେ ମାତ୍ର ୧୧୦.୧ କୋଟି ଟଙ୍କା ରୋଜଗାର କରିପାରିଥିଲା ଏବଂ ସଲମାନ ଖାନଙ୍କ ପାଇଁ ଏହା ଏକ ବଡ଼ ଫ୍ଲପ୍ ପ୍ରମାଣିତ ହୋଇଥିଲା।



# ଆଗାମୀ ଫିଲ୍ମର ପୋଷ୍ଟ ଇନଷ୍ଟାଗ୍ରାମରୁ ହଟାଇଲେ ବାଣୀ

ଜମ୍ମୁ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଆକ୍ସନ ମୋଡରେ ରହିଛି ଭାରତ । ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣ ପରେ ଭାରତୀୟମାନଙ୍କ ମଧ୍ୟରେ ବହୁତ କ୍ରୋଧ ରହିଛି ଏବଂ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ମଧ୍ୟ ବୃଦ୍ଧି ପାଉଛି। ଆକ୍ରମଣ ପରେ ଭାରତ ସରକାର ଅନେକ କଠୋର ପଦକ୍ଷେପ ନେଇଥିଲେ । ପୁଣି ଥରେ ପାକିସ୍ତାନୀ କଳାକାରଙ୍କ ପାଇଁ ବଲିଉଡର ବାଟ ବନ୍ଦ ହୋଇଗଲା । କେବଳ ଏତିକି ନୁହେଁ, ଏବେ ସୋସିଆଲ ମିଡିଆରେ ଅନେକ ପାକିସ୍ତାନୀ କଳାକାରଙ୍କ ଆକାଉଣ୍ଟକୁ ବ୍ଲକ୍ କରାଯାଇଛି ଏବଂ ୟୁଟ୍ୟୁବ୍‌ରେ ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକୁ ମଧ୍ୟ ବ୍ଲକ୍ କରାଯାଇଛି। ଏହି ସମୟରେ, ବାଣୀ କପୁର ମଧ୍ୟ ଏକ କଠୋର ପଦକ୍ଷେପ ନେଇଛନ୍ତି। ପହଲଗାମ ଆକ୍ରମଣର ପ୍ରଭାବ ପରେ ବାଣୀ କପୁର ଏବଂ ଫୱାଦ ଖାନଙ୍କ ଫିଲ୍ମ ଉପରେ ମଧ୍ୟ ଦେଖାଯାଇଥିଲା । ଆତଙ୍କବାଦୀ ଆକ୍ରମଣ ପରେ ପ୍ରଥମେ ଭାରତରେ ଏବଂ ତା'ପରେ ପାକିସ୍ତାନରେ ଏହି ଚଳଚ୍ଚିତ୍ରକୁ ବାନ କରାଯାଇଥିଲା ଏବଂ ଚଳଚ୍ଚିତ୍ରର ଗୀତ ଏବଂ ସମସ୍ତ ପ୍ରଚାରମୂଳକ ବିଷୟବସ୍ତୁକୁ ମଧ୍ୟ ୟୁଟ୍ୟୁବ୍‌ରୁ ହଟାଇ ଦିଆଯାଇଥିଲା । ଏହା ସହିତ ଫୱାଦ ଖାନଙ୍କ ବଲିଉଡକୁ ଫେରିବାର ବାଟ ବନ୍ଦ ହୋଇଗଲା । ଫୱାଦ ଖାନ ଏବଂ ବାଣୀ କପୁରଙ୍କ ଅଭିନୀତ ଫିଲ୍ମ 'ଅବୀର ଗୁଲାଲ' ମେ ୯ ତାରିଖରେ ସିନେମା ହଲରେ ରିଲିଜ ହେବାର ଥିଲା । ଏବେ ବାଣୀ କପୁର ଫୱାଦ ଖାନଙ୍କ ସହିତ ତାଙ୍କର ଆଗାମୀ ଫିଲ୍ମ 'ଅବୀର ଗୁଲାଲ' ସହିତ ଜଡିତ ସମସ୍ତ ପୋଷ୍ଟକୁ ମଧ୍ୟ ହଟାଇ ଦେଇଛନ୍ତି। ବାଣୀ କପୁରଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ରେଡ୍ ୨' ସହ ଜଡିତ ପୋଷ୍ଟଗୁଡ଼ିକ ଦେଖାଯାଉଛି, କିନ୍ତୁ ଅବୀର ଗୁଲାଲ ସହ ଜଡିତ ପୋଷ୍ଟଗୁଡ଼ିକ ଦେଖାଯାଉନାହିଁ । ଅଭିନେତ୍ରୀଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ଅବୀର ଗୁଲାଲ ସହ ଜଡିତ ସମସ୍ତ ପୋଷ୍ଟ ଗାଏବ। ୟୁଜର୍ସମାନେ କହିଛନ୍ତି ଯେ ଅଭିନେତ୍ରୀ ଏହି ପୋଷ୍ଟଗୁଡ଼ିକୁ ଡିଲିଟ୍ କରିଦେଇଛନ୍ତି କିମ୍ବା ସେଗୁଡ଼ିକୁ ଆର୍କାଇଭ୍ କରି ରଖିଛନ୍ତି ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଚାନ୍ଦବାଲି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକରେ ଓଷ୍ଟା ପକ୍ଷରୁ ଚଳିତ ମେଟ୍ରିକ ପରୀକ୍ଷାରେ କୃତି ଅର୍ଜନ କରି ଭଦ୍ରକ ଜିଲ୍ଲା ସମେତ ସାରା ରାଜ୍ୟରେ ଦଶମସ୍ଥାନ ଗ୍ରହଣ କରିଥିବା ଚାନ୍ଦବାଲି ପଞ୍ଚପଡା ଶିବଦୁର୍ଗା ହାଇସ୍କୁଲର କୃତି ଛାତ୍ରୀ ସ୍ୱୟଂପ୍ରଭା ନାୟକ(୫୬୭), ଜେଏସ ସାଇଙ୍କର (୫୬୧), ତ୍ରିଷା ପ୍ରିୟଦର୍ଶିନୀ(୫୪୩) ଓ ଆୟୁଷି ବେହେରା (୫୪୨)ଙ୍କୁ ଓଷ୍ଟା ପକ୍ଷରୁ ସୋମବାର ଦିବା ୧୧ ଘଟିକା ସମୟରେ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ଶିବଦୁର୍ଗା ସ୍କୁଲ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିବଦୁର୍ଗା ସ୍କୁଲରେ ଚଳିତ ମେଟ୍ରିକ ପରୀକ୍ଷାରେ କୃତି ଅର୍ଜନ କରିଥିବା ଚାରି କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିରେ ଓଷ୍ଟାର ଜିଲ୍ଲା ସମ୍ପାଦକ, ପ୍ରଭାତ କୁମାର ପାଣିଗ୍ରାହୀ, ବ୍ଲକ ପ୍ରଭାରୀ ପରିଡ଼ା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅନିଲ କୁମାର ମିଶ୍ର, ପ୍ରଧାନ ଶିକ୍ଷକ ଅକ୍ଷୟ ସାମଲ, ସ୍କୁଲ ସଭାପତି ନାଳମଣି ପଣ୍ଡା, ଉପଦେଷ୍ଟା ଦ୍ୱାରିକା ନାଥ ଦାସ, ସୁରେନ୍ଦ୍ର କୁମାର ଘଡାଇ, ରବିନାରାୟଣ ପଣ୍ଡା, ପ୍ରମିଳା ମଞ୍ଜରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# 'ବୟନିକା'ର ୬୯ତମ ପ୍ରତିଷ୍ଠା ଦିବସ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସହର କେବିନ୍ସା ବଜାରସ୍ଥିତ ଓଡ଼ିଶା ସରକାରଙ୍କ 'ବୟନିକା'ର ୬୯ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଅଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୟନ ଶାଳ ସହକାରୀ ନିର୍ଦ୍ଦେଶକ ଶ୍ରୀକାନ୍ତ ନାୟକ, 'ବୟନିକା'ର ଢେଙ୍କାନାଳ ଶାଖା ପରିଚାଳକ ରାଜେନ୍ଦ୍ର କୁମାର ବାରିକ, ଟେକ୍ସଟାଇଲ୍ସ ନିରୀକ୍ଷକ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ସହକାରୀ ବୈଷୟିକ ସୁପ୍ରିୟା ରାଉ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଷ୍ଠା ଦିବସ ଉପଲକ୍ଷେ ଗ୍ରାହକମାନଙ୍କୁ ୨୦+୧୦ ପ୍ରତିଶତ ଛାଡ଼ କରାଯିବ। ବୟନିକାର ବିଭିନ୍ନ ପାଟ ତଥା ସମ୍ବଲପୁରୀ ଶାଢ଼ୀ, ରୁମାଲ୍, ଡ୍ରେସ୍ କପଡା ଓ ଚୁଡ଼ିଦାର ଇତ୍ୟାଦି ସୁଲଭ ମୂଲ୍ୟରେ ଖର୍ଦ୍ଦି କରିବା ପାଇଁ ଢେଙ୍କାନାଳବାସୀଙ୍କୁ ଅନୁରୋଧ କରାଯାଇଛି।

# ବିଦ୍ୟାମନ୍ଦିର ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତି, ଓଡ଼ିଶା ଯୋଜନା ଆଧାରରେ କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାଧ୍ୟମିକ ସ୍ତର ୧୦ ଦିବସୀୟ ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ପ୍ରାନ୍ତ ମାଧ୍ୟମିକ ଶୈକ୍ଷିକ ସଂଯୋଜକ ଆଶିଷ କୁମାର ରାଉଳ ଅଧ୍ୟକ୍ଷତାରେ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଆଗାମୀ ପିଢ଼ିମାନଙ୍କୁ ନିଜ ଶିକ୍ଷାଦାନ ମାଧ୍ୟମରେ ପ୍ରଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମଗ୍ର ଓଡ଼ିଶାର ୧୨୨ଜଣ ଆଚାର୍ଯ୍ୟଆଚାର୍ଯ୍ୟା ମାନଙ୍କୁ ୧୪ଜଣ ପ୍ରଶିକ୍ଷକ ଶିକ୍ଷାଦାନ ଦେଉଛନ୍ତି। ସକାଳ ୫.୩୦ମି.ରୁ ରାତି ୯ଟା ପର୍ଯ୍ୟନ୍ତ ବିଷୟ ଶିକ୍ଷାଦାନ ସହ ଯୋଗାଭ୍ୟାସ, ବ୍ୟାୟାମ, ଯୋଗଚାପ, ସଙ୍ଗୀତ, ଘୋଷ ଓ ବୈଦିକ ଗଣିତର ପ୍ରଶିକ୍ଷଣ ଦିଆଯାଉଛି। ଏହି ଅବସରରେ ସମ୍ମାନିତ ଅତିଥିଭାବେ ପୂର୍ବକ୍ଷେତ୍ରର ବିଦ୍ୟାମନ୍ଦିର ଶୈକ୍ଷିକ ସଂଯୋଜକ କୈଳାସ ଚନ୍ଦ୍ର ମିଶ୍ର, ପ୍ରାନ୍ତ ଖେଳକୁଦ ସଂଯୋଜକ ସଞ୍ଜୟ କୁମାର ମିଶ୍ର ମଞ୍ଚାସୀନ ଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ତ୍ରିଲୋଚନ ନାଏକ ମଞ୍ଚ ପରିଚାଳନା ଓ ଫୁଲବାଣୀ ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଜରୁରୀ ବୈଠକ

ଭଦ୍ରକ, (ଭାସ୍କର ନ୍ୟୁଜ୍): ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକ ବୈଠକ ଭଦ୍ରକ ସ୍ଥିତ ଶ୍ରୀ ବାଲଗୋପାଳ ମନ୍ଦିର ପରିସରରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନିମ୍ନ ପ୍ରସ୍ତାବମାନ ଗୃହିତ ହୋଇଥିଲା। ଶ୍ରୀଜଗନ୍ନାଥଙ୍କ ନବକଳେବର ପାଇଁ ସଂଗୃହୀତ ଦାରୁରେ ବିଗ୍ରହ ନିର୍ମାଣ କରାଯାଇଥାଏ ଓ ଅବଶିଷ୍ଟ ଦାରୁ ଅଂଶକୁ କୋଇଲି ବୈକୁଣ୍ଠରେ ଯଥାବିଧି ସଂଗୃହିତ କରି ରଖାଯାଇଥାଏ। ଏହି ଅବଶିଷ୍ଟାଂଶ ଦାରୁ ଦୀଘାରେ ନିର୍ମିତ ମନ୍ଦିରକୁ କିପରି ଗଲା ଓ ଯଥାର୍ଥତା କ'ଣ ଏବଂ କାହିଁକି କରାଯାଇଛି। ଆମ ଭାରତରେ ଚାରିଗୋଟି ଧାମ ଆବାହମାନ କାଳରୁ ପ୍ରସିଦ୍ଧି ଲାଭ କରିଛି। ଅନ୍ୟାନ୍ୟ କେତେ ସ୍ଥାନରେ ଧାମ ଶବ୍ଦ ପ୍ରୟୋଗ କରାଯାଉଥିଲେ ହେଁ ସେ ସ୍ଥାନର ନାମକୁ ସଂଶ୍ଲିଷ୍ଟ କରାଯାଇଛି। ନିମ୍ନ କ୍ଷେତ୍ରରେ ଜଗନ୍ନାଥ ନାମକୁ ପ୍ରୟୋଗ କରିବା ଦ୍ୱାରା ପୁରୀ ଶ୍ରୀକ୍ଷେତ୍ରର ପର୍ଯ୍ୟଟନ ଶିଳ୍ପକୁ କ୍ଷତି କରିବାକୁ ଉଦ୍ଦେଶ୍ୟ ନାହିଁ ତ? ତେଣୁ ଶ୍ରୀ ଜଗନ୍ନାଥ ନାମକୁ ଧାମ ପୂର୍ବରୁ ଉଚ୍ଛେଦ କରାଯାଉ। ଏ କ୍ଷେତ୍ରରେ ଓଡ଼ିଶା ସରକାର ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ



କିଏ ନେଲେ ଏ ସମ୍ପର୍କରେ ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତି ବିରୁଦ୍ଧରେ ଆବଶ୍ୟକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଦିଘାରେ ନିର୍ମିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଯାହା ସ୍ଥାନର ନାମ "ଜଗନ୍ନାଥ ଧାମ" ନାମିତ କରି ଲୋକଲୋଚନକୁ ଆଣିବାର ଆବଶ୍ୟକତା ଓ ଆଜିକାର ସମିତି ଦୃଢ଼ ଦାବି କରୁଅଛି। ଏହି ବୈଠକରେ ଆବାହକ ସେବକ ଶରତ କୁମାର ସାହୁ, ସହ ଆବାହକ ନାରାୟଣ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ଖଟୁଆ, ଗୋପବନ୍ଧୁ ମିଶ୍ର ଓ ବରିଷ୍ଠ ଉପଦେଷ୍ଟା ସନ୍ତୋଷ କୁମାର ଦାଶ ସମେତ ବହୁ ସଦସ୍ୟ ଯୋଗଦାନ କରିଥିଲେ।

# ରାସ୍ତା ଭାଙ୍ଗି ଚୁରମାର, ଗମନାଗମନ ନିମନ୍ତେ ଲୋକେ ହଟହଟା



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳରେ ଗମନା ଗମନର ସୁବିଧା ନିମନ୍ତେ ସରକାର ଲକ୍ଷଲକ୍ଷ ଟଙ୍କା ବ୍ୟୟ ବରାଦରେ ଢଳେଇ ରାସ୍ତା ନିର୍ମାଣ କରୁଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଳ ଗ୍ରାମପଂଚାୟତ ପାଇକରାପୁର ଗ୍ରାମ୍ୟ ଢଳେଇ ରାସ୍ତା ଭାଙ୍ଗି ଚୁରମାର ହୋଇଯାଇଥିବାର ଅଭିଯୋଗ ହୋଇଛି। ପ୍ରଶାସନର ଦାୟୀତ୍ୱ ହୀନତା ଯୋଗୁ ଏହି ରାସ୍ତାଟି ମରଣଯନ୍ତାରେ ପରିଣତ ହୋଇଥିବାରୁ ଲୋକେ ଗମନା ଗମନ ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ଫଗୋଳ ଗ୍ରାମପଂଚାୟତ ପାଇକରାପୁର (ଡଅଁରମୁହଁ) ଗ୍ରାମରେ ୫ଶହରୁ ଉର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏହି ଗ୍ରାମରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଢଳେଇ ରାସ୍ତାଟି ଭାଙ୍ଗି ଚୁରମାର ହୋଇଯାଇଥିବାର ଅଭିଯୋଗ ହୋଇଛି। ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଏହି ରାସ୍ତାରେ ଯାନବାହାନ ଗମନାଗମନ କରିବା ତ ଦୂରର କଥା ଏପରିକି ଖାଲିପାଦରେ ଚାଲିକି ଯିବା କାଠିକର ପାଠ ଅଟେ। ଏହି ରାସ୍ତାର ବିଭିନ୍ନ ସ୍ଥାନରେ ବିରାଟ ବିରାଟ ଗାତ ସୃଷ୍ଟି ହୋଇଛି। ରାସ୍ତାଟି ଭାଙ୍ଗି ଏକରକମ ଦୁଇଫାଳ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ରାସ୍ତା ଉପରେ ଗମନା ଗମନ କରିବା ନିମନ୍ତେ ସ୍ଥାନୀୟ ସାଲେପୁର ,ନିଶ୍ଚିନ୍ତକୋଇଲି ବ୍ଲକର ବହୁ ପଂଚାୟତର ଶହ ଶହ ଲୋକ ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ଅଙ୍ଗନୱାଡ଼ି କୋମଳମତୀ ଶିଶୁମାନେ ନିର୍ଭର କରିଥାନ୍ତି। ତେବେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବା କାରଣରୁ ଦୈନନ୍ଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟି ବହୁ ଲୋକ ଅଳ୍ପବହୁତେ ଆହତ ହେଉଥିବାର ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ସେହିପରି ଭାବେ ରାସ୍ତାର ଶୋଚନୀୟ ଅବସ୍ଥା ହେତୁ ଜରୁରୀ କାଳୀନ ପରିସ୍ଥିତିରେ ଏହି ଗ୍ରାମକୁ ଦମକଳ ଗାଡ଼ି କିମ୍ବା ଆମ୍ବୁଲାନ୍ସ ଯାଇଆସି ପାରୁନାହିଁ। ଫଳରେ ବହୁ ସମୟରେ ଗର୍ଭବତୀ, ପ୍ରସୂତି ମହିଳା, ରୋଗାଗ୍ରସ୍ତ ଲୋକେ ସର୍ବୋପରି କୋମଳମତୀ ଶିଶୁମାନେ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇ ନପାରି ଅକାଳରେ ମୃତ୍ୟୁମୁଖରେ ପଡୁଥିବାର ଅଭିଯୋଗ ହୋଇଛି। ତେବେ ଏହି ରାସ୍ତାକୁ ମରାମତି କରାଯିବା ନିମନ୍ତେ ସାଧାରଣରେ ବାରମ୍ବାର ଦାବି ହୋଇ ଆସୁଥିଲା ବେଳେ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ଦେଖାଦେଇଛି।

# ହନୁମାନଜିଉଙ୍କ ବିଶ୍ୱଶାନ୍ତି ମହାଯଜ୍ଞ



ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବାଳକାଟୀ ପଞ୍ଚାୟତ ସ୍ଥିତ ଶରଣାଗତ ବତ୍ସଳ ହନୁମାନ ଜୀଉଙ୍କ ୧୬ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ବହୁ ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ନାଗପଡା, ରାଣୀପୋଖରୀ ଓ ଆନନ୍ଦନଗର ପାଟଣା ଗ୍ରାମବାସୀଙ୍କ ଉଦ୍ୟମରେ ଅବକ୍ଷୟ ମୁଖି ଧର୍ମକୁ ରୋକି ସତ୍ୟ, ନ୍ୟାୟ, ଧର୍ମ ଓ ଆଧ୍ୟାତ୍ମିକ ଚେତନାର ପ୍ରତିଷ୍ଠା ପାଇଁ ତଥା ସାର୍ବଜନୀନ ବିଶ୍ୱକଲ୍ୟାଣ ନିମନ୍ତେ ଏହି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ହନୁମାନଜୀଉଙ୍କ ବିଶ୍ୱଶାନ୍ତି ମହାଯଜ୍ଞକୁ ନେଇ ଚାରିଦିନ ହେବ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ପ୍ରଥମଦିନ ଅଙ୍କୁରାରୋପଣ କରାଯିବା ସହିତ ଯଜ୍ଞ ଶୁଭାରମ୍ଭ କରାଯାଇ ଦ୍ୱିତୀୟଦିନ କଳସ ଯାତ୍ରା ସହିତ ଶୁଭାଧିବାସ, ଅଗ୍ନିସ୍ଥାପନ, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୁଜା, ମହାସ୍ନାନ, ଆହୁତି ସ୍ଥାପନ ପରେ ତୃତୀୟଦିନ ମହାଯଜ୍ଞରେ ପୂର୍ବ ସମସ୍ତ ବିଧି ଅନୁଯାୟୀ ପୂଜା ହୋଇଥିବା ବେଳେ ଶେଷଦିନ ହନୁମାନଙ୍କ ଷୋଡ଼ଶ ଉପଚାର ପୂଜା ଆହୁତି ପ୍ରଦାନ, ପୂର୍ଣ୍ଣ ଆଳତି ଓ ପୁଷ୍ପାଞ୍ଜଳି ଦିଆଯାଇଥିଲା। ପରେ ପୂର୍ଣ୍ଣାହୁତି ଦିଆଯିବା ସହିତ ପ୍ରତ୍ୟହ ସନ୍ଧ୍ୟାରେ ଆଗନ୍ତୁକ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଚାରିଦିନ ବ୍ୟାପି ଅଞ୍ଚଳ ଉତ୍ସବ ମୁଖର ହୋଇପଡିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ରାଣୀପୋଖରୀ, ନାଗପଡା ଓ ଆନନ୍ଦନଗର ପାଟଣା ଯୁବକ ସଙ୍ଘ ର ସଦସ୍ୟ ଓ ଗ୍ରାମବାସୀ ବୃନ୍ଦ ପରିଚାଳନା କରିଥିଲେ।

# ତିନି କୃତୀ ଛାତ୍ରଙ୍କୁ ଉତ୍କଳ ସାମ୍ବାଦିକ ସଂଘର ଭବ୍ୟ ସମ୍ବର୍ଦ୍ଧନା



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ଏମଭି-୭୯ ସ୍ଥିତ ସାବରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଯାଆଁଳା ଭାଇ ଡାନିଏଲ ଲେଙ୍କା ଓ ଡମ୍ବରୁ ଲେଙ୍କା ଚଳିତ ମାଟ୍ରିକ ପରୀକ୍ଷାରେ ୬୦୦ ମାର୍କରୁ ୫୬୦ ମାର୍କ ରଖି ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇ ଜିଲ୍ଲା ଟପ୍ପର ହେବା ସହ ସମାନ ନମ୍ବର ରଖି ସମସ୍ତଙ୍କ ମନ ଜିଣିଛନ୍ତି। ସେହିପରି ବିଦ୍ୟାଳୟର ଅନ୍ୟ ଏକ କୃତୀ ଛାତ୍ର କେଶବ କର ୫୩୬ ମାର୍କ ରଖି ଉଲ୍ଲେଖନୀୟ ସଫଳତା ହାସଲ କରି ବିଦ୍ୟାଳୟ ଓ ଜିଲ୍ଲାର ନାମକୁ ଉଜ୍ଜ୍ୱଳ କରିଛନ୍ତି। ଏହି କୃତିତ୍ୱ ପାଇଁ ଉତ୍କଳ ସାମ୍ବାଦିକ ସଂଘ, କାଲିମେଳା ଶାଖା ପକ୍ଷରୁ ଏମଭି-୭୯ ସାବରୀ ବିଦ୍ୟା ଭବନରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଦ୍ୟୁତ୍ ବୈରାଗୀ, ବ୍ଲକ୍ ସଭାପତି ରାଜେଶ ଓଝା, ସାଧାରଣ ସମ୍ପାଦକ ରବି ଶଙ୍କର ବାରିକ, କୋଷାଧ୍ୟକ୍ଷ ସୌରଭ ମଣ୍ଡଳ, ପ୍ରଭାତ ଶାହା, ସୁଜିତ ମୁଖାର୍ଜୀ, ଟୁନୁ ମଣ୍ଡଳ, ପ୍ରଭାତ ଶାହା, ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରଶାନ୍ତ କୁମାର ନାୟକ, ଶିକ୍ଷକ ବିଭୂତି ଭୂଷଣ ସେଠୀ, ଅନ୍ୟାନ୍ୟ ଶିକ୍ଷକ କର୍ମଚାରୀ କାବିତା ସରକାର, ହିମାଂଶୁ ମଣ୍ଡଳ, ପ୍ରଭାତ ମଣ୍ଡଳ, ସରମିଳା ଢାଲି ଏବଂ କୃତୀ ଛାତ୍ରଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ସମ୍ବର୍ଦ୍ଧନା ସଭାରେ ଡାନିଏଲ ଓ ଡମ୍ବରୁ ଭବିଷ୍ୟତରେ ଡାକ୍ତର ହୋଇ ସମାଜକୁ ସେବା ଯୋଗାଇବାର ସ୍ୱପ୍ନ ରଖିଥିବା ବେଳେ, କେଶବ କର ମଧ୍ୟ ଡାକ୍ତରୀ ପେଶା ଗ୍ରହଣ କରି ମାନବ ସେବାରେ ନିୟୋଜିତ ହେବାର ଦୃଢ଼ ସଙ୍କଳ୍ପ ବ୍ୟକ୍ତ କରିଛନ୍ତି। ଏହି ତିନି ଛାତ୍ରଙ୍କ ପରିଶ୍ରମ ଓ ନିଷ୍ଠା ଅଞ୍ଚଳବାସୀଙ୍କ ପାଇଁ ଗର୍ବର ବିଷୟ ହୋଇଛି। କାର୍ଯ୍ୟକ୍ରମ ଶେଷରେ ସଂଘ ପକ୍ଷରୁ ମିଠା ବଣ୍ଟନ କରାଯାଇଥିଲା, ଯାହା ଏହି ଖୁସିର ମୁହୂର୍ତ୍ତକୁ ଆହୁରି ମଧୁର କରିଥିଲା।

# ସାମ୍ୟବାଦର ପ୍ରବର୍ତ୍ତକ କାର୍ଲମାର୍କ୍ସଙ୍କ ଜୟନ୍ତୀ




ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ସମାଜବାଦ ପ୍ରବର୍ତ୍ତକ ବିଶ୍ୱ ବିଖ୍ୟାତ ଦାର୍ଶନିକ ତଥା ସମାଜ ବିଜ୍ଞାନୀ କାର୍ଲ ମାର୍କସଙ୍କ ୨୦୮ ତମ ଜୟନ୍ତୀ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ଜଳେଶ୍ୱର ଆଞ୍ଚଳିକ କମିଟିର କାର୍ଯ୍ୟାଳୟରେ ପାଳିତ ହୋଇ ଯାଇଛି। ପାର୍ଟିର ଜିଲ୍ଲା ସମ୍ପାଦକୀୟ ମଣ୍ଡଳୀ ସଦସ୍ୟ ଦିପ୍ତୀମାନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ସମ୍ପାଦକ ଶିଶିର ହୁଇ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ହୁଇ ତାଙ୍କ ବକ୍ତବ୍ୟରେ କହିଥିଲେ ସମାଜବାଦର ପ୍ରବର୍ତ୍ତକ କାର୍ଲ ମାର୍କସ ପ୍ରଥମ କରି ପୁଞ୍ଜିର ମୁନାଫାଖୋର ଦିଗକୁ ବିଶ୍ଳେଷଣ କରିବା ସହିତ ଶ୍ରେଣୀ ସଂଗ୍ରାମ ସମ୍ପର୍କରେ ବୈଜ୍ଞାନିକ ମତ ଉପସ୍ଥାପନ କରିଥିଲେ। ଏକ ଶୋଷଣ ବିହୀନ ସମାଜ ଗଠନ ନିମନ୍ତେ ଆହ୍ୱାନ ଦେବାକୁ ଯାଇ କହିଥିଲେ,'ଜାଗାରେ ସର୍ବହରା, ହାରିବାକୁ ହେବ ବନ୍ଧନ ଫାଶ, ଜିଣିବାକୁ ହେବ ଧରା'। ଧର୍ମ ସମ୍ପର୍କୀତ ତାଙ୍କର ବ୍ୟାଖ୍ୟା କେତେ ସଠିକ୍ ଥିଲା ତାହା ଆଜି ବିଶ୍ୱବାସୀ ମର୍ମେ ମର୍ମେ ଅନୁଭବ କରି ପାରୁଛନ୍ତି। ମାର୍କ୍ସବାଦ ହେଉଛି ଏକମାତ୍ର ଦର୍ଶନ ଶାସ୍ତ୍ର ଯାହା ମଣିଷକୁ ଶୋଷଣରୁ ମୁକ୍ତି ଦେଇ ପାରିବ ବୋଲି ହୁଇ ଦୃଢ଼ତାର ସହ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ ମିଶ୍ର, ପାର୍ଟିର ଜିଲ୍ଲା କମିଟି ସଭ୍ୟ ଦିଲ୍ଲୀପ ଗିରି, ମମି ପଣ୍ଡା, କୃଷକ ନେତା ରବିନ୍ଦ୍ର ବାରିକ, ଶ୍ରମିକ ନେତା ପଲ୍ଲୁ ଦାସ, ଜୀବନ ପରିଡ଼ା, ପୂର୍ବତନ ସରପଞ୍ଚ ତଥା ଯୁବ ନେତା ଦିଲ୍ଲୀପ ପରିଡ଼ା, ଗଣେଶ ଭୂୟାଁ, ଧନଞ୍ଜୟ ପଲାଇ, ଅନନ୍ତ ମୁଖୀ, ଶେଖ୍ ନାଜିରୁଦ୍ଦିନ, ରାଜୀବ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭାର ପ୍ରାରମ୍ଭରେ କାର୍ଲ ମାର୍କସଙ୍କ ଫଟୋ ଚିତ୍ରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ବଡ଼ଗଡ଼ରେ ପଶୁ ଚିକିତ୍ସାଳୟରେ ଦିନଦିନ ଧରି ଝୁଲୁଛି ତାଲା

ସୋରଡ଼ା, (ଭାସ୍କର ନ୍ୟୁଜ୍): ସୋରଡ଼ା ସହର ଓ ବଡଗଡଠାରେ ପଶୁଚିକିତ୍ସାଳୟ ଖୋଲିଛି ସେଗୁଡିକ ନାମକୁ ମାତ୍ର ଚାଲିଛି। ଗ୍ରାମାଞ୍ଚଳରେ ପଶୁଚିକିତ୍ସା ପାଇଁ କେନ୍ଦ୍ରଗୁଡିକ ପ୍ରତି ଗ୍ରାମ ପଞ୍ଚାୟତ ଗୁଡିକରେ ଗୃହ ପାଳିତ ପଶୁ ଓ ପକ୍ଷୀଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପ୍ରାଣୀ ସହାୟକ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି। ଲକ୍ଷଲକ୍ଷ ବ୍ୟୟରେ ପ୍ରାଣୀଧନ ନିରିକ୍ଷକଙ୍କ କାର୍ଯ୍ୟାଳୟ ତଥା ପ୍ରାଣୀ ସହାୟକ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରଗୁଡିକ ପରିଚାଳନା ପାଇଁ ଆବଶ୍ୟକୀୟ ଉପକରଣ, ଔଷଧ ଆଦି ଯୋଗାଇ ଦିଆଯାଇଥାଏ। ଦାୟିତ୍ୱରେ ଥିବା ପ୍ରାଣୀଧନ ନିରିକ୍ଷକଙ୍କୁ ଔଷଧ ଉପକରଣ ଯୋଗାଇ ଦିଆଯାଉଥିବା ନେଇ ବ୍ଲକ ଭେଟନାରି ଅଫିସରଙ୍କୁ ପଚାରିବା ପାଇଁ ଗଲାବେଳେ ଅଫିସ ଗେଟମାନଙ୍କରେ ରହି ତଥ୍ୟ ସୂଚନା କାହାଠାରୁ ପାଇବୁ ଏବଂ ତାଲା ଝୁଲୁଥିଲେ ମଧ୍ୟ ବିଡିଓଙ୍କ ସହିତ ତାଙ୍କ ମୋବାଇଲ ନୋମ୍ବରରେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସିମତେ ଫୋନ ରିସିଭ କରୁନଥିବାରୁ ଆମ ସୋରଡ଼ା ପ୍ରତିନିଧିଙ୍କ ଠାରେ ଲୋକଙ୍କ ଅଭିଯୋଗ କ୍ରମେ ପ୍ରତିନିଧି, ବିଡିଓ ଓ ସୋରଡା ସହର ଦାୟିତ୍ୱରେ ଥିବା ପ୍ରାଣୀଧନ ନିରିକ୍ଷକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିନଥିଲା। ବଡ ଗେଟରେ ତାଲା ଝୁଲୁଥିବା ଜଣା ପଡିବା ପରେ ଲୋକଙ୍କ ଅଭିଯୋଗ କ୍ରମେ ବିଡିଓଙ୍କୁ ଯୋଗାଯୋଗ କରି ନପାରି ବଡଗଡ, ସୋରଡ଼ା ସମେତ ସୋରଡ଼ା ବ୍ଲକରେ ଥିବା ପ୍ରତି ଗ୍ରାମପଞ୍ଚାୟତର କେନ୍ଦ୍ରମାନଙ୍କରେ ମଧ୍ୟ ବର୍ଷବର୍ଷ ଧରି ଦେଖା ମିଳୁନଥିବା ପ୍ରାଣୀଧନ ନିରିକ୍ଷକମାନେ ନାମକୁ ମାତ୍ର କେନ୍ଦ୍ରରେ ପରିଚାଳନା ଦାୟିତ୍ୱ କାଗଜପତ୍ରରେ ଚଳାଇ ନାନା ଦୁର୍ନୀତି କରିଚାଲିଥିବା ବେଳେ ଏସଡିଭିଓ କିମ୍ବା ସିଡିଭିଓଙ୍କ ଦେଖା ନାହିଁ କି କାର୍ଯ୍ୟ କରିବାରେ ସହଯୋଗ ନଥିବାରୁ ସୋରଡ଼ା ସହର ସମେତ ବ୍ଲକର ବିଭିନ୍ନ ଗ୍ରାମରେ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସାରେ ବାଧା ଉପୁଜୁଛି। ପଶୁପକ୍ଷୀମାନଙ୍କୁ ଅଧିକ ଚିକିତ୍ସା ପାଇଁ ପ୍ରାଣୀମିତ୍ରମାନଙ୍କୁ ମଧ୍ୟ ମିଶନଶକ୍ତି ବିଭାଗ ଦ୍ୱାରା ପ୍ରତି ପଞ୍ଚାୟତରେ ନିଯୁକ୍ତି ଦିଆଯାଇଥିବା ବେଳେ ତାହା ମଧ୍ୟ କାଗଜପତ୍ରରେ ଚାଲିଛି। ସେମାନଙ୍କ ଦେଖା ନାହିଁ କି ପଶୁପକ୍ଷୀମାନଙ୍କ ଚିକିତ୍ସା ପ୍ରତି ଧ୍ୟାନ ମଧ୍ୟ ଦେଉନଥିବା ଏକ ତଦନ୍ତରୁ ଜଣାପଡିଛି। ସହରବାସୀ ଓ ବ୍ଲକର ଗ୍ରାମାଞ୍ଚଳବାସୀ ଓ ଚାଷୀମାନେ ପଶୁମାନଙ୍କ ଚିକିତ୍ସା ପାଇଁ ସୁବିଧା ପାଉ ନଥିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଆମ୍ବୁଲାନ୍ସ ମଧ୍ୟ ଯୋଗାଇ ଦିଆଯାଇଛି କିନ୍ତୁ ଏହା କାହା ସ୍ୱାର୍ଥରେ କାମରେ ଲାଗୁଛି ତାହା ତଦନ୍ତ ସାପେକ୍ଷ। ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ନକଲି ପ୍ରାଣୀଧନ ନିରିକ୍ଷକ ଭାବେ ଷ୍ଟାଫମାନେ ବିଡିଓ, ଏସଡିଭିଓଙ୍କ ନାମରେ ସୃଷ୍ଟି କରି ସେମାନଙ୍କ ଦ୍ୱାରା କାର୍ଯ୍ୟ କରୁଥିବାରୁ ବେଳେବେଳେ ଚିକିତ୍ସା କରି ପଶୁପକ୍ଷୀଙ୍କ ମୃତ୍ୟୁ ଘଟୁଥିବା ନଜର ରହିଛି। ଏଲଆଇମାନେ କେନ୍ଦ୍ରମାନଙ୍କରେ ବର୍ଷବର୍ଷ ଧରି ରହୁନଥିବା ଏକ ମୁଖ୍ୟ କାରଣ ହୋଇଛି ଏବଂ କେନ୍ଦ୍ର ଖୋଲାଯାଉ ନଥିବାରୁ ଏବଂ ଅଭିଯୋଗ କଲେ ହାରିଗୁହାରି ଶୁଣିବାକୁ କିଏ ନଥିବାରୁ ନାମକୁମାତ୍ର ଅଫିସ କାଗଜପତ୍ରରେ ଚାଲିଥିବା ଏବଂ ଏକପ୍ରକାର ଦୁର୍ନୀତିର କେନ୍ଦ୍ର ପାଲଟିଥିବାରୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଅଚାନକ ତଦନ୍ତ କଲେ ଏହି ଅଫିସରେ ଅବାଧରେ ଚାଲିଥିବା ଦୁର୍ନୀତି ପଦାରେ ପଡ଼ିବ ବୋଲି ସୋରଡ଼ା ପ୍ରେସକ୍ଲବର ଆଡ଼ଭାଇଜର ଆରାପଲି ସାରଥି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି କରିଛନ୍ତି।

# ମହେଶ ସାହୁ ହେଲେ ରାଜ୍ୟ ଏସସି ସେଲ ଆବାହକ

ତାଳଚେର, (ଭାସ୍କର ନ୍ୟୁଜ୍): ବରିଷ୍ଠ ବିଜେଡ଼ି ନେତା ତଥା ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ଲୋକପ୍ରିୟ ନେତା ତଥା ପୂର୍ବତନ ସାଂସଦ ମହେଶ ସାହୁଙ୍କୁ ରାଜ୍ୟ ବିଜେଡି ରାଜନୀତିରେ ଗୁରୁଦାୟିତ୍ୱ ମିଳିଛି। ତାଙ୍କୁ ରାଜ୍ୟ ବିଜେଡି ଏସସି ସେଲର ଆବାହକ ପଦ ମିଳିବା ସହିତ ବିଜେଡିର ୨୦ଜଣ ବରିଷ୍ଠ ସାଧାରଣ ସମ୍ପାଦକ ସୂଚୀରେ ତାଙ୍କ ନାମକୁ ସ୍ଥାନିତ କରାଯାଇଛି। ଏଥିପାଇଁ ଢେଙ୍କାନାଳ ଅନୁଗୁଳ ଜିଲ୍ଲାର ଅଗଣିତ ବିଜେଡି କର୍ମକର୍ତ୍ତା, ଶୁଭେଚ୍ଛୁ, ସମର୍ଥକମାନଙ୍କ ମଧ୍ୟରେ ଖୁସି ଓ ଆନନ୍ଦର ମାହୋଲ ସୃଷ୍ଟି ହୋଇଛି। ଏଥିପାଇଁ ପ୍ରିୟ ନେତା ମହେଶ ସାହୁଙ୍କୁ ବିଭିନ୍ନ ଅଞ୍ଚଳରୁ



ଶୁଭେଚ୍ଛାର ସୁଅ ଛୁଟିଥିଲା ବେଳେ ସାହୁଙ୍କୁ ଏହି ଗୁରୁ ଦାୟିତ୍ୱ ଦେଇଥିବାରୁ ବିଜେଡି ରାଜ୍ୟ ସଭାପତି ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି।

# ସ୍କୁଲ ରାତି ଜଗୁଆଳିଙ୍କ ଉନ୍ମତ୍ତ କାଣ୍ଡ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ତ ଦେବୀ କନ୍ଦଳ ଦୀପାଞ୍ଚଳ କସର୍ଦା ଫାଣ୍ଡି ଅନ୍ତର୍ଗତ ସିଠାଳ ବଜାରରେ ଗତ ରବିବାର ରାତି ୧୧ ଟା ରେ ସ୍ଥାନୀୟ ଅଞ୍ଚଳ ର ଜଣେ ଯୁବକ ଥଣ୍ଡା ବୋତଲ ଭାଙ୍ଗି ବଜାର ରେ ଥିବା ବିଭିନ୍ନ ଦୋକାନୀ ମାନଂକୁ ଭୟ ଭିତ କରାଇ ସେମାନଙ୍କ ଜିନିଷ ପତ୍ର ଫୋପଡା ଫୋପଡି କରିବାକୁ ନେଇ କସର୍ଦା ଫାଣ୍ଡିରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାଇ ସିଠାଳ ହାଇସ୍କୁଲ ର ରାତି ଜଗୁଆଳି ବିଦ୍ୟା ଧର ଭୋଇ ରାତି ୧୦ଟା ରୁ ୧୧ ଟା ପର୍ଯ୍ୟନ୍ତ ୧ ଘଣ୍ଟା କାଳ ସିଠାଳ ବଜାର ରେ ବିଭିନ୍ନ ଦୋକାନ ଆଗରେ ଥିବା ଥଣ୍ଡା ପାନୀୟ ବୋତଲକୁ ଫୋପାଡ଼ି ଭାଙ୍ଗିବା ସହ ବଜାରରେ ଦୋକାନ କରିଥିବା ଅଜିତ୍ ବସ୍ତିଆ ବ୍ୟବସାୟୀଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ଶହ ଭଙ୍ଗା କାଚ ବୋତଲ ପୁରେଇ ବାକୁ ନେଇ କସର୍ଦା ଫାଣ୍ଡିରେ ଅଭିଯୋଗ ହୋଇଛି। ଏଠାରେ ସୂଚନା ଥାଉକି ବିଦ୍ୟାଳୟରେ ରାତି ଜଗୁଆଳି ଥାଇ ଡ଼ିୟୁଟି ନକରି ଦରମା ନେଇ ରାସ୍ତା ମଝିରେ ରାତି ଅଧରେ ଏଭଳି କାର୍ଯ୍ୟ କରୁଥିବା ବେଳେ ବିଦ୍ୟାଳୟରେ କିଭଳି ବ୍ୟବହାର କରୁଥିବେ।

# ଦୁଇ ବାଇକ୍ ଚୋରଙ୍କ ଗିରଫ କଲା ଫୁଲବାଣୀ ପୋଲିସ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ଫୁଲବାଣୀ ପୋଲିସର କଡା ପେଟ୍ରୋଲିଂ ସତ୍ତ୍ୱେ ମଧ୍ୟ ସହରର ବିଭିନ୍ନ ସ୍ଥାନରୁ ବାଇକ, ସ୍କୁଟି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଚୋରି ବାଇକକୁ ଠାବ କରିବା ପାଇଁ କନ୍ଧମାଳ ଏସପି ହରିଶ ବିଶିଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ପି. ସ୍ୱରୂପ କିସାନଙ୍କ ନେତୃତ୍ୱରେ ସବଇନ୍ସପେକ୍ଟର ମନରଞ୍ଜନ ଭୋଇ ସୋମବାର ସଦଳ ବଦଳେ ପେଟ୍ରୋଲିଂ କରିବା ବେଳେ କୌଣସି ସୂତ୍ରରୁ ଏକ ନମ୍ବର ବିହୀନ ସ୍କୁଟିରେ ଜଣେ ବ୍ୟକ୍ତିଙ୍କୁ ଦେଖି ପୋଲିସ ସନ୍ଦେହ କରି ତା'ର ପରିଚୟ ପଚାରିବା ସହିତ ଗାଡ଼ି କାଗଜପତ୍ର ଯାଞ୍ଚ କରିଥିଲେ। କିନ୍ତୁ ତାପାଖରୁ କୌଣସି ସନ୍ତୋଷଜନକ ଉତ୍ତର ନପାଇବାରୁ ଥାନାକୁ ଆଣି ପଚରା ଉଚୁରା କରିବା ସମୟରେ ସ୍କୁଟିଟି ଚୋରି କରିଥିବା ସେ ମାନି ନେଇଥିଲା। ତାହା ସହିତ ତା'ର ଅନ୍ୟ ସହଯୋଗୀଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା। ଅଧିକ ତଦନ୍ତ କରିବା ବେଳେ ସେମାନେ ବିଭିନ୍ନ ସ୍ଥାନରୁ ପାଞ୍ଚଟି ଗାଡ଼ି ସହିତ ଗୋଟିଏ ଆଇଫୋନ



ଚୋରି କରିଥିବା ମାନି ନେଇଥିଲା। ଉକ୍ତ ଚୋରି ଜିନିଷକୁ ପୋଲିସ ଜବତ କରିବା ସହିତ ଉପଯୁକ୍ତ କାଗଜପତ୍ର ଯାଞ୍ଚ କରି ଚୋରି ହୋଇଥିବା ସ୍କୁଟି ଗାଡ଼ି ମାଲିକଙ୍କୁ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତମାନେ ହେଲେ, ଫୁଲବାଣୀ ସହର ମୁଣ୍ଡିଆ ସାହିର ଦୁଇଜଣ ବ୍ୟକ୍ତି ରାହୁଲ ନାୟକ ବୟସ ୨୨ ବର୍ଷ, କୈଳାଶ କାହ୍ନା ବୟସ ୨୪ ବର୍ଷ। ଉଭୟଙ୍କୁ ଗିରଫ କରି ବଡଧରଣ ରକେଟର ସମ୍ପୃକ୍ତ ନେଇ ସନ୍ଦେହ କରି ଅଧିକ ତଦନ୍ତ କରି କୋର୍ଟ ଚାଲାଣ କରାଯାଇଥିବା ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏତଦବ୍ୟତୀତ ଏହି ସମ୍ପୃକ୍ତ ଗାଡିଚୋରି କେସର ମାଷ୍ଟରମାଇଣ୍ଡ ଓ କିଛି ଅଭିଯୁକ୍ତ ରହିଥିବାର ବର୍ତ୍ତମାନ ସୁଦ୍ଧା ପୋଲିସର ତଦନ୍ତ ଜାରି ରହିଛି।

# ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ପଂଚାୟତ ସମିତି ସଭାଗୃହ ଠାରେ ବ୍ଲକ ଅଧକ୍ଷା ନିଁଳେନ୍ଦ୍ରି ନାୟକଙ୍କ ଅଧକ୍ଷତାରେ ପଂଚାୟତ ସମିତି ବୈଠକ ହୋଇଯାଇଛି। ଏହା ସହିତ ବିକଶିତ ଗାଁ' ବିକଶିତ ଓଡିଶାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଡିଓ ମନୋଜ କୁମାର ପାଣିଗ୍ରାହୀ,ଏବିଡିଓ କୃପାସିନ୍ଧୁ ନାୟକ,ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ଜୋନ ୧ ର ଜିଲ୍ଲା ପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜୁରୀ ବିଷୋୟୀ, ଜୋନ ୨ ର ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ବିଧାୟକ ପ୍ରତିନିଧି ହରେକୃଷ୍ଣ ମୁଦୁଲି, ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର ବୁଡେକ ମଞ୍ଚାସୀନ ରହିଥିଲେ। ପ୍ରଥମେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଧାକାନ୍ତ ରଣା ପୂର୍ବ ବୈଠକ ର ବିବରଣୀ ପାଠ କରିଥିଲେ। ଉକ୍ତ ସ୍ୱତନ୍ତ୍ର ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଖସଡ଼ା ପ୍ରସ୍ତୁତି ସମ୍ପର୍କେ ବିସ୍ତୃତ ଆଲୋଚନା ହୋଇଥିଲା। ୨୪-୨୫ ଆର୍ଥିକ ବର୍ଷ ପାଇଁ ସମସ୍ତ ପଂଚାୟତରୁ ଗ୍ରାମସଭା ଜରିଆରେ ଦିଆଯାଇଥିବା ପ୍ରକଳ୍ପ ବାଦ ପଡ଼ିଥିବା ଯୋଗୁଁ ଜନ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ତେବେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏକ୍ସନ ପ୍ଲାନରେ ଦେଇଥିବା ଅନେକ ପ୍ରକଳ୍ପ ସ୍ଥାନ ପାଇ ନ ଥିବା ବେଳେ ମଞ୍ଚା ଗାଁ ସମିତି ସଭ୍ୟା ପ୍ରଭାତୀ କନ୍ଧ ଓ ସରପଞ୍ଚ ଏବଂ ପାତ୍ରପୁଟ ସରପଞ୍ଚ ଦିଲ୍ଲୀପ ପ୍ରଧାନୀ ଏହି ପ୍ରସଙ୍ଗକୁ ନେଇ ପ୍ରକାଶ କରିଥିଲେ। ବ୍ଲକର ସମସ୍ତ ପଂଚାୟତରୁ ଏକ୍ସନ ପ୍ଲାନ ଆସିବା ପରେ ବିଧାୟକଙ୍କ ୪୦ ପ୍ରତିଶତ ରହିବା ନେଇଁ ଚିଠି ଆସିବା ଯୋଗୁଁ ଏଭଳି ସ୍ଥିତି ହୋଇଛି। ପଂଚାୟତ ଗୁଡ଼ିକରୁ ବାଦ ପଡ଼ିଥିବା କିଛି ପ୍ରକଳ୍ପ ଗୁଡିକୁ ୨୦୨୫-୨୬ ଆର୍ଥିକ ବର୍ଷରେ ଅନୁମୋଦନ କରି ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ବିଡିଓ ପାଣିଗ୍ରାହୀ ଜନ ପ୍ରତିନିଧିଙ୍କୁ ବୁଝେଇଥିଲେ। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷରେ କେଉଁସବୁ ପ୍ରକଳ୍ପ ହାତକୁ ନେଇଁ ବ୍ଲକ ଅଞ୍ଚଳର ଉନ୍ନତି ମୂଳକ କାର୍ଯ୍ୟ କୁ ତ୍ୱରାନ୍ୱିତ କରାଯାଇପାରିବ ସେନେଇ ବିଡିଓ ପାଣିଗ୍ରାହୀ ପ୍ରାଞ୍ଜଳ ଭାବରେ ସମସ୍ତଙ୍କୁ ବୁଝେଇଥିଲେ। ପ୍ରତ୍ୟେକ ପଂଚାୟତରେ ଖେଳପଡ଼ିଆ, ଉଦ୍ୟାନ, ଅମୃତସରବର, ଭାଗବତ ଟୁଙ୍ଗି ତଥା ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇଁ ଆଲୋଚନା ହୋଇଥିଲା। ପଂଚାୟତ ସମିତିର ବିକଶିତ ଗାଁ ବିକଶିତ ଓଡିଶା ସ୍ୱତନ୍ତ୍ର ବୈଠକରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝି, ସିଡିପିଓ ବିନିତା ଜେଠି, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାଜେଶ କୁମାର ସୋରେନ, ଯନ୍ତ୍ରୀ କ୍ରାନ୍ତି କୁମାର ପଟ୍ଟନାୟକ, ଯନ୍ତ୍ରୀ ଉମାକାନ୍ତ ସାହାଣୀ, ବ୍ଲକ କୃଷି ଅଧିକାରୀ ବରୁଣ କୁମାର ଧାନଫୁଲ ସମସ୍ତ ଲାଇନ ଡିପାର୍ଟମେଣ୍ଟ ସମସ୍ତ ସରପଞ୍ଚ ସମିତି ସଭ୍ୟସଭ୍ୟା ପିଇଓ ଜିଆରଏସ ଉପସ୍ଥିତ ଥିଲେ।




ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ରଷିକୁଲ୍ୟା କଂସାରିଗଣ୍ଡରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ୭ଲକ୍ଷ ୫୦ହଜାର ଯାଆଁଳ ଛଡାଯାଇଛି। ରଷିକୁଲ୍ୟା ନଦୀରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ପାଇଁ ଛତ୍ରପୁର ବ୍ଲକ ମୁନସୀପେଣ୍ଠ ନିକଟ କଂସାରିଗଣ୍ଡ ଠାରେ ଏହି ମାଛ ଯାଆଁଳ ଛଡାଯାଇଛି। ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ ମତ୍ସ୍ୟ ସମ୍ପଦର ବିକାଶ ପାଇଁ ସରକାର ପ୍ରଥମଥର ଲାଗି ଏଭଳି ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଏଣୁ ଏହାର ସୁରକ୍ଷା ଦିଗରେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିବା ସହ ରଷିକୂଲ୍ୟା ନଦୀରେ ପ୍ରାୟ ୭ଲକ୍ଷ ୫୦ହଜାର ମାଛ ଯାଆଁଳ ଛାଡିଥିଲେ। ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତିସଭ୍ୟ ଶମ୍ଭୁନାଥ ସ୍ୱାଇଁ, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ, ଛତ୍ରପୁର ଅତିରିକ୍ତ ମତ୍ସ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇ କଂସାରୀଗଣ୍ଡରେ ମାଛ ଛାଡିବା ଦ୍ୱାରା ମତ୍ସ୍ୟ ସମ୍ପଦର ବିକାଶ ହେବା ସହ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇପାରିବ। ସରକାର ଏହିଭଳି ଏକ ପଦକ୍ଷେପ ନେଇଥିବାରୁ ସମସ୍ତେ ପ୍ରଶଂସା କରିଥିଲେ। ପରେ ସମସ୍ତେ କଂସାରୀଗଣ୍ଡ ନଦୀରେ ଜାଆଁଳ ଛାଡିଥିଲେ। ରୋହି, ଭାକୁର, କାର୍ପିଲିସ, ମିରକାଲି, ଗ୍ଲାସକାର୍ପ ଓ କଂଳାଚି ଆଦି ବିଭିନ୍ନ ପ୍ରଜାତିର ମାଛ ଯାଆଁଳ ଛଡାଯାଇଛି। ଦିନକୁଦିନ ରଷିକୁଲ୍ୟା ନଦୀରେ ମାଛ ଉତ୍ପାଦନ ହ୍ରାସ ପାଉଥିବା ବେଳେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ମତ୍ସ୍ୟ ଉତ୍ପାଦନ ପାଇଁ ଯାଆଁଳ ଛଡାଯାଇଛି।



# ଦୁଇବର୍ଷର ଶିଶୁପୁତ୍ର ପାଣି ଡବାରେ ପଡ଼ି ମୃତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଦୁଇ ବର୍ଷ ଶିଶୁପୁତ୍ରର ପାଣି ଡବାରେ ପଡି ମୃତ୍ୟୁ ଘଟିଛି। ମୃତ୍ୟୁ ଶିଶୁପୁତ୍ର ଜଣଙ୍କ ହେଲେ ମହେଶ ମାଢି (୨)। ଏହିପରି ଅଭାବନିୟ ଘଟଣା ଦେଖିବାକୁ ମିଳିଛି କାଲିମେଳା ଥାନା ଉଣ୍ଡୁରୁକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ କେରିଆ ଗୁଡା ଗ୍ରାମରେ। ଘଟଣାରୁ ଜଣାଯାଇଛି ଗ୍ରାମର ଉଙ୍ଗା ମାଢି ସୋମବାର ସଖାଳେ କାଠ ଆଣିବା ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ତାଙ୍କ ପତ୍ନୀ ଦୁଲେ ମାଢି ଶୌଚ ପାଇଁ ବାହାରକୁ ଯାଇଥିଲେ। ସେହି ସମୟରେ ପୁତ୍ରଟି ଘର ନିକଟରେ ଖେଳୁଥିଲା। ଖେଳୁଖେଳୁ ଘର ନିକଟରେ ବାସନମାଜିବା ପାଇଁ ରଖାଯାଇଥିବା ଏକ ପ୍ଲାଷ୍ଟିକ ଡବାରେ ପଡି ଯାଇଥିଲା। ଅଧା ପାଣି ଥିବାରୁ ଶିଶୁପୁତ୍ରଟିର ମୁଣ୍ଡ ବୁଡି ଯାଇଥିଲା ଆଉ ବାହାରି ପାରି ନଥିଲା। ମା' ଆସି ଦେଖିଲା ବେଳକୁ ଶିଶୁପୁତ୍ରଟି ଡବାରେ ଅଧା ଫସିରହିଛି। ଚିତ୍କାରକରି ପୁତ୍ରକୁ ଉଠାଇଥିଲେ, କିନ୍ତୁ ସେତେବେଳକୁ ପୁତ୍ରର ମୃତ୍ୟୁ ହୋଇସାରିଥିଲା। ସନ୍ତାନଟିର ଏପରି ମୃତ୍ୟୁକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶିଶୁପୁତ୍ରଟିର ଶବ ବ୍ୟବଚ୍ଛେଦ ପାଇଁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଶିଶୁପୁତ୍ରଟିର ଏପରି ମୃତ୍ୟୁରେ ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗିପଡିଛନ୍ତି। ପରିବାରକୁ ସରକାରୀ ସହାୟତା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି। ଏହାର ଅଧିକ ତଦନ୍ତ ଏଏସଆଇ ଆରତୀ ନାୟକ କରୁଥିବା କାଲିମେଳା ଥାନା ଅଧିକାରୀ ଚନ୍ଦ୍ର କାନ୍ତ ତାଣ୍ଡି ସୂଚନା ଦେଇଛନ୍ତି।

# କେନ୍ଦ୍ରାପଡା ସଦରମହକୁମାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ସଦର ମହକୁମାରେ ସୋମବାର ଜିଲ୍ଲା ସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ପୂର୍ବାହ୍ଣ ୭ ଟାରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ପୌରସଂସ୍ଥା ଟାଉନହଲ୍‌ରେ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ, କେନ୍ଦ୍ରାପଡା ଏସଡିପିଓ, ସହକାରୀ ଜିଲ୍ଲାପାଳ, କେନ୍ଦ୍ରାପଡା ପୌରପରିଷଦର ନିର୍ବାହୀ ଅଧିକାରୀ, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଆଜି ମୋଟ୍ ୧୬୬ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୧୫ଟି ସାମୁହିକ ଏବଂ ୧୫୧ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୨୯ ହଜାର ଟଙ୍କା ୯ ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଭାରପ୍ରାପ୍ତ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ଯୋଗାଣ, ନୂତନ ରାସନ୍‌କାର୍ଡ଼ ପ୍ରଦାନ, ଅନ୍ତୋଦୟ ଯୋଜନାରେ ନାମ ସାମିଲ କରିବା, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ଜମି ସମସ୍ୟା ଓ ପୋଲିସ ସମସ୍ୟା ଭଳି ଦରଖାସ୍ତଗୁଡିକ ମୁଖ୍ୟ ସ୍ଥାନରେ ଥିଲା। ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ଫ୍ଲାଏ ଓଭର ନିର୍ମାଣ, ବିଦ୍ୟୁତ ଯୋଗାଣ, ରାସ୍ତା ନିର୍ମାଣ, ରାସ୍ତା ପ୍ରଶସ୍ତିକରଣ, ପାନୀୟ ଜଳ ଯୋଗାଣ, ବେଆଇନ ଭାବେ ଅଧିକୃତ ସରକାରୀ ଜମି ଉଚ୍ଛେଦ ଆଦି ଅଭିଯୋଗ ଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା।

# ଜନ୍ମ ଦିନରେ ବୃକ୍ଷ ରୋପଣ



କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): ସାଇଲୋ ବଡ଼ବିଲ ସ୍ଥିତ ଗୋପବନ୍ଧୁ ବିଦ୍ୟାମନ୍ଦିରର ପୁରାତନ ଛାତ୍ର ସଂସଦ ତରଫରୁ ଚଳିତବର୍ଷ ପାଇଁ ଜନ୍ମଦିନ ପାଇଁ ଗଛଟିଏ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ସେଭେନ ଷ୍ଟାର ଚାରିଟେବଲ ଟ୍ରଷ୍ଟର ଉପସଭାପତି ତଥା ପ୍ରାକ୍ତନ ଛାତ୍ର ଅବନୀ ବେହେରାଙ୍କ ଜନ୍ମଦିନରେ ଏକ ଅର୍ଜୁନ ବୃକ୍ଷ ରୋପଣ କରାଯାଇଛି। ପୁରାତନ ଛାତ୍ର କଣ୍ଟାପଡା ସରପଞ୍ଚ ସଂଘର ସଭାପତି ତଥା ବ୍ରାହ୍ମଣବାଟି ସରପଞ୍ଚ ସଞ୍ଜୟ କୁମାର ରାଉତରାୟଙ୍କ ନେତୃତ୍ୱରେ ସୁକାନ୍ତ ବେହେରା, ଅନିରୁଦ୍ଧ ଭୋଇ, ପ୍ରଶାନ୍ତ ବେହେରା, କମଳାକାନ୍ତ ମଲ୍ଲିକ, ସୁକାନ୍ତ ଭୋଇ, କାର୍ତ୍ତିକ ପାତ୍ର, ବିକାଶ ଭୋଇ,କେଶବ ରଣା, ବିଜୟୀ ରାଉତରାୟ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ବର୍ଷ ତମାମ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଛାତ୍ର ସଂସଦ ତରଫରୁ ସୂଚନା ଦିଆଯାଇଛି।

# ନୂତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଯୋଗଦାନ

କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ାରେ ନୂତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଫକିର ମୋହନ ମାଝି ସୋମବାର ପୂର୍ବାହ୍ନରେ ଯୋଗଦେଇଛନ୍ତି। ସେ ଏହା ପୂର୍ବରୁ ଭଞ୍ଜନଗର ଓ ରେଢାଖୋଲରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଏବଂ ସମ୍ବଲପୁରରେ ଦୀର୍ଘ ୩ ବର୍ଷ ଧରି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରି ପ୍ରଶଂସିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଜନମଙ୍ଗଳକାରୀ କାର୍ଯ୍ୟକ୍ରମ ଗୁଡିକ ତୃଣମୂଳସ୍ତରେ ସମ୍ବାଦ ପତ୍ର ମାଧ୍ୟମରେ କିପରି ପହଞ୍ଚି ପାରିବ ସେଥିନିମନ୍ତେ ପ୍ରଚେଷ୍ଟା କରିବା ସହ ସାମ୍ବାଦିକ ବନ୍ଧୁମାନଙ୍କ ଏ ଦିଗରେ ସାହାଯ୍ୟ କାମନା କରିଛନ୍ତି ମାଝି।

# ବିଜେଡି କର୍ମକର୍ତ୍ତାଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଲେ ସରକାରୀ ଚିକିତ୍ସାଳୟ ଠିକା କର୍ମଚାରୀ ସଂଘ

ତାଳଚେର, (ଭାସ୍କର ନ୍ୟୁଜ୍): ରଜ୍ୟରେ ସରକାର ବଦଳିଛି ହେଲେ ବଦଳିନି ବିଜେଡିର କର୍ମକର୍ତ୍ତାଙ୍କ ଦୁର୍ନୀତି ମନଭାବ ଏହି ଭଳି ସଙ୍ଗୀନ ଅଭିଯୋଗ ଆଣି ପବିତ୍ର ମୋହନ ପ୍ରଧାନ ସରକାରୀ ଚିକିତ୍ସାଳୟ ଠିକା କର୍ମଚାରୀ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ସଂଘର ସଭାପତି ସ୍ୱାଧୀନ ଥମ୍ବ କହିଛନ୍ତି ଯେ ଚାକେରି ନବୀକରଣ ନାମରେ ନିରିହଙ୍କୁ ଲୁଟୁଛନ୍ତି ବିଜେଡିର ତଥାକଥିତ କାମ୍ୟକର୍ତ୍ତା। ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ସଂଘ ପକ୍ଷରୁ କୁହାଯାଇଛି ଯେ ତାଳଚେର ରେ ପ୍ରତିଷ୍ଠା ହେବାକୁ ଥିବା ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ, ଯାହାକି ଏବେ ଏମସିଏଲ ନେହେରୁ ଶତାବ୍ଦୀ ହସ୍ପିଟାଲ ରେ ସାମୟିକ ଭାବେ ଚାଲୁରହିଛି। ଏହି ହସ୍ପିଟାଲକୁ ପରିଚାଳନା ନିମନ୍ତେ ଏମସିଏଲ ପକ୍ଷରୁ ଆଟେଣ୍ଡାଣ୍ଟ ଓ ଅନ୍ୟାନ୍ୟ ପଦବୀ ପାଇଁ ଟେଣ୍ଡର ମାଧ୍ୟମରେ ନିଯୁକ୍ତ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସେତେବେଳେ ଉର୍ମିଳା ଏଜେନ୍ସି ଖ୧ ହୋଇ ଟେଣ୍ଡର ପାଇଥିଲା ଏବଂ ସେତେବେଳେ ଉର୍ମିଳା ଏଜେନ୍ସୀ ଜରିଆରେ ପାଖାପାଖି ୫୦୦ ପିଲାଙ୍କୁ ତଥାକଥିତ ବିଜେଡି ନେତା ମନୋଜ ସାହୁ ଓ ଆଉ କିଛି ବିଜେଡି ଦଳୀୟ ପଦ ପଦବୀ ଧାରି ନେତାଙ୍କ ଜରିଆରେ ଏଜେନ୍ସି ଅର୍ଥର ହେରଫେର ହୋଇ ନିଯୁକ୍ତି ପ୍ରଦାନ କରାଯାଇଥିଲା ବୋଲି ସଂଘାତିକ ଭାବରେ ଅଭିଯୋଗ ହେଉଛି। ତେବେ ଏହି ଟେଣ୍ଡରର ଅବଧି ୨୦୨୩ ମସିହା ଠାରୁ ଆରମ୍ଭ ହୋଇ ୨୦୨୫ପର୍ଯ୍ୟନ୍ତ ଥିବାରୁ ତାର ଅବଧି ଶେଷ ହୋଇଯାଇଛି। ପୁନର୍ବାର ଏମସିଏଲ୍ ନୂତନ ଟେଣ୍ଡର ଆହ୍ୱାନ କଲେ ଏବଂ ଏବେ ଉର୍ମିଳା ଏଜେନ୍ସି ବଦଳରେ କମାଣ୍ଡ ସିକୁରିଟି ଏଜେନ୍ସି ଖ୧ ହୋଇ କାର୍ଯ୍ୟାଦେଶ ପାଇଥିବା ଜଣା ପଡ଼ିଛି। ଚଳିତ ମାସ ଠାରୁ ସେ ନୂଆ ଏଜେନ୍ସି ଦାୟିତ୍ୱ ନେଇ ହସ୍ପିଟାଲରେ ସେହି କାର୍ଯ୍ୟରତ ପିଲାଙ୍କୁ ନିଯୁକ୍ତି ଦେବାକଥା। କିନ୍ତୁ କମାଣ୍ଡ ସିକ୍ୟୁରିଟି ଏଜେନସି କମ୍ପାନୀ ଓ ପୁଣି ସେହି ବିଜେଡି ନେତା ଓ କିଛି ବିଜେଡି ଦଳ କାର୍ଯ୍ୟକର୍ତ୍ତାଙ୍କୁ ଧରି ଏକ ରାକେଟ କାମ କଲା ପରି ସେଠାରେ କାର୍ଯ୍ୟ ରତ ଥିବା ଷ୍ଟାଫନର୍ସ, ୱାର୍ଡ ଆଟେଣ୍ଡାନ୍ସ, ଟେକ୍ନିସିଆନ୍ ଓ ଅନ୍ୟାନ୍ୟ ପଦବୀ ପାଇଁ ପ୍ରତ୍ୟେକ ପିଲାଙ୍କ ଠାରୁ ୩୫୦୦୦ଟଙ୍କା ଠାରୁ ଆରମ୍ଭ କରି ଏକଲକ୍ଷ ପର୍ଯ୍ୟନ୍ତ ଟଙ୍କା ନଦେଲେ ପୁନଃ ନିଯୁକ୍ତି ମିଳିବ ନାହିଁ ବୋଲି କହି କାର୍ଯ୍ୟରତ ନିରିହ କର୍ମଚାରୀଙ୍କ ଠାରୁ ଲୁଟିବା ଭଳି ହିନ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି ବୋଲି ସଂଘର ସଭାପତି ଦୃଢତାର ସହ ପ୍ରକାଶ କରିଛନ୍ତି। ଏହି ଟଙ୍କା ନେଣଦେଣର ବାର୍ତ୍ତାଳାପ ଅଡ଼ିଓ ମଧ୍ୟ ଶୁଣାଇଥିଲେ ଏବଂ ଏଥି ସହିତ ଏକ ସରକାରୀ ଲାଇବ୍ରେରୀକୁ ଜବରଦଖଲରେ କବଜା କରି ସେଇଠି ଏହି କାରବାର ହେଉଛି ଯାହା ପୂର୍ବରୁ ଏହି ଜବରଦଖଲ ଉଚ୍ଛେଦ କରିବା ପାଇଁ ଉପ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିବା ସେ ପ୍ରକାଶ କରିଥିଲେ। ଏହାସହ ଏହି ବଡ଼ ସ୍କାମ ବିଷୟରେ ଜିଲ୍ଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରାଯାଇଥିବା ସୂଚନା ଦେଉଥିଲେ। କାର୍ଯ୍ୟରତ ନିରୀହ କର୍ମଚାରୀଙ୍କୁ ଏହି ତଥାକଥିତ ନେତା ଓ କର୍ମକର୍ତ୍ତାମାନେ ହସ୍ପିଟାଲ ପରିସରରେ ମାଡ଼ପିଟ ଧମକଚମକ ଦେବାଭଳି ଘଟଣାଘଟୁଥିବାରୁ କର୍ମଚାରୀ ମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ତେଣୁ ଏହି ଦୁର୍ନିତିଖୋର୍ ମାଫିଆଙ୍କ ଠାରୁ କିପରି ସୁରକ୍ଷିତ ରହିବେ ସେଥିପାଇଁ ସଂଘ ପକ୍ଷରୁ ସଂଘର ସଭାପତି ଥମ୍ବ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପୋଲିସ ଡିଜି, ଅନୁଗୁଳ ଜିଲ୍ଲାପାଳ ଏସପି ଅନୁଗୁଳ ଓ ଉପଜିଲ୍ଲାପାଳ ତାଳଚେରଙ୍କୁ ଦାବୀପତ୍ର ଦେଇ ଏଯେନ୍ସି ଓ ବିଜେଡି କର୍ମକର୍ତ୍ତା ଦ୍ୱାରା ସୋଷିତ ହେଉଥିବା ନିରୀହ କର୍ମଚାରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ ନିମନ୍ତେ ଦାବୀ କରାଯାଇଛି। ଏଥିରେ ଜଡିତ ଥିବା ସମସ୍ତ ଦୁର୍ନିତିଖୋର କର୍ମୀ ଓ ବ୍ୟକ୍ତିଙ୍କୁ ଉଚିତ ଦଣ୍ଡ ଦେବାପାଇଁ ସଂଘ ପକ୍ଷରୁ ଦାବୀ କରିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

# ଶହୀଦ କଙ୍କା ମାଝୀ କାଳିଆ ମହାନ୍ତଙ୍କର ସ୍ମୃତି ସଭା ଅନୁଷ୍ଠିତ



ବେତନଟୀ, (ଭାସ୍କର ନ୍ୟୁଜ): ସ୍ୱାଧୀନତା ସଂଗ୍ରାମୀ ସହୀଦ କଙ୍କା ମାଝୀ କାଳିଆ ମହାନ୍ତଙ୍କର୧୦୯ତମ ବଳିଦାନ ଦିବସ ବେତନଟୀ ଗ୍ରାମ ପଞ୍ଚାୟତର ସରପଞ୍ଚ ପାନମଣି ମୁର୍ମୁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଶିକ୍ଷବିତ ବିଶିଷ୍ଟ ଐତିହାସିକ ଡ. ଶ୍ୟାମସୁନ୍ଦର ଦାସ, ସମ୍ମାନିତ ଅତିଥି ଭାବରେ ଇକୋ ଫ୍ରେଣ୍ଡ ଉମାକାନ୍ତ ମହାନ୍ତ, ବାଳକୃଷ୍ଣ ଟୁଡୁ, ରେବତୀ ମହାନ୍ତ, ମୁଖ୍ୟବକ୍ତା ଭାବରେ ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ପରିଷଦ 'କବି ସଙ୍ଗମ'ର ସଭାପତି କବି ବାସୁଦେବ ନାପିତ, ସମ୍ମାନିତ ବକ୍ତା ଭାବରେ ସାମ୍ବାଦିକ ଗତିକୃଷ୍ଣ ମହାନ୍ତ, ଭକ୍ତହରି ମୁର୍ମୁ, ଦୁର୍ଯୋଧନ ସିଂ ଯୋଗଦାନ କରି ସ୍ୱାଧୀନତା ସଂଗ୍ରାମୀ ଶହୀଦ କଙ୍କା ମାଝୀ, କାଳିଆ ମହାନ୍ତ, ନୟନ ସିଂ ମୁଣ୍ଡା, ରତ୍ନ କୁଲ କାମାରଙ୍କ ଆତ୍ମାର ଶାନ୍ତି ପାଇଁ ଧୂପ ଦୀପ ପ୍ରଜ୍ୱଳନ ଏବଂ ଶ୍ରଦ୍ଧା ସୁମନ ଅର୍ପଣ କରି ସ୍ମୃତି ଚାରଣ କରିଥିଲେ। ଅଧକ୍ଷୀୟ ବକ୍ତବ୍ୟ ପ୍ରଦାନ କରି ସରପଞ୍ଚ ପାନମଣି ମୁର୍ମୁ ବିଶିଷ୍ଟ ଐତିହାସିକ ଡ. ଶ୍ୟାମ ସୁନ୍ଦର ଦାସ 'ମୟୂରଭଞ୍ଜର ଅନାଲୋଚିତ ସ୍ୱାଧୀନତା ସଂଗ୍ରାମୀ' ପୁସ୍ତକରେ କଙ୍କାମାଝୀ କାଳିଆ ମହାନ୍ତ, ରତ୍ନ କୁଲ କାମାର ଏବଂ ନୟନ ସିଂ ମୁଣ୍ଡା ବିଷୟରେ ବିଶଦ ଭାବରେ ସ୍ଥାନ ଦେଇଥିବାରୁ କୃତଜ୍ଞତା ପ୍ରଦାନ କରିଥିଲେ। ସଭା କାର୍ଯ୍ୟକ୍ରମକୁ ସଂଯୋଜନା ଏବଂ ପରିଚାଳନା କରିଥିଲେ ଡ. ରମାକାନ୍ତ ମହାନ୍ତ, ଧନ୍ୟବାଦ ପ୍ରଦାନ କରିଥିଲେ କୃପାସିନ୍ଧୁ ମହାନ୍ତ।

# ବ୍ଲକ ସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀଙ୍କ ସଭାପତିତ୍ୱରେ ଓ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଓ ସରପଞ୍ଚ ତଥା ଖୋର୍ଦ୍ଧା ଜିଲ୍ଲା ଉପସଭାପତି ପ୍ରଫୁଲ ପ୍ରଧାନ ପ୍ରମୁଖଙ୍କ ମିଳିତ ଆବାହକତ୍ୱରେ ବ୍ଲକ ସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ବାଙ୍କୋଇ ସ୍ଥିତ ପ୍ରସିଦ୍ଧ ଶୈବପିଠ ଶ୍ରୀ ଶ୍ରୀ ଶ୍ରୀ ତାରିକେଶ୍ୱର ଦେବଙ୍କ ମନ୍ଦିର ପରିସରରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଅଛି। ଏହି ବ୍ଲକ ସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଜେଡି ବିଧାୟକ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ପ୍ରଦୀପ୍ତ କୁମାର ଛୋଟରାୟ, ପ୍ରତିନିଧି ଶୁଭେନ୍ଦୁ କୁମାର ସାହୁ, ମହିଳା ବିଜେଡି ସଭାନେତ୍ରୀ ପ୍ରଭାତୀ ରାଉତରାୟ, ବିଜେଡି ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୋଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ବିଜେଡି କର୍ମୀ ସମ୍ମିଳନୀରେ ବୋଲଗଡ ବ୍ଲକର ୧୯ ଟି ଗ୍ରାମପଞ୍ଚାୟତର ସମସ୍ତ ନବ ନିର୍ବାଚିତ ବିଜେଡି ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ,ପୂର୍ବତନ ବିଜେଡି ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ଗ୍ରାମପଞ୍ଚାୟତ ବିଜେଡି ସଭାପତି ଓଶତାଧିକ ବିଜେଡି କର୍ମୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଜେଡି ଦଳର ନେତା ଓ କର୍ମୀମାନଙ୍କ ମଧ୍ୟରେ ବହୁଦିନ ଧରି ଲାଗିରହିଥିବା ଅସନ୍ତୋଷକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇଥିଲା। ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ନୂତନଭାବେ ବିଜେଡି କର୍ମକର୍ତ୍ତା ଗଠନ କରାଯାଇ ସବୁ ସମସ୍ୟା ସମାଧାନ କରି ପ୍ରତ୍ୟେକ ଜନକଲ୍ୟାଣ କାର୍ଯ୍ୟକ୍ରମ କରାଯିବ ବୋଲି ମୁଖ୍ୟଅତିଥି ବିଧାୟକ ପ୍ରଦୀପ କୁମାର ସାହୁ ବିଜେଡି କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ବହୁ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ପୂର୍ବତନ ସରପଞ୍ଚ ଓ ବରିଷ୍ଠ କର୍ମୀମାନେ ମାନଅଭିମାନ ରାଗରୁଷା ତଥା ଅସନ୍ତୋଷକୁ ଭୁଲିଯାଇ ଏକତା ରକ୍ଷା କରି ମିଳିତଭାବେ ବିଧାୟକ ପ୍ରଦୀପ ସାହୁଙ୍କ ହାତ ମୁଠାକୁ ଟାଣକରି ବିଜେଡି ଦଳର ସଂଗଠନକୁ ମଜବୁତ କରିବା ପାଇଁ ଅନୁରୋଧ କରିଥିଲେ। ଆଗାମୀ ୭ତାରିଖ ଦିନ ବିଜେପି ଦଳ ତରଫରୁ ବେଗୁନିଆ ସ୍ଥିତ ମିନି ଷ୍ଟାଡିଅମ ଠାରେ ବିଜେପିର ମିଶ୍ରଣ ପର୍ବକୁ ସମସ୍ତ ବିଜେଡି କର୍ମୀମାନେ ସମର୍ଥନ ଜଣାଇ ଓ ବିଜେପି ଦଳରେ ଆସନ୍ତୁଷ୍ଟ ବିଜେଡି କର୍ମୀ ମାନେ ଯୋଗ ନଦେଇ ଏହାକୁ ଭଣ୍ଡୁର କରିବାପାଇଁ ବିଧାୟକ ସାହୁଙ୍କ ସମେତ ଉପସ୍ଥିତ ଥିବା ସମସ୍ତ ନିମନ୍ତିତ ଅତିଥିମାନେ ବିଜେଡି କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ବିଜେଡି ଦଳ ଓଡ଼ିଶା ରାଜ୍ୟରେ ଲୋକମାନଙ୍କ ପାଇଁ ଶୃଙ୍ଖଳାର ସହିତ କାର୍ଯ୍ୟ କରୁଥିବାରୁ ବୋଲଗଡ଼ ଓ ବେଗୁନିଆ ନିର୍ବାଚନ ମଣ୍ଡଳୀର ସମସ୍ତ ବିଜେଡି ନେତା ଓ କର୍ମୀମାନେ ଶୃଙ୍ଖଳାର ସହିତ ଲୋକମାନଙ୍କ ସାଥିରେ ରହି ଜଣକଲ୍ୟାଣ କାର୍ଯ୍ୟକ୍ରମ କରିବାକୁ ବିଧାୟକ ସାହୁ ପରାମର୍ଶ ଦେଇଥିଲେ। ପରିଶେଷରେ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଙ୍ଗନବାଡ଼ି କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଜଣେ ଅଙ୍ଗନୱାର୍ଡି କର୍ମୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିବା ଓ ତାଙ୍କ ଠାରୁ ସ୍ୱର୍ଣ୍ଣ ଅଳଙ୍କାର ଛଡାଇ ନେବା ଅଭିଯୋଗରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାଯାଇଛି। ବାଲିଆପଦା ଗ୍ରାମର ଗିରଧାରୀ ସାମଲ ପୂର୍ବ ଶତୃତାକୁ କେନ୍ଦ୍ର କରି ସ୍ଥାନୀୟ ଅଂଚଳରେ କାର୍ଯ୍ୟରତ ଜଣେ ଅଙ୍ଗନବାଡ଼ି କର୍ମୀଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିବାର ଅଭିଯୋଗ ହୋଇଥିଲା। ଏପରିକି ସମ୍ପୃକ୍ତ ଯୁବକ ଜଣକ ଅଙ୍ଗନବାଡ଼ିକର୍ମୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିବାକୁ ପଛାଇନଥିଲେ। ସମ୍ପୃକ୍ତ ଯୁବକଜଣକ ତାଙ୍କର ସରକାରୀ କାଗଜପତ୍ର ଓ ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଥିବାର ଥାନାରେ ଅଙ୍ଗନୱାର୍ଡି କର୍ମୀ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ନିଶ୍ଚିନ୍ତକୋଇଲି ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ପୋଲିସ ସୂତ୍ରରୁ ପ୍ରକାଶ।


# ଜଳ ନିଷ୍କାସନ ନିମନ୍ତେ ନିର୍ମାଣ ହେଉଛି ଡ୍ରେନ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ବାହାରଣା ପଂଚାୟତ ଅଠାନ୍ତର ଗ୍ରାମର ଜଳ ନିଷ୍କାସନ ନିମନ୍ତେ ଗ୍ରାମ ରାସ୍ତା ପାର୍ଶ୍ୱରେ ନିର୍ମାଣ ହେଉଛି ଡ୍ରେନ। ୫ଲକ୍ଷ ୯୦ହଜାର ଟଙ୍କା ବ୍ୟୟ ବରାଦ କରାଯାଇ ଏହି ଡ୍ରେନ କାମ ନିର୍ମାଣ କରାଯାଉଛି। ଏହି କାମରେ ଢଳେଇ ପଡୁଥିବା ସ୍ଥଳେ ବାଲି ଦିଆଯାଉନଥିବା ଅଭିଯୋଗ ହୋଇଛି। କାମ ସମୟରେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବା ଯୋଗୁଁ କାମ କରୁଥିବା ଠିକାଦାର ମାନେ ନିଜ ମନମର୍ଜିରେ କାମ କରୁଥିବା ଅଭିଯୋଗ ହେଉଛି। ପଂଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ପ୍ରୀତି ସାମଲଙ୍କ ମୋବାଇଲ ସୁଇଚ ଅଫ ଥିବାରୁ ତାଙ୍କ ପ୍ରତିକ୍ରିୟା ନିଆଯାଇ ପାରିନାହିଁ।

# ପଟିଆ-ମାଳ ପଞ୍ଚାୟତର କୁଶପଲ୍ଲୀ ଗାଁ'ରେ ଉତ୍ତେଜନା

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଚାନ୍ଦପୁର ଥାନା ଅଧିନସ୍ଥ ପଟିଆ-ମାଳ ପଞ୍ଚାୟତ ର କୁଶପଲ୍ଲୀ ଗାଁରେ ଦେଖା ଦେଇଛି ଉତ୍ତେଜନା ଓ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ଚାନ୍ଦପୁର ଥାନା ପକ୍ଷରୁ ପୋଲିସ ର ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। କୁଶପଲ୍ଲୀ ଗାଁରେ ଥିବା ଫାର୍ମ ହାଉସ କୁ ନେଇ ଦେଖା ଦେଇଛି ବିବାଦ। ଫାର୍ମ ହାଉସର କେତେକ କର୍ମଚାରୀଙ୍କୁ କୁଶପଲ୍ଲୀ ଗାଁ'ର କେତେକ ପୁରୁଷ-ମହିଳା ସଂଘବଦ୍ଧ ହୋଇ ଆକ୍ରମଣ କରିଥିଲେ ବୋଲି ଚାନ୍ଦପୁର ଥାନାରେ ଅଭିଯୋଗ ପରେ ଚାନ୍ଦପୁର ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ୩୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଯାହାକୁ ନେଇ ଗାଁରେ ଦେଖାଦେଇଛି ଚାପା ଉତ୍ତେଜନା। ପରିସ୍ଥିତି ଆଉଟ୍-ଅଫ୍-କଣ୍ଟ୍ରୋଲ ଥିବା ବିଶେଷ ସୂତ୍ରରୁ ଜଣାପଡିବା ପରେ ଶରଣକୂଳ ଏସ୍.ଡି.ପି.ଓ ଙ୍କ ନେତୃତ୍ୱରେ ଚାନ୍ଦପୁର-ରଣପୁର ଥାନା ପୋଲିସ ଏବଂ ସଶସ୍ତ୍ର ପୋଲିସ ବାହିନୀଙ୍କୁ ନେଇ କୁଶପଲ୍ଲୀ ଗାଁରେ ପୋଲିସ ତା'ର ଦମ୍ ଦେଖାଇଛି ବୋଲି ଚାନ୍ଦପୁର ଥାନା ନିରୀକ୍ଷକ ଦିଲ୍ଲୀପ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ଖୋଲାମେଲାରେ ପଡ଼ିରହିଛି ବିପଦ ସଙ୍କୁଳ ବିଦ୍ୟୁତ ଟ୍ରାନ୍ସଫର୍ମର



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଟାଟା ପାୱାର ଦବଙ୍ଗଗିରି ଦେଖାଇ ବିଦ୍ୟୁତ ଉପଭୋକ୍ତାଙ୍କ ଠାରୁ ଜୋର ଜୁଲମ କରି ବିଦ୍ୟୁତ ଦେୟ ଆଦାୟ କରୁଛି। ଏହି ସଂସ୍ଥା ଲୋକଙ୍କୁ ଉପଯୁକ୍ତ ବିଦ୍ୟୁତ ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଥିବାର ଅଭିଯୋଗ ହୋଇଛି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ କେଂଟାଲୋ ଗ୍ରାମପଂଚାୟତ ମଲ୍ଲୀପୁର ନିକଟରେ ବିପଦ ସଙ୍କୁଳ ଅବସ୍ଥାରେ ଖୋଲାମେଲାରେ ପଡିରହିଥିଲେ ମଧ୍ୟ ଏହାର ପ୍ରତିକାର ଦିଗରେ ବିଭାଗୀୟ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି। ଫଳରେ ଜନ ଅସନ୍ତୋଷ ଗଣ ଆନ୍ଦୋଳନର ରୂପ ନେବାକୁ ବସିଛି। ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଟାଟା ପାୱାର କନିଷ୍ଠ ଯନ୍ତ୍ରୀଙ୍କ ଅଧିନରେ କେଂଟାଲୋ ଗ୍ରାମ ପଂଚାୟତ ରହିଛି। ଏହି ଗ୍ରାମ ପଂଚାୟତର ରାଣୀପଡା-ଦିକ୍ଷିତପଡା ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱରେ ଥିବା ମଲ୍ଲୀପୁର ଗ୍ରାମରେ ବିପଦ ସଙ୍କୁଳ ଅବସ୍ଥାରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର କାର୍ଯ୍ୟ କରୁଛି। ଏହି ଟ୍ରାନ୍ସଫର୍ମରଟି ଖୋଲାମେଲାରେ ବିପଦ ସଙ୍କୁଳ ଅବସ୍ଥାରେ ପଡିରହିଥିବା କାରଣରୁ ବହୁ ସମୟରେ ଏହା ଗାଈଗୋରୁ ଛେଳିମେଣ୍ଢା ସର୍ବୋପରି ସାଧାରଣ ଲୋକଙ୍କ ନିମନ୍ତେ ମରଣଯନ୍ତାରେ ପରିଣତ ହୋଇଛି। ବିଦ୍ୟୁତ ଆଘାତରେ ଏଠାରେ ବାରମ୍ବାର ପଶୁପକ୍ଷୀ ସର୍ବୋପରି ଲୋକେ ଅକାଳରେ ମୃତ୍ୟୁ ମୁଖରେ ପଡୁଥିବାର ଅଭିଯୋଗ ହୋଇଛି। ତେବେ ଏହି ସ୍ଥାନରେ ସ୍ଥାନୀୟ ଗ୍ରାମ ଦେବତୀଙ୍କ ମନ୍ଦିର ରହିଥିଲା ବେଳେ ସମ୍ମୁଖରେ ମଲ୍ଲୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାର୍ଡି କେନ୍ଦ୍ର ରହିଛି। ଦୈନନ୍ଦିନ ଏହି ସ୍ଥାନଦେଇ ପ୍ରସିଦ୍ଧ ରଘୁନାଥ ଜୀୟୁ ମନ୍ଦିରକୁ ଦର୍ଶନ ନିମନ୍ତେ ଓଡିଶାର ବିଭିନ୍ନ ପୁରପଲ୍ଲୀରୁ ଶହ ଶହ ଶ୍ରଦ୍ଧାଳୁ ଭକ୍ତମାନେ ଯାଆସ କରିଥାନ୍ତି। ତେବେ ଏହା ଭବିଷ୍ୟତରେ ଏକ ଅଭାବନୀୟ ଘଟଣା ଘଟାଇବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏସମ୍ପର୍କରେ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି। ଟାଟା ପାୱାର ତରଫରୁ ତୁରନ୍ତ ଏହି ବିପଦ ସଙ୍କୁଳ ବିଦ୍ୟୁତ ଟ୍ରାନ୍ସଫର୍ମରଟିକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାନଗଲେ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# କୃତ୍ରିମ ବୁଦ୍ଧିମତାର ସଠିକ ଉପଯୋଗ ନେଇ ତାଲିମ ଓ ଆଲୋଚନାଚକ୍ର

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ 'ଶୈକ୍ଷିକ ଅଭିବୃଦ୍ଧି ନିମନ୍ତେ କୃତ୍ରିମ ବୁଦ୍ଧିମତାର ବ୍ୟବହାର' ଶୀର୍ଷକ ଏକ ତାଲିମ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓକେସିଏଲର ଗଞ୍ଜାମ ଜିଲ୍ଲା ମୁଖ୍ୟ ଏସ ରେଖା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଜୟ ତ୍ରିପାଠୀ ଉଦ୍‌ଘାଟକ ଭାବେ ଯୋଗ ଦେଇଥିବା ବେଳେ ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥଳ ମୁଖ୍ୟ ଅତିଥି ଭାବେ, ବରିଷ୍ଠ ପରିଚାଳକ ସୁଶାନ୍ତ ଜେ ଦାଶ, ଆଞ୍ଚଳିକ ପରିଚାଳିକା ଇପସିତା ମିଶ୍ର, ମହାବିଦ୍ୟାଳୟର ଗଣିତ ବିଭାଗର ଅଧ୍ୟାପକ ଡକ୍ଟର ଅଜିତ ସେଠୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଆଧୁନିକ ସମାଜରେ ଅତ୍ୟାଧୁନିକ ଶୈକ୍ଷିକ ପ୍ରଣାଳୀରେ ମନୁଷ୍ୟର ସୃଜନଶିଳତା ଯେପରି ନଷ୍ଟ ହୋଇ ନଯାଏ ସେଥିପ୍ରତି ଯତ୍ନଶୀଳ ହେବାକୁ ଉଦ୍‌ଘାଟକ ଡକ୍ଟର ଅଜୟ ତ୍ରିପାଠୀ ଚେତାଇ ଦେଇଥିବା ବେଳେ କୃତ୍ରିମ ବୁଦ୍ଧିମତାର ବିଭିନ୍ନ ସାଧନର ସଠିକ ବ୍ୟବହାର ଦ୍ୱାରା ସମସ୍ତ କ୍ଷେତ୍ରରେ ରୋଜଗାର ବହୁଗୁଣିତ ହେବ ବୋଲି ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ପୁଥଳ କହିଥିଲେ। ଓକେସିଏଲର ଗଜପତି ଜିଲ୍ଲାର ମୁଖ୍ୟ ଶ୍ରୀକାନ୍ତ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ସମସ୍ତ ଓକେସିଏଲର ଶିକ୍ଷାକେନ୍ଦ୍ରମାନଙ୍କ ନିର୍ଦ୍ଦେଶକ ଓ ଶିକ୍ଷାବିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍ ୨୦୨୫ ଅନୁଷ୍ଠିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ଭାବେ ଚୟନିତ ହେଇଥିଲା। ପରୀକ୍ଷା କେନ୍ଦ୍ରର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ ଯେ ଏହିବର୍ଷ ନିଟ୍ ପରୀକ୍ଷା ଦାୟିତ୍ୱ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯାଇଥିଲା। ଜିଲ୍ଲାପାଳଙ୍କ ଦ୍ୱାରା ନିୟୋଜିତ ନୋଡାଲ ଅଫିସର ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଶାସନ ତରଫରୁ ଟୀକାନପୁଟ ତହସିଲଦାର ଏଗଜିକ୍ୟୁଟିଭ ମାଜିଷ୍ଟ୍ରେଟ ନିୟୋଜିତ ହୋଇଥିଲେ ଏବଂ ଅତିରିକ୍ତ ପୁଲିସ ଅଧକ୍ଷ ରଶ୍ମି ରଞ୍ଜନ ସେନାପତି, ପୁଲିସ ସୁରକ୍ଷା ବ୍ୟବସ୍ଥାର ସଂଚାଳନା କରିଥିଲେ। ଏନଟିଏ ତରଫରୁ କେନ୍ଦ୍ରୀୟ ବିଦ୍ୟାଳୟର ଅଧାକ୍ଷ ଡ. କୈଳାଶ ମୀନା ସିଟି କୋରଡିନେଟର ଏବଂ ଡ. ରଞ୍ଜନ କୁମାର ସ୍ୱାଇଁ, ଅବସର୍ଭର ନିୟୋଜିତ ହୋଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ରାମବୀର ସିଂ ସେଣ୍ଟର ସୁପାରିଟେଣ୍ଡେଣ୍ଟ ନିୟୋଜିତ ହୋଇଥିଲେ। ଏହି ପରୀକ୍ଷା କେନ୍ଦ୍ରରେ ୧୪ଟି ପ୍ରକୋଷ୍ଠରେ ୩୨୭ ଜଣଠୁ ୩୧୭ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ ଏବଂ ୧୦ଜଣ ଅନୁପସ୍ଥିତ ଥିଲେ। ୩୧୭ ବିଦ୍ୟାର୍ଥୀ ମଧ୍ୟରୁ ୪ ଜଣ ଓଡ଼ିଆ ଭାଷା ପରୀକ୍ଷା ଦେଇଥିଲେ। ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ପରୀକ୍ଷା କେନ୍ଦ୍ରରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା ଏବଂ କଡାକଡ଼ି ଯାଞ୍ଚ ପରେ ହିଁ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରୁଥିଲେ। ଖରାତାତିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଆମ୍ବୁଲାନ୍ସର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ପରୀକ୍ଷା ସରିଲା ପରେ ଭାରତୀୟ ଡାକସେବା ସହଯୋଗରେ ଏବଂ ପୁଲିସ ସୁରକ୍ଷା ସହ ଉତ୍ତରଖାତାଗୁଡିକ ସୁରକ୍ଷିତ ସ୍ଥାନକୁ ପଠାଯାଇଥିଲା।

# ବସ୍-ହାଇୱା ମୁହାଁମୁହିଁ ଧକ୍କା, ୨୦ ଆହତ, ୨ ଗୁରୁତର



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ ୫୩ ନଂ ରାଜ୍ୟ ରାଜପଥ ଘୋଡା ଘାଟି ଠାରେ ଓଆରଟିସି ବସ ସହିତ ଏକ ନୂଆ ହାଇୱା ମୁହାଁ ମୁହିଁ ଧକ୍କା ହେବାରୁ ୨ ଚାଳକ ଚାପି ହୋଇ ରହିଥିଲେ। ଓଆରଟିସି ବସଟି (ଓଡ଼ି ୧୧ଇର ୩୪୬୩) ଶାଳଚୁଆରୁ ଯାତ୍ରୀ ନେଇ ଠାକୁରମୁଣ୍ଡା ଅଭିମୁଖେ ଆସୁଥିଲା। ଟାଟାରୁ ହାଇୱାଟି ଠାକୁରମୁଣ୍ଡା ଦେଇ ବିଜୟୱାଡ଼ା ଯାଉଥିବା ବେଳେ ଭାରସାମ୍ୟ ହରାଇ ବସକୁ ଧକ୍କା ଦେଇଥିଲା।ବସରେ ଥିବା ୧୮ଜଣ ଯାତ୍ରୀ ଗୁରୁତର ଆହତ ହେବା ସହିତ ୨ ଡ୍ରାଇଭର ଚାପି ହୋଇ ରହିଥିଲେ। ଖବର ପାଇ ଠାକୁରମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ସମ୍ମିତ କୁମାର କର ଏବଂ ମହୁଲଡିହା ଥାନା ଅଧିକାରୀ ଅଶୋକ କୁମାର ପହି, ଏଏସଆଇ ସଂଜୟ ନାୟକ ଓ ପୋଲିସ ବାହିନୀ ସହ ଅଗ୍ନିଶମ ବିଭାଗ ଘଟଣାସ୍ଥଳ ରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଜେସିବି ଲଗାଇ ଚାପିହୋଇ ରହିଥିବା ୨ ଡ୍ରାଇଭର କ୍ଷେତ୍ର ମୋହନ ମହାନ୍ତ, ବିଶାଳ ନାଏକ ଓ ଗୁରୁତର ଆହତ ୧୮ ଜଣଙ୍କୁ ଥାନା ଗାଡି ଏବଂ ୩ ଟି ଆମ୍ବୁଲାନ୍ସ ଯୋଗେ ସାତକୋଶିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୁରୁତର ମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲା ଓଆରଟିସି ବସ୍ ଡ୍ରାଇଭର ଙ୍କର ଦୁଇଟି ଗୋଡ ଭାଙ୍ଗି ଜାଇଥିବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ମହୁଲଡିହାପୋଲିସ ମୋକଦ୍ଦମା ରୁଜୁ କରି ଅନୁସନ୍ଧାନ ଜାରି ରଖିଛି। ତେବେ ହାଇୱା ବସକୁ ଧକ୍କା ଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।



# ଆମ କଳାହାଣ୍ଡି





## ବ୍ୟାଡମିଣ୍ଟନ ସଂଘର ବାର୍ଷିକ ସାଧାରଣ ଅଧିବେଶନ ଓ କର୍ମକର୍ତ୍ତା ନିର୍ବାଚନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ବାର୍ଷିକ ସାଧାରଣ ଅଧିବେଶନ ଓ କର୍ମକର୍ତ୍ତା ନିର୍ବାଚନ ୪ ତାରିଖ ରବିବାର ଦିନ ସ୍ଥାନୀୟ ସ୍ୱାଗତ ଆଇଟିଆଇ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ବିଧିବଦ୍ଧ ଭାବରେ ମତଦାନ ଅଧିକାରୀ ଆଡ଼ଭୋକେଟ ସୁବ୍ରତ ବହିଦାରଙ୍କ ଦ୍ୱାରା ନବ ନିର୍ବାଚିତ କର୍ମକର୍ତ୍ତା ମାନଙ୍କ ନାମ ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଓଡିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘର ସମ୍ପାଦକ ନିଳିନ କୁମାର ଉପସ୍ଥିତ ଥିବା ବେଳେ ନିର୍ବାଚନୀ ବୈଠକରେ ପର୍ଯ୍ୟବେକ୍ଷକ ଭାବରେ କୋରାପୁଟ ବ୍ୟାଡ଼ମିଣ୍ଟନ ସଂଘର ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ, ନୂଆପଡା ବ୍ୟାଡ଼ମିଣ୍ଟନ ସଂଘର ସମ୍ପାଦକ ସୁଦୀପ୍ତ ବିଶୋଇ, କଳାହାଣ୍ଡି ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ପ୍ରତିନିଧି ଭାବେ ଅବିନାଶ ମୁଣ୍ଡ ମଞ୍ଚାସୀନ ଥିଲେ ଓ ସମସ୍ତ ଅତିଥି ମାନଙ୍କୁ ଫୁଲତୋଡ଼ା ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । ମତଦାନ ଅଧିକାରୀ ଶ୍ରୀ ବହିଦାରଙ୍କ ଦ୍ୱାରା ପ୍ରଦୀପ କୁମାର ଦାସ(ବାପି)ଙ୍କୁ ସଭାପତି, ସନ୍ଦୀପ କୁମାର ମିଶ୍ରଙ୍କୁ ସମ୍ପାଦକ, ସମୀର ସାହୁ ଓ ଅରୁଣ ରଥଙ୍କୁ ଉପସଭାପତି, କୋଷାଧ୍ୟକ୍ଷ ସରୋଜ ମହାରଣା, ସହ ସମ୍ପାଦକ ଭାବେ ସାଇ କୁମାର ସିଂ ସାମନ୍ତଙ୍କ ନାମ ଘୋଷଣା କରାଯାଇଥିଲା । ସେହିପରି କାର୍ଯ୍ୟକାରୀ ସମିତିର ସଦସ୍ୟ ଭାବରେ ରଂଜିତ କୁମାର ସାହୁ, ପରେଶ ପ୍ରଧାନ, ମାନସ ରଞ୍ଜନ ପ୍ରଧାନ, ସନ୍ଦୀପ ଦାସ, ଚତୁର୍ଭୁଜ ନାଏକ, ରବିନାରାୟଣ ସାହୁଙ୍କ ନାମ ମଧ ଘୋଷଣା କରାଯାଇଥିଲା ଓ ଏହାପରେ ମତଦାନ ଅଧିକାରୀଙ୍କ ଅନୁରୋଧ କ୍ରମେ ନବ ନିର୍ବାଚିତ ଜିଲ୍ଲା ସଭାପତି ପ୍ରଦୀପ କୁମାର ଦାସ ତାଙ୍କର ଅଭିଭାଷଣ ରଖିଥିଲେ । ଏବଂ ଆଗାମୀ ଦିନରେ ଆଉ ଅଧିକ କୃତୀ ଖେଳାଳୀ କେମିତି ରାଜ୍ୟ ଏବଂ ଜାତୀୟସ୍ତରରେ ଖେଳି ଜିଲ୍ଲା ପାଇଁ ଗୌରବ ଆଣିବେ ସେ ଦିଗରେ ସଂଘ ଯତ୍ନବାନ ହେବ ବୋଲି ବକ୍ତବ୍ୟ ରଖିଥିଲେ । ଏହାପରେ ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଓ ସମ୍ପାଦକ ସନ୍ଦୀପ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏବଂ ସରୋଜ ମହାରଣା ବାର୍ଷିକ ଆୟବ୍ୟୟର ତାଲିକା ପାଠ କରିଥିଲେ । ପରେ ପରେ ପ୍ରଥମ କାର୍ଯ୍ୟକାରୀ ବୈଠକରେ ରାଜ୍ୟ ସମ୍ପାଦକ ନିଳିନ କୁମାର ନବନିର୍ବାଚିତ ସମସ୍ତ ସଦସ୍ୟ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସଂଘର ସୁପରିଚାଳନା ପାଇଁ ପରାମର୍ଶ ଦେଇଥିଲେ । ବରିଷ୍ଠ ଉପସଭାପତି ସମୀର ସାହୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବରିଷ୍ଠ ସଦସ୍ୟ ମହେଶ କୁକ୍ରେଜଓଙ୍କୁ ପ୍ରତିଯୋଗିତା ଏବଂ ପ୍ରଶିକ୍ଷଣ ଦାୟିତ୍ୱର ମୁଖ୍ୟ ଏବଂ ମନୋରଞ୍ଜନ ଦାସଙ୍କୁ ବୈଷୟିକ ଅଧିକାରୀ ସମିତିର ମୁଖ୍ୟ ଭାବରେ ମନୋନୀତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ହେମନ୍ତ ମିଶ୍ର, ନାଗେଶ୍ୱର ପଟ୍ଟନାୟକ, ଅଶୋକ ପଣ୍ଡା, ସୁନିଲ ଅଗ୍ରୱାଲ, ଦୀପକ ସାଗର କୁମାର, ପାର୍ଥିବ ସାହୁ, ଅରୁଣ କୁମାର ସାହୁ, ନିହାର ଠାକୁର, ଅମିତ ଜୈନ, ସୁଶାନ୍ତ ପଟ୍ଟନାୟକ, ଆଶୁତୋଷ ମୁନି, ସୋହନ ଦତ୍ତ, ଶକ୍ତି ପ୍ରସାଦ ଯୋଶୀ, ଶିବା ଆଚାରୀ, ନୀଳକଣ୍ଠ ଗୌଡ଼ ଆଦି ସଦସ୍ୟମାନେ ଉପସ୍ଥିତ ଥିଲେ ।




## ଗୁଡହାଣ୍ଡି ଡୋକରୀ ଚଞ୍ଚରା ସୁରକ୍ଷା ମଞ୍ଚର ବୈଠକ



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ଟେମରା ବଜାର ପଡିଆଠାରେ ରବିବାର ଗୁଡହାଣ୍ଡି ଡୋକରୀ ଚଞ୍ଚରା ସୁରକ୍ଷା ମଞ୍ଚର ଆବାହକ ରାଜେନ୍ଦ୍ର ନାଏକଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ମହିମା ସମିତି ସଭ୍ୟ ଘନଶ୍ୟାମ ନାଏକ, ଅଶୋକ ଦାସ, ସୁଧୀର କୁମାର ପାତ୍ର, ଗୋବିନ୍ଦ ଚନ୍ଦ୍ର ପଟ୍ଟଯୋଶୀ, ଭଦ୍ରେଶ୍ୱର ପାତ୍ର, ମାନସ ରଞ୍ଜନ ବାଗ, ଶ୍ୟାମସୁନ୍ଦର ନାଏକ, ତ୍ରିଭୁବନ ନାଏକ, ନିମାଇଁ ଚରଣ ଧଙ୍ଗଡାମାଝୀ, ନୀଳାମ୍ବର ନାଏକ, ଡମ୍ବରୁଧର ଖର୍ସେଲ, ଧନଞ୍ଜୟ ବେହେରା, ମଧୁବନ ପାତ୍ର, ଜିତେନ୍ଦ୍ର ମାଝୀ, ଚୌବନ ରଣା, ମହିମା ସରପଞ୍ଚ ଈଶରାମ କୋଲଥିଆ ପ୍ରମୁଖ ଯୋଗ ଦେଇଥିଲେ । ଚଳିତବର୍ଷ ରାମ ନବମୀ ପୂର୍ବରୁ ଯେଉଁ ବିବାଦ ଦେଖାଯାଇଥିଲା ତାହା ନହେବା କଥା, ଏହି ପର୍ଯ୍ୟଟନସ୍ଥଳୀରେ ବାର ମାସରେ ତେର ପର୍ବ ପାଳନ ହୋଇଆସୁଛି । ତେଣୁ ସମସ୍ତ ପର୍ବପର୍ବାଣୀ ଶାନ୍ତି ଶୃଙ୍ଖଳା ସହିତ ପାଳିତ ହେଉ । ଏଭଳି ବାଦ ବିବାଦ ନ ହୋଇ ଆମେ ସମସ୍ତେ ମିଳିମିଶି ଡୋକରୀ ଚଞ୍ଚରାର ବିକାଶ ଦିଗରେ ଆଗେଇ ଆସିବା ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟପଟେ ବ୍ଲକର ବିଭିନ୍ନ ଅଞ୍ଚଳରୁ ବୈଠକକୁ ଆସିଥିବା ବରିଷ୍ଠ ନାଗରିକ ଓ ବିଭିନ୍ନ ବ୍ୟକ୍ତି ବିଶେଷ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରାର ପ୍ରଗତି ଓ ଉନ୍ନତି ଉପରେ ସୁଚିନ୍ତିତ ମତାମତ ରଖିବା ସହ ଏହି ପର୍ଯ୍ୟଟନସ୍ଥଳୀ କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ନୁହେଁ, ବରଂ ଏହା କୋକସରା ବ୍ଲକ, କଳାହାଣ୍ଡି ଜିଲ୍ଲା ସମେତ ସମଗ୍ର ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ଭାବେ ପରିଗଣିତ ହୋଇଛି । ତେଣୁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସିମିତ ରଖିବାର କଥା ନୁହେଁ । ଆଗମୀ ଦିନରେ ସମସ୍ତ ଅଞ୍ଚଳର ଲୋକଙ୍କୁ ନେଇ ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଗଠନ କରାଯାଉ । ଏଥିପ୍ରତି ପ୍ରଶାସନ ମଧ ସ୍ୱତନ୍ତ୍ର ଦୃଷ୍ଟି ଦେଉ ବୋଲି ବୈଠକରେ ମତ ପ୍ରକାଶ ପାଇଛି । ବିଭିନ୍ନ ଆଲୋଚନା ପରେ ଅବସରପ୍ରାପ୍ତ ଶିକ୍ଷକ ଅଶୋକ ଦାସଙ୍କ ପ୍ରସ୍ତାବ କ୍ରମେ ଗୁଡହାଣ୍ଡି ଡୋକରୀ ଚଞ୍ଚରା ସୁରକ୍ଷା ମଞ୍ଚର ସଭାପତି ଭାବେ ରାଜେନ୍ଦ୍ର ନାଏକଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା । ଏହି ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଲୋକେ ଯୋଗଦେଇ ଥିଲେ ।

## ଅଙ୍ଗନୱାଡି କେନ୍ଦ୍ରରେ ମଶାରୀ ବଣ୍ଟନ

ନର୍ଲା, (ଭାସ୍କର ନ୍ୟୁଜ୍ ) : ରାଜ୍ୟରେ ମ୍ୟାଲେରିଆ ମୁକ୍ତ ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକରେ ଲୋକଙ୍କୁ ମଶାରୀ ବଣ୍ଟନ କରୁଥିବା ବେଳେ ଆଜି ନର୍ଲା ବ୍ଲକ୍ ଅନ୍ତର୍ଗତ ଦେହେଲି ଅଙ୍ଗନୱାଡ଼ି କେନ୍ଦ୍ରରେ ମଧ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଦେହେଲି, ଡଙ୍ଗର ମାଲ୍, କେନ୍ଦୁ ପଡ଼ା, ଡଙ୍ଗରତଳ ପଡ଼ାର ହିତାଧିକାରୀ ମାନେ ଲାଇନରେ ରହି କ୍ରମ ଅନୁସାରେ ମଶାରୀ ଗ୍ରହଣ କରିଥିଲେ । ମଶାରୀ ଗ୍ରହଣ କରିବା ପାଇଁ ଆଶା କର୍ମୀ ମାନେ ପ୍ରତ୍ୟେକ ଘରକୁ ଯାଇ ପୂର୍ବରୁ ଚିରକୁଟି ବଣ୍ଟନ କରିଥିଲେ । ଉକ୍ତ ଚିରକୁଟି ଧରି ହିତାଧିକାରୀ ମାନେ ଅଙ୍ଗନୱାଡ଼ି କେନ୍ଦ୍ରକୁ ପହଞ୍ଚିଥିଲେ । ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଏଏନଏମ, ଆଶା କର୍ମୀ ଓ ଅଙ୍ଗନୱାଡି ଦିଦିଙ୍କ ମିଳିତ ଉଦ୍ୟମରେ ସୁରୁଖୁରୁରେ ଚାଲିଥିବା ଦେଖିବାକୁ ମିଳିଛି ।

## ନୂତନ ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧନା



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟିର ମଣ୍ଡଳ ସଭାପତି ନିଯୁକ୍ତି ଘୋଷଣା କିଛି ଦିନ ତଳେ କରାଯାଇଛି । ବିଭିନ୍ନ ସ୍ଥାନରେ ନୂତନ ସଭାପତି ମାନଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷିରେ ରଣମାଲ ମଣ୍ଡଳ ନୂତନ ସଭାପତିଙ୍କୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମ ସଭାରେ ମୁଖ୍ୟ ଅତିଥି ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗ ଦେଇ ନୂତନ ରଣମାଲ ମଣ୍ଡଳର ନୂତନ ସଭାପତି ଅର୍ଜୁନ ଛତ୍ରୀଆ ଓ ନୂତନ ମଣ୍ଡଳ ପ୍ରତିନିଧି ସୁଧାଂଶୁ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମଣ୍ଡଳ ପୂର୍ବରୁ ବାନେର ମଣ୍ଡଳ ହୋଇଥିବା ବେଳେ ବନେର, କୁଚାଗାଁ, ଭଇରିପାଲି, ଖାଲୁଅଭଟା, ଛିନ୍ନକାଗୁଡ଼ା ସହିତ ଜାଡିତ ଥିବା ବେଳେ ବର୍ତ୍ତମାନ ରଣମାଲ, ବଡ ଟେମରି, ଭେଜିଗୁଡା, ରଣମାଲକୁ ନେଇ ନୂତନ ମଣ୍ଡଳ ଗଠିତ ହୋଇଛି । ନୂତନ ମଣ୍ଡଳ ସଭାପତି ରୂପରେ ଅର୍ଜୁନ ଛତ୍ରୀଆଙ୍କୁ ଦଳ ନିଯୁକ୍ତି ଦେବା ପରେ କର୍ମୀଙ୍କ ଗହଣରେ ଉତ୍ସାହ ଦେଖାଦେଇଛି । ଦଳ ଯେତେବେଳେ ଯୋଉ ଦାୟିତ୍ୱ ଦେବ କର୍ମୀଙ୍କ ସହ ରହି ନିଷ୍ଠା ସହ କାମ କରିବି -ବିଶେଷ ଭାବେ ମଣ୍ଡଳୀର ଉନ୍ନତି ଓ ବିକାଶ ପାଇଁ ଚେଷ୍ଟିତ ପ୍ରୟାସ ଜାରି ରହିବା ସହ କେନ୍ଦ୍ର ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସାଧାରଣରୁ ସାଧାରଣ ଲୋକଙ୍କ ପାଖକୁ ଯେମିତି ପହଞ୍ଚିବ ପ୍ରୟାସ ଜାରି ରହିବ ବୋଲି ଛତରିଆ ପ୍ରକାଶ କରିଥିଲେ ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## କଳାହାଣ୍ଡି ଜିଲ୍ଲା କ୍ରିକେଟ ଆସୋସିଏସନ୍ ଦଳ ଚମ୍ପିୟାନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ସ୍ଥାନୀୟ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ଗତ ଏପ୍ରିଲ ୧୮ ତାରିଖ ଶୁକ୍ରବାର ଦିନ ଠାରୁ ଆରମ୍ଭ ହୋଇଥିବା ଓଡିଶା କ୍ରିକେଟ ଆସୋସିଏସନ୍ ପ୍ରାୟୋଜିତ ଜିଲ୍ଲାସ୍ତରୀୟ ଜୁନିୟର ଆନ୍ତଃ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୪ ମଇ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲାର ପ୍ରଥମ ରଣଜୀ ଟ୍ରଫି ଖେଳାଳୀ ଭାରତ ଭୂଷଣ ଦେଓ ଯୋଗଦେଇ ଚମ୍ପିୟାନ କଳାହାଣ୍ଡି ଜିଲ୍ଲା କ୍ରିକେଟ ଏସୋସିଏସନ୍ ଓ ରନର୍ସ ଅଫ୍ କ୍ଲବ୍ ମୋନାର୍କ ଦଳର ଖେଳାଳୀମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡିଶା କ୍ରିକେଟ ଏସୋସିଏସନ୍‌ର ଉପସଭାପତି ଜଗମୋହନ ପଟ୍ଟନାୟକ, ଜିଲ୍ଲା କ୍ରୀଡାସଂସ୍ଥାର ଉପସଭାପତି ରାମ କୁମାର ଜୈନ୍ ଓ ଅର୍ଜୁନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳି ପ୍ରସାଦ ପଟ୍ଟନାୟକ ଓ ଚକ୍ରଧର ସେଠୀ, କ୍ରିକେଟ ସମ୍ପାଦକ ସର୍ଦ୍ଦାର ସନ୍ତୁ ସିଂ, ଫୁଟବଲ ସମ୍ପାଦକ ମହମ୍ମଦ ଅବଦୁଲ କାଦର, କୋଷାଧକ୍ଷ ସର୍ଦ୍ଦାର ନିର୍ମଳ ସିଂ, ଧୀରେନ୍ଦ୍ର ପଟ୍ଟନାୟକ, ରବି ପ୍ରସାଦ କାନୁନଗୋ, ସୁବାଷ ଚନ୍ଦ୍ର ପଣ୍ଡା, ବିପିନ ଚନ୍ଦ୍ର ମିଶ୍ର, ଅଜୟ ପଟ୍ଟନାୟକ, ଶମ୍ଭୁପ୍ରସାଦ ରାଉତ, ପଙ୍କଜ କୁମାର ପଟ୍ଟନାୟକ, ପୁରନ୍ଦର ଭୋଇ, କୁଳମଣି ସାହୁ, ଭବାନୀ ଶଙ୍କର ପଟ୍ଟନାୟକ, ଜିତେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସୁରେଶ ରାଉତ ଓ ମହେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଖେଳରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ପୋଲିସ ବିଭାଗ କର୍ମଚାରୀ ମଧ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ଉଦ୍‌ଯାପନୀ ଖେଳଟି କଳାହାଣ୍ଡି ଜିଲ୍ଲା କ୍ରିକେଟ ଏସୋସିଏସନ୍ ବନାମ କ୍ଲବ୍ ମୋନାର୍କ, ଭବାନୀପାଟଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ କଳାହାଣ୍ଡି ଜିଲ୍ଲା କ୍ରିକେଟ ଏସୋସିଏସନ୍ ବ୍ୟାଟିଂ କରି ୪୪.୧ ଓଭରରେ ସମସ୍ତ ଉଇକେଟ ହରାଇ ୩୦୩ ରନ୍ କରିଥିଲେ ଓ ଏହାର ଜବାବରେ କ୍ଲବ୍ ମୋନାର୍କ ଦଳ ୩୨.୦ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୩୩ ରନ୍ କରି ପରାଜିତ ହୋଇଥିଲେ । ଏହି ଖେଳରେ ଅମ୍ପାୟର ଭାବେ ଜଗଦୀପ୍ ସିଂ ଓ ମଳୟ କୁମାର ବାଗ ଖେଳ ପରିଚାଳନା କରିଥିଲେ ଓ ଡିଜିଟାଲ ସ୍କୋରର ଭାବେ ସାକ୍ଷୀ ଗୋପାଳ ପଣ୍ଡା ଓ ଅନ୍ୟତମ ମ୍ୟାନୁଆଲ ସ୍କୋରର ଭାବେ ମନୋଜ ସିଂ କାର୍ଯ୍ୟ ତୁଲାଇ ଥିଲେ । ଟୁର୍ଣ୍ଣାମେଣ୍ଟରେ ୯ ଟି ଦଳ ଅଂଶଗ୍ରହଣ କରିଥିଲେ ଓ ଏହା 'ଏ' ଓ 'ବି' ଦୁଇଟି ଗ୍ରୁପରେ ଭାଗ କରାଯାଇଥିଲା। 'ଏ' ଗ୍ରୁପରେ ୫ ଟି ଦଳ ଥିବା ବେଳେ 'ବି' ଗ୍ରୁପରେ ୪ ଟି ଦଳ ରହିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତିଦିନ ପ୍ରଥମ ଇନିଂସ ଖେଳ ସକାଳ ଘ.୭.୩୦ ରୁ ଆରମ୍ଭ ହେଉଥିଲା ଓ ଦ୍ୱିତୀୟ ଇନିଂସ ଖେଳ ଅପରାହ୍ନ ଘ.୩ ଶ୍ଚା ସମୟରେ ଆରମ୍ଭ ହେଉଥିଲା । ଏହି ଖେଳରେ କଳାହାଣ୍ଡି ଜିଲ୍ଲା କ୍ରିକେଟ ଏସୋସିଏସନ୍, ଭବାନୀପାଟଣାର ଖେଳାଳୀ ସୁବୀର ପଣ୍ଡା 'ପ୍ଲେୟାର ଅଫ୍ ଦି ଡେ' ଭାବେ ପୁରସ୍କୃତ ହୋଇଥିଲେ । ଖେଳରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ପୋଲିସ ବିଭାଗ କର୍ମଚାରୀ ମଧ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ପ୍ରତିଦିନ ବହୁ କ୍ରିକେଟ ପ୍ରେମୀ ଦର୍ଶକ ଖେଳ ଦେଖିବା ପାଇଁ ଭିଡ ଲଗାଉଥିଲେ ।




## ପଣ୍ଡରା ମାଳି ସମାଜର ପଞ୍ଚବାର୍ଷିକୀ ମହାସଭା ଓ ନୂତନ କର୍ମକର୍ତ୍ତା ଚୟନ

ଜୁନାଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଚାରବାହଲ ମଣ୍ଡି ଠାରେ କଳାହାଣ୍ଡି ପଣ୍ଡରାମାଳି ସମାଜର ପଞ୍ଚବାର୍ଷିକ ମହାସଭା ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ଚୟନ ସାଙ୍ଗକୁ ସମାଜର ସମ୍ବିଧାନ ପୁସ୍ତକ ଉନ୍ମୋଚିତ ହୋଇଛି । ସମାଜ ସଭାପତି ଈଶ୍ୱର ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୁଳପତି ପ୍ରକାଶ ନାଏକ, ଯୁବ ବାହିନୀ ସଭାପତି ଦୁର୍ଗାପ୍ରସାଦ ନାଏକ, ଉପସଭାପତି ବୈକୁଣ୍ଠ ନାଏକ, ସମ୍ପାଦକ ବିଷ୍ଣୁ ପ୍ରସାଦ ନାଏକ, ଜୁନାଗଡ଼ ଏନ୍‌ଏସି ଚେରମେନ ହିମାଦ୍ରୀ ନାଏକ, ପୂ ସରପଞ୍ଚ ଦୁରସିଲା ମାଝୀ, ଆଇନଜୀବୀ କଲ୍ୟାଣୀ ନାଏକ, ପୂର୍ବତନ ବ୍ଲକ ଚେୟାରମ୍ୟାନ ତୁଲେଶ୍ୱର ନାଏକ ଓ ଜୟପାଟଣା, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ଲାଞ୍ଜିଗଡ ବ୍ଲକ ସଭାପତି ସମୂହ ମଞ୍ଚାସୀନ ହୋଇ ସମାଜକୁ ଆଗକୁ ନେବା ପାଇଁ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ସମାଜର ସମ୍ବିଧାନ ନିୟମାବଳୀ ପାରିତ ହୋଇ ଘୋଷଣା ହେଲା ଯେ ସମାଜ ଯୁବ ବାହିନୀ କର୍ମକର୍ତ୍ତାଙ୍କ ବୟସ ସୀମା ୩୫ରୁ ୪୫, ଛାତ୍ର ସଂଗଠନର ବୟସ ସୀମା ୧୮ ରୁ ୨୫, ମହିଳା ସଂଗଠନ କର୍ମକର୍ତ୍ତାଙ୍କ ବୟସ ୪୦ରୁ ୬୦ପାରିତ କରାଗଲା । ଉକ୍ତ ସଭାରେ ଆଲୋଚନା କରି ସର୍ବସମ୍ମତି କ୍ରମେ ପଣ୍ଡାରା ମାଳି ଯୁବ ବାହିନୀର କର୍ମକର୍ତ୍ତା ଚୟନ କରାଗଲା । ସଭାପତି ଭାବେ ଭବାନୀ ଶଙ୍କର ବଣିଆ, ଉପ ସଭାପତି ଭାବେ ବିପୁଳ ବଣିଆ, ଲୋଚନ ନାଏକ, କୈଳାସ ବଣିଆ, ଶୁଭେନ୍ଦୁ ନାଏକ, ସାଧୁ ଚରଣ ନାଏକ ସମ୍ପାଦକ ଲୋକେଶ ନାଏକ, ଯୁଗ୍ମ ସମ୍ପାଦକ ତପନ ଭୋଇ ଓ ଶୈଳ କୁମାର ନାଏକ, କୋଷାଧକ୍ଷ ସଂଜୀବ କୁମାର ବଣିଆ ଉପଦେଷ୍ଟା ଭାବେ ଶିବ ପ୍ରସାଦ ଭୋଇ, ବିବେକାନନ୍ଦ ମାଝୀ, ସୁଜିତ ନାଏକ, ଧନୁର୍ଜ୍ୟ ମାଝୀ, ଲୋକେଶ୍ୱର ପାରି, ବେଣୁଧର ମାସରା, ଚୌବାହା ତୋଲଟିଆ, ଧବଳେଶ୍ୱର ନାଏକ, ବାସୁଦେବ ନାଏକ ପ୍ରମୁଖଙ୍କୁ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଦୁର୍ଗାପ୍ରସାଦ ନାଏକ ଘୋଷଣା କରିଥିଲେ ଓ କୁଳପତି ପ୍ରକାଶ ନାଏକ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ପାଣ୍ଡରା ମାଳି ଯୁବ ବାହିନୀ ସଭାପତି ଦୁର୍ଗାପ୍ରସାଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । କଳାହାଣ୍ଡି ପଣ୍ଡାରାମାଳି ସମାଜର ୩୦୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ ।



## ସାରସଗୁଡା ଗ୍ରାମକୁ ଜଳଯୋଗଣାରେ ଅଣଦେଖା ନେଇ ଅଭିଯୋଗ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚିଚିଆ ପଞ୍ଚାୟତର ସାରସଗୁଡ଼ା ଗ୍ରାମରେ ଜଳଯୋଗାଣରେ ଅଣଦେଖା କରାଯାଉଥିବା ଏକ ସାଙ୍ଘାତିକ ଅଭିଯୋଗ ହେଉଛି । ସୂଚନାରୁ ପ୍ରକାଶ ବନ୍ଦାଗାଁ ଠାରେ ନିର୍ମାଣ ହୋଇଥିବା ମେଘା ଜଳ ପ୍ରକଳ୍ପ ୧୬୮ କୋଟି ଟଙ୍କାରେ ନିର୍ମିତ ହେଉଥିବା ବେଳେ ବ୍ଲକର ୨୮ ଗୋଟି ପଞ୍ଚାୟତକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ହେଲେ ଆଜି ପର୍ଯ୍ୟନ୍ତ ସାରସଗୁଡ଼ା ଗ୍ରାମକୁ ପାଣି ଯୋଗାଇବା ଦୂରର କଥା ପାଣି ପାଇପ ସଂଯୋଗ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି । ବର୍ତ୍ତମାନ ମଇ ମାସ ଆଗମନ ହୋଇଛି ଜଳ ଶଙ୍କଟ ଦେଖା ଦେଇଛି । ଏପଟେ ପ୍ରଚଣ୍ଡ ଉତ୍ତାପରେ ଜନଜୀବନ ଡହକ ବିକଳ ହେଲାଣି । ଏପରି ସ୍ଥଳେ ଉକ୍ତ ଗ୍ରାମକୁ ଜଳଯୋଗଣାରେ ଅଣଦେଖା କରିବା କେତେଦୂର ଯୁକ୍ତିଯୁକ୍ତ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରଚଣ୍ଡ ଖରା ସାଙ୍ଗକୁ ଜଳସ୍ତର ବହୁତଳକୁ ଖସି ଆସିବାରୁ ଗାଁରେ ପୋଖରୀ, କୂଅ ଗୁଡିକ ଶୁଖିଗଲାଣି । ଯାହାକୁ ନେଇ ଜଳ ସଙ୍କଟ ଦେଖାଦେଇଛି । ଜଳ ସଙ୍କଟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତବର୍ଷ ଚିଚିଆ ପଞ୍ଚାୟତ ଅନ୍ତର୍ଗତ ପଣ୍ଡକୁଲ, ଲାକୁରଭଟା, ଚିଚିଆ ଗ୍ରାମକୁ ପାଣି ଟେଙ୍କର ଯୋଗେ ସରପଞ୍ଚ ପାଣି ଯୋଗାଇ ଦେଇଥିବାବେଳେ ସାରସଗୁଡା ଗ୍ରାମକୁ ପାଣି ଦେଇନଥିଲେ । ଏ ନେଇ ଗ୍ରାମବାସୀ ପକ୍ଷରୁ ପଞ୍ଚାୟତର ସରପଞ୍ଚ ଠାରୁ ମେଘା ପ୍ରକଳ୍ପ ଦାୟିତ୍ୱରେ ଥିବା ଯନ୍ତ୍ରୀ ଏବଂ ବିଧାୟକଙ୍କୁ ଅନେକ ଥର ଅଭିଯୋଗ ଦେବା ସତ୍ତ୍ୱେ ବି କୌଣସି ଫଳପ୍ରଦ ହୋଇପାରୁନାହିଁ । ସରକାର ମାଳ ମାଳ ଯୋଜନା କରୁଛନ୍ତି ହେଲେ କାହା ପାଇଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏ ନେଇ ମେଘା ପ୍ରକଳ୍ପ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସୁବାଷ ପଣ୍ଡାଙ୍କୁ ପଚାରିବାରୁ ସାରସ ଗୁଡା ଗ୍ରାମ ଚିଚିଆ ପଞ୍ଚାୟତ ଭିତରେ ଉଚ୍ଚରେ ଅଛି । ତେଣୁ ପାଣି ଯୋଗାଣରେ ବାଧା ହେଉଛି । ପଣ୍ଡକୁଳ ପଟରୁ ପାଣି ପାଇପ ସଂଯୋଗ କରି ପାଣି ଯୋଗାଇ ଦିଆଯିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଏହାର ତୁରନ୍ତ ସମାଧାନ କରିବାକୁ ଗ୍ରାମର ଭୁବନେଶ୍ୱର କୁମାର ପଟେଲ, ଗୁଡ଼େଶ୍ୱର ମାଝୀ, ବୋଲୋରାମ ଅଘରିଆ, ରାଜାରାମ ଅଘରିଆ, ସୀତାରାମ ପଟେଲ, ରାହାସ ଅଘରିଆ, ଚୁଡାମଣି ଅଘରିଆ, ପତିରାମ ମାଝୀ ପ୍ରମୁଖ ଦାବିକରିଛନ୍ତି ।




## ରାଶିଫଳ


ମଙ୍ଗଳବାର, ୦୬ ମଇ ୨୦୨୫



**ମେଷ:** ବ୍ୟବସାୟ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ । ଆୟ ବୃଦ୍ଧି ପାଇବ । ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ । ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ । ଆଜି ଘର ସଜାଇବା ପାଇଁ ବ୍ୟବସ୍ଥା ମଧ ପରିବର୍ତ୍ତନ ହେବ ।




**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ । ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ । ତଥାପି, ସଫଳତା ବିଳମ୍ବ ହୋଇପାରେ । ମଧାହ୍ନ ଭୋଜନ ପରେ ଏକ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି ହେବ ।



**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ । ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ । ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ । କୌଣସି ସ୍ଥାନାନ୍ତରଣର ହେବାର ଅଛି ହେଲେ ଭଲ ।




**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ । ଏହି ଧାରାରେ, ସାଙ୍ଗମାନଙ୍କ ଉପଭୋଗ ମନୋରଂଜନର ଉପଭୋଗକୁ ଦ୍ୱିଗୁଣିତ କରିବ । ମଧାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଗାଡି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ।



**ସିଂହ:** ଆପଣଙ୍କର ଅଧକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ । ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି । ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ । ସେୟାର ଇତ୍ୟାଦି ମାଧମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି ।




**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ । କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ । ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ । ବ୍ୟବସାୟରେ ସମୟ ଅନୁକୂଳ ହେବ । ପ୍ରତିଯୋଗୀମାନେ ଜିତିବେ ।



**ତୁଳା:** ଆଜି ଆପଣଙ୍କ ପାଇଁ ମଧମ ଫଳପ୍ରଦ ହେବ । ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ । ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୌଣସି ବିବାଦ ହେବ ନାହିଁ । କିନ୍ତୁ ମଧାହ୍ନ ପରେ ସୁସ୍ଥ ଅନୁଭବ କରିବେ । ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ । ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ ।



**ବିଛା:** ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ । ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ । ମଧାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ । ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ । ସାମାଜିକ କ୍ଷେତ୍ରରେ ପର୍ଯ୍ୟାପ୍ତ ପରିମାଣରେ ମିଳିବ । ପରିବାର ସଦସ୍ୟଙ୍କ ସହିତ ପାର୍ଥକ୍ୟ ହୋଇପାରେ ।



**ଧନୁ:** ଆଜି, ମନ ଆଧାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ । ତଥାପି, ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ । ମଧାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ । ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ । ପ୍ରତିଯୋଗୀଙ୍କ ଇଚ୍ଛା ସଫଳ ହେବ ନାହିଁ ।



**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ । ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ ପରିବେଶ ରହିବ । ଆପଣ ଆଧାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ । ମଧାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ । ନିଷ୍ପତ୍ତି ଶକ୍ତିର ଅଭାବ ରହିବ । ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି ।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ । ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ । ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ । ମଧାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ । ପାରିବାରିକ ଜୀବନରେ ସମନ୍ୱୟ ରହିବ । ଶାରୀରିକ ସ୍ୱାସ୍ଥ୍ୟ ମଧ ଭଲ ରହିବ ।



**ମୀନ:** ବିବାହ କରିବାକୁ ଯୋଗ ଫିଟିବ । ବାଣିଜ୍ୟିକ କ୍ଷେତ୍ରରେ ମଧ ଲାଭ ହେବ । ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ । ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ । ସାଙ୍ଗମାନେ ମଧ ଉପକୃତ ହେବେ । ମଧାହ୍ନ ଭୋଜନ ପରେ, ଆପଣ କୌଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ । ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯